
# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୬/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, June 6/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୧୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 191 | ମୂଲ୍ୟ₹୭/-

**ଇସ୍ରାଏଲ୍ ସୈନ୍ୟଙ୍କ ଗୁଳିରେ ପାଲେଷ୍ଟାଇନ୍ ଶିଶୁ ମୃତ**

ୱେଷ୍ଟ ବ୍ୟାଙ୍କରେ ଇସ୍ରାଏଲ୍ ସୈନ୍ୟଙ୍କ ଗୁଳିରେ ପାଲେଷ୍ଟାଇନର ୩ ବର୍ଷର ଶିଶୁ ପ୍ରାଣ ହରାଇଛି। ମହମ୍ମଦ ଅଲ୍-ତାମିମି ନାମକ ଏହି ଶିଶୁ ଗତ ଗୁରୁବାର ତାଙ୍କ ଗାଁ ନେବି ସାଲେହ ନିକଟରେ ବାପାଙ୍କ ସହ କାର୍‌ରେ ଯାଉଥିବାବେଳେ ତାଙ୍କ ମୁଣ୍ଡରେ ଗୁଳିମାଡ଼ ହୋଇଥିଲା। ତାଙ୍କୁ ବିମାନ ଯୋଗେ ଇସ୍ରାଏଲର ଶେବା ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶିଶୁର ବାପା ହୈଥାମ ଗୁଳିମାଡ଼ରେ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ସଂକ୍ଷେପରେ

### ମଣିପୁର ହିଂସା ତଦନ୍ତ ପାଇଁ କମିଟି ଗଠିତ

**ନୂଆଦିଲ୍ଲୀ, ୫।୬:** ମଣିପୁର ହିଂସାକାଣ୍ଡର ତଦନ୍ତ ଲାଗି କେନ୍ଦ୍ର ସରକାର ୩ ଜଣିଆ କମିଟି ଗଠନ କରିଛନ୍ତି। ଗୁଆହାଟୀ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଆଜାଇ ଲାମ୍ବାଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଶନରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ହିମାଂଶୁ ଶେଖର ଦାସ ଏବଂ ପୂର୍ବତନ ଗୋଇନ୍ଦା ଅଧିକାରୀ ପ୍ରଭାକର ଆଲୋକ ସଦସ୍ୟ ଅଛନ୍ତି। ମେ' ୩ ପରେ ମଣିପୁରରେ ଘଟିଥିବା ଏକାଧିକ ହିଂସାରେ ୯୮ ଜଣଙ୍କ ମୃତ୍ୟୁ ଘଟିବା ସହ ୩୧୦ ଜଣ ଆହତ ହୋଇଛନ୍ତି। ବିଭିନ୍ନ ସମ୍ପ୍ରଦାୟ ସଦସ୍ୟଙ୍କୁ ଟାର୍ଗେଟକରି ହିଂସାକାଣ୍ଡ ଓ ଦଙ୍ଗା ବ୍ୟାପିବାର କାରଣ ସମ୍ପର୍କରେ କମିଟି ତଦନ୍ତ କରିବ। କେଉଁ କାର୍ଯ୍ୟର ପରିଣାମ ସ୍ୱରୂପ ହିଂସା ବ୍ୟାପିଲା ଏବଂ ଏହା ପଛର ସମସ୍ତ ସତ୍ୟତା ଖୋଜି ବାହାର କରିବାକୁ କମିଶନ ଉଦ୍ୟମ କରିବ। ସରକାର କିମ୍ବା କୌଣସି ବ୍ୟକ୍ତିବିଶେଷଙ୍କ ପକ୍ଷରୁ କର୍ତ୍ତବ୍ୟରେ ତ୍ରୁଟି ଥିଲା କି ନାହିଁ, ହିଂସା ରୋକିବାକୁ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଇଥିଲା କି ନାହିଁ, ତାହା ତଦନ୍ତ ପରିସରଭୁକ୍ତ ହେବ ବୋଲି ଜଣାପଡ଼ିଛି।



ଜଷ୍ଟିସ୍ ଆଜାଇ ଲାମ୍ବା

### ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ରବର୍ଟ କେନେଡି ଜୁନିୟରଙ୍କୁ ଜାକ୍ ଡୋର୍ସିଙ୍କ ସମର୍ଥନ

**ୱାଶିଂଟନ, ୫।୬:** ଆମେରିକା ରାଷ୍ଟ୍ରପତି ପଦ ପାଇଁ ଡେମୋକ୍ରାଟିକ୍ ପାର୍ଟିର ରବର୍ଟ ଏଫ୍. କେନେଡି ଜୁନିୟରଙ୍କ ପ୍ରାର୍ଥିତ୍ୱକୁ ଟୁଇଟରର ସହପ୍ରତିଷ୍ଠାତା ଜାକ୍ ଡୋର୍ସି ଆନୁଷ୍ଠାନିକ ଭାବେ ସମର୍ଥନ ଜଣାଇଛନ୍ତି। ୨୦୨୪ ନିର୍ବାଚନରେ ରବର୍ଟ ଏଫ୍ କେନେଡି ଜୁନିୟର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଡିସାଣ୍ଟିସ୍‌ଙ୍କୁ ପରାସ୍ତ କରିପାରିବେ ବୋଲି କରିଥିବା ଯୁକ୍ତିକୁ ଡୋର୍ସି ରିଟୁଇଟ୍ କରିବା ସହ 'ସେ ପାରିବେ ଓ ପରାସ୍ତ କରିବେ' ବୋଲି କମେଣ୍ଟରେ ଲେଖିଛନ୍ତି। ସେ କ'ଣ କେନେଡିଙ୍କୁ ସମର୍ଥନ କରନ୍ତି ନା କେବଳ ପୂର୍ବାନୁମାନ କରୁଛନ୍ତି ବୋଲି ପ୍ରଶ୍ନ ହେବାରୁ 'ଉଭୟ' ବୋଲି ଡୋର୍ସି କହିଥିଲେ।



ରବର୍ଟ କେନେଡି ଜୁନିୟର

### ସାପକୁ କାମୁଡ଼ି ମାରିଦେଲେ ୩ ବର୍ଷର ଶିଶୁ

**ଫାରୁକାବାଦ, ୫।୬:** ଉତ୍ତରପ୍ରଦେଶର ଫାରୁକାବାଦରେ ଜଣେ ୩ ବର୍ଷର ଶିଶୁ ଏକ ସାପକୁ କାମୁଡ଼ି ମାରିଦେଇଛି। ଅକ୍ଷୟ ନାମକ ଏହି ଶିଶୁଟି ଘର ବାହାରେ ଖେଳୁଥିବାବେଳେ ଏକ ଛୋଟ ସାପ ବୁଦାରୁ ବାହାରି ତାଙ୍କ ନିକଟକୁ ଚାଲିଆସିଥିଲା। ଅକ୍ଷୟ ଉକ୍ତ ସାପକୁ ଉଠାଇନେଇ ପାଟିରେ ଚୋବାଇଥିଲା। ଏହା ପରେ ସେ ଚିତ୍କାର କରିଥିଲା। ଅକ୍ଷୟଙ୍କ ପାଟିରେ ସାପକୁ ଦେଖି ତାଙ୍କ ଆଈ ମା' ଭୟଭୀତ ହୋଇଯାଇଥିଲେ। ସେ ସାପକୁ ଅକ୍ଷୟଙ୍କ ପାଟିରୁ କାଢ଼ିଦେଇଥିଲେ। ଶିଶୁଟିକୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ଯାଞ୍ଚକରି ଅକ୍ଷୟ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଥିଲେ ଓ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇଦେଇଥିଲେ।

# ଭାରତ-ଆମେରିକା ପ୍ରତିରକ୍ଷା ସହଯୋଗ ବଢ଼ିବ

### ରାଜନାଥ-ଅଷ୍ଟିନ୍ ଆଲୋଚନା
### ଚାଇନାକୁ ମୁକାବିଲା ଲକ୍ଷ୍ୟ

**ନୂଆଦିଲ୍ଲୀ, ୫।୬**

ଭାରତ ଓ ଆମେରିକା ମଧ୍ୟରେ ପ୍ରତିରକ୍ଷା ସହଭାଗିତା ବୃଦ୍ଧି ଲାଗି ମହତ୍ତ୍ୱାକାଂକ୍ଷୀ ୫ ବର୍ଷୀୟା ରୋଡ୍‌ମ୍ୟାପ୍ ଉପରେ ସୋମବାର ଦୁଇଦେଶର ପ୍ରତିରକ୍ଷା ମନ୍ତ୍ରୀ ଆଲୋଚନା କରିଛନ୍ତି। ଚାଇନାର ଅର୍ଥନୀତି ବୃଦ୍ଧି ସାଙ୍ଗକୁ ଏହା ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଓ ଏହା ବାହାରେ ପ୍ରଭାବ ବିସ୍ତାର କରୁଥିବାରୁ ଦୁଇଦେଶ ଚିନ୍ତିତ ଅଛନ୍ତି। ସେଥିପାଇଁ ଶିଳ୍ପ ସହଯୋଗ ବଢ଼ାଇବା ଲାଗି କ'ଣ କରାଯାଇପାରିବ ତାହା ଆଲୋଚନାରେ ସ୍ଥାନ ପାଇଥିଲା। ନୂଆଦିଲ୍ଲୀରେ ଆମେରିକା ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ୍ ତାଙ୍କ ଭାରତୀୟ ପ୍ରତିପକ୍ଷ ରାଜନାଥ ସିଂଙ୍କୁ ଭେଟି ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ସହଯୋଗ ବୃଦ୍ଧି, ନୂଆ ପ୍ରଯୁକ୍ତିର ମିଳିତ ବିକାଶ ଓ ନୂଆ ତଥା ପ୍ରଚଳିତ ସିଷ୍ଟମ ନିର୍ମାଣ ଲାଗି ସୁଯୋଗ ଚିହ୍ନଟ ଉପରେ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ଆଞ୍ଚଳିକ ସୁରକ୍ଷା ପ୍ରସଙ୍ଗ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ନେଇ ଉଭୟ ଦେଶର ମିଳିତ ସ୍ୱାର୍ଥ ଉପରେ ଦୁଇ ନେତା ଆଲୋଚନା କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୨ ତାରିଖରେ ଆମେରିକା ଗସ୍ତରେ ଯିବାକୁ ଥିବାବେଳେ ଏହା ପୂର୍ବରୁ ଅଷ୍ଟିନ୍ ନୂଆଦିଲ୍ଲୀ ଆସିଥିବାରୁ ପ୍ରତିରକ୍ଷା ଚୁକ୍ତିନାମା ସମ୍ପର୍କିତ ସମ୍ଭାବ୍ୟ ଘୋଷଣା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଜେନେରାଲ ଆଟୋମିକ୍ସ ଏରୋନଟିକାଲ ସିଷ୍ଟମ୍ସଠାରୁ ଭାରତ ୧୮ଟି ସଶସ୍ତ୍ର ତଥା ଅତି ଉଚ୍ଚରେ ଉଡ଼ିପାରୁଥିବା ୟୁଏଭି ୧.୫ରୁ ୨ ବିଲିୟନ ଡଲାର ମୂଲ୍ୟରେ କିଣିବାକୁ ଚାହୁଁଛି। ଉକ୍ତ ୟୁଏଭିଗୁଡ଼ିକ ଚାଇନା ଓ ପାକିସ୍ତାନ ସୀମା ଏବଂ ଭାରତ ମହାସାଗର ରଣନୀତିକ କ୍ଷେତ୍ରରେ ମୁତୟନ କରାଯିବ। ଏହା ବ୍ୟତୀତ ଲଢ଼ୁଆ ବିମାନ ଇଞ୍ଜିନ, ସ୍ଥଳସେନାର ଲଢ଼ୁଆ ଯାନ, କମାଣ ଓ ଗୁଳିଗୋଳା ଦୁଇଦେଶ ମିଳିତ ଭାବେ ଉତ୍ପାଦନ କରିବା ନେଇ ଗତ ମାସରେ ୱାଶିଂଟନରେ ଆମେରିକା-ଭାରତ ଡିଫେନ୍ସ ପଲିସି ଗ୍ରୁପ୍ ବୈଠକରେ ଆଲୋଚନା ହୋଇଥିଲା। ଭାରତ ଏହାର ଯୁଦ୍ଧବିମାନ ନିର୍ମାଣ କ୍ଷମତା ବଢ଼ାଇବା ପାଇଁ ପ୍ରଯୁକ୍ତି ହସ୍ତାନ୍ତରକ୍ରମେ ଭାରତରେ ଜେଟ୍ ଇଞ୍ଜିନ ନିର୍ମାଣ କରିବାକୁ ଚାହୁଁଛି। ୨୦୧୬ରେ ଭାରତକୁ ଆମେରିକା ଏହାର ମୁଖ୍ୟ ପ୍ରତିରକ୍ଷା ସହଯୋଗୀ ଭାବେ ଘୋଷଣା କରିଥିଲା, ଯାହା ଗୁରୁତ୍ୱପୂର୍ଣ୍ଣ ସାମରିକ ଉପକରଣ ଓ ପ୍ରଯୁକ୍ତି ବିନିମୟର ବାଟ ଖୋଲିଥିଲା। ଭାରତକୁ ଅଷ୍ଟିନ୍‌ଙ୍କର ଏହା ଦ୍ୱିତୀୟ ଗସ୍ତ। ୨୦୨୧ ମାର୍ଚ୍ଚରେ ସେ ନୂଆଦିଲ୍ଲୀ ଗସ୍ତରେ ଆସିଥିଲେ।

୨୦୦୮ରେ ଭାରତ ଓ ଆମେରିକା ମଧ୍ୟରେ ପ୍ରତିରକ୍ଷା ବାଣିଜ୍ୟ ଅତି ନଗଣ୍ୟ ଥିବାବେଳେ ୨୦୨୦ରେ ଏହା ୨୦ ବିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ଏହି ସମୟରେ ଭାରତ ଆମେରିକାଠାରୁ ଦୂରଗାମୀ ସାମୁଦ୍ରିକ ପାଟ୍ରୋଲ ବିମାନ, ସି-୧୩୦ ପରିବହନ ବିମାନ, କ୍ଷେପଣାସ୍ତ୍ର ଓ ଡ୍ରୋନ୍ କିଣିଛି। ଚାଇନାର ଶକ୍ତି ବୃଦ୍ଧି ଏବଂ ଭାରତ ସହ ସୀମା ବିବାଦ ବଢ଼ୁଥିବାରୁ ଗତ ୫ ବର୍ଷ ମଧ୍ୟରେ ଭାରତ-ଆମେରିକା ସମ୍ପର୍କରେ ବୃଦ୍ଧି ଘଟିଛି। କ୍ୱାଡ୍ ସୁରକ୍ଷା ଗ୍ରୁପର ଅଂଶବିଶେଷ ଭାବେ ଭାରତ ଓ ଆମେରିକା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିବା ସହ ସହଯୋଗ ବଢ଼ାଇଛନ୍ତି। କ୍ୱାଡ୍‌ରେ ଆମେରିକା, ଭାରତ ସହ ଜାପାନ ଓ ଅଷ୍ଟ୍ରେଲିଆ ରହିଛି।



ନୂଆଦିଲ୍ଲୀରେ ଆମେରିକା ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ୍‌ଙ୍କ ସହ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ।

### ବିକ୍ରମ ପଟେଲ ଏଚ୍‌ଏମ୍‌ଏସ୍ ଗ୍ଲୋବାଲ ହେଲ୍‌ଥ ଆଣ୍ଡ୍ ସୋସିଆଲ ମେଡିସିନ୍ ଅଧ୍ୟକ୍ଷ



**ନ୍ୟୁୟର୍କ, ୫।୬**

ଭାରତ ଜନ୍ମିତ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ବିକ୍ରମ ପଟେଲ ହାର୍ଭାର୍ଡ ମେଡିକାଲ ସ୍କୁଲ(ଏଚ୍‌ଏମ୍‌ଏସ୍)ର ଗ୍ଲୋବାଲ ହେଲ୍‌ଥ ଆଣ୍ଡ ସୋସିଆଲ ମେଡିସିନ ବିଭାଗର ପରବର୍ତ୍ତୀ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଉକ୍ତ ସ୍କୁଲର ବ୍ଲାଭାଟ୍‌ନିକ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ପର୍ଶିଂ ସ୍କୋୟାର ପ୍ରଫେସର ଥିବା ମୁମ୍ବାଇ ଜନ୍ମିତ ବିକ୍ରମ ସେପ୍ଟେମ୍ବର ୧ରେ ବର୍ତ୍ତମାନର ଅଧ୍ୟକ୍ଷ ପାଉଲ୍ ଫର୍ମରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବେ। ସେ ଜଣେ ଉପଯୁକ୍ତ ଉତ୍ତରାଧିକାରୀ ଏବଂ ଦାୟିତ୍ୱ ନେବା ପାଇଁ ବିଶେଷ ଭାବେ ପ୍ରସ୍ତୁତି କରିଥିବା ହାର୍ଭାର୍ଡ ମେଡିକାଲ ସ୍କୁଲର ଡିନ୍ ଜର୍ଜ କ୍ୟୁ. ଡାଲେ କହିଛନ୍ତି। ବିକ୍ରମ ୨୦୧୭ରେ ଏଚ୍‌ଏମ୍‌ଏସ୍‌ରେ ନିଯୁକ୍ତି ପାଇଥିଲେ।



ଗଙ୍ଗାନଦୀର ପ୍ରୟାଗରାଜସ୍ଥିତ ବିଭିନ୍ନ ଘାଟରେ ରବିବାର ରାତିରେ ୭ ଜଣ ବୁଡ଼ିଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ମିଳିଛି। ଅନ୍ୟମାନଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ମୁଖ୍‌ତାର ଅନ୍‌ସାରୀଙ୍କୁ ଆଜୀବନ ଜେଲ

### କଂଗ୍ରେସ ନେତା ଅଓ୍ୱଧେଶ ରାୟ୍ ହତ୍ୟା ମାମଲା

**ବାରାଣସୀ, ୫।୬**

ଗ୍ୟାଙ୍ଗଷ୍ଟରରୁ ରାଜନେତା ମୁଖ୍‌ତାର ଅନ୍‌ସାରୀଙ୍କୁ ୩୨ ବର୍ଷ ତଳର ଏକ ହତ୍ୟା ମାମଲାରେ ବାରାଣସୀର ଏକ ଅଦାଲତ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୧ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ୧୯୯୧ ଅଗଷ୍ଟ ୩ରେ କଂଗ୍ରେସ ନେତା ଅଓ୍ୱଧେଶ ରାୟଙ୍କୁ ତାଙ୍କ ଲାହୁରବିର ବାସଭବନ ଗେଟ୍ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ଏନେଇ ମୁଖ୍‌ତାର ଓ ଅନ୍ୟମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିଲା। ୩୨ ବର୍ଷର ଲଢ଼େଇରେ ଆମର ବିଜୟ ହୋଇଛି। କୋର୍ଟ ରାୟକୁ ଆମେ ସ୍ୱାଗତ କରୁଛୁ ବୋଲି ଅଓ୍ୱଧେଶଙ୍କ ଭାଇ ତଥା କଂଗ୍ରେସ ନେତା ଅଜୟ ରାୟ କହିଛନ୍ତି।

ରାୟ ପ୍ରକାଶ ପାଇବା ପୂର୍ବରୁ କୋର୍ଟ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୁଖ୍‌ତାରଙ୍କ ନାଁରେ ୬୧ ଆପରାଧିକ ମାମଲା ରହିଥିବାବେଳେ ଷଷ୍ଠ ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦ଟି ମାମଲା ରାଜ୍ୟର ବିଭିନ୍ନ ଅଦାଲତରେ ବିଚାରାଧୀନ ରହିଛି।

ମୁଖ୍‌ତାର ଉତ୍ତରପ୍ରଦେଶର ମାଉ ସଦର ଆସନରୁ ୫ ଥର ବିଧାୟକ ହୋଇଥିଲେ। ୨୦୨୨ ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା କରି ନ ଥିଲେ। ଉକ୍ତ ଆସନରୁ ତାଙ୍କ ପୁଅ ଆବ୍ବାସ ଅନ୍‌ସାରୀ ସମାଜବାଦୀ ପାର୍ଟିର ସହଯୋଗୀ ଦଳ ସୁହେଲଦେବ ଭାରତୀୟ ସମାଜବାଦୀ ପାର୍ଟି ଟିକେଟରେ ଜିତିଥିଲେ।



ମୁଖ୍‌ତାର ଅନ୍‌ସାରୀ

## କୋଇଲା ଦୁର୍ନୀତି: ଅଭିଷେକଙ୍କ ସ୍ତ୍ରୀଙ୍କୁ ୟୁଏଇ ଯିବାକୁ ଦିଆଗଲାନି

**କୋଲକାତା, ୫।୬**

ବହୁକୋଟି ଟଙ୍କା କୋଇଲା ଦୁର୍ନୀତି ମାମଲା ସହ ଜଡ଼ିତ ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀଙ୍କ ସ୍ତ୍ରୀ ରୁଜିରାଙ୍କୁ ୟୁଏଇ ଯିବାକୁ ଦିଆଗଲା ନାହିଁ। ଦୁବାଇ ଯିବା ଲାଗି ରୁଜିରା ସୋମବାର ସକାଳେ ତାଙ୍କର ଦୁଇ ପିଲାଙ୍କ ସହ କୋଲକାତା ବିମାନବନ୍ଦରରେ ପହଞ୍ଚିଥିବାବେଳେ ତାଙ୍କୁ ଅଟକାଯାଇଥିଲା। ରୁଜିରା ତାଙ୍କର ୟୁଏଇ ଗସ୍ତ ସମ୍ପର୍କରେ କିଛିଦିନ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ଙ୍କୁ ଜଣାଇବା ସହ ବିମାନ ଟିକେଟର କପି ଦାଖଲ କରିଥିଲେ ବୋଲି ତାଙ୍କ ଓକିଲ କହିଛନ୍ତି। ତେବେ ଇଡିଙ୍କ ତରଫରୁ କୌଣସି ଜବାବ ମିଳି ନ ଥିଲା। ଏବେ ତାଙ୍କୁ ଘରକୁ ଫେରାଇ ଦିଆଯାଇଥିବାରୁ ଏହାର ବିରୋଧରେ ଆଇନର ଆଶ୍ରୟ ନିଆଯିବ। କୋଇଲା ଦୁର୍ନୀତି ମାମଲାରେ ରୁଜିରାଙ୍କୁ ପୂର୍ବରୁ ଏକାଧିକ ଥର ସିବିଆଇ ଏବଂ ଇଡି ଜେରା କରିଛନ୍ତି। ତାଙ୍କ ବିରୋଧରେ ଇଡି ଲୁକ୍‌ଆଉଟ୍ ନୋଟିସ ଜାରି କରିଥିବା ଦର୍ଶାଇ ଇମିଗ୍ରେଶନ ବିଭାଗ ତାଙ୍କୁ ଅଟକାଇଥିଲା। ତେବେ କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ରୁଜିରାଙ୍କ ବିଦେଶ ଗସ୍ତ ଉପରେ କୌଣସି ପ୍ରତିବନ୍ଧକ ନ ଥିବା ତାଙ୍କ ଓକିଲ କହିଛନ୍ତି।



ରୁଜିରା ବାନାର୍ଜୀ

## 'ଭାରତର ଡିଜିଟାଲ ସ୍ୱାସ୍ଥ୍ୟ ପ୍ରଯୁକ୍ତି ବିଶ୍ୱକୁ ଶିକ୍ଷା ଦେଇପାରିବ'

### ଜି୨୦ ହେଲ୍‌ଥ ୱାର୍କିଂ ଗ୍ରୁପ୍ ବୈଠକରେ ଡବ୍ଲ୍ୟୁଏଚ୍‌ଓ ନିର୍ଦ୍ଦେଶକଙ୍କ ମତ

**ହାଇଦ୍ରାବାଦ, ୫।୬**

ଭାରତ ସଫଳତାର ସହ ଆପଣାଇଥିବା ଡିଜିଟାଲ ସ୍ୱାସ୍ଥ୍ୟସେବା ପ୍ରଯୁକ୍ତି ସାରା ବିଶ୍ୱରେ ସ୍ୱାସ୍ଥ୍ୟସେବା ବଢ଼ାଇବା ଦିଗରେ ଶିକ୍ଷା ଦେଇପାରିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ସୋମବାର କୁହାଯାଇଛି। ସବୁ ଦେଶ ଏହି ଟେକ୍‌ନୋଲୋଜି ଆପଣାଇବା ପାଇଁ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ହେବ ବୋଲି ଡବ୍ଲ୍ୟୁଏଚ୍‌ଓର ଡିଜିଟାଲ ହେଲ୍‌ଥ ଆଣ୍ଡ ଇନୋଭେଶନ ବିଭାଗର ନିର୍ଦ୍ଦେଶକ ଡ. ଆଲେନ୍ ଲାବ୍ରିକ୍ କହିଛନ୍ତି। ତୃତୀୟ ଜି୨୦ ହେଲ୍‌ଥ ୱାର୍କିଂ ଗ୍ରୁପ୍ ବୈଠକର ଦ୍ୱିତୀୟ ଦିନରେ 'ଡିଜିଟାଲ ହେଲ୍‌ଥ ଇନୋଭେଶନ ଆଣ୍ଡ ସଲ୍ୟୁଶନ ଟୁ ଏଡ୍ ୟୁନିଭର୍ସାଲ ହେଲ୍‌ଥ କଭରେଜ୍ ଆଣ୍ଡ ଇମ୍ପ୍ରୁଭ୍ ହେଲ୍‌ଥ କେୟାର ସର୍ଭିସ ଡେଲିଭରି ଉପରେ ଉଦ୍‌ବୋଧନ ଦେବା ଅବସରରେ ସେ ଏହା କହିଛନ୍ତି।

ଯେତେବେଳେ ଆମେ ଡିଜିଟାଲ ସ୍ୱାସ୍ଥ୍ୟସେବା କଥା କହୁଛୁ, ସେତେବେଳେ ଆମେ ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସୁଦୃଢ଼ୀକରଣ, ଠିକ୍ ସମୟରେ ନିଷ୍ପତ୍ତି ନେବା ପାଇଁ ଆନୁଷଙ୍ଗିକ ଡେଟା ଏବଂ ସମ୍ବଳ ଉପରେ ହିଁ କହୁଛୁ। କେହି ଯେପରି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ନ ହେବେ ତାହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଡିଜିଟାଲ ହେଲ୍‌ଥ ହିଁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଲକ୍ଷ୍ୟ ହାସଲ କରିପାରିବ, ଏହା ପ୍ରମାଣିତ ହୋଇଥିବା ଡ. ଲାବ୍ରିକ୍ କହିଛନ୍ତି। ଡିଜିଟାଲ ହେଲ୍‌ଥ କ୍ଷେତ୍ରରେ ଭାରତ ନେତୃତ୍ୱ ନେଇଛି। ସବୁ ଦେଶ ଯେପରି ଏହାର ସଫଳତା ପାଇପାରିବେ,ସେଥିପାଇଁ ଉଦ୍ୟମ କରିବାକୁ ହେବ। କୋଭିଡ୍ ମହାମାରୀ ପରେ ସାରା ବିଶ୍ୱ ଡିଜିଟାଲ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଛି। ତେଣୁ ଭାରତ ଭଳି ଦେଶଠାରୁ ଏହାର ସଫଳତା ସମ୍ପର୍କରେ ଶିକ୍ଷାଲାଭ କରି ଏହାକୁ ଅନ୍ୟ ଦେଶଗୁଡ଼ିକ କାର୍ଯ୍ୟରେ ଲଗାଇବା ଆବଶ୍ୟକ ବୋଲି ଲାବ୍ରିକ୍ କହିଛନ୍ତି।



ଡ. ଆଲେନ୍ ଲାବ୍ରିକ୍




## ଫୁରସତ୍

# ଦମ୍ପତିଙ୍କ ପ୍ରକୃତି ଅନୁକୂଳ ଘର

**ଜୟପୁର**

ପ୍ରତ୍ୟେକ ବ୍ୟକ୍ତି ତାଙ୍କ ସ୍ୱପ୍ନର ଘରେ ରହିବାକୁ ଚାହାନ୍ତି, ଯେଉଁଠାରେ ସେ ନିଜ ପରିବାର ସହ ସୁଖରେ ରହିପାରିବ। କିନ୍ତୁ ଏପରି ଏକ ପରିବାର, ଯିଏ ସ୍ୱପ୍ନ ସହିତ ପରିବେଶର ମଧ୍ୟ ଧ୍ୟାନ ରଖିଥିବା ଦେଖିବାକୁ ମିଳିଛି। ଏହାସହ ପ୍ରକୃତିକୁ ସୁହାଇଲା ଭଳି ଘର ନିର୍ମାଣ କରିଛନ୍ତି। ରାଜସ୍ଥାନ ଡୁଙ୍ଗରପୁର ସହରର ସିଭିଲ ଇଞ୍ଜିନିୟର ଆଶିଷ ପଣ୍ଡା ଏବଂ ତାଙ୍କ ସ୍ତ୍ରୀ ମଧୁଲିକା ପରିବେଶ ଅନୁକୂଳ ଘର ନିର୍ମାଣ କରିଛନ୍ତି। ମଧୁଲିକା ପେସାରେ ଜଣେ ସଫ୍ଟୱେୟର ଡେଭେଲପର ହୋଇଥିବାବେଳେ ସମାଜସେବା ମଧ୍ୟ କରିଥା'ନ୍ତି। ତାଙ୍କ ଘରର ସମସ୍ତ ଅଂଶ ପରିବେଶ ଅନୁକୂଳ ଅଟେ। ଆଶିଷଙ୍କ ପାଠପଢ଼ା ମାଡ୍ରାସରେ ସରିଥିଲା। ପରେ ସେ ସିଭିଲ ଇଞ୍ଜିନିୟର ରୂପେ ଚାକିରି କଲେ। ସେ ଦେଶର ବିଭିନ୍ନ ଜାଗାକୁ କାମ କରିବାକୁ ଯାଉଥିଲେ। ସେହିଭଳି ମଧୁଲିକା ଇଞ୍ଜିନିୟରିଂ କରିବା ପରେ ବିଦେଶ ଯାଇ ବର୍ଷେ କାମକଲେ। ସେମାନେ ବିଭିନ୍ନ ଜାଗା ବୁଲିବା ପରେ ୨୦୦୮ରେ ବିବାହ କରିଥିଲେ। ସେତେବେଳୁ ଇଟା କି ସିମେଣ୍ଟ ଘରେ ରହିବେନି ବୋଲି ନିଷ୍ପତ୍ତି ନେଇଥିଲେ। ସେଥିପାଇଁ ସେମାନେ ଭିନ୍ନ ଭିନ୍ନ ଗ୍ରାମରେ ଯାଇ ରହିବାକୁ ଲାଗିଲେ। ହେଲେ ତାଙ୍କୁ ଭଲ ଲାଗିଲାନି। ସେମାନେ ଏପରି ଜାଗାରେ ରହିବାକୁ ଚାହୁଁଥିଲେ, ଯେଉଁଠାରେ କମ୍ ସୁବିଧା ଉପଲବ୍ଧ ଥିବ ଏବଂ ନିଜ କାମ ମଧ୍ୟ ଆରାମରେ ହୋଇପାରୁଥିବ। ୨୦୧୦ରେ ଡୁଙ୍ଗରପୁରରେ ସେମାନଙ୍କର ଏକ ଝିଅ ଜନ୍ମହେଲା। ସେଥିପାଇଁ ସେମାନେ ସେହିଠାରେ ହିଁ ରହିବାକୁ ନିଷ୍ପତ୍ତି ନେଲେ। ଦୁହେଁ ମିଶି ସ୍ଥାନୀୟ ଜିନିଷ ବ୍ୟବହାର କରି ଏକ ଘର ନିର୍ମାଣ କଲେ, ଯେଉଁଥିରେ ସିମେଣ୍ଟ କି ଇଟାର ବ୍ୟବହାର ନ କରି ସେମାନେ ପ୍ରକୃତି ଅନୁକୂଳ ସାମଗ୍ରୀ ବ୍ୟବହାର କଲେ। ବିଭିନ୍ନ ପ୍ରକାର ପଥର, ମାଟିର ବ୍ୟବହାର କଲେ। ଘରର କବାଟ ଓ ଝରକା ତିଆରି ସମୟରେ ଘରକୁ କିପରି ସୂର୍ଯ୍ୟକିରଣ ପହଞ୍ଚିପାରିବ ସେଥିପ୍ରତି ଧ୍ୟାନଦେଲେ। ତେବେ ୨୦୧୭ରେ ତାଙ୍କ ଘର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଗଲା। ତାଙ୍କ ଘରେ ଏବେ ଏସି କି ଫ୍ୟାନ୍‌ର ଆବଶ୍ୟକତା ପଡ଼େନି।



# ନିଜକୁ କଞ୍ଜୁସ୍ କହିଲେ ସାରା

**ମୁମ୍ବାଇ**

ଟେଲିଭିଜନର ସବୁଠାରୁ ଲୋକପ୍ରିୟ ଶୋ' 'ଦି କପିଲ ଶର୍ମା ଶୋ' ହେଉଛି କମେଡିଭିତ୍ତିକ, ଯାହା ଲୋକଙ୍କୁ ବହୁତ ହସାଇଥାଏ। ତେବେ ଏହି ଶୋ'କୁ ପ୍ରତି ସପ୍ତାହରେ ଅନେକ ସେଲିବ୍ରିଟି ତାଙ୍କ ଫିଲ୍ମ ପ୍ରମୋଶନ ପାଇଁ ଆସିଥାନ୍ତି। ଏହି ସମୟରେ କମେଡିଆନ କପିଲ ଶର୍ମା ଆସିଥିବା ସେଲିବ୍ରିଟିଙ୍କ ସହ ଥଟ୍ଟାମଜା କରି ଦର୍ଶକଙ୍କୁ ହସାଇଥାନ୍ତି। ତେବେ ଚଳିତ ସପ୍ତାହରେ ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ୍ ଏବଂ ଅଭିନେତା ଭିକ୍କି କୌଶଲ ତାଙ୍କ ଆଗାମୀ ମୁଭି 'ଜରା ହଟକେ ଜରା ବଚକେ'ର ପ୍ରମୋଶନ ପାଇଁ ଏହି ଶୋ'ରେ ପହଞ୍ଚିଥିଲେ। ଏହି ସମୟରେ ସାରା ଶୋ'ରେ ନିଜ ବିଷୟରେ ଏମିତି କିଛି କଥା କହିଥିଲେ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଶୋ'ରେ ଭିକ୍କି କହିଥିଲେ, ସାରାଙ୍କ ମା' ଅମୃତା ସିଂ ତାଙ୍କ ପାଇଁ ୧୬ଶହ ଟଙ୍କାର ଏକ ଟାୱେଲ କିଣିଥିଲେ। ଏତେ ଟଙ୍କାର ଟାୱେଲ କାହିଁ କିଣିଲ ବୋଲି କହି ସେ ମା'ଙ୍କୁ ଗାଳି କରିଛନ୍ତି। ଏହାପରେ ସାରା ହସି ହସି ପ୍ରକାଶ କହିଥିଲେ, ସେ ଇଣ୍ଡଷ୍ଟ୍ରିର ସବୁଠାରୁ ବଡ଼ କଞ୍ଜୁସ୍। ସେ କହିଛନ୍ତି, ଗୋଟିଏ ଚା' ବ୍ୟାଗ୍‌ରେ ୨-୩ ଥର ଚା' ତିଆରି କରିଥାନ୍ତି। ତେବେ ସାରା ୨୦୧୮ରେ ବଲିଉଡ୍‌ରେ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପୂର୍ବରୁ ଫିଲ୍ମ 'ଗ୍ୟାସ୍‌ଲାଇଟ୍'ରେ ତାଙ୍କୁ ଦେଖିବାକୁ ମିଳିଥିଲା। ଏଥିସହ ତାଙ୍କ ହାତରେ ଆଉ ୩/୪ଟି ଚଳଚ୍ଚିତ୍ର ରହିଛି।



DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୬/୨୦୨୩ | Bhubaneswar, Tuesday, June 6/2023 | ପୃଷ୍ଠା-୧



## ପୂଜାଙ୍କ ଖାସ୍ ମୁହୂର୍ତ୍ତ

ଅଭିନେତ୍ରୀ ପୂଜା ହେଗ୍‌ଡେ ନିକଟରେ ଏକ ସାକ୍ଷାତ୍କାରରେ ମାଧୁରୀ ଦୀକ୍ଷିତ୍‌ଙ୍କୁ ନେଇ ତାଙ୍କର ଏକ ଖାସ୍ ମୁହୂର୍ତ୍ତ ବିଷୟରେ କହିଛନ୍ତି।

୦୨

୧୩

## ହଦାଦ ମାଇଆ କ୍ୱାର୍ଟର ଫାଇନାଲରେ

ବ୍ରାଜିଲର ବିଟ୍ରିଜ୍ ହଦାଦ ମାଇଆ ୧୯୬୮ ପରେ ପ୍ରଥମ ଖେଳାଳି ଭାବେ ଏକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।



# ଏଆଇ ନେଉଛି ଚାକିରି

**ତଥାଗତ ସତପଥୀ**

ଖବର ମିଳିଛି ଯେ, ଗତ ମେ' ମାସରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଯୋଗୁ ଆମେରିକାରେ ୪ ହଜାର ଲୋକଙ୍କୁ ଛଟେଇ କରାଯାଇଛି। ମୁଖ୍ୟତଃ ସ୍ୱାସ୍ଥ୍ୟସେବା, ଅର୍ଥ, ପରିବହନ ଏବଂ ଖୁଚୁରା ବ୍ୟବସାୟ କ୍ଷେତ୍ର ଏପର୍ଯ୍ୟନ୍ତ ପ୍ରଭାବିତ ହୋଇଛି। ତେବେ ଉପରଲିଖିତ କ୍ଷେତ୍ରରେ ଏଆଇର ପ୍ରଭାବ ସୀମିତ ରହିବ ନାହିଁ ବରଂ ଏଥିରେ ସବୁ କ୍ଷେତ୍ର ପ୍ରଭାବିତ ହେବେ ଏପରିକି ଡାକ୍ତର, ଡ୍ରାଇଭର ଏବଂ ଅନ୍ୟ ପ୍ରକାରର ବିଭିନ୍ନ ସେବା। ଏଠାରେ ମନେରଖିବାକୁ ହେବ ଯେ, ଭାରତର ଅର୍ଥନୀତି ମୁଖ୍ୟତଃ ସେବା କ୍ଷେତ୍ର ଉପରେ ନିର୍ଭରଶୀଳ।

ପୃଥିବୀରେ ଏଆଇ ବ୍ୟବହାର ଯେତିକି ବୃଦ୍ଧି ପାଇବ କର୍ମଚାରୀଙ୍କ ଚାହିଦା ସେତିକି କମିବ ଅର୍ଥାତ୍ ଅଧିକରୁ ଅଧିକ ଲୋକ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେବେ। ସବୁଠୁ ବଡ଼ କଥା ହେଉଛି ଯଦି କେହି ଭାବୁଛନ୍ତି ଯେ, ଭାରତରେ ଅନେକ ବର୍ଷ ପରେ ଏଆଇର ପ୍ରଭାବ ଦେଖିବାକୁ ମିଳିବ, ତାହା ସମ୍ପୂର୍ଣ୍ଣ ଭାବେ ଭୁଲ୍, ବରଂ ଏହା ଖୁବ୍ ଶୀଘ୍ର ଆସିଯିବ। କାରଣ ଭାରତରେ କର୍ମଚାରୀଙ୍କଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଅଧିକ ଦକ୍ଷ, ନିଷ୍ଠାପର ଏବଂ ଦୁର୍ନୀତିବିହୀନ ହେବା ଲକ୍ଷ୍ୟରେ ଏଆଇର ପ୍ରଚଳନ, କେହି ପସନ୍ଦ କରୁ ବା ନ କରୁ, ମନକୁ ମନ କାର୍ଯ୍ୟକାରୀ ହେବ। ଭାରତରେ ଆମେ ଦେଖିଛେ କର୍ମଚାରୀମାନେ ନିଜ କାମ ଭଲ ଭାବେ କରନ୍ତି ନାହିଁ। ସମସ୍ତେ ଚାହାନ୍ତି ଠକିବାକୁ। ଅଳ୍ପ ଅଳ୍ପ ଠକିବା, ଗୋଟିଏ ଗୋଟିଏ ଭୁଲ୍ କରିବା ଭଳି ସେମାନଙ୍କ ମାନସିକତାକୁ ଏଆଇ ଦ୍ୱାରା ସହଜରେ ସମ୍ଭାଳିହେବ। ଏଆଇ ଯେତିକି ପ୍ରବେଶ କରିବ ତାହା ଦ୍ୱାରା ଖାମଖିଆଲ କର୍ମଚାରୀ ବଳିପଡ଼ିବା ସୁନିଶ୍ଚିତ। ତେଣୁ ଖବରକାଗଜଠାରୁ ଆରମ୍ଭକରି ସ୍ୱାସ୍ଥ୍ୟସେବା, ପରିବହନ, ଫାଇନାନ୍ସ କ୍ଷେତ୍ରରେ ଏଭଳି କର୍ମଚାରୀଙ୍କ ଭୂମିକା ହ୍ରାସ ପାଇବ। ଉଦାହରଣସ୍ୱରୂପ ଡାକ୍ତରମାନେ ଭାବନ୍ତି ଯେ, ଯେତେଦିନ ପର୍ଯ୍ୟନ୍ତ ମଣିଷ ଜାତି ଥିବ ସେତେଦିନ ପର୍ଯ୍ୟନ୍ତ ତାଙ୍କର ଚାହିଦା ବୃଦ୍ଧିପାଇବ। କିନ୍ତୁ ବିଶ୍ୱର ସବୁ ଡାକ୍ତରୀ ବିଦ୍ୟାକୁ ଏକାଠି କରି ପ୍ରତ୍ୟେକ ରୋଗୀର ଚିକିତ୍ସା କରିପାରୁଥିବାର ସକ୍ଷମତା ରଖିଥିବା ଏଆଇ ଡାକ୍ତରଙ୍କୁ ବି ଅଦରକାରୀ କରିଦେଇପାରେ। ତାଙ୍କ ସ୍ଥାନରେ ଗବେଷକ, ବୈଜ୍ଞାନିକ ଏବଂ ବୈଷୟିକବିତ୍‌ଙ୍କ ଜ୍ଞାନକୁ ନେଇ ଡାକ୍ତରୀ ଚିକିତ୍ସା କରିବାରେ ଏଆଇ ଏବେଠାରୁ ସଫଳତା ପାଇଲାଣି। ଯେତେବେଳେ ମଣିଷର ସ୍ୱାସ୍ଥ୍ୟକୁ ମଧ୍ୟ ଏଆଇ ଦ୍ୱାରା ସମ୍ଭାଳି ହେବ ସେତେବେଳେ ଅନ୍ୟ କୌଣସି ସେବା କ୍ଷେତ୍ର ବାଦ ପଡ଼ିବ ବୋଲି ଭାବିବା ବୋକାମି।

ବିଶ୍ୱ ଦୃଶ୍ୟପଟରେ ଏଆଇର ପ୍ରଭାବକୁ ନେଇ ବିଶେଷଜ୍ଞମାନେ କହିଛନ୍ତି ଯେ,ଏହି ନୂଆ ବୈଷୟିକ ନୂତନତ୍ୱ ମାନବତା ପ୍ରତି ବିପଦ ଆଣିବାର ସମ୍ଭାବନା ଅଧିକ। ଏପରିକି ଚାଟ୍‌ଜିପିଟି ସୃଷ୍ଟି କରିଥିବା ଓପନ୍‌ଏଆଇର ବସ୍ ସାମ୍ ଅଲ୍ଟମ୍ୟାନ ଏଆଇକୁ ଏବେ ଏକ ବିପଦ ଭାବେ ଦେଖିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ପେସ୍‌ଏକ୍ସର ମୁଖ୍ୟ ଏଲନ୍ ମସ୍କଙ୍କ ସମେତ ଅନ୍ୟ କେତେଜଣ ବିଶେଷଜ୍ଞ ମଧ୍ୟ ଅତ୍ୟାଧୁନିକ ଏଆଇ ବିକାଶକୁ ୬ ମାସ ଅଟକାଇବା ଲାଗି କହିଛନ୍ତି, ଯାହା ଫଳରେ ଏହାର ସୁରକ୍ଷିତ ଅଗ୍ରଗତି ଉପରେ ନେତୃବର୍ଗ ବିଚାର କରିପାରିବେ। କିନ୍ତୁ ଯେତେ ଚେଷ୍ଟା କଲେ ମଧ୍ୟ ଏହି ଅତ୍ୟାଧୁନିକ ଗବେଷଣାର କାର୍ଯ୍ୟକାରିତାକୁ ବନ୍ଦ କରିବାର କ୍ଷମତା କାହା ପାଖରେ ନାହିଁ। ତେବେ ଆଶଙ୍କା ମଧ୍ୟରେ ଏଆଇର ନକାରାତ୍ମକ ପ୍ରଭାବକୁ ପ୍ରତିପାଦିତ କରିଛି ଏବେକାର ଚ୍ୟାଲେଞ୍ଜର, ଗ୍ରେ ଆଣ୍ଡ୍ କ୍ରିଷ୍ଟମାସର ମାସିକ ରିପୋର୍ଟ, ଯାହା ଆମେରିକାରେ ପାଖାପାଖି ୪ ହଜାର ଲୋକ ଛଟେଇ ହୋଇଥିବା ଦର୍ଶାଇଛି। ଏହା ବ୍ୟତୀତ ସୃଜନାତ୍ମକ କାର୍ଯ୍ୟ, ପ୍ରଶାସନିକ ଓ କିରାଣି କାର୍ଯ୍ୟ କରିବା ଲାଗି ଅତ୍ୟାଧୁନିକ ଏଆଇ ଚାଟ୍‌ଜିପିଟିର ବହୁଳ ବ୍ୟବହାର ଶ୍ରମ ବଜାରକୁ କ୍ରମଶଃ ଅଧିକ ପ୍ରଭାବିତ କରିବାର ଆଶଙ୍କା ରହିଛି ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ଗଣମାଧ୍ୟମ କ୍ଷେତ୍ରରେ ଏହାର ପ୍ରଭାବ ଅତ୍ୟଧିକ ପଡ଼ିବ। ଉଦାହରଣସ୍ୱରୂପ, ଆମେରିକାନ ମିଡିଆ କମ୍ପାନୀ ସିଏନ୍‌ଇଟି ଏଆଇ ବ୍ୟବହାର କରିବା ପରେ କେତେଜଣ କର୍ମଚାରୀଙ୍କ ଛଟେଇ ଆରମ୍ଭ କଲାଣି। ଉଲ୍ଲେଖଯୋଗ୍ୟ ଯେ, ସାରା ବିଶ୍ୱରେ ଏବେ ପ୍ରାୟ ୩୦ କୋଟି ପୂର୍ଣ୍ଣକାଳୀକ କର୍ମଚାରୀ ଛଟେଇ ହୋଇପାରନ୍ତି ବୋଲି ଗୋଲ୍ଡମ୍ୟାନ ସାକ୍ସ ପୂର୍ବାନୁମାନ କରିଛି।

ଯେତେବେଳେ ଏଆଇର ବହୁଳ ବ୍ୟବହାର ଆରମ୍ଭ ହୋଇଯିବ ସେତେବେଳେ ସମାଜ ଉପରେ ବିଭିନ୍ନ ପ୍ରକାର ପ୍ରଭାବ ପଡ଼ିପାରେ। କାରଣ, ଅନେକ ସୁସ୍ଥସବଳ ଲୋକଙ୍କ ପାଇଁ କାର୍ଯ୍ୟ କରିବାର ସମ୍ଭାବନା ରହିବ ନାହିଁ। ଏହାଦ୍ୱାରା ଅସ୍ଥିରତା ବୃଦ୍ଧିପାଇବାର ସମ୍ଭାବନା ଦେଖାଦେଇପାରେ। କିନ୍ତୁ ଏହି ଆଧୁନିକ ଟେକ୍ନୋଲୋଜି ଗୋଟିଏ ପଟେ ସେବା କ୍ଷେତ୍ରକୁ ଅତ୍ୟନ୍ତ ଉଚ୍ଚକୁ ନେଇଯିବ, ଅନ୍ୟପଟେ ଘରୋଇ କମ୍ପାନୀ ଏବଂ ସରକାରଙ୍କୁ ଉଚ୍ଚକୋଟୀର ଲାଭଦାୟକ କରାଇଦେବ।

# ମୃତକଙ୍କୁ ଚିହ୍ନିବା କଷ୍ଟକର

## ବାହାନଗା ଟ୍ରେନ୍ ଦୁର୍ଘଟଣା



- ଏମ୍ସରେ ଆରମ୍ଭ ହେଲା ଡିଏନ୍ଏ ପରୀକ୍ଷା
- ପାରାଦୀପରୁ ଆସିଲା ୫ କଣ୍ଟେନର

ଭୁବନେଶ୍ୱର, ୫।୬ (ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ସୋମବାର ୪ ଦିନ ପୂରିଛି। ଘଟଣାସ୍ଥଳରୁ ଆହତ ଏବଂ ମୃତକଙ୍କ ଉଦ୍ଧାର କାର୍ଯ୍ୟ ସରିଥିବାବେଳେ ଏବେ ମୃତବ୍ୟକ୍ତିଙ୍କର ଚିହ୍ନଟୀକରଣ ଚିନ୍ତାର କାରଣ ହୋଇଛି। କେତେକ ମୃତଦେହ କ୍ଷତବିକ୍ଷତ ହୋଇଯାଇଥିବାରୁ ସେଗୁଡ଼ିକୁ ଚିହ୍ନଟ କରିବା କଷ୍ଟକର ହେଉଛି। ଆଉ କେତେକ ମୃତଦେହ ସମ୍ପୂର୍ଣ୍ଣରୂପେ ଚିହ୍ନି ହୋଇ ପାରୁନାହିଁ। ଏଭଳିସ୍ଥିତିରେ ଗୋଟିଏ ମୃତଦେହ ନେବା ପାଇଁ ଏକାଧିକ ଦାବିଦାର ଆସୁଛନ୍ତି। ଭୁବନେଶ୍ୱର ଏମ୍ସରେ ସୋମବାର ଏଭଳି ଏକ ଘଟଣା ଘଟିଛି। ଗୋଟିଏ ମୃତଦେହକୁ ଦୁଇଜଣ ଦାବି କରିଥିଲେ। ଶେଷରେ ମୃତକଙ୍କର ଆଇଡେଣ୍ଟିଫିକେଶନ୍ ମାର୍କ ଏବଂ ପରିଚୟପତ୍ର ଆଧାର କରି ପ୍ରକୃତ ପରିଜନଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଡ଼ମ୍ବନା ଯେ, ଏଭଳି ଦୁଃଖଦ ପରିସ୍ଥିତିରେ କେତେଜଣ ବ୍ୟକ୍ତି ନିଜ ମାନବିକତା ହରାଇ ଅନୁକମ୍ପା ଅର୍ଥରାଶି ହଡ଼ପ କରିବାକୁ ଯୋଜନା କରୁଥିବା ନଜରକୁ ଆସିଛି। ବିଶେଷକରି ଯେଉଁ ମୃତଦେହଗୁଡିକୁ ଠିକ୍ ଭାବେ ଚିହ୍ନି ହେଉନାହିଁ, ସେଗୁଡ଼ିକର ଏକାଧିକ ଦାବିଦାର ☞ପୃଷ୍ଠା-୨

## ସିଗ୍‌ନାଲ୍ ବ୍ୟବସ୍ଥାର ହେବ ସୁପର ଚେକ୍

### ୧୯ ଜୋନ୍‌କୁ ରେଲୱେ ବୋର୍ଡର ନିର୍ଦ୍ଦେଶ

ଭୁବନେଶ୍ୱର,୫।୬(ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗାଠାରେ ହୋଇଥିବା ଟ୍ରେନ ଦୁର୍ଘଟଣା ପରେ ରେଲୱେ ବୋର୍ଡ ତତ୍ପରତା ପ୍ରକାଶ କରିଛି। ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସିଗ୍‌ନାଲ ବ୍ୟବସ୍ଥାର 'ସୁପର ଚେକ୍' (ଯାଞ୍ଚ) କରିବାକୁ ବୋର୍ଡ ପକ୍ଷରୁ ସୋମବାର ସମସ୍ତ ୧୯ ରେଲୱେ ଜୋନ୍‌କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଜୋନ୍‌ଗୁଡ଼ିକରେ ସୁରକ୍ଷାକୁ ନେଇ ରହିଥିବା ଅବହେଳା ଓ ଅନିୟମିତତା ସମ୍ପର୍କରେ ଜୁନ ୧୪ ସୁଦ୍ଧା ରିପୋର୍ଟ ଦେବାକୁ ବୋର୍ଡ ପକ୍ଷରୁ କୁହାଯାଇଛି। ଷ୍ଟେଶନରେ ଥିବା ସମସ୍ତ ରିଲେ ରୁମ୍‌ଗୁଡ଼ିକୁ ଭଲ ଭାବେ ଯାଞ୍ଚ କରି ଡବଲ୍ ଲକିଂ ବ୍ୟବସ୍ଥାକୁ ☞ପୃଷ୍ଠା-୨

## ସିବିଆଇ ତଦନ୍ତ ସହାୟକ ହେବନି: ମମତା

### ସିବିଆଇ ଅପରାଧର ତଦନ୍ତ ପାଇଁ, ରେଳ ଦୁର୍ଘଟଣା ଲାଗି ନୁହେଁ: ଖାର୍ଗେ

ନୂଆଦିଲ୍ଲୀ/କୋଲକାତା, ୫।୬

ଓଡ଼ିଶାରେ ୩ଟି ଟ୍ରେନ୍ ମଧ୍ୟରେ ଦୁର୍ଘଟଣାର ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ)କୁ ଦିଆଯାଇଛି। ତେବେ ଏହି ତଦନ୍ତରୁ କୌଣସି ଫଳ ମିଳିବ ନାହିଁ ବୋଲି ସୋମବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ସେ କୋଲକାତାର ଏସ୍‌ଏସ୍‌କେଏମ୍ ହସ୍ପିଟାଲରେ ରେଳ ଦୁର୍ଘଟଣା ଆହତମାନଙ୍କୁ ଭେଟିବା ପରେ ଏହା କହିଛନ୍ତି। ୧୨ ବର୍ଷ ପୂର୍ବେ ଜ୍ଞାନେଶ୍ୱରୀ ଏକ୍ସପ୍ରେସ୍ ଦୁର୍ଘଟଣାର ତଦନ୍ତ ସେ ସିବିଆଇକୁ ଦେଇଥିଲେ। ହେଲେ ସେଥିରୁ କୌଣସି ଫଳ ମିଳି ନ ଥିଲା। ସେହିପରି ସାଇନ୍ଥିଆ ମାମଲା ସିବିଆଇ ନେଇଥିଲେ ☞ପୃଷ୍ଠା-୨





| Size (mm) | Price(₹)/Piece |
|---|---|
| 5.5 | 185 |
| 6 | 211 |
| 8 | 371 |
| 10 | 573 |
| 12 | 814 |
| 16 | 1448 |
| 20 | 2263 |
| 25 | 3526 |
| 28 | 4424 |
| 32 | 5780 |
| With effect from: | 03.06.2023 |



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ନ ଜାଣିଲେ କଥା ଅଡୁଆ।**
**ଧରି ନ ଜାଣିଲେ ସୂତା ଅଡୁଆ।।**

ପ୍ରକାଶଭଙ୍ଗୀର ଯଥାର୍ଥତା ଉପରେ କାର୍ଯ୍ୟର ସୂକ୍ଷ୍ମତା ନିର୍ଭର କରେ। କଥାକୁ ବନେଇ ଚନେଇ, ରସେଇ ମଜେଇ କହି ଜାଣିଲେ ଅକ୍ଲେଶରେ ଅନ୍ୟର ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟ ହାସଲ କରିବା ସହଜ ହୋଇଯାଏ। ସେହିପରି ଧରିବାର ବାଟ ବା କାଇଦା ଜାଣିଲେ ସୂତା ଧରିହୁଏ ଏବଂ ବସ୍ତ୍ର ବୁଣାରେ ସାହାଯ୍ୟ କରେ। ଅନ୍ୟଥା ସବୁ ନିଷ୍ଫଳ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଖାରୁ କାଟିଲି ଚେକି**
**ସୁନ୍ଦର କଲିରେ ପଡ଼ିଲା ଆଖି**
**ନାକ ଫୁଲୁଗୁଣା ଦେଖି।**

ଚେହେରାରୁ ପ୍ରେମର ପରିପ୍ରକାଶ। ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଚିରେ ଟାଣି ହୋଇଯାଇଥାଏ। ସୁନ୍ଦର ଚେହେରା ଦେଖି ଆଖି ଲାଖି ରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ନ୍ୟାୟ ମିଳିବା ଯାଏ ଲଢ଼େଇ ଜାରି ରହିବ

## ଆନ୍ଦୋଳନ ପ୍ରତ୍ୟାହାରକୁ ନେଇ ରେସ୍‌ଲରଙ୍କ ପ୍ରତିକ୍ରିୟା

**ନୂଆଦିଲ୍ଲୀ, ୫।୬(ପି.ଟି.)**

ଭାରତୀୟ କୁସ୍ତି ମହାସଂଘ(ଡବ୍ଲ୍ୟୁଏଫ୍ଆଇ)ର ପୂର୍ବତନ ସଭାପତି ବ୍ରିଜ୍ ଭୂଷଣ ଶରଣ ସିଂଙ୍କୁ ଗିରଫ କରିବା ଦାବିରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା ଧାରଣାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା ବୋଲି ଯାହା କୁହାଯାଉଛି, ତାହାକୁ ରେସ୍‌ଲର ସାକ୍ଷୀ ମଲ୍ଲିକ ଓ ବଜରଙ୍ଗ ପୁନିଆ ଖଣ୍ଡନ କରିଛନ୍ତି। ଭାରତୀୟ ରେଲ୍‌ୱେରେ କାର୍ଯ୍ୟରତ ସାକ୍ଷୀ ଓ ବଜରଙ୍ଗ ନିଜ କାର୍ଯ୍ୟରେ ଯୋଗଦେବା ପରେ ଆନ୍ଦୋଳନ ସମାପ୍ତ ହୋଇଥିବା ନେଇ ଚର୍ଚ୍ଚା ହୋଇଥିଲା। ତେବେ ଉଭୟ ଏହି ଖବରକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିବା ସହ ନ୍ୟାୟ ନ ମିଳିବା ଯାଏ ଲଢ଼େଇ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି। ଏହି ଖବର ଉପରେ ପ୍ରତିକ୍ରିୟା ରଖିବା ସହିତ ସାକ୍ଷୀ ଟୁଇଟ୍ ମଧ କରିଛନ୍ତି। 'ଏହି ଖବର ସମ୍ପୂର୍ଣ୍ଣ ଭୁଲ୍, ନ୍ୟାୟ ପାଇଁ ଆରମ୍ଭ ହୋଇଥିବା ଲଢ଼େଇରୁ ଆମେ ପଛକୁ ହଟିନାହୁଁ କିମ୍ବା ହଟିବାର ପ୍ରଶ୍ନ ଉଠୁନି। ସତ୍ୟାଗ୍ରହ ଜାରି ରହିଥିବା ବେଳେ ରେଲୱେ କର୍ମଚାରୀ ହିସାବରେ ମୁଁ ମୋ ଦାୟିତ୍ୱ ନିର୍ବାହ କରୁଛି। ନ୍ୟାୟ ମିଳିବା ଯାଏ ଏହି ଲଢ଼େଇ ଜାରି ରହିବ, ଏହାକୁ ନେଇ କୌଣସି ଭୁଲ୍ ଖବର ପ୍ରସାରଣ କରନ୍ତୁ ନାହିଁ ବୋଲି ସାକ୍ଷୀ ଟୁଇଟ୍ କରିଛନ୍ତି। ସେହିପରି ଗଣମାଧ୍ୟମ ଅଧିକାରୀଙ୍କ ପ୍ରଶ୍ନର ଉତ୍ତରରେ ବଜରଙ୍ଗ ପୁନିଆ ମଧ ଖବରକୁ ଖଣ୍ଡନ କରିଥିଲେ। ଆମକୁ କ୍ଷତି ପହଞ୍ଚାଇବା ପାଇଁ ଏଭଳି ମିଥ୍ୟା ଖବର ପ୍ରସାରଣ କରାଯାଉଛି। ଆମେ ପଛକୁ ହଟିନାହୁଁ କି ଆନ୍ଦୋଳନ ପ୍ରତ୍ୟାହୃତ ହୋଇନାହିଁ। ଏପରିକି ମହିଳା ରେସ୍‌ଲରମାନେ ଅଭିଯୋଗ ପ୍ରତ୍ୟାହାର କରିବା ଖବରକୁ ମିଥ୍ୟା ବୋଲି ଦର୍ଶାଇଥିଲେ ପୁନିଆ। ଅନ୍ୟପକ୍ଷରେ ସାକ୍ଷୀ କହିଛନ୍ତି, ରେଲ୍‌ୱେରେ ସେ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି(ଓଏସ୍‌ଡି) ଭାବେ କାର୍ଯ୍ୟରତ। ମୋ କାନ୍ଧ ଉପରେ ଅନେକ ଦାୟିତ୍ୱ ରହିଛି। ତେଣୁ କାର୍ଯ୍ୟରେ ଯୋଗଦେଇଛି ମାତ୍ର ଆନ୍ଦୋଳନରୁ ଦୂରେଇବାର ପ୍ରଶ୍ନ ଉଠୁନାହିଁ। ଭିନେଶ, ବଜରଙ୍ଗ ଓ ମୁଁ ମିଳିତ ଭାବେ ପରବର୍ତ୍ତୀ ନିଷ୍ପତ୍ତି ନେବୁ ବୋଲି କହିଛନ୍ତି ସାକ୍ଷୀ। ଏହାସହିତ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିବା ଏକ ସାଧାରଣ ବୈଠକ ଥିଲା। ଏଥିରୁ କୌଣସି ନିର୍ଯ୍ୟାସ ବାହାରି ନ ଥିଲା। ବ୍ରିଜ୍‌ଭୂଷଣ ଗିରଫ ନ ହେବା ପର୍ଯ୍ୟନ୍ତ ଆମ ଆନ୍ଦୋଳନ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ବ୍ରିଜ୍‌ଭୂଷଣଙ୍କ ନାମରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ଜଣେ ନାବାଳିକା ଆଥ୍‌ଲେଟଙ୍କ ସମେତ ୭ ଜଣ ମହିଳା ଖେଳାଳି ତାଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ପୋକ୍‌ସୋ ଆକ୍ଟ ଆଧାରରେ ମାମଲା ସହିତ ସମ୍ମାନହାନି ମାମଲା ମଧ ରୁଜୁ କରାଯାଇଛି।

# ଚୂନପଥର ବୋଝେଇ ଟ୍ରେନ୍ ଲାଇନଚ୍ୟୁତ



ଲାଇନଚ୍ୟୁତ ହୋଇଥିବା ଚୂନପଥର ବୋଝେଇ ଟ୍ରେନ।

**ବରଗଡ଼ ଅଫିସ୍,୫।୬**

ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣାକୁ ୪ଦିନ ବିତି ନ ଥିବାବେଳେ ସୋମବାର ସକାଳ ପ୍ରାୟ ୮ଟାରେ ବରଗଡ଼ ରୋଡ୍-ଡୁଙ୍ଗୁରୀ ଚୂନପଥର ଖଣିକୁ ଯାଇଥିବା ରେଳପଥରେ ଚୂନପଥର ବୋଝେଇ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଜିଲାର ଭଟଲି ଥାନା ଅନ୍ତର୍ଗତ ସମ୍ବରଧରା-ମେଢ଼ାପାଲି ନିକଟରେ ଉକ୍ତ ଟ୍ରେନ୍‌ର ୫ଟି ବଗି ଲାଇନ୍‌ଚ୍ୟୁତ ହେବା ସହ କ୍ଷତିଗ୍ରସ୍ତ ହୋଇଛି। ଟ୍ରେନ୍‌ର ହ୍ୱିଲ ଛିଣ୍ଡିଯିବାରୁ ସେଭଳି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଉକ୍ତ ରେଳପଥରେ କେବଳ ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନାର ଚୂନପଥର, ସିମେଣ୍ଟ ବୋଝେଇ ଟ୍ରେନ୍ ଯାତାୟାତ କରିଥାଏ। ଡୁଙ୍ଗୁରୀ ଖଣିରୁ ଚୂନପଥର ବୋଝେଇ ହୋଇ ମାଲବାହୀ ଟ୍ରେନଟି ବରଗଡ଼ ସିମେଣ୍ଟ କାରଖାନାକୁ ଆସୁଥିବା ବାଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବା ସୂଚନା ମିଳିଛି। ଏ ନେଇ ଏସିସି ଶ୍ରମିକ ସଂଘ ସଭାପତି ମହେନ୍ଦ୍ର ଦାଶ କହିଛନ୍ତି, ବରଗଡ଼ରୁ ଡୁଙ୍ଗୁରୀ ଚୂନପଥର ଖଣି ପର୍ଯ୍ୟନ୍ତ ୭ କି.ମି. ରେଲୱେ ଟ୍ରାକ୍‌ର ରକ୍ଷଣାବେକ୍ଷଣ ଏସିସି କରୁଛି। ଏହି ଟ୍ରାକ୍ ଉପରେ ଭାରତୀୟ ରେଲୱେର କୌଣସି କର୍ତ୍ତୃତ୍ୱ ନାହିଁ। ଏଥିରେ ୧୪ ଟନ୍ ବିଶିଷ୍ଟ ଟ୍ରେନ ଯିବାଆସିବା କରିବା ବେଳେ ବିଭିନ୍ନ ସମୟରେ ଏଭଳି ଘଟଣା ଘଟିଥାଏ ବୋଲି ଦାଶ କହିଛନ୍ତି।

# ଭିଜିଲାନ୍ସକୁ ତଦନ୍ତ ନିର୍ଦ୍ଦେଶ ଦେଲେ ଲୋକାୟୁକ୍ତ

## କଳାପଥର ଖାଦାନରେ ଶିଶୁ ଶ୍ରମିକଙ୍କ ସହ ୨ ମୃତ୍ୟୁ ଘଟଣା



**ଯାଜପୁର ଅଫିସ,୫।୬**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଲୁଣିବର ପାହାଡ଼ର କଳାପଥର ଖାଦାନରେ ଗତ ୩୧ ତାରିଖ ମଧ୍ୟରାତ୍ରିରେ ଜଣେ ଶିଶୁ ଶ୍ରମିକଙ୍କ ସହ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଓଡ଼ିଶା ଲୋକାୟୁକ୍ତ ନିଜ ଆଡୁ ଏକ ମାମଲା (ଏଲ୍‌ୱାଇ-୨୫୦/୨୦୨୩ରେ) ରୁଜୁ କରିଛନ୍ତି। ଘଟଣାର ତଦନ୍ତ କରି ଦୁଇ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କଟକ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଲୋକାୟୁକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ସୂଚନା ଅନୁସାରେ ଲୁଣିବର ମୌଜାର ଏକ କଳାପଥର ଖାଦାନରେ ମେଶିନ ଲଗାଇ କଳାପଥର ଲୁଟ ହେଉଥିଲା। ଉକ୍ତ ବେଆଇନ ଖାଦାନରେ ପଥର ବ୍ୟବସାୟୀ ମେଶିନ ଅପରେଟର କେନ୍ଦୁଝର ଜିଲା ତେଲକୋଇ ଗ୍ରାମର ଶାନ୍ତନୁ ଖିଲାରଙ୍କ ସହ ଜଣେ ଶିଶୁ ଶ୍ରମିକ ଓ ଅନ୍ୟମାନଙ୍କୁ ମଧ ରାତ୍ରିରେ ନିୟୋଜିତ କରିଥିଲେ। ବ୍ଲାଷ୍ଟିଂ ପରେ ମେଶିନ ସହଯୋଗରେ ପଥର ଉତ୍ତୋଳନ କରାଯାଇ ଗାଡ଼ିରେ ଲୋଡିଂ ହେଉଥିଲା। ଏହି ସମୟରେ ଉପରୁ ବହୁ ଓଜନର ପଥର ସହ ମାଟି ଅତଡ଼ା ମେଶିନ ଅପରେଟର ଖିଲାର ଏବଂ ଶିଶୁ ଶ୍ରମିକଙ୍କ ଉପରେ ପଡ଼ିଥିଲା। ମେଶିନ ଅପରେଟର ଖିଲାରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଶିଶୁ ଶ୍ରମିକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିଛି ସମୟ ପରେ ଶିଶୁ ଶ୍ରମିକଙ୍କ ମଧ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଯାଜପୁର ଜିଲା ଜେନାପୁର ଥାନାରେ ୧୪୦/୨୩ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। କିନ୍ତୁ ପୋଲିସ କାହାରିକୁ ଗିରଫ କରିନାହିଁ।

# 'ଶକୁନି'ଙ୍କ ପରଲୋକ

## ବି.ଆର୍. ଚୋପ୍ରାଙ୍କ 'ମହାଭାରତ'ରେ ଅଭିନୟ କରିଥିଲେ



ଗୁଫି ପେଣ୍ଟାଲ

**ମୁମ୍ବାଇ, ୫।୬**

ଟିଭି ଧାରାବାହିକ 'ମହାଭାରତ'ରେ ଶକୁନି ମାମା ଭୂମିକାରେ ଅଭିନୟ ପାଇଁ ଜଣାଶୁଣା ଅଭିନେତା ଗୁଫି ପେଣ୍ଟାଲଙ୍କର ସୋମବାର ଅନ୍ଧେରୀସ୍ଥିତ ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ ବୋଲି ତାଙ୍କ ପୁତୁରା ହିତେନ୍ ପେଣ୍ଟାଲ କହିଛନ୍ତି। ଗୁଫିଙ୍କର ରକ୍ତଚାପ ଓ ହୃଦ୍‌ରୋଗ ସମସ୍ୟା ରହିଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥିଲେ।

ଅଶୀ ଦଶକରେ ଗୁଫି ସୁହାଗ, ଦିଲ୍ଲାଗି ଆଦି ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଏଥିସହ ସେ ଟେଲିଭିଜନ ଶୋ' ସିଆଇଡି ଏବଂ ହେଲୋ ଇନ୍ସପେକ୍ଟରରେ କାମ କରିଥିଲେ। ତେବେ ବି.ଆର୍. ଚୋପ୍ରାଙ୍କ ଟିଭି ସିରିଏଲ୍ 'ମହାଭାରତ'ରେ ଶକୁନି ମାମା ଭୂମିକା ପାଇଁ ସେ ଘରେ ଘରେ ପରିଚିତ ହୋଇଥିଲେ। ସେ ତାଙ୍କ ପୁଅବୋହୂ ଓ ନାତିନାତୁଣୀଙ୍କ ସହ ରହୁଥିଲେ। ତାଙ୍କ ପରଲୋକରେ ବଲିଉଡ୍ ଚଳଚ୍ଚିତ୍ର ଜଗତ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ମହାଭାରତରେ ତାଙ୍କ ସହ କାର୍ଯ୍ୟ କରିଥିବା ମୁକେଶ ଖାନ୍ନା ଓ ପଙ୍କଜ ଧୀର ତାଙ୍କ ସ୍ମୃତିଚାରଣ କରିଛନ୍ତି।

# ଅଲାରନାଥ ପୀଠରେ ଅନବସର ଦର୍ଶନ

**ବ୍ରହ୍ମଗିରି,୫।୬(ଡି.ଏନ୍.ଏ)**

**ପ୍ରଥମଦିନରେ ଶ୍ରଦ୍ଧାଳୁଙ୍କ ଭିଡ଼**



ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହମାନଙ୍କ ଜ୍ୟେଷ୍ଠ ପୂର୍ଣ୍ଣିମାରେ ୧୦୮ଗରାରେ ସ୍ନାନ କରି ଜ୍ୱରରେ ପଡ଼ିଛନ୍ତି। ଫଳରେ ମହାପ୍ରଭୁ ଏବେ ଅଣସରରେ ୧୪ଦିନ ରହିବେ। ଏହି ସମୟରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ ପାଇପାରିବେ ନାହିଁ। ତେବେ ଅଗଣିତ ଶ୍ରଦ୍ଧାଳୁଙ୍କ ଭକ୍ତିକୁ ଦେଖି ମହାପ୍ରଭୁ ଅଣସରରେ ରହି ଶ୍ରୀକ୍ଷେତ୍ର ନିକଟସ୍ଥ ବ୍ରହ୍ମଗିରିସ୍ଥିତ ବ୍ରହ୍ମକ୍ଷେତ୍ର ଅଲାରନାଥ ମନ୍ଦିରରେ ମହାପ୍ରଭୁ ଅଲାରନାଥଙ୍କ ବେଶରେ ଦର୍ଶନ ଦେବେ। ଏହି ୧୪ଦିନ ଅଲାରନାଥ ପୀଠ ପାଲଟିଯାଏ ଏକ ପୁଣ୍ୟ ପୀଠ। ସୋମବାର ଏହି ଅନବସର ଦର୍ଶନର ପ୍ରଥମଦିନ ହୋଇଥିବା ବେଳେ ଅଲାରନାଥଙ୍କୁ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି।

ନୀତି ଅନୁଯାୟୀ, ଭୋରରୁ ମନ୍ଦିରର ଦ୍ୱାରଫିଟା ନୀତି ହୋଇଥିବା ବେଳେ ମଙ୍ଗଳ ଆଳତି ସହ ଅନ୍ୟାନ୍ୟ ନୀତିକାନ୍ତି ହୋଇ ଅନବସର ବେଶରେ ସଜ୍ଜିତ ହେବା ପରେ ସର୍ବସାଧାରଣଙ୍କ ନିମନ୍ତେ ଦର୍ଶନ ଦେଇଥିଲେ ପ୍ରଭୁ ଅଲାରନାଥ। ସକାଳଠାରୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିବା ବେଳେ ସମୟାନୁକ୍ରମେ ଏହି ସଂଖ୍ୟା ଧୀରେ ଧୀରେ ବଢ଼ିବାକୁ ଲାଗିଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାରିକେଡ ଓ ଶେଡ୍ ବ୍ୟବସ୍ଥା କରାଯାଇଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ମଧ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ତେବେ ଅପରାହ୍ନ ସମୟରେ ପ୍ରବଳ ରୌଦ୍ର ତାପ ଓ ଗୁଳୁଗୁଳି ସତ୍ତ୍ୱେ ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳା ଭାବେ ଧାଡ଼ି ହୋଇ ଯାଇ ଅନବସର ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିବା ବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପାଣି ବଣ୍ଟନ ଓ ଜଳ ସିଞ୍ଚନ କରାଯାଇଥିଲା। ପ୍ରଥମ ଦିନରେ ପ୍ରାୟ ୧୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିଥିବା ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏପରିକି ପୋଲିସ ପ୍ରଶାସନ ପକ୍ଷରୁ ମଧ ୨ ପ୍ଲାଟୁନ ଫୋର୍ସ ମୁତୟନ ଥିବାବେଳେ ସମସ୍ତ ସୁରୁଖୁରୁ ମଧ୍ୟରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ ବୋଲି ସୂଚନା ମିଳିଛି।

# ପୂଜାଙ୍କ ଖାସ୍ ମୁହୂର୍ତ୍ତ



**ମୁମ୍ବାଇ,୫।୬:** ସାଉଥ୍ ଅଭିନେତ୍ରୀ ପୂଜା ହେଗ୍‌ଡେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ପ୍ରସିଦ୍ଧ ଅଭିନେତ୍ରୀ। ସେ ବଲିଉଡ୍‌ରେ ଡେବ୍ୟୁ କରିବା ପରେ ତାଙ୍କ ପ୍ରଶଂସକଙ୍କ ସଂଖ୍ୟା ବଢ଼ିଯାଇଛି। ଏପ୍ରିଲ ୨୧ରେ ରିଲିଜ୍ ହୋଇଥିବା ମୁଭି 'କିସି କା ଭାଇ କିସି କି ଜାନ୍'ରେ ପୂଜାଙ୍କୁ ଦେଖିବାକୁ ମିଳିଥିଲା। ସେଥିରେ ତାଙ୍କ ବିପକ୍ଷରେ ବଲିଉଡ୍ ଭାଇଜାନ୍ ସଲମାନ୍ ଖାନ୍ ନଜରକୁ ଆସିଥିଲେ। ନିକଟରେ ପୂଜା ତାଙ୍କ ଜୀବନର ଏକ ଖାସ୍ ମୁହୂର୍ତ୍ତ ବିଷୟରେ କହିଛନ୍ତି। ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି, 'ଯେତେବେଳେ ମାଧୁରୀ ଦୀକ୍ଷିତ୍ ମାଡାମ୍ ତାଙ୍କୁ ତାଙ୍କ ନାମ ଧରି ଡାକିଥିଲେ, ତାହା ଥିଲା ତାଙ୍କ ପାଇଁ ବେଶ୍ ଖାସ୍ ମୁହୂର୍ତ୍ତ। ସେ ତାଙ୍କୁ ହାଏ କହିବା ପରେ ମାଧୁରୀ ମଧ ତାଙ୍କୁ ହାଏ ପୂଜା ବୋଲି କହିଥିଲେ। ମାଧୁରୀ ମାଡାମ୍ ତାଙ୍କ ନାମ ମନେରଖିଛନ୍ତି, ଏହା ଜାଣି ତାଙ୍କୁ ବହୁତ ଖୁସି ଲାଗିଥିଲା।' ତେବେ ପୂଜା ଦର୍ଶକଙ୍କୁ ଅନେକ ସାଉଥ୍ ମୁଭି ଭେଟି ଦେଇଥିବାବେଳେ ବର୍ତ୍ତମାନ ସମୟରେ ବି- ଟାଉନରେ ସେ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି। ସେ ୨୦୧୬ରେ ଅଭିନେତା ହ୍ରିତିକ୍ ରୋଶନଙ୍କ ସହ ଫିଲ୍ମ 'ମହେଞ୍ଜୋଦାରୋ'ରେ ବଲିଉଡ୍ ଡେବ୍ୟୁ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ର ଓ ଆର୍ଥିକ ଦିଗଟି ଅନୁକୂଳ ରହିଲେ ମଧ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସବୁ କିଛି ଭଲ ମଧ୍ୟରେ ଅଗ୍ନିନୀର ଖର୍ଚ୍ଚ ପରିମାଣ ବୃଦ୍ଧି, ଦୂରଯାତ୍ରା ଓ ସ୍ଥାନାନ୍ତରର ସୂଚନା ବିଦ୍ୟମାନ। ଭୁଲ୍ ବୁଝାମଣା କାରଣରୁ ମାନସିକ ସ୍ଥିତି ହଠାତ୍ ବଦଳିଯିବ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଘଟିବାର ସୂଚନା ରହିଛି। ପରିବାର ସକାଶେ ଆକସ୍ମିକ ଆବଶ୍ୟତା କାରଣରୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢ଼ାଇଦେବ। କେତେକ କାରଣକୁ ନେଇ ଇଚ୍ଛା ନଥିଲେ ମଧ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ମିଥୁନ** ଦୀର୍ଘଦିନର ଋଣ ପରିଶୋଧ କରିବା ସକାଶେ ବିଭିନ୍ନ ଧନ୍ଦା କରିବା ଲାଗି ମନ ବଳାଇବେ। କର୍ମକ୍ଷେତ୍ରରେ ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜି ପାରନ୍ତି ଓ ତାହାଙ୍କ ସାହାଯ୍ୟ ମଧ ପାଇବେ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପରୋକ୍ଷ ଶତ୍ରୁତା ସାମାନ୍ୟ ବ୍ୟତିକ୍ରମ ସୃଷ୍ଟି କରିପାରେ।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ପରିବାରର ଆର୍ଥିକ ସମସ୍ୟା ନେଇ ମନରେ ଥିବା ଦୁର୍ଭାବନା ଦୂରେଇବାରେ ସମର୍ଥ ହେବେ। ଅଧସ୍ତନ କର୍ମଚାରୀ କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି କଳହର ମାତ୍ରାକୁ ବଢ଼ାଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ତଥା ଚଳଚ୍ଚିତ୍ର, ସାମ୍ବାଦିକତା କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ସିଂହ** ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଗୁରୁତୁଲ୍ୟଙ୍କ ସହ ପରାମର୍ଶ କରନ୍ତୁ। ପିଲାଙ୍କୁ ନେଇ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟମାନେ ଶତ୍ରୁତା କଲେ କିଛି ସିନା କରିପାରିବେ ନାହିଁ। କାରଣ ସମସ୍ୟା ସମସ୍ୟା ନୁହେଁ, ସମସ୍ୟାର ସମାଧାନ ହିଁ ପ୍ରକୃତ ସମସ୍ୟା ହେବ।

**କନ୍ୟା** ସାମଗ୍ରିକ ଦିଗରୁ ଦିନଟି ଭଲ ମନେହେଲେ ମଧ ଆପଣଙ୍କ ଉପଭୋଗ୍ୟ ହୋଇପାରିବ ନାହିଁ। ବହୁତ ଦିନର ଅପୂରଣୀୟ ଆଶା ମନରେ ଅନାଗତ ଭୟ ଓ ଆଶଙ୍କା ସୃଷ୍ଟି କରିପାରେ। ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। ଗୃହସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିପାରନ୍ତି।

**ତୁଳା** ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ ଦୃଷ୍ଟିକୋଣ ବଦଳି ଯାଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିବା ପରି ଆଶଙ୍କା ଦେଖାଦେବ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ନତୁବା ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି। କର୍ମକ୍ଷେତ୍ରରୁ ଫେରିବା ସମୟରେ ମୂଲ୍ୟବାନ୍ ଦ୍ରବ୍ୟ ଆଣିପାରନ୍ତି।

**ବିଛା** କୌଣସି ଅଭାବ ଅସୁବିଧା ନ ଥିଲେ ମଧ ମନଟା ଗୋଳେଇଘାଣ୍ଟି ଲାଗିବ। ଅନ୍ୟମାନଙ୍କ କଥାରେ ଭାସି ନଯାଇ ଲୋକକୁ ପରଖି ଯାହା କରିବା କଥା କରନ୍ତୁ। ଆକସ୍ମିକ ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଧାର କରଜ କରିବାକୁ ବାଧ ହେବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିବନ୍ଧକ ଓ ସମସ୍ୟା ଦେଖାଦେବ।

**ଧନୁ** ଅସନ୍ତୋଷକୁ ଚାପି ରଖି, ମୁହଁରେ ହସ ଫୁଟାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିବେ। ପୂର୍ବାଷାଢ଼ା ଯେତେବେଳେ ଯାହା ଚାହିଁବେ ପାଇବେ। ଆମଦାନୀ କାରବାର, ପନିପରିବା ଦୋକାନୀ, ହୋଟେଲ ମାଲିକ ବେଶ୍ ଖୁସି ରହିବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ।

**ମକର** କେତେକ କ୍ଷେତ୍ରରେ ବନ୍ଧୁଙ୍କ କଥାକୁ ଗ୍ରହଣ କଲେ ସମସ୍ୟାରୁ ମୁକୁଳି ଯାଇପାରନ୍ତି। ସହକର୍ମୀ କିମ୍ବା ଆତ୍ମୀୟଙ୍କଠାରୁ ସାୟାହ୍ନରେ କୌଣସି ଖବର ପାଇ ବିସ୍ମିତ ହେବେ। ଶିକ୍ଷା, ଗଠନମୂଳକ ଆଲୋଚନା, ଆନୁଷ୍ଠାନିକ କାମ, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ। ଆର୍ଥିକ ଅଭିବୃଦ୍ଧି ପାଇଁ ପଲିସ୍ କରିପାରନ୍ତି।

**କୁମ୍ଭ** ପ୍ରତିବନ୍ଧକ ମଧ୍ୟରେ ଗତି କରିବାର ସମ୍ଭାବନା ରହିଛି। ବିନା ଖର୍ଚ୍ଚରେ କିମ୍ବା ସରଳ ଓ ସହଜରେ କୌଣସି କାମ ହାସଲ କରିବା ଆଜି ଦୁରୂହ ହୋଇପଡିବ। ପରିବାରରେ କାହାର ସ୍ୱାସ୍ଥ୍ୟହାନି କାରଣରୁ ମନ ସ୍ଥିର ରହି ପାରିବ ନାହିଁ। ଅବଶ୍ୟ ବନ୍ଧୁଙ୍କ ସହାୟତା ନେଇ ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** ଆଜି କର୍ମକ୍ଷେତ୍ର ସକାଶେ ସାମୟିକ ଚିନ୍ତିତ ରହିବେ, କିନ୍ତୁ ପରକ୍ଷଣରେ ସବୁ କିଛି ଠିକ୍ ହୋଇଯିବ। ଶିକ୍ଷା, ସନ୍ତାନ, ଆଲୋଚନା ପାଇଁ ପ୍ରକୃଷ୍ଟ ଦିନଟିଏ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯାତ୍ରା, ବାଣିଜ୍ୟ, ସଙ୍ଗଠନରେ ସମସ୍ୟା ସମାଧାନ ହୋଇଯିବ। ସ୍ୱାସ୍ଥ୍ୟ ଭଲ ରହିବ ଓ କୌଣସି ନୂତନ କାମଟିଏ ଆରମ୍ଭ କରିବା ସକାଶେ ମନ ବଳାଇବେ।

ଆଜି ଆଷାଢ଼ କୃଷ୍ଣ ତୃତୀୟା ମଙ୍ଗଳବାର, ଜୁନ୍ ୬ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ଦିବା ଘ.୦୫।୧୦ ଗତେ ଘ.୦୬।୪୯ ମଧ୍ୟେ, ଘ. ୦୯।୩୩ ଗତେ ଘ.୧୨।୧୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୨ମି. ଗତେ ଘ.୦୪।୪୧ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ମୃତକଙ୍କୁ ଚିହ୍ନିବା...

ଆସୁଛନ୍ତି, ଯାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜୁଛି। ରବିବାର ଏଭଳି ଏକ ଘଟଣା ବାଲେଶ୍ୱର ନୋସି ବିଜ୍‌ନେସ୍ ପାର୍କ ପରିସରରେ ଦେଖିବାକୁ ମିଳିଥିଲା। ସେଠାରେ ଅନେକ ସମ୍ପର୍କୀୟ ମୃତକଙ୍କୁ ଚିହ୍ନଟ କରୁଥିବାବେଳେ ଗୀତାଞ୍ଜଳି ଦାସ ନାମ୍ନୀ ଜଣେ ମହିଳା ସେଠାରେ ପହଞ୍ଚି କାନ୍ଦବୋବାଳି କରିଥିଲେ। ତାଙ୍କ ସ୍ୱାମୀ କରମଣ୍ଡଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା କହିଥିଲେ। ଏପରି କି ଏକ ଶବ ଉପରୁ ଧଳା କପଡ଼ା ହଟାଇ ତାହା ତାଙ୍କ ସ୍ୱାମୀଙ୍କର ବୋଲି ପ୍ରକାଶ କରିଥିଲେ। ମାତ୍ର ପରେ ତାହା ମିଛ ବୋଲି ଜଣାପଡ଼ିଥିଲା।

କ୍ଷତବିକ୍ଷତ ମୃତଦେହକୁ ଚିହ୍ନିବାକୁ କଷ୍ଟକର ହେଉଥିବାରୁ ସେଗୁଡ଼ିକର ଡିଏନ୍‌ଏ ପରୀକ୍ଷା ଉପରେ ଗୁରୁତ୍ୱାରୋପ କରାଯାଉଛି। ସୋମବାର ସନ୍ଧ୍ୟା ସୁଦ୍ଧା ଏମ୍‌ସରେ ୫ଜଣଙ୍କର ଡିଏନ୍‌ଏ ପରୀକ୍ଷା କରାଯାଇଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମୃତଦେହ ଚିହ୍ନଟ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ମୃତଦେହ ରହିଥିବା ବ୍ୟାଗରେ ସେମାନଙ୍କର ଫଟୋ ଲଗାଯାଇଛି। ଏହାବାଦ୍ ଭୁବନେଶ୍ୱର ଆସିଥିବା ସମସ୍ତ ମୃତଦେହର ଫଟୋ ବିଏମ୍‌ସି ଆଇସିଓଏମ୍‌ସି ଟାୱାରରେ ହୋଇଥିବା କଣ୍ଟ୍ରୋଲ ରୁମ୍‌ରେ ରଖାଯାଇଛି। ଏମ୍‌ସରେ ମଧ ସମସ୍ତଙ୍କର ଫଟୋ ରହିଛି। ଯେହେତୁ ଦୁର୍ଘଟଣାରେ କେତେଜଣ ବ୍ୟକ୍ତିଙ୍କର ଚେହେରା ନଷ୍ଟ ହୋଇଯାଇଛି ତେଣୁ ସେମାନଙ୍କର ଡ୍ରେସ୍ ବା ଅନ୍ୟାନ୍ୟ ଗହଣା ପତ୍ରରୁ ଚିହ୍ନିବାକୁ ଚେଷ୍ଟା କରୁଛନ୍ତି। ଯେଉଁଠି କିଛି ସାମଞ୍ଜସ୍ୟ ଆସୁଛି, ସେଠାରେ ଦାବିଦାରମାନେ ସମ୍ପୃକ୍ତ ମୃତଦେହ ନିଜ ପରିଜନଙ୍କର ବୋଲି କହୁଛନ୍ତି। ତେବେ ଏଭଳି ଦ୍ୱନ୍ଦ୍ୱ ଉପୁଜିବାରୁ ଡିଏନ୍‌ଏ ଟେଷ୍ଟ ଆରମ୍ଭ ହୋଇଥିବା କମିଶନର କୁଲାଙ୍ଗେ କହିଛନ୍ତି।

ଅପରପକ୍ଷେ ବାଲେଶ୍ୱରରୁ ଭୁବନେଶ୍ୱର ଆସିଥିବା ୧୯୩ଟି ମୃତଦେହ ମଧ୍ୟରୁ ୧୨୩ଟି ଏମ୍‌ସକୁ ଅଣାଯାଇଛି। ସେଥିମଧ୍ୟରୁ ୬୧ଟି ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ଆଉ ୬୨ଟି ମୃତଦେହ ରହିଛି। ସେଗୁଡ଼ିକ ସଂରକ୍ଷଣ ପାଇଁ ଏମ୍‌ସରେ ଡିପ୍ ଫ୍ରିଜ୍ ଓ କୋଲ୍ଡ ଷ୍ଟୋରେଜର ଅଭାବ ରହିଥିବାରୁ ଅଧିକ ଦିନ ମୃତଦେହ ସଂରକ୍ଷିତ ରଖାଯିବା ସମ୍ଭବ ନୁହେଁ। ତେଣୁ ମୃତଦେହ ସଂରକ୍ଷଣ ପାଇଁ ପାରାଦୀପରୁ ୫ଟି କଣ୍ଟେନର ଅଣାଯାଇଛି। ପ୍ରତି କଣ୍ଟେନରରେ ୩୦ରୁ ୪୦ଟି ମୃତଦେହ ସଂରକ୍ଷିତ ରହିପାରିବ। କଣ୍ଟେନରରେ ଦୁଇମାସ ପର୍ଯ୍ୟନ୍ତ ମୃତଦେହକୁ ସଂରକ୍ଷିତ ରଖାଯାଇପାରିବ ବୋଲି ଏମ୍‌ସ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି। ଅନ୍ୟପକ୍ଷରେ ୧୬ଟି ମୃତଦେହର ଚିହ୍ନଟ ପ୍ରକ୍ରିୟା ଚାଲିଛି। ଆବଶ୍ୟକ ପଡ଼ିଲେ ଡିଏନ୍‌ଏ ଟେଷ୍ଟ କରାଯିବ ଏବଂ ଏଥିପାଇଁ ରାଜ୍ୟର ବିଶେଷଜ୍ଞମାନେ ଏମ୍‌ସରେ କାର୍ଯ୍ୟରତ ଥିବା ଡା. ବିଶ୍ୱାସ ସୂଚନା ଦେଇଛନ୍ତି। ସୂଚନାଥାଉ କି ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୭୫ଜଣ ଯାତ୍ରୀଙ୍କ ମଧ୍ୟରୁ ୧୮୦ଜଣଙ୍କୁ ଚିହ୍ନଟ କରାଯାଇଥିବାବେଳେ ୧୫୦ରୁ ଊର୍ଦ୍ଧ୍ୱଙ୍କୁ ସେମାନଙ୍କର ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ମୃତକଙ୍କ ପରିଜନ କିପରି ସହଜରେ ମୃତଦେହ ନେଇପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ମୃତଦେହ ପରିବହନର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା ସହ ଏଥିପାଇଁ ବ୍ୟବସ୍ଥା କରିବାକୁ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାବାଦ୍ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ଦୁଇଟି ଟୋଲ୍ ଫ୍ରି ନଂ. ୧୮୦୦୩୪୫୦୦୬୧ ଏବଂ ୧୯୨୯ ଜାରି କରାଯାଇଛି। ସମ୍ପର୍କୀୟମାନେ ଓଡ଼ିଶା ଆସିଲେ ଯେପରି ସୁବିଧାରେ ହସ୍ପିଟାଲକୁ ଯାଇ ମୃତାହତଙ୍କୁ ଚିହ୍ନଟ କରିପାରିବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ମୃତବ୍ୟକ୍ତିଙ୍କର ମୃତ୍ୟୁ ପ୍ରମାଣ ପତ୍ରକୁ ଅନ୍‌ଲାଇନ୍ ଏବଂ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଯଥାଶୀଘ୍ର ସେମାନଙ୍କ ପରିଜନଙ୍କ ନିକଟକୁ ପଠାଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ଯେଉଁ ମୃତଦେହଗୁଡ଼ିକର ଚିହ୍ନଟ୍ ହୋଇପାରିବ ନାହିଁ ସେ ସବୁର ଡିଏନ୍‌ଏ ସାମ୍ପଲ ଓ ଫିଙ୍ଗରପ୍ରିଣ୍ଟ ସଂଗ୍ରହ କରାଯାଇ ନିୟମ ଅନୁଯାୟୀ ସଂସ୍କାର କରାଯିବ ବୋଲି ସୂଚନା ଦିଆଯାଇଛି।

## ସିଗ୍‌ନାଲ୍ ବ୍ୟବସ୍ଥାର ହେବ...

ନିଶ୍ଚିତ କରିବେ। ରେଳ ଲାଇନ୍‌ଗୁଡ଼ିକର ସଂଯୋଗ ଓ ବିଚ୍ଛେଦବେଳେ ସିଗ୍‌ନାଲିଂ ଆଣ୍ଡ୍ ଟେଲିକମ୍ୟୁନିକେଶନ (ଏସ୍‌ଆଣ୍ଡ୍‌ଟି) ଇକ୍ୟୁପମେଣ୍ଟକୁ ଗାଇଡଲାଇନ ଅନୁଯାୟୀ କଡ଼ାକଡ଼ି ଭାବେ ପାଳନ କରିବାକୁ ବୋର୍ଡ ପକ୍ଷରୁ ସମସ୍ତ ଜୋନ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ବୋର୍ଡର ଏଭଳି ତତ୍ପରତାକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ଏହି 'ସୁପର ଚେକ୍' କେବଳ ଇଂଲିଶ ଶବ୍ଦ। ଯାଞ୍ଚର ବିଭିନ୍ନ ଶବ୍ଦ ସୃଷ୍ଟି କରାଯାଉଛି। ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି। ଏହାର ଅର୍ଥ କିଛି ନାହିଁ। ଏହା ଅଧିକ ଗୁରୁତ୍ୱ ଦିଏ ନାହିଁ ବୋଲି ରେଲୱେର ଜଣେ ପୂର୍ବତନ ଅଧିକାରୀ କହିଛନ୍ତି।

## ସିବିଆଇ ତଦନ୍ତ ସହାୟକ...

ମଧ କିଛି ଫଳାଫଳ ମିଳି ନ ଥିଲା। ସିବିଆଇ ଆପରାଧିକ ମାମଲାର ତଦନ୍ତ କରିଥାଏ, ଦୁର୍ଘଟଣାର ନୁହେଁ। ଏଥିପାଇଁ ରେଲୱେ ସେଫ୍‌ଟି କମିଶନ ରହିଛି। ସତ୍ୟ କ'ଣ ତାହା ଲୋକେ ଜାଣିବା ଆବଶ୍ୟକ। ସତକୁ ଚାପିଦେବାର ସମୟ ଇଏ ନୁହେଁ ବୋଲି ମମତା କହିଛନ୍ତି। ରେଳଯାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରତି କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଦୃଷ୍ଟି ନ ଦେଇ ସେମାନଙ୍କ ଜୀବନ ସହ ଖେଳୁଥିବା କଂଗ୍ରେସ ଅଭିଯୋଗ କରିଛି। ଟ୍ରେନ୍ ଦୁର୍ଘଟଣାର ସିବିଆଇ ତଦନ୍ତକୁ ବିରୋଧୀ ଦଳ ସମାଲୋଚନା କରିଛି। ଅପରାଧର ତଦନ୍ତ ପାଇଁ ସିବିଆଇ ରହିଛି, ଟ୍ରେନ୍ ଦୁର୍ଘଟଣା ପାଇଁ ନୁହେଁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ପ୍ରଯୁକ୍ତି, ଅନୁଷ୍ଠାନଗତ ଏବଂ ରାଜନୈତିକ ବିଫଳତାର ତଦନ୍ତ ଦାୟିତ୍ୱ ସିବିଆଇ ଉପରେ ନ୍ୟସ୍ତ କରାଯାଇପାରିବ ନାହିଁ ବୋଲି ଖାର୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଜଣାଇଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମସ୍ତ ଫମ୍ପା ସୁରକ୍ଷା ପ୍ରତିଶ୍ରୁତି ଏବେ ପଦାରେ ପଡ଼ିଛି। ସରକାର ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାର ପ୍ରକୃତ କାରଣ ପଦାକୁ ଆଣନ୍ତୁ ବୋଲି ଖାର୍ଗେ ଦାବି କରିଛନ୍ତି।




# ରେଳ ଦୁର୍ଘଟଣା କାରଣ ଖୋଜା ସରୁନି

## ୨ ଡ୍ରାଇଭର, ଜଣେ ଗାର୍ଡଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ବୟାନ ରେକର୍ଡ

**ଭୁବନେଶ୍ୱର, ୫।୬(ବ୍ୟୁରୋ)**

ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧକରି ରଖିଥିବା ବେଳେ ଏହାକୁ ନେଇ ତଦନ୍ତ ପ୍ରକ୍ରିୟା ଜୋର୍‌ଦାର କରାଯାଇଥିବା କଥା କୁହାଯାଉଛି। ଦୁର୍ଘଟଣା ଘଟିବାର ମୂଳ କାରଣ କ'ଣ ସେନେଇ ବିଭିନ୍ନ ପର୍ଯ୍ୟାୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କଠାରୁ ଆରମ୍ଭକରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ଏକାଧିକ ଥର ସମୀକ୍ଷା ବୈଠକ କରିସାରିଲେଣି। ସୋମବାର ମଧ୍ୟ ୩ କେନ୍ଦ୍ରମନ୍ତ୍ରୀ ରେଳ ସଦନ ଠାରେ ଏକ ସମୀକ୍ଷା କରିଛନ୍ତି। ଅନ୍ୟପଟେ ଏହି ଦୁର୍ଘଟଣା ବେଳେ ଯେଉଁମାନେ ଲୋକୋ ପାଇଲଟ ଥିଲେ ସେମାନଙ୍କ ବୟାନ ରେକର୍ଡ କରାଯାଇଥିବା ସୂଚନା ଦିଆଯାଇଛି। ବିରୋଧୀ ଏହି ଘଟଣାକୁ ନେଇ ରେଳମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଥିବା ବେଳେ ଏଭଳି ସମ୍ବେଦନଶୀଳ ଘଟଣାରୁ କିପରି ରକ୍ଷା ମିଳିବ ସେନେଇ ସବୁ ପ୍ରକାର ଉଦ୍ୟମ ଆରମ୍ଭ ହୋଇଯାଇଛି।

ତେବେ ୩ କେନ୍ଦ୍ରମନ୍ତ୍ରୀ ରେଳ ସଦନଠାରେ କରିଥିବା ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବୈଷ୍ଣବ କହିଛନ୍ତି, ସବୁ ପ୍ରକାର ପୁନରୁଦ୍ଧାର କାର୍ଯ୍ୟ ଶେଷହେବା ପରେ ଦୁର୍ଘଟଣାଗ୍ରସ୍ତ ଅଞ୍ଚଳ ଦେଇ ପାଖାପାଖି ୬୦ରୁ ୭୦ ଟ୍ରେନ୍ ଚାଲିଲାଣି। ଏହାସହ ରେଲୱେ ସମ୍ପୂର୍ଣ୍ଣ ପ୍ରୟାସ କରୁଛି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ବିହାରରେ ଯେଉଁ ରେଳ କର୍ମଚାରୀ ଅଛନ୍ତି ସେମାନେ ମୃତଯାତ୍ରୀଙ୍କ ପରିବାର ସହ ଯୋଗାଯୋଗ କରି ମରଶରୀରକୁ ହସ୍ତାନ୍ତର କରିବା କାମ କରିବେ। ଏହାସହ ଏଠାରେ ଏମ୍‌ସ ଏବଂ ଅନ୍ୟ ହସ୍ପିଟାଲରେ ମଧ୍ୟ ମୃତଶରୀର ରଖିବା ଲାଗି ସାଇଣ୍ଟିଫିକ୍ ବ୍ୟବସ୍ଥା ରହିଛି। ଯେଉଁ ପରିବାର ଆସି ପହଞ୍ଚୁଛନ୍ତି ସେମାନେ ମୃତ ଶରୀର ନେଇଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ପ୍ରତ୍ୟେକ ଲୋକଙ୍କ ପାଖରେ ନ ପହଞ୍ଚିବା ପର୍ଯ୍ୟନ୍ତ ପ୍ରୟାସ ଜାରି ରହିବ ବୋଲି ବୈଷ୍ଣବ କହିଛନ୍ତି। ତଦନ୍ତ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥାରେ ଚାଲିଛି। ସିସିଆର୍, ସିସିଆର୍‌ଏସ୍ ଏବଂ ସିବିଆଇ ତଦନ୍ତ ସେମାନଙ୍କ ବାଟରେ ଚାଲିଛି ବୋଲି ସେ କହିଛନ୍ତି।

ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣା ପ୍ରତ୍ୟକ୍ଷଦର୍ଶୀ ତଥା କରମଣ୍ଡଳ ଏକ୍ସପ୍ରେସ୍‌ର ୨ ଆହତ ଲୋକୋ ପାଇଲଟ୍ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏନେଇ ସୋମବାର ଦକ୍ଷିଣ-ପୂର୍ବ ରେଲୱେ ସିପିଆର୍‌ଓ ଆଦିତ୍ୟ ଚୌଧୁରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦୁର୍ଘଟଣାରେ ଲୋକୋ ପାଇଲଟ ଗୁଣନିଧି ମହାନ୍ତି ଓ

> ■ ରେଳ ସଦନଠାରେ ସମୀକ୍ଷାକଲେ ୩ କେନ୍ଦ୍ରମନ୍ତ୍ରୀ
> ■ ମୃତଶରୀର ସେମାନଙ୍କ ପରିବାର ପାଖରେ ପହଞ୍ଚାଇବା ମୂଳ କାମ: ବୈଷ୍ଣବ
> ■ ସୁସ୍ଥ ହେଉଛନ୍ତି ୨ ଲୋକୋ ପାଇଲଟ୍

ଜଣେ ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ ହଜାରୀ ବେହେରା ଗୁରୁତର ହୋଇଥିଲେ। ଲୋକୋ ପାଇଲଟ୍‌ଙ୍କ ଅବସ୍ଥା ଭଲ ଥିବାରୁ ଏବେ ସେ ଆଇସିୟୁରୁ ୱାର୍ଡକୁ ସ୍ଥାନାନ୍ତର ହୋଇସାରିଛନ୍ତି। ତେବେ ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍‌ଙ୍କ ଶରୀରରେ ବହୁ ଗୁରୁତର ଆଘାତ ଲାଗିଥିବାରୁ ଅପରେଶନ ହେବାର ଥିଲା। ଅପରେଶନ ପରେ ସେ ୱାର୍ଡକୁ ଆସିବେ। ଆଜି ଏହି ଅପରେଶନ ସରିବ। ଉଭୟ ଲୋକୋ ପାଇଲଟ ଓ ଗାର୍ଡ ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି। ୩ ଜଣଙ୍କ ଅବସ୍ଥା ସ୍ଥିର ଅଛି। ଦୁର୍ଘଟଣାଗ୍ରସ୍ତ କରମଣ୍ଡଳର ୨ ଡ୍ରାଇଭର ଓ ଗାର୍ଡଙ୍କ ବୟାନ ରେକର୍ଡ ରେଳ ସୁରକ୍ଷା କମିଶନ କରିଛନ୍ତି। ଏହି ୩ ଜଣଙ୍କ ସହ ଷ୍ଟେଶନରେ କାର୍ଯ୍ୟରତ ଅନ୍ୟମାନଙ୍କ ବୟାନ ମଧ୍ୟ ନିଆଯାଇଛି। ଷ୍ଟେଶନର ମେଣ୍ଟେନର, ପଏଣ୍ଟସ୍‌ମ୍ୟାନଙ୍କ ବୟାନ ରେକର୍ଡ ହୋଇଛି। କରମଣ୍ଡଳ ପାଇଁ ମେନ୍ ଲାଇନ୍‌ରେ ଗ୍ରୀନ୍ ସିଗ୍‌ନାଲ୍ ଥିଲା। ଏବେ ରେଲୱେ ସେଫ୍ଟି କମିଶନର ଓ ସିବିଆଇ ଉଭୟ ତଦନ୍ତ କରିବେ। ଉଭୟଙ୍କ ତଦନ୍ତ ରିପୋର୍ଟ ମିଳିବା ପରେ ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସିପିଆର୍‌ଓ ଜଣାଇଛନ୍ତି। ରେଲୱେ ବୋର୍ଡ ସଦସ୍ୟା ଜୟାବର୍ମା ସିହ୍ନା କହିଛନ୍ତି, ଲୋକୋ ପାଇଲଟ୍‌ଙ୍କ ସହ କଥା ହେବା ବେଳେ ଘଟଣା ସମ୍ପର୍କରେ ଅନେକ କଥା ଜଣାପଡ଼ିଛି। ସେମାନଙ୍କୁ ଯିବା ପାଇଁ ଗ୍ରୀନ୍ ସିଗ୍‌ଲାଲ ମିଳିଥିଲା। ଟ୍ରେନ୍ ଓଭରସ୍ପିଡ୍‌ରେ ମଧ୍ୟ ଯାଉ ନ ଥିଲା। ଲୋକୋ ପାଇଲଟ୍ ଏହା ଜଣାଇଛନ୍ତି। ତେଣୁ ଯେଉଁମାନେ କହୁଛନ୍ତି ରେଡ୍ ସିଗ୍‌ନାଲ ଥିବା ସତ୍ତ୍ୱେ ଟ୍ରେନ୍ ଯାଉଥିଲା ତାହା ଠିକ୍ ନୁହେଁ। ଲୋକଙ୍କ ଜୀବନ ସୁରକ୍ଷାକୁ ଗୁରୁତ୍ୱ ଦେଇ ଟ୍ରେନ୍ ଚାଳକ ଦାୟିତ୍ୱ ତୁଲାଇଥାନ୍ତି। ଟ୍ରେନ୍ କେତେ କିଲୋମିଟର ବେଗରେ ଆସୁଥିଲା ତାହାର ରେକର୍ଡ ମଧ୍ୟ ସଂଗ୍ରହ କରାଯାଇଛି। ଏହି ଟ୍ରେନ୍ ୧୩୦ କି.ମି. ଯାଇପାରିବାର ଅନୁମତି ଥିଲା, ତେଣୁ ଟ୍ରେନ୍ ୧୨୮ କି.ମି. ବେଗରେ ଯାଉଥିଲା ବୋଲି ସେ କହିଛନ୍ତି। ତେଣୁ ୨ ଲୋକୋ ପାଇଲଟ୍ ପୂରା ସୁସ୍ଥ ହେଲା ପରେ ଘଟଣା ଉପରୁ ପରଦା ହଟିବ ବୋଲି କୁହାଯାଉଛି। ସେପଟେ ଦୁର୍ଘଟଣା ପରେ ଲୋକୋ ପାଇଲଟ୍‌ଙ୍କୁ କିପରି ଉଦ୍ଧାର କରାଯାଇଥିଲା ତାହାର ଫଟୋ ସାମ୍ନାକୁ ଆସିଛି।

# ତଦନ୍ତ କଲେ ରେଲୱେ ସେଫ୍ଟି କମିଶନର

**ବାହାନଗା,୫।୬(ଡି.ଏନ.ଏ.)**

ବାହାନଗା ଟ୍ରେନ ଦୁର୍ଘଟଣାର ତଦନ୍ତ ପାଇଁ ଦିଲ୍ଲୀସ୍ଥିତ ରେଲୱେ ସେଫ୍ଟି କମିଶନର (ନିରାପତ୍ତା ଆୟୋଗ) ଶୈଳେଶ କୁମାର ପାଠକ ଓ ଅନ୍ୟ ଅଧିକାରୀମାନେ ସୋମବାର ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସେମାନେ ବାହାନଗା ରେଳ ଷ୍ଟେଶନ, ଷ୍ଟେଶନ ସିଗ୍‌ନାଲ ରୁମ୍ ,କଣ୍ଟ୍ରୋଲ ରୁମ୍ ପ୍ରଭୃତି ବୁଲି ତଦନ୍ତ କରିଥିଲେ। ପ୍ରାଥମିକ ତଦନ୍ତ ରିପୋର୍ଟ ଆସିବା ଲାଗି ସମୟ ଲାଗିବ ବୋଲି ପାଠକ ଗଣମାଧ୍ୟମକୁ କହିଥିଲେ। ତେବେ ଖୁବ୍ ଶୀଘ୍ର ଦୁର୍ଘଟଣାର କାରଣ ଜଣାପଡିବ ଓ ପ୍ରକୃତ ଦୋଷୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ଦିଲ୍ଲୀରୁ ସିଏଫ୍‌ଏସ୍‌ଆଇର ଏକ ୫ ଜଣିଆ ଟିମ୍ ବାହାନଗା ରେଳ ଷ୍ଟେଶନ ଓ ଦୁର୍ଘଟଣାସ୍ଥଳ ସମେତ ଲୁପ ଲାଇନ୍, ଟ୍ରାକ୍ ଓ ବିଦ୍ୟୁତ୍ ଲାଇନ୍ ମରାମତି କାମ ହେଉଥିବା ସ୍ଥାନକୁ ଯାଇ ତଦନ୍ତ କରିଥିଲେ। ଅନ୍ୟପକ୍ଷରେ ଏନ୍‌ଡିଆର୍‌ଏଫ୍ ଟିମ୍, ଜିଆରପିଏଫ୍ ଫୋର୍ସ ଓ ପୋଲିସ୍ ଫୋର୍ସର ସୁରକ୍ଷା ବଳୟରେ ଟ୍ରେନ୍ ଲାଇନ୍ କାମ ଚାଲିଛି। ବିଦ୍ୟୁତ୍ ଲାଇନ ମରାମତି ମଧ୍ୟ ଜୋରଦାର ଚାଲିଛି। ଦୁଇଟି ରେଳ ଲାଇନ୍ କାମ ସରିଥିବା ବେଳେ ଷ୍ଟେଶନ ପୂର୍ବରୁ ଟ୍ରାକ୍ ଲାଇନ୍ ବଦଳାଇବା କାମ ଚାଲିଛି। ଦୁର୍ଘଟଣାର ୬୨ ଘଣ୍ଟା ପରେ ୨ ଓ ୩ନଂ. ଟ୍ରାକ୍‌ରେ ରେଳ ଚଳାଚଳ ସ୍ୱାଭାବିକ ହୋଇଛି। ରବିବାର ରାତି ୯ଟାରେ ପ୍ରଥମେ ପରୀକ୍ଷା ମୂଳକ ଭାବେ ଏକ ମାଲ ବୋଝେଇ ଟ୍ରେନ ୩ ନଂ.ଟ୍ରାକ୍‌ରେ ଚଳାଚଳ କରିଥିଲା। ପରେ ଏକ୍ସପ୍ରେସ ଟ୍ରେନ ଛଡାଯାଇଥିଲା। ୧ ନମ୍ବର ଲାଇନ୍ କାମ ସମେତ ରେଳଧାରଣା ବିଛା ଓ ବିଦ୍ୟୁତ୍ ତାର ଟଣା କାମ ମଙ୍ଗଳବାର ସୁଦ୍ଧା ସରିଲେ ବୁଧବାରଠାରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଘୋଷଣା ଅନୁଯାୟୀ ସମସ୍ତ ଟ୍ରେନ୍ ସ୍ୱାଭାବିକ ଭାବେ ସବୁ ଲାଇନ୍‌ରେ ଚଳାଚଳ କରିବ ବୋଲି କାମ ତଦାରଖ କରୁଥିବା ରେଲୱେ ଅଧିକାରୀମାନେ କହିଛନ୍ତି।



ବାହାନଗା ଷ୍ଟେଶନରେ ସୋମବାର ଏକ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରୁଛି।

> ■ ସ୍ୱାଭାବିକ ହେଲା ରେଳ ଚଳାଚଳ
> ■ ବାହାନଗା ରେଳ ଦୁର୍ଘଟଣା

# ଜିଆର୍‌ପି ଥାନାରେ ମାମଲା

## ବାହାନଗା ରେଳ ଦୁର୍ଘଟଣା

**ବାଲେଶ୍ୱର ଅଫିସ,୫।୬**

ବାହାନଗା ନିକଟରେ ଗତ ୨ ତାରିଖ ସନ୍ଧ୍ୟାରେ ଘଟିଥିବା ଭୟଙ୍କର ରେଳ ଦୁର୍ଘଟଣା ନେଇ ବାଲେଶ୍ୱର ଜିଆର୍‌ପି ଥାନାରେ ଏତଲା ପରେ ମାମଲା ରୁଜୁ ହୋଇଛି। ଜିଆର୍‌ପି ଥାନାର ଏସ୍‌ଆଇ ପପୁ ନାୟକଙ୍କ ପକ୍ଷରୁ ଦିଆଯାଇଥିବା ଏତଲାରେ ରେଲୱେର ଦାୟିତ୍ୱହୀନତା ପାଇଁ ଦୁର୍ଘଟଣା ଘଟିଥିବା ଉଲ୍ଲେଖ କରାଯାଇଛି। ଆଇପିସି ଦଫା ୩୩୭, ୩୩୮, ୩୦୪-କ, ୩୪, ରେଲୱେ ଆକ୍ଟ ୧୫୩, ୧୫୪ ଓ ୧୭୫ରେ ମାମଲା ରୁଜୁ ହୋଇଛି। ଡିଏସ୍‌ପି ରଞ୍ଜିତ ନାୟକଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି।

ଏହି ଭୟାନକ ଦୁର୍ଘଟଣାରେ ରେଲୱେ ବୋର୍ଡ ପକ୍ଷରୁ ସିବିଆଇ ତଦନ୍ତ ସୁପାରିସ୍ ହୋଇଥିବା ବେଳେ ଜିଆରପି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ଅଲୋଚନାର ବିଷୟ ହୋଇଛି। ଅନ୍ୟପକ୍ଷରେ ସୋମବାର ରେଲୱେ ସେଫ୍‌ଟି କମିଶନର ଶୈଳେଶ କୁମାର ପାଠକ ବାହାନଗାରେ ପହଞ୍ଚି ସିଗନାଲ ରୁମ୍ ଓ କଣ୍ଟ୍ରୋଲ ରୁମ୍ ପରିଦର୍ଶନ କରିଛନ୍ତି।

ସେହିପରି ସୁପ୍ରିମ୍‌କୋର୍ଟରେ ଓକିଲାତି କରୁଥିବା ଆଇନଜୀବୀ ବିଶାଳ ତିୱାରି ବାହାନଗା ଟ୍ରେନ ଦୁର୍ଘଟଣାର ତଦନ୍ତ ସର୍ବୋଚ୍ଚ କୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଦ୍ୱାରା କରାଯିବାକୁ ନେଇ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି। ଦୁର୍ଘଟଣାର ତଦନ୍ତ ବ୍ୟତୀତ ରେଳସେବାରେ ଅଟୋମେଟିକ ଟ୍ରେନ ପ୍ରୋଟେକ୍ସନ ବ୍ୟବସ୍ଥା ବା 'କବଚ' ସିଷ୍ଟମକୁ ତ୍ୱରାନ୍ୱିତ ଭିତ୍ତିରେ ସମଗ୍ର ଦେଶର ରେଳ ନେଟ୍‌ୱର୍କରେ କାର୍ଯ୍ୟକାରୀ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନରେ ଦର୍ଶାଯାଇଛି।

DAYANAND INSTITUTE
Dhanupali, Sambalpur- 768005
Helpline- 8763032587, 9938895475, 9437158817
ADMISSION OPEN
NTT- Regular and Distance Mode
Eligibility- +2 & Above (Only Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility- Any Graduate With 40% mark
Affiliated to Utkal University of Culture, Recognized by Govt. of Odisha
OFFICE TIME 8AM TO 1PM
Please visit at – theday.co.in

SMiLE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
• White Phenyle
• Black Phenyle
• Green Phenyle
• Liquid detergent
• Detergent Powder
• Packaging Materials
• Hand Wash
• Dish Wash
• Toilet Cleaner
• Glass Cleaner
• Sanitizer
• Agarbati
Free Training on all products
Other Chemicals
• Bleaching Powder • Alum
• Castic Soda • Acetic Acid
• HCL Acid • Dolomite Powder
• Sulphuric Acid • French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796

# ୨ ଦିନ ପରେ ପୁଅର ମୃତଦେହ ଚିହ୍ନିଲେ ବାପା

**ଭୁବନେଶ୍ୱର,୫।୬(ବ୍ୟୁରୋ)**

ବିହାରର ଉପେନ୍ଦର୍ ରାମ ତାଙ୍କ ୧୭ ବର୍ଷର ପୁଅ ରେତୁଲ ରାମଙ୍କର ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ନେଇ ପୋଲିସଠାରୁ ଖବର ପାଇଥିଲେ। ଏହାପରେ ବିହାରରୁ ପ୍ରାୟ ୮୫୦ କିମି ଯାତ୍ରା କରିବା ପରେ ରବିବାର ଓଡିଶାରେ ପହଞ୍ଚି ପୁଅକୁ ଖୋଜିବା ଆରମ୍ଭ କରିଦେଇଥିଲେ। ଏକ ଭଡା କାରରେ ବାଲେଶ୍ୱରରୁ କଟକର ବିଭିନ୍ନ ହସ୍ପିଟାଲ ବୁଲି ଖୋଜାଖୋଜି କରି କ୍ଲାନ୍ତ ହୋଇପଡିଥିଲେ ମଧ୍ୟ ପୁଅକୁ ନ ପାଇବାରୁ ହତାଶ ହୋଇପଡିଥିଲେ। ଶେଷରେ ସୋମବାର ଭୁବନେଶ୍ୱର ଏମ୍ସରେ ପହଞ୍ଚି ମୃତ ପୁଅର ଫଟୋ ଧରି ଘଣ୍ଟା ଘଣ୍ଟା ବୁଲିବା ପରେ ମଧ୍ୟାହ୍ନରେ ପୁଅର ମୃତଦେହକୁ ଦେଖି ନିଜକୁ ଆଉ ସମ୍ଭାଳି ପାରି ନ ଥିଲେ। ମୁଁ କେବଳ ଶବକୁ ନେଇ ଘରକୁ ଫେରିବାକୁ ଚାହୁଁଛି। ସେ ବହୁତ ଭଲ ପୁଅ ଥିଲା। କିନ୍ତୁ ପରିବାରର ଆର୍ଥିକ ସମସ୍ୟା ଥିବାରୁ ସେ ନିଜ ଇଚ୍ଛାରେ ପାଠପଢା ଛାଡି ପରିବାର ପାଇଁ ଟଙ୍କା ରୋଜଗାର କରିବାକୁ ଚେନ୍ନାଇ ଯାଉଥିଲା। କିନ୍ତୁ ବିଧାତା ଏତେ ନିଷ୍ଠୁର ଯେ ମୋ ପୁଅକୁ ଏତେ କମ୍ ବୟସରେ ଛଡାଇନେଲା ବୋଲି କୋହଭରା କଣ୍ଠରେ ଉପେନ୍ଦର୍ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ପୁଅର ମୃତ୍ୟୁ କଥା ଶୁଣି ତା' ମାଆ ଓ ଭଉଣୀ ଖାଇବାପିଇବା ଛାଡ଼ି ଦେଇଛନ୍ତି। କାନ୍ଦବୋବାଳିରେ ଘର ଫାଟି ପଡୁଛି। ପୁଅର ମୃତ ଶରୀରକୁ ଶୀଘ୍ର ଘରକୁ ନେଇଯିବାକୁ କହୁଛନ୍ତି।

# ପୁଅର କଟାମୁଣ୍ଡ ଦେଖି ଚେତାଶୂନ୍ୟ ମା'

**ଭୁବନେଶ୍ୱର,୫।୬(ବ୍ୟୁରୋ)**

ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ଛାତିଥରା ଟ୍ରେନ୍ ଦୁର୍ଘଟଣା ସାରା ବିଶ୍ୱକୁ ମ୍ରିୟମାଣ କରିଦେଇଛି। ଏହି ଦୁର୍ଘଟଣା ଅନେକ ପରିବାରକୁ ଉଜାଡି ଦେଇଛି। ଇତିମଧ୍ୟରେ ଏହି ଭୟଙ୍କର ଦୁର୍ଘଟଣାକୁ ୪ଦିନ ବିତି ଯାଇଛି। ହେଲେ ଏବେ ବି ସରିନି ମୃତଦେହ ଚିହ୍ନଟ। ସମୟ ଗଡ଼ିବା ସହ ଗୋଟିଏ ଗୋଟିଏ ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସୁଛି। ପୁଅ ମମଜୁର ଅଲ୍ଲୀ ମଣ୍ଡଳଙ୍କ ମୃତଦେହକୁ ୨ ଦିନ ଖୋଜିବା ପରେ ଭୁବନେଶ୍ୱରସ୍ଥିତ ଏମ୍ସରେ ପାଇଥିଲେ ମା' ଜେନିମା ମଣ୍ଡଳ। ହେଲେ ପୁଅର ମୁଣ୍ଡ ଦେହରୁ ଅଲଗା ହୋଇଥିବା ଦେଖିବା ପରେ ଚେତାଶନ୍ୟ ହୋଇଯାଇଥିଲେ। ଭଗବାନ କେତେ ନିଷ୍ଠୁର ହେଲ, ତୁମେ ଶେଷରେ ମୋତେ ପୁଅର ଏଭଳି ଦୃଶ୍ୟ ଦେଖେଇବାର ଥିଲା। ଏପରି କହି ସାଙ୍ଗରେ ଥିବା ଭାଇଙ୍କ ଛାତିରେ ଜୋର୍‌ରେ କାନ୍ଦି ଥିଲେ। ଆଖିର ଛଳ ଛଳ ଲୁହର ଧାର ବୋହି ଆସୁଥିବାବେଳେ ମା' ଜେନିମା କୌଣସି କହିବା ଅବସ୍ଥାରେ ନ ଥିଲେ। ଘର ବିହାରରେ ହୋଇଥିଲାବେଳେ ପୁଅ ମମଜୁର୍ ତିନି ଜଣଙ୍କ ସହ ଟ୍ରେନ୍‌ରେ କେରଳ ଯାଉଥିଲେ। ହେଲେ ଦୁର୍ଘଟଣା ସବୁ ଉଜାଡି ଦେଲା। ସାଙ୍ଗରେ ଥିବା ୨ ଜଣଙ୍କ ମଧ୍ୟରୁ ଜଣଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ଆହତ ହୋଇଥିବା ଅନ୍ୟଜଣଙ୍କଠାରୁ ପୁଅର ମୃତ୍ୟୁ ଖବର ଶୁଣିବା ପରେ ତାଙ୍କ ପାଦତଳୁ ମାଟି ସତେଯେମିତି ଖସି ଯାଇଥିଲା। ପୁଅକୁ ଖୋଜିବାକୁ ଭୁବନେଶ୍ୱର ଆସି ଏମ୍‌ସରେ ଚିହ୍ନଟ କରିବା ପରେ ମୃତଦେହକୁ ଘରକୁ ନେଇଯାଇଛନ୍ତି। ମୃତ ମମଜୁରଙ୍କ ଗୋଟିଏ ୬ ବର୍ଷ ଝିଅ ଓ ଗୋଟିଏ ୭ବର୍ଷର ପୁଅ ଅଛନ୍ତି।

> **ବାପଛେଉଣ୍ଡ ହୋଇଗଲେ ୨ ପିଲା**


ଜେନିମା ମଣ୍ଡଳ

# ରେଳ ଦୁର୍ଘଟଣା, ମୃତାହତଙ୍କୁ ମିଳିଲା ସହାୟତା ରାଶି

**ବାଲେଶ୍ୱର ଅଫିସ,୫।୬**

ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣାରେ ମୃତାହତଙ୍କୁ ରେଳ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିବା ସହାୟତା ରାଶି ପ୍ରଦାନ କରାଯାଇଛି। ସୋମବାର ସୁଦ୍ଧା ମୋଟ୍ ୫୦୨ ଜଣ ମୃତାହତଙ୍କ ପରିବାର ବର୍ଗଙ୍କୁ ୧୩କୋଟି ୩୧ ଲକ୍ଷ ଟଙ୍କାର ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି।

ଟ୍ରେନ୍ ଦୁର୍ଘଟଣା ପରେ ସାମାନ୍ୟ ଆହତଙ୍କୁ ୫୦ ହଜାର ଟଙ୍କା, ଗୁରୁତରଙ୍କୁ ୨ ଲକ୍ଷ ଏବଂ ମୃତକଙ୍କ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଥିଲେ। ସେହି ଅନୁସାରେ ସୋମବାର ସୁଦ୍ଧା ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଖନ୍ତାପଡ଼ା, ସୋର, ଗୋପାଳପୁର, ଭଦ୍ରକ, କଟକ, ଭୁବନେଶ୍ୱର ଡାକ୍ତରଖାନାରେ ଚିକିତ୍ସାଧୀନ ଆହତ ଓ ଗୁରୁତରଙ୍କ ସମେତ ମୃତକଙ୍କ ପରିବାରକୁ ଏହି ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି। ରେଳ ବିଭାଗ ସୂଚନା ଅନୁସାରେ ୨୯୪ ଜଣ ସାମାନ୍ୟ ଆହତ, ୧୧୨ ଜଣ ଗୁରୁତର ଓ ୯୬ ମୃତକଙ୍କ ପରିବାରକୁ ମିଶାଇ ମୋଟ୍ ୫୦୨ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଛି। ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୩୪ଜଣ ସାମାନ୍ୟ ଆହତ ଓ ୪୫ ଜଣ ମୃତକ, ଭଦ୍ରକରେ ୫୪ ଜଣ ସାମାନ୍ୟ ଆହତ, ୪ଜଣ ଗୁରୁତର ଓ ଜଣେ ମୃତକ, କଟକ ବଡ଼ ଡାକ୍ତରଖାନାରେ ୨୮ ଜଣ ସାମାନ୍ୟ ଆହତ ଓ ୧୦୧ ଜଣ ଗୁରୁତର, ଭୁବନେଶ୍ୱରରେ ୪ଜଣ ସାମାନ୍ୟ ଆହତ, ୫ ଗୁରୁତର ଓ ୫୦ ମୃତକଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି।


ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ସହାୟତା ରାଶି ଗ୍ରହଣ କରିଥିବା ଜଣେ ଆହତ।



ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୬ ଜୁନ୍, ୨୦୨୩

ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ– ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ – ସେତିକି ବିକଶିତ ହୋଇଉଠିବ। –ଶ୍ରୀମା




# ଗଙ୍ଗାସାଗର ଯାତ୍ରୀ



ଶୈଳେନ୍ଦ୍ର ଦ୍ୱିବେଦୀ

ବନ୍ଧୁ କହିଲେ, କେବଳ ପଶ୍ଚିମବଙ୍ଗ ନୁହେଁ, ବରଂ ସାରା ଭାରତରେ ଗଙ୍ଗାସାଗର ଏକ ଅପୂର୍ବ ପର୍ଯ୍ୟଟନ ସ୍ଥଳୀ। ସେ ଯାହା କହିଲେ ସେଥିରେ ମୋର ସେଥିରେ କୌଣସି ଆପତ୍ତି ନଥିଲା। ହଁ, ଗଙ୍ଗାସାଗର କେବଳ ପଶ୍ଚିମବଙ୍ଗର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ତଥା ତୀର୍ଥସ୍ଥାନ ନୁହେଁ, ପରମ୍ପରା କ୍ରମରେ ଏହା ଅତି ପବିତ୍ର ତୀର୍ଥ ଭାବରେ ଗଣା। ଏଠି ଅଛି କପିଳ ମୁନିଙ୍କ ପ୍ରାଚୀନ ମନ୍ଦିର, ଯାହା ୪୩୦ ଖ୍ରୀଷ୍ଟାବ୍ଦରେ ନିର୍ମିତ ବୋଲି ବର୍ଣ୍ଣନା ଅଛି। ପ୍ରତି ବର୍ଷ ମକର ସଂକ୍ରାନ୍ତି ଦିନ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ଗଙ୍ଗାସାଗର ମେଳା ବାବଦରେ ମୋର ସାମାନ୍ୟ ଧାରଣା ଥିଲା, ଯଦିଓ ମୁଁ କେବେ ଗଙ୍ଗାସାଗର ଯାଇନଥିଲି। ବନ୍ଧୁ ଯୋଡ଼ିଲେ, କପିଳ ମୁନି ମୋକ୍ଷ ପାଇବା ପରେ ତାଙ୍କ ମା'ଙ୍କୁ କୁଆଡ଼େ ମୁକ୍ତିର ବାଟ ବତେଇଥିଲେ ଏଇଠି ଏବଂ ସେଥିପାଇଁ ଗଙ୍ଗାସାଗର ମୋକ୍ଷର ପରମ ତୀର୍ଥ। ସେ ପୁଣି କହିଲେ, ଜଣେ ଭକ୍ତିଭାବ ନେଇ ଗଙ୍ଗାସାଗର ଆସିନପାରେ, କିନ୍ତୁ ଅନୁପମ ପ୍ରାକୃତିକ ସୌନ୍ଦର୍ଯ୍ୟ, ଖାସ୍ କରି ଏହାର ଚମତ୍କାର ବେଳାଭୂମି ପାଇଁ ଚାରିଆଡୁ ପର୍ଯ୍ୟଟକ ଗଙ୍ଗାସାଗର ଆସନ୍ତି। ମୁଁ କହିଲି, ଶାସ୍ତ୍ରରେ କୁହାଯାଇଛି ମକର ସଂକ୍ରାନ୍ତି ଦିନ ଗଙ୍ଗାସାଗର ବୁଡ଼ ପକାଇଲେ ଯେଉଁ ପୁଣ୍ୟ ମିଳେ ତାହା ଅନ୍ୟଥା ଅସମ୍ଭବ। ଏ କଥା ବି କୁହାଯାଏ ଯେ, 'ସାରେ ତୀରଥ ବାରବାର ଗଙ୍ଗାସାଗର ଏକ ବାର।'

ବନ୍ଧୁ ଗଙ୍ଗାସାଗର ମେଳାରୁ ଫେରିଥିଲେ ଏବଂ ଖୁବ୍ ଉତ୍ସାହିତ ମନେହେଉଥିଲେ। ତାଙ୍କର ଭକ୍ତିଭାବକୁ ନେଇ ମୋର ବିରୋଧ ଅବଶ୍ୟ ନଥିଲା, ତଥାପି ମୁଁ କହିଲି ଗଙ୍ଗାସାଗର ଯାତ୍ରାକୁ ନେଇ ଶ୍ଳେଷାତ୍ମକ ଲଘୁ ଟିପ୍ପଣୀ ମଧ୍ୟ କରାଯାଇଥାଏ। ବନ୍ଧୁ ମୋ ଆଡ଼କୁ ପ୍ରଶ୍ନିଳ ଆଖିରେ ଚାହିଁଲେ। ମୁଁ କହିଲି, ଖବର ଅନୁସାରେ ୨୦୨୩ରେ ଗଙ୍ଗାସାଗର ମେଳାରେ ପହଞ୍ଚିଥିଲେ ପାଖାପାଖି ୩୧ ଲକ୍ଷ ଯାତ୍ରୀ। କୁମ୍ଭମେଳା ପରେ ଗଙ୍ଗାସାଗର ମେଳା ଦ୍ୱିତୀୟ ବୃହତ୍ତମ ମେଳା ଜନସମାଗମ ଦୃଷ୍ଟିରୁ। ଏହା କିପରି ଶୃଙ୍ଖଳିତ ହେବ, ସେଥିପାଇଁ ପଶ୍ଚିମବଙ୍ଗ ସରକାରଙ୍କ ତରଫରୁ ଯଥେଷ୍ଟ ତତ୍ପରତା ପ୍ରକାଶ ପାଇଥାଏ। ତୀର୍ଥସ୍ଥଳକୁ ସଫାସୁତୁରା ରଖିବା ପାଇଁ ଉଦ୍ୟମ କରାଯାଏ। କିନ୍ତୁ ଦୁର୍ଭାଗ୍ୟ, ଏମିତି ହୋଇପାରେ ନାହିଁ। ନିର୍ଦ୍ଧାରିତ ଅବଧି ପରେ ମେଳା ତ ସରିଯାଇଥାଏ, କିନ୍ତୁ ସେ ଅଞ୍ଚଳରେ ପ୍ରଦୂଷଣ ଏତେ ବଢ଼ିଯାଇଥାଏ ଯେ ତାହା ସ୍ୱାଭାବିକ ସ୍ଥିତିକୁ ଆସିବା ପାଇଁ ଦୀର୍ଘ ସମୟ ନିଏ। ଉପକୂଳ ଓ ଜଳପ୍ରଦୂଷଣ ସମ୍ବେଦନଶୀଳ ହୋଇପଡ଼େ। ଏହା ସର୍ବାଧିକ ସେହି ସ୍ଥାନରେ ଲକ୍ଷ୍ୟ କରାଯାଏ, ଯେଉଁଠି ଗଙ୍ଗା ବଙ୍ଗୋପସାଗର ସହିତ ମିଳିତ ହୋଇଛି। ତଥ୍ୟ ଅନୁସାରେ ୧୯୯୦ରେ ସେଠି ବୁଡ଼ ପକେଇଥିଲେ ପ୍ରାୟ ୨ ଲକ୍ଷ ଶ୍ରଦ୍ଧାଳୁ, ଯାହା ୨୦୨୩ରେ ୩୨ ଲକ୍ଷ ପାଖାପାଖି ଥିଲା।



ମାତ୍ର କେଇବର୍ଷ ତଳେ ଏକ ଅଧ୍ୟୟନ ଦର୍ଶାଇଥିଲା ଯେ ମେଳା ଯୋଗୁ ସାଗର ଦୀପ ଭୟଙ୍କର ଜଳ ପ୍ରଦୂଷଣକୁ ସାମ୍ନା କରୁଛି। ମେଳା ଆଗରୁ ବୁଡ଼ ପକେଇଥିବା ଅଂଚଳରେ କୋଲିଫର୍ମ ବ୍ୟାକ୍ଟେରିଆ ୧୦୦ ମିମି ପାଣିରେ ମାତ୍ର ୨୨ ଥିବା ବେଳେ ମେଳା ପରେ ଏହା ପହଞ୍ଚିଥିଲା ୯୧୬୩ରେ। ଏହା ସହିତ ହଇଜା ଓ ଚର୍ମ ରୋଗ ସ୍ଥାନୀୟ ଅଞ୍ଚଳରେ ଖୁବ୍ ବଢ଼ି ଯାଉଥିଲା। ପରିବେଶବିତ୍‌ମାନେ ଚିନ୍ତିତ, ଜଳବାୟୁ ପରିବର୍ତ୍ତନ କାରଣରୁ ସ୍ପର୍ଶକାତର ସ୍ଥିତିରେ ରହିଥିବା ସାଗର ଦୀପ ଉପକୂଳ କ୍ଷୟ, ସାମୁଦ୍ରିକ ଜୁଆର ଓ ସମୁଦ୍ର ପତ୍ତନ ବୃଦ୍ଧି ସହିତ ଯୁଝୁଥିବା ବେଳେ ଗଙ୍ଗାସାଗର ମେଳା ଧର୍ମ ଓ ସଂସ୍କୃତି ନାଁରେ ଏଇ ଦ୍ୱୀପ ସହିତ ଜୈବ ବିବିଧତା ପରିପୂର୍ଣ୍ଣ ସୁନ୍ଦରବନକୁ ମଧ୍ୟ କ୍ଷତି ପହଞ୍ଚାଉଛି। ବନ୍ଧୁଙ୍କୁ ପୁଣି କହିଲି, ଏକ ସର୍ଭେ ଅନୁଯାୟୀ ଭାରତର ସବୁଠୁ ପ୍ରଦୂଷିତ ପର୍ଯ୍ୟଟନ ସ୍ଥଳୀ ମଧ୍ୟରେ ରହିଛି ଆଗ୍ରା, ସିମଳା, ଗୋଆ, ଶ୍ରୀନଗର, ଜୟସାଲମର, ଦାର୍ଜିଲିଂ ଓ ବାରାଣସୀ। ଜଣାପଡ଼ିଛି, ଏ ସବୁ ଜାଗାରେ ପ୍ଲାଷ୍ଟିକ୍ ପ୍ରଦୂଷଣ ଅଧିକ। ବିଶେଷଜ୍ଞମାନେ କହନ୍ତି, ଆମ ଦେଶରେ ପର୍ଯ୍ୟଟନ ଏବଂ ତୀର୍ଥ ଭ୍ରମଣ ପରିପୋଷଣୀୟ ହୋଇ ପାରିନାହିଁ। ଖୁବ୍ କମ୍ ପର୍ଯ୍ୟଟକ ଅଛନ୍ତି ଯିଏ ଭାବନ୍ତି ଯେ ମୋ ପରେ ବି କେହି ଏ ସୁନ୍ଦର ଜାଗାକୁ ଆସିବ, ହୁଏତ ମୋ' ପର ପିଢ଼ି! ଏବଂ ମୋର ଉତ୍ତରଦାୟିତ୍ୱ ରହିଛି ଯେ ପର୍ଯ୍ୟଟନ ସ୍ଥଳକୁ ସଂରକ୍ଷିତ ରଖାଯିବ।

ଭାରତରେ ଏବେ ସବୁଠୁ ଦୟନୀୟ ସ୍ଥିତିରେ ସମୁଦ୍ର ଉପକୂଳ। ଏଣେ କୁହାଗଲାଣି, ଦେଶରେ ମୋଟ ଅଙ୍ଗାରକାମ୍ଳ ଉତ୍ସର୍ଜନର ଅତି କମରେ ୧୦% ପାଇଁ ଦାୟୀ ଆମ ଅପରିପୋଷଣୀୟ ପର୍ଯ୍ୟଟନ। କିଛି ସ୍ଥାନରେ ମୂଳ ଅଧିବାସୀଙ୍କ ଦୁଃସ୍ଥିତି ଜଣକୁ ବିଚଳିତ କରିବ। ଲଦାଖରେ ହାରାହାରି ବାସିନ୍ଦା ଦିନକୁ ୨୫ ଲିଟର ପାଣି ବ୍ୟବହାର କରୁଥିବା ବେଳେ ଭ୍ରମଣରେ ଆସିଥିବା ପର୍ଯ୍ୟଟକମାନେ ହୋଟେଲରେ ବ୍ୟବହାର କରନ୍ତି ଦିନକୁ ପ୍ରାୟ ୧୦୦ ଲିଟର ପାଣି। ଏଠି ଅଛି ୮୮୦ରୁ ଅଧିକ ହୋଟେଲ ଏବଂ ବର୍ଷକୁ ଆସନ୍ତି ଲଦାଖ ବୁଲିବା ପାଇଁ ଅତିକମ୍‌ରେ ୩ ଲକ୍ଷ ପର୍ଯ୍ୟଟକ।

କଥା ପ୍ରସଙ୍ଗରେ ବନ୍ଧୁଙ୍କୁ କହିଲି, ପୃଥିବୀରେ କିଛି ଅର୍ଥନୀତିକୁ ବାଦ୍ ଦେଲେ ଅଧିକାଂଶ କ୍ଷେତ୍ରରେ ସର୍ବସାଧାରଣ ସମ୍ପତ୍ତିର ଯତ୍ନ ନିଆଯାଇ ନଥାଏ। ବାସ୍, ମୁଁ ଭଲ ତ ସବୁ ଭଲ। କେଉଁ ନଈକୂଳ, କେଉଁ ବେଳାଭୂମି ସଫା ରହିବ ତାହା ମୋ କାମ ନୁହେଁ। ମୁଁ କେବଳ ମୋର ଏବଂ ମୋ ପରିବାରର ସ୍ୱାର୍ଥକୁ ଚାହିଁବି। ତେଣିକି ପାର୍କ, ଖେଳପଡିଆ, ଜଳାଶୟ, ନଦୀ ଓ ଜଙ୍ଗଲ ରକ୍ଷା ହେଉ କି ନହେଉ! ଏହାହିଁ କାରଣ ଗଙ୍ଗାସାଗର ମେଳା ପରେ ଗୋଟିଏ ଅତି ସୁନ୍ଦର ପ୍ରାକୃତିକ ଅଞ୍ଚଳ ପରିଣତ ହୋଇସାରିଥାଏ ଆବର୍ଜନା ଗଦାରେ। ପୁଣି କହିଲି, ଶ୍ଳେଷାତ୍ମକ ଅର୍ଥରେ 'ଗଙ୍ଗାସାଗର ଯାତ୍ରୀ' ମଧ୍ୟ ବ୍ୟବହୃତ। ଏମାନେ ଆମ ଜନସଂଖ୍ୟାର ସିଂହଭାଗ ଯେଉଁମାନେ ନିଜ ଚଉହଦିକୁ ବାଦ୍ ଦେଲେ ଅବଶିଷ୍ଟ ପୃଥିବୀ ପାଇଁ ବିଲ୍‌କୁଲ ଚିନ୍ତା କରିନଥା'ନ୍ତି। ପର୍ଯ୍ୟାବରଣବିତ୍‌ମାନେ କୁହନ୍ତି, ଏକାନ୍ତ ସ୍ୱାର୍ଥପର ପ୍ରକୃତିରୁ ଗଣଜୀବନ ଓ ଗଣସମ୍ପଦ ସହିତ ଆମର ଅସମ୍ପୃକ୍ତି ଏମିତି ଏକ ମୋଡ଼ରେ ଆମକୁ ପହଞ୍ଚାଇ ସାରିଛି, ଯେଉଁଠି ପରସ୍ପରର ହାତ ନ ଧରିଲେ ଆଉ ଆମର ତ୍ରାହି ନାହିଁ। ଏହା କେବଳ ପରିବେଶ କ୍ଷେତ୍ରରେ ସୀମିତ ନୁହେଁ, କାରଣ ଆମ ସାମାଜିକ ଜୀବନର ଖଣ୍ଡଗ୍ରାସ ଆରମ୍ଭ ହୋଇ ସାରିଛି। ଅତୀତର ଯୌଥ ପରିବାର ତ ଆଉ ନାହିଁ, ଆମର ଗୋଷ୍ଠୀ ଜୀବନରୁ ଗୁଣାତ୍ମକ ମାନ ଦ୍ରୁତ ହ୍ରାସ ପାଉଛି। ସହଯୋଗ, ସଂଯୋଗ, ସଦିଚ୍ଛା, ସମବେଦନା କ୍ରମେ ଅର୍ଥ ହରାଇ ବସୁଛନ୍ତି। ଆଉ ଯେଉଁ ଅର୍ଥରେ ଆମେ ଜଗତୀକରଣ, ନେଟୱାର୍କିଂ ପରି ଶବ୍ଦ ଉପରକୁ ବ୍ୟବହାର କରୁଛୁ ସେସବୁର ଚେର ଆଦୌ ମଜଭୁତ ନୁହେଁ। ଜଗତ ସହିତ ଅସମ୍ପୃକ୍ତ ରହିବା, ହଲିଲା ପାଣିକୁ ଗୋଡ଼ ନ ବଢ଼େଇବା ଆମ ଭିତରୁ ଅଧିକାଂଶଙ୍କୁ ଗଙ୍ଗାସାଗର ଯାତ୍ରୀରେ ପରିଣତ କରିସାରିଛି।

ମୋ: ୯୪୩୭୧୩୭୦୬୦

# ଜାଟି ଲୋକ



ଦ୍ୱିତୀ ଚନ୍ଦ୍ର ସାହୁ

ସାବିତ୍ରୀ ଅମାବାସ୍ୟା ଦିନ ବଜାର ଟିକେ ଅଧିକ ଭିଡ଼। ଖାଲି ଭିଡ଼ ନୁହେଁ, ଦରଦାମ୍ ମଧ୍ୟ ଟିକେ ଚଢ଼ା। ଦର ଶୁଣି ସତ୍ୟବାନମାନେ ମୁହଁ ଚାହାଁଚାହିଁ ହେବେ ଟିକେ। ପରସ୍ପର ବାଚନିକ ବାର୍ତ୍ତାଳାପ କରିବେ ଓ ଥାଳି ପୂର୍ଣ୍ଣ ଉଦ୍ଦେଶ୍ୟରେ ଜିନିଷ କିଣିବେ। ଏମିତିରେ ଏ ବର୍ଷ ବଜାରରେ ଜାମୁକୋଳି ଟିକେ ଦୁର୍ଲଭ ମନେ ହେଉଥିଲା। ସତ୍ୟବାନମାନେ ସହରର ବିଭିନ୍ନ ଛକ ସବୁ ଖୋଜିବା ପରେ ବି ମିଳିଲା ନାହିଁ। ଏତିକିବେଳେ ଭାରରେ ବୋହି ଜଣେ ଆଦିବାସୀ ଦମ୍ପତି ବଡ଼ ବଡ଼ ଲୋଭିଲା ଜାମୁକୋଳି ଧରି ଆସିଲେ। ନଜରକୁ ଆସୁ ଆସୁ ଦର ବୁଝିଲି। ଡଜନ ଦଶ ଟଙ୍କା। ଅନ୍ୟ ଦରଠାରୁ ମନ୍ଦ କିଛି ନୁହଁ। ତୁରନ୍ତ ବାରଟି ଜାମୁକୋଳି ବାଛି ଧରିଲି। ବାକିସବୁ ଜିନିଷ କିଣା ସରିଥିବାରୁ ଦଶ ଟଙ୍କା ଦେଇ ସେଠାରୁ ଖସିବାକୁ ଉଦ୍ୟମ କଲି। ଏତିକିବେଳେ ଆଉ ଜଣେ ସତ୍ୟବାନ ପହଁଚିଲା। ଦର ଶୁଣି କହିଲା– 'ସୁନା ଆଣିଛୁ କି! ଏମିତି ଦର କହୁଛୁ। ଗୁଟେକୁ ଆଠଣା ଲେଖା ଦେ। ଡଜନ ଛଅ ଟଙ୍କା ଯେ ଚିର୍ଲା ନାଇଁ ମୋ ପାଖେ। ତୋତେ ପାଞ୍ଚ ଟଙ୍କା କା ଦେବି!' ଏତିକି କଥା ଶୁଣି ଆଦିବାସୀ ମହିଳା ଜଣକ ମନାକଲା। ଭାରରେ ବୋହି ଆଣିଥିବା ଆଦିବାସୀ ପୁରୁଷ ଲୋକଟି ହାଲିଆ ହୋଇ ଯାଇଥିବାରୁ ଟିକେ ସାଷ୍ଟାମ ହେଉଥିଲା। ସତ୍ୟବାନ ଜଣକ ଏତିକିବେଳେ ଦି' ଡଜନ କୋଳି ବାଛି ସାରିଥିଲା। ତାରି ହିସାବରେ ଦଶ ଟଙ୍କା ଦେବାକୁ ବାରମ୍ବାର ଉଦ୍ୟମ କରିବା ପରେ ବି ଆଦିବାସୀ ଦମ୍ପତି ମନା କରିଚାଲିଥିଲେ। ଧୀରେ ଧୀରେ ଭିଡ଼ ବଢିବାକୁ ଲାଗିଲା। ଏମିତି ମଣିଷ ସହ ଭେଟ ହେବାରୁ ମନରେ ଅଧିକ ଉତ୍ସୁକତା ବଢ଼ିଗଲା ଓଟିଟିର ସିରିଅଲ ଭଳି। ଯା' ପରେ କ'ଣ କରିବ ଲୋକଟି ଭାବିଲା ବେଳକୁ ଗହଳିର ସୁଯୋଗ ନେଇ ଧୀରେ ସେଠାରୁ ଖସିବାକୁ ଲାଗିଲା। ଏଇ ଚରିତ୍ରର ପରବର୍ତ୍ତୀ କାର୍ଯ୍ୟକ୍ରମ କ'ଣ ହୋଇପାରେ, ସେଇ ଆକର୍ଷଣରେ ତା' ପଛେ ପଛେ ସାମାନ୍ୟ ଦୂରରେ ଥାଇ ଦେଖିବାକୁ ଲାଗିଲି। ତାଳ ବିକୁଥିବା ଅନ୍ୟ ଆଦିବାସୀ ଲୋକଟି ପଛରେ ସେମିତି ପଡ଼ିଗଲା। ଦର କଷାକଷି ଚାଲିଲା। ଅନ୍ୟ ଲୋକ କିଣି ଚାଲି ଯାଉଥିଲେ। ଲୋକଟି କିନ୍ତୁ ନିଜ ଦର ନିକଟରେ ଅଟକିଥିଲା। ଆଉ ସେଇ ଦରରେ ତାଳ କିଣିବା ପାଇଁ ତାଳର ଖରାପ ମାନକୁ ନେଇ ବି ଦି' ପଦ ଶୁଣାଉଥିଲା। ଢେର ସମୟ ଧରି ସେଇଠି ସେମିତି ଅଡ଼ିବସିଥିଲା ଲୋକଟି। ସମୟ ହେତୁ ମୋହ ଭଙ୍ଗ କରି ଘରକୁ ଫେରିବାକୁ ଆରମ୍ଭ କଲାବେଳେ ତାଳ ବିକୁଥିବା ଲୋକଟି ହଠାତ୍ କହିଲା– 'ତୁଇ ବଡ଼ ଜାଟି ଲୁକ ଆଜ୍ଞା! ବିଜାର କରି ପକଉଛୁ। ନବୁ ଯଦି ସିମିତି ନେଇ ଯା' ସିନା ଇଠି ବିଜାର କରୁନା। ମୋର ବେପାର ମାଡ଼ କରୁନା।' ଦେଖିଲି ଲୋକଟି ଅଲାଜୁକ ଭାବେ ଖେଁ ଖେଁ ହସିଲା ଓ ଭଲଲୋକ ଭଳି କହିଲା – 'ନାଇ ନାଇରେ ବାବୁ! ତୋର କଷ୍ଟ ମୋତେ ଲୁଡାନି। ମୋର ହିସାବକୁ ହେଟି ତୋର ଦଶ ଟଙ୍କା ନେ।' ଯା'ପରେ ବିକ୍ରେତା ବିରକ୍ତ ହୋଇ କହିଲା– 'ଯେତେ ଦେଉଛୁ ଦେଲୁ ଦେଲୁ ଆଜ୍ଞା! ବେଇଗି ଇଠୁ ପଳା।' ସେଇ ଜାଟି ଲୋକ ବିଷୟରେ ଆଉ ଅଧିକ ଜାଣିବାର ଆଗ୍ରହ ନଥିଲା। ଗାଡ଼ି ନିକଟକୁ ଆସି ଘରକୁ ଫେରିବାକୁ ଲାଗିଲି।



ସମାଜରେ ଏମିତି ବହୁ ଜାଟି ଲୋକ ଅଛନ୍ତି। ଅନେକ ସମୟରେ ନିଜର ମାନ ମହତକୁ ବଳି ପକେଇ ଦିଅନ୍ତି ପଛେ ପିଛା ଛାଡ଼ନ୍ତିନି। ଏମାନଙ୍କ ପାଇଁ ଇପ୍ସିତ ଜିନିଷ ବା କାର୍ଯ୍ୟ ହାସଲ ସବୁଠୁ ପ୍ରଧାନ ପ୍ରସଙ୍ଗ। ବାକି ସବୁ ଗୌଣ। ଇପ୍ସିତ ବସ୍ତୁଟିକୁ ହାସଲ କରିବା ଲାଗି ସବୁ ସ୍ତରକୁ ଓହ୍ଲେଇ ପାରନ୍ତି। ଏମିତି ମଣିଷ ହାବୁଡ଼ରେ ଥରେ ପଡ଼ିଗଲେ ଆପଣ ନିଜକୁ ନିଜେ ବିରକ୍ତ ହୋଇଯିବେ। ସେଇ ଜାଟି ମଣିଷକୁ ଯେତେ ଯାହା କହିଲେ ବି କିଛି ଫରକ ପଡ଼ିବନି। ସେପଟୁ କିଛି ପ୍ରତ୍ୟୁତ୍ତର ପାଇବେନି। ସେଇ ସେଇ ପୁରୁଣା ଡାଏଲଗ ତା'ଠାରୁ ଶୁଣିବେ ହିଁ ଶୁଣିବେ। ଗାଳିମନ୍ଦ କଲେ ଚିରାଚରିତ ଢଙ୍ଗରେ ଖେଁ ଖେଁ ହୋଇ ଦାନ୍ତ ଦେଖେଇବେ। ଏମିତିରେ ସେମାନେ ପ୍ରତିପକ୍ଷକୁ ଜଣାଇବାକୁ ଚାହିଁବେ ଯେ ମହାଶୟ! ଆପଣ ଯେତେ ଯାହା କହିଲେ ବି ମୋତେ କିଛି ପ୍ରଭାବ ପଡ଼ିବାର ନାହିଁ। ମୋର ଚର୍ମ ଗଣ୍ଡା ଚର୍ମଠାରୁ ବଳି ବଧିରା। ଆପଣଙ୍କ ଏଇ ସାମାନ୍ୟ ଆଘାତଭରା କଥା ଫୁଲ ପରି ଲାଗିବ। ଜାଟି ମଣିଷର ଏମିତି ଅଲାଜୁକି ପ୍ରତିକ୍ରିୟାରେ ଏପଟର ମଣିଷ ଭିତରେ ଲାଜ ଜଡ଼ସଡ଼ ହୋଇଯିବ। ଧୀରେ ଧୀରେ ନିଜକୁ ନିଜେ ଖରାପ ଭାବିବା ଆରମ୍ଭ କରିବେ। ସେଇ ଲୋକଟିଠାରୁ ଯେତେ ଜଲ୍‌ଦି ନିଜକୁ ମୁକ୍ତ କରି ଶାନ୍ତିରେ ନିଃଶ୍ୱାସ ମାରିବାକୁ ହାଇଁପାଇଁ ହେବେ। ଅଗତ୍ୟା ନିଜ ମାନ ମହତକୁ ଦେଖି ତାରି କାମଟିକୁ ଜଲ୍‌ଦି ତୁଟେଇ ବିଦା କରିବାକୁ ଆଗ୍ରହ ପ୍ରକାଶ କରିବେ। ଜାଟି ମଣିଷମାନେ ଭାରି ଚାଲାଖ। ସେମାନେ ଜାଣନ୍ତି ବ୍ୟସ୍ତବହୁଳ ଦୁନିଆରେ ଏଇଭଳି ଜୀବମାନଙ୍କ କଥା କିଏ ମନେରଖିବେ। ଟିକେ ସମୟ ପାଇଁ ହେଉ ପଛେ ସବୁ କିଛି ସହିଗଲେ କାମଟା ହାସଲ ସମ୍ଭବ ହୋଇପାରିବ। ସେଇକ୍ରମରେ ଗାଳିଫଜତି ସବୁକୁ ଉଦରସ୍ଥ କରି ଖାଲି ଦାନ୍ତ ନିକୁଟି ଅଭିନୟ କରି ଚାଲିଲେ ହେଲା। ସମୟେ ସମୟେ ତାରି ଭଳି ବେହିଆ ଲୋକ ପାଖରେ ପଡ଼ିଗଲେ ପ୍ରସଙ୍ଗ ଆହୁରି ଅଧିକ ଜମିଯାଏ। ଅନ୍ୟକୁ ଦେଖାଇ ଦେଖାଇ ଜାଟି ମଣିଷ ଉଦ୍ଦେଶ୍ୟରେ ଯେତେ ବକବାସ କଥା ଶୁଣାଇଲେ ବି ତଥାପି ତା'ର କିଛି ଫରକ ପଡ଼େନି। ତୁ ତ ମୂତୁରୀ ମୁଁ ତ ମୂତୁରୀ ହେଁସ କି ପାଇଁ ଲୋଡ଼ା ନ୍ୟାୟରେ ସବୁ କଥା ଲଥାକୁ ଆତ୍ମସ୍ଥ କରିପକାଏ ସହଜରେ ସେ। ବିଶେଷକରି ଅର୍ଥ ଓ କ୍ଷମତା ହାସଲ ପାଇଁ ଅଧିକତର ଲୋକ ଜାଟି ମଣିଷ ହୋଇଯାଆନ୍ତି ସହଜରେ। ସେଇ ମଣିଷକୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲେ। ପରିବାର ଲୋକେ ବାହାରେ ମୁହଁ ଦେଖାଇବାକୁ ସହଜ ମଣନ୍ତି ନାହିଁ। କିନ୍ତୁ ଜାଟି ମଣିଷ ବେଶ ଫୁର୍ତ୍ତିରେ ଥାଏ।

ବାସ୍ତବରେ ଏମାନେ ନିଜେ ଗୋଟେ ଅଡୁଆ ସୂତା। ସୂତାର ଗଣ୍ଠି କେଉଁଠି ନିଜେ ଜାଣିଥା'ନ୍ତି, ଅଥଚ ସୂତାକୁ ଅଡୁଆ କରି ବାହାରକୁ ଫିଙ୍ଗି ଦିଅନ୍ତି। ସେଥିରେ ଫସିଥିବା ମଣିଷର କଷ୍ଟକୁ ଦେଖି ଖୁସି ହୁଅନ୍ତି। ମଣିଷ ଥରେ ଜାଟି ହୋଇଗଲେ ବାକି ମଣିଷକୁ ସେମିତି ଜାଟି ମଣିଷ କରିବାକୁ ଚେଷ୍ଟା କରନ୍ତି। କାରଣ ଗୁହରେ ପଡ଼ିଥିବା ପଇସାକୁ ଦାନ୍ତରେ କାଢ଼ିବାକୁ ବାଧା ନଥିବା ଏମିତିଆ ଜାଟି ମଣିଷ ପାଇଁ ବାକିସବୁ ଅତି ମାମୁଲି। ସେମାନେ ଅନ୍ୟ ପାଇଁ ବିରକ୍ତକର ହୋଇପାରନ୍ତି ଓ ଅନ୍ୟକୁ ସହଜରେ ବିରକ୍ତ କରିପାରନ୍ତି। ଜାଟି ମଣିଷ ଆଦୌ ସହଜ ଓ ସରଳ ନୁହନ୍ତି। ବରଂ ଭାରି ଖଳ ଓ କୁଟିଳ। ଅତଃ ସାବଧାନ!

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୯୦୯୬୭୧

# ଯୁବସମାଜ ଓ ସାମାଜିକ ଗଣମାଧ୍ୟମ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଯୁବସମାଜ ସର୍ବଦା ପରିବର୍ତ୍ତନ ଏବଂ ନୂତନତାକୁ ଆପଣେଇ ନେବାରେ ସିଦ୍ଧହସ୍ତ। ବିଗତ ଦୁଇ ଦଶନ୍ଧି ଧରି ଏଭଳି ଏକ ନୂତନତା ଆମ ସମସ୍ତଙ୍କ ଦୈନନ୍ଦିନ ଜୀବନରେ ପ୍ରବେଶ କରିଯାଇଛି, ଯାହାକୁ ବ୍ୟବହାର ନ କରି ଆମ ଯୁବସମାଜ ଦିନେ କ'ଣ ମୁହୂର୍ତ୍ତେ ମଧ୍ୟ ରହିପାରିବ ନାହିଁ। ହଁ, ସେ ହେଉଛି 'ସୋସିଆଲ ମିଡିଆ' (ସାମାଜିକ ଗଣମାଧ୍ୟମ)। ଏହା ଆମ ଯୁବପିଢ଼ିଙ୍କୁ ବହୁତ ପ୍ରଭାବିତ କରିଛି। ସବୁ ଜିନିଷ ଭଳି ସୋସିଆଲ ମିଡିଆର ମଧ୍ୟ ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ରହିଛି। ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି ଏହାର ମାତ୍ରାଧିକ ବ୍ୟବହାର ଶାରୀରିକ, ମାନସିକ ଭାବରେ କ୍ଷତି ପହଞ୍ଚାଉଛି ଜାଣି ସୁଦ୍ଧା ଏହାକୁ ଦୂରେଇଦେବା ସେମାନଙ୍କ ପକ୍ଷରେ ଅସମ୍ଭବ।

ତେବେ ସୋସିଆଲ ମିଡିଆର ସଦ୍‌ବ୍ୟବହାର ହେଉଥିବା କିଛି ବିଷୟବସ୍ତୁ ଉପରେ ଆଲୋକପାତ କରାଯାଉ। ଏହା ବର୍ତ୍ତମାନର ଯୁବବର୍ଗଙ୍କୁ ଦେଶବିଦେଶରେ ଘଟିଯାଉଥିବା ଘଟଣା ସହିତ ପରିଚିତ କରାଏ। ଭୌତିକ ଭାବରେ ସବୁ ସ୍ଥାନରେ ଉପସ୍ଥିତ ନ ହୋଇ ମଧ୍ୟ ସେମାନେ ଅନେକ ଲୋକଙ୍କ ସହିତ ମିଶିପାରୁଛନ୍ତି ଏବଂ ଆଧୁନିକତା ସହିତ ତାଳ ମିଳେଇ ଚାଲିପାରୁଛନ୍ତି। ମାତ୍ର ଗୋଟିଏ ବଟନ ସାହାଯ୍ୟରେ ପୃଥିବୀର କୋଣ ଅନୁକୋଣରେ ଥିବା ଲୋକଙ୍କ ସହିତ ବନ୍ଧୁତା ସ୍ଥାପନ କରିବା ସମ୍ଭବ ହେଉଛି। ଲକ୍ଷ ଲକ୍ଷ କିଲୋମିଟର ଦୂରତା ଉପରେ ସେତୁଭଳି କାମକରି ଏହା ଦ୍ୱାରା ପରସ୍ପର ସମ୍ପର୍କକୁ ଶକ୍ତିଶାଳୀ ଏବଂ ଅତୁଟ ରଖାଯାଇପାରିଛି। ଅଧିକରୁ ଅଧିକ ନିଯୁକ୍ତିର ସୁଯୋଗ ଓ ସୁବିଧା ଫଳରେ ଯୁବସମାଜ ମଧ୍ୟରେ ବେକାରି ସମସ୍ୟା ଦୂରୀଭୂତ ହୋଇପାରୁଛି। ନିଜକୁ ପ୍ରକାଶ କରିବାର ସବୁଠାରୁ ବଳିଷ୍ଠ ମାଧ୍ୟମ ହେଉଛି ସୋସିଆଲ ମିଡିଆ। ଏହା ସହିତ ବ୍ୟବସାୟ, ବିଜ୍ଞାପନ, କିଣାବିକାରେ ସୁବିଧା ଏବଂ ରୋଜଗାର ପାଇଁ ମଧ୍ୟ ଏହା ସୁଯୋଗ ଯୋଗାଇ ଦେଉଛି। ଆଗେ ଖବର ଜାଣିବା ପାଇଁ ଲୋକେ ଖବରକାଗଜ ପଢୁଥିଲେ, କିନ୍ତୁ ଏବେ ଏହା ସହଜରେ ସୋସିଆଲ ମିଡିଆରେ ମିଳିଯାଉଛି। ଅଳ୍ପ ସମୟ ଭିତରେ ବହୁତ ଖବର ପାଇପାରୁଥିବାରୁ ପୃଥିବୀର ୫୦% ଲୋକ ସୋସିଆଲ ମିଡିଆରୁ ହିଁ ଖବର ପଢ଼ିଥାନ୍ତି।

ଏବେ ସୋସିଆଲ ମିଡିଆର ଆପତ୍ତିଜନକ ଦିଗ ବିଷୟରେ ଉଲ୍ଲେଖ କରାଯାଉ। ଦୁନିଆଯାକର ଲୋକଙ୍କ ସହିତ ଅତି ସହଜରେ ଯୋଡ଼ି ଦେଉଥିବା ସୋସିଆଲ ମିଡିଆ ବ୍ୟକ୍ତିକୁ ନିଜ ଘରଲୋକଙ୍କଠାରୁ ଦୂରେଇଦେଉଛି। ଆମ ଯୁବସମାଜ ଖାଲି ପରିବାର ନୁହେଁ ପାଠ, ଖେଳକୁଦ ଆଦି ପ୍ରତି ଅମନଯୋଗୀ ହେଉଛନ୍ତି। ଧୀରେ ଧୀରେ ଏହାର ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ଆବେଗାତ୍ମକ କୁପ୍ରଭାବ ଯୁବପିଢ଼ିଙ୍କୁ ବିଷାଦ, ବ୍ୟଗ୍ରତା ଏବଂ ଅନ୍ୟାନ୍ୟ ସମସ୍ୟା ମଧ୍ୟକୁ ଠେଲିଦେଉଛି। ଫେସ୍‌ବୁକ, ଟୁଇଟର, ହ୍ୱାଟ୍ସଆପରେ ସଂକ୍ଷେପରେ ଲେଖି ଲେଖି ପିଲାମାନେ ଭାଷାଗତ ଏବଂ ବନାନଗତ ତ୍ରୁଟି କରୁଛନ୍ତି। ନିଜ ସୁବିଧା ଓ କୌତୁକ ପାଇଁ ଗୁଡ଼ାଏ ଇମୋଜି ଓ ଚିହ୍ନର ବ୍ୟବହାର ଦ୍ୱାରା ଭାଷାର ପ୍ରକୃତ ବ୍ୟବହାର ନ ହୋଇ ଅନେକ ଅପଶବ୍ଦ ଦ୍ୱାରା ଭାଷା କଳୁଷିତ ହେଉଛି।

୧୮ ବର୍ଷରୁ କମ୍ ବୟସ୍କ ପିଲାମାନେ ଅନ୍‌ଲାଇନ ପ୍ରେମ ସମ୍ପର୍କ ରଖି ନାନା ଅସଦାଚରଣର ଶିକାର ହେଉଛନ୍ତି। ଏହା ବ୍ୟତୀତ ସାଇବର କ୍ରାଇମ୍ ମଧ୍ୟ ଏହାର ଏକ ବଡ଼ ବିପଜ୍ଜନକ ପାର୍ଶ୍ୱ। ବ୍ୟକ୍ତିଗତ ଦସ୍ତାବିଜ ଚୋରି, ଆକାଉଣ୍ଟରୁ ଟଙ୍କା ଚୋରି, ନକଲି ପରିଚୟ ସହିତ ଯୌନଶୋଷଣ ଶିକାର ହୋଇ ହଇରାଣ ହେବାର ବି ଅନେକ ନଜିର ରହିଛି। ଅନୁଧାବକମାନେ ଭଲ ଅପେକ୍ଷା ଯୁଦ୍ଧ, ଶତ୍ରୁତା ଏବଂ ହିଂସାତ୍ମକ ଖବରକୁ ବେଶି ପ୍ରୋତ୍ସାହନ ଦେଇ ଆବୃତ୍ତି ଦେଉଛନ୍ତି, ଯାହା ଯୁବଗୋଷ୍ଠୀଙ୍କୁ ମାନସିକ ସ୍ତରରେ ବିକୃତ କରିପାରେ।

ତେଣୁ ପ୍ରତି ଯୁବତୀଯୁବକ ସୋସିଆଲ ମିଡିଆର ସଦ୍‌ଗୁଣ ଓ ବଦ୍‌ଗୁଣ ଉପରେ ବିଚାର କରି ତା'ର ବହୁଳ ବ୍ୟବହାରକୁ ରୋକି ଯେତିକି ଆବଶ୍ୟକ ସେତିକି ହିଁ ବ୍ୟବହାର କରିବାର ସମୟ ଆସିଯାଇଛି। ସେହି ସମୟକୁ ନଷ୍ଟ ନ କରି ଅନ୍ୟ କିଛି ଲାଭଜନକ ବ୍ୟବସାୟ, ଅଧ୍ୟୟନ କିମ୍ବା ଉଚ୍ଚଶିକ୍ଷା ପାଇଁ ବ୍ୟବହାର କରାଯାଇପାରିବ। ପିତାମାତାଙ୍କୁ ଅନୁରୋଧ ସେମାନଙ୍କୁ ଉଚିତ ପରାମର୍ଶ ଏବଂ ଠିକ୍ ମାର୍ଗଦର୍ଶନ କରିବାର ଦାୟିତ୍ୱ ନେବେ। ସାମ୍ପ୍ରତିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ନଜର ଦେଇ ଅଦରକାରୀ, ନକାରାତ୍ମକ ଦିଗକୁ ଅଣଦେଖା କରିବା ପାଇଁ ସତର୍କ କରିବେ। ଆମ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ସୋସିଆଲ ମିଡିଆର ଠିକ୍ ବ୍ୟବହାର ଏବଂ ସଂଶୋଧିତ ତଥ୍ୟକୁ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କଲେ ଯୁବସମାଜ ଅଧିକ ସଜାଗ ହୋଇ ଏହାର ବ୍ୟବହାର କରିବେ ଏବଂ ଶୃଙ୍ଖଳିତ ଜୀବନ ବଞ୍ଚିପାରିବେ ବୋଲି ଆଶା କରାଯାଏ।

ମୋ:୬୩୭୦୫୧୬୪୭୮

## ଏଇ ଭାରତରେ

ଟେକ୍ନୋଲୋଜିର ଏବେ ବ୍ୟାପକ ବିକାଶ ହେଉଛି ଓ ନୂଆ ନୂଆ ଉତ୍ପାଦ ବି ସାମ୍ନାକୁ ଆସୁଛି। ଏଗୁଡ଼ିକର ବ୍ୟବହାର ଯୋଗୁ ବହୁ ବର୍ଜ୍ୟ ବହାରୁଛି, ଯାହା ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ତେବେ ଏଭଳି ସମସ୍ୟା ଦୂର କରିବା ଲାଗି ପୁଣେର ଅନିଶ ମାଲ୍‌ପାନିଙ୍କ ପ୍ରୟାସ ପ୍ରଶଂସନୀୟ। ଇଲେକ୍‌ଟ୍ରୋନିକ୍ସ ବର୍ଜ୍ୟର ସଦୁପଯୋଗ କରି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେ ରିସାଇକେଲ୍ଡ ଚିପ୍ସ ପ୍ୟାକେଟର ଉପଯୋଗ କରି ସନ୍‌ଗ୍ଲାସ୍ ତିଆରି କରୁଛନ୍ତି। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଅନିଶ ତାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା 'ଅକ୍ଷୟ ଲାବ୍' ମାଧ୍ୟମରେ ଏହା କରୁଛନ୍ତି। ସେ ୩ ମାସ ମଧ୍ୟରେ ୫୦୦ ସନ୍‌ଗ୍ଲାସ୍ ବିକ୍ରି କରିଥିଲେ। ଏବେ ସୁଦ୍ଧା ଅନିଶ ୧,୦୦୦ରୁ ଊର୍ଦ୍ଧ୍ୱ ୟୁନିଟ୍ ବିକ୍ରି କରିସାରିଲେଣି। ତାଙ୍କର ଏହି ପଦକ୍ଷେପ ବର୍ଜ୍ୟ ପରିଚାଳନାକୁ ଏକ ନୂଆ ଦିଗ ଦେଖାଇଛି। ତାଙ୍କୁ ଏଥିପାଇଁ ବି ପୁରସ୍କୃତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଜୁନ୍ ୧୯୯୮

- ଶ୍ରୀଲଙ୍କାର ଉତ୍ତରାଞ୍ଚଳ କିଲିନୋଚି ଇଲାକାରେ ସରକାରୀ ସେନା ଏବଂ ଏଲ୍‌ଟିଟିଇ ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ଶତାଧିକ ମୃତ।
- ବିଶିଷ୍ଟ ଉର୍ଦ୍ଦୁ ଲେଖକ ସର୍ଦ୍ଦାର ଅଲ୍ଲୀ ଜାଫ୍ରିଙ୍କୁ ସମ୍ମାନଜନକ ଜ୍ଞାନପୀଠ ପୁରସ୍କାର।
- କୋକେନର ଚୋରା କାରବାର କରୁଥିବା ସନ୍ଦେହରେ ଜର୍ମାନୀର ପୂର୍ବତନ ବିଶ୍ୱ ଏବଂ ୟୁରୋପୀୟ ଚାମ୍ପିୟନ ବକ୍ସର ଭେନେ ଓ୍ୱେଲର ଗିରଫ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 1 | 5 |
| 6 | | | 5 | 8 | | | | 3 |
| 2 | | | | | | | | |
| | 2 | 6 | 1 | | 9 | | | |
| | | | | | 8 | 3 | | |
| | | | | | 5 | 7 | 9 | |
| | | | | | | 5 | 4 | |
| 7 | | | 3 | | | 2 | | |
| 5 | 4 | | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 2 | 7 | 1 | 4 | 6 | 5 | 3 |
| 6 | 5 | 1 | 8 | 9 | 3 | 4 | 7 | 2 |
| 4 | 3 | 7 | 2 | 6 | 5 | 8 | 9 | 1 |
| 1 | 4 | 3 | 6 | 8 | 9 | 7 | 2 | 5 |
| 8 | 6 | 9 | 5 | 2 | 7 | 1 | 3 | 4 |
| 7 | 2 | 5 | 3 | 4 | 1 | 9 | 6 | 8 |
| 2 | 7 | 6 | 1 | 5 | 8 | 3 | 4 | 9 |
| 5 | 1 | 4 | 9 | 3 | 6 | 2 | 8 | 7 |
| 3 | 9 | 8 | 4 | 7 | 2 | 5 | 1 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ହାଇୱେ ପୋଲିସର ବିଚିତ୍ର ନୀତି

ମହାଶୟ,

କ୍ରମବର୍ଦ୍ଧିଷ୍ଣୁ ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ପ୍ରତ୍ୟେକ ବର୍ଷ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଥିଲେ ମଧ୍ୟ ଦୁର୍ଘଟଣା ହ୍ରାସ ବଦଳରେ ବଢ଼ି ବଢ଼ି ଚାଲିଛି। ଏପରିକି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସଡ଼କ ନିରାପତ୍ତା ଉପରେ ଗଠିତ କମିଟି ପକ୍ଷରୁ ଓଡ଼ିଶା ସମେତ ସମସ୍ତ ରାଜ୍ୟକୁ ଜଣାଇ ଦୁର୍ଘଟଣା ହ୍ରାସ କରିବାକୁ କହିଥିଲେ। ଏହାପରେ ମଧ୍ୟ ଦୁର୍ଘଟଣାକୁ ରୋକାଯାଇ ପାରୁନାହିଁ। ଧର୍ମକୁ ଆଖିଠାର ମାରିବା ଭଳି ରାଜପଥରେ ହାଇୱେ ପାଟ୍ରୋଲିଂ ପୋଲିସ ମୁତୟନ କରାଯାଇଥିବାବେଳେ ସେହି ପାଟ୍ରୋଲିଂ ଭ୍ୟାନର କର୍ମଚାରୀମାନେ ଦୁର୍ଘଟଣା ରୋକିବା ଉପରେ ଗୁରୁତ୍ୱ ନ ଦେଇ ଭ୍ୟାନରେ ବସି ସ୍ମାର୍ଟ ଫୋନ୍‌ରେ ସମୟ ଅତିବାହିତ କରୁଛନ୍ତି। ଦୁର୍ଘଟଣା ଘଟିଲେ ଘଟଣାସ୍ଥଳରେ ଉପସ୍ଥିତ ରହି ବାଇକ୍ ଚାଳକଙ୍କ ଉପରେ ନାଲି ଆଖି ଦେଖାଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଢେଙ୍କାନାଳ ସହର ନିକଟ କାମାକ୍ଷା ଛକଠାରେ ଏକ ଦ୍ରୁତଗାମୀ ଟ୍ରକ୍ ଭୁଲ ରାସ୍ତାରେ ଯାଇ ରୋଡ ଡିଭାଇଡର ଉପରେ ଚଢ଼ିଗଲା। ଘଟଣାସ୍ଥଳରେ ହାଇୱେ ପୋଲିସ ପହଞ୍ଚି ନିଜର ପାରିବାପଣିଆ ଦେଖାଇବାକୁ ଯାଇ ଚଳପ୍ରଚଳ କରୁଥିବା ବାଇକ୍‌ଚାଳକ ଓ ଅନ୍ୟ ଛୋଟ ଯାନ ଚାଳକଙ୍କୁ ନାଲିଆଖି ଦେଖାଇ ଚାଲିଲେ। ଏପରିକି ସାମ୍ବାଦିକ ମଧ୍ୟ ବର୍ତ୍ତିଲେ ନାହିଁ। ୫୫ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ରୋକିବା ବଦଳରେ ଚୋରା ଡିଜେଲ ବେପାରୀ ମଦ ବିକ୍ରୟ ଢାବା ଓ ହୋଟେଲରୁ ମାସିକ ବଟି ଆଦାୟରେ ପୋଲିସ ବ୍ୟସ୍ତ। ଏଣୁ ଢେଙ୍କାନାଳରେ ହାଇୱେ ପୋଲିସର ବିଚିତ୍ର ନୀତି ବୋଲି ଚର୍ଚ୍ଚା ହେଉଛି।

–ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବେଳାର ବାଲୁକା ସମ
ଜ୍ଞାନରେଣୁ ଯାଏ କ୍ଷଣେ ଉଡ଼ି
ପଡ଼ିରହେ ବାକି ସବୁ
ଚିରନ୍ତନ ଜଡ଼ତା ଯାବୁଡ଼ି।
(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ରିହାତି ରାଶି ବୃଦ୍ଧି

## ନିଜସ୍ୱ ପାଣ୍ଠିରେ ପ୍ରତିଷ୍ଠା ହୋଇଥିବା ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପଗୁଡ଼ିକ ଯୋଜନାରେ ସାମିଲ

ଭୁବନେଶ୍ୱର,୫।୬(ବ୍ୟୁରୋ)

ରାଜ୍ୟରେ କୃଷି ଉଦ୍ୟୋଗକୁ ପ୍ରୋତ୍ସାହିତକରି ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ସୃଷ୍ଟିକରିବା ଏବଂ ନୂତନ ଉଦ୍ୟୋଗୀ ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାର୍ଗଦର୍ଶିକାରେ ସରଳୀକରଣ କରାଯାଇଛି। କୃଷିକ୍ଷେତ୍ରରେ ଉଦ୍ୟୋଗୀ ସୃଷ୍ଟି ନିମନ୍ତେ ଏହି ଯୋଜନାରେ ଦିଆଯାଉଥିବା ରିହାତି ରାଶିକୁ ସରକାର ବୃଦ୍ଧି କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ନୂତନ ଉଦ୍ୟୋଗୀ ସୃଷ୍ଟିହେବା ସହ କୃଷିକ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ପାଇବ ବୋଲି ସୋମବାର କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ସଂଶୋଧିତ ନିୟମାବଳୀ ଅନୁଯାୟୀ ସର୍ବାଧିକ ସ୍ଥାୟୀ ପୁଞ୍ଜିନିବେଶ ରିହାତିର ୧୦ ବର୍ଷର ଅବଧି ପରେ କୃଷି-ଉଦ୍ୟୋଗୀମାନେ ନୂତନ ପ୍ରକଳ୍ପ ପ୍ରତିଷ୍ଠା କରିପାରିବେ। ନ ହେଲେ ସେମାନେ ବର୍ତ୍ତମାନ ପ୍ରକଳ୍ପର ସମ୍ପ୍ରସାରଣ କିମ୍ବା ନବୀକରଣ ନିମନ୍ତେ କରିଥିବା ପୁଞ୍ଜିନିବେଶ ଉପରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ମିଳୁଥିବା ରିହାତି ପାଇଁ ଆବେଦନ କରିପାରିବେ। ପରିବର୍ତ୍ତିତ ନିୟମାବଳୀ ଅନୁଯାୟୀ ନିଜସ୍ୱ ପାଣ୍ଠିରେ ପ୍ରତିଷ୍ଠା କରାଯାଉଥିବା ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପଗୁଡ଼ିକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସାମିଲ କରାଯାଇଛି। ରାଜସ୍ୱ ବିଭାଗ ଦ୍ୱାରା ସର୍ଭେ ହୋଇ ନ ଥିବା କାରଣରୁ ଭୁଲକ୍ରମେ ଉପଲବ୍ଧ ହେଉ ନ ଥିବା ଜମିରେ ପ୍ରତିଷ୍ଠା ହୋଇଥିବା ଉଦ୍ୟୋଗଗୁଡ଼ିକୁ ମଧ୍ୟ ଯୋଜନା ଅଧୀନରେ ମିଳୁଥିବା ରିହାତି ଓ ସହାୟତା ଯୋଗାଇ ଦିଆଯିବ। ଏଥିସହ ସେରିକଲ୍ଚର ଉଦ୍ୟୋଗଗୁଡ଼ିକୁ ମଧ୍ୟ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି। ଏହା ପୂର୍ବରୁ ଯୋଜନାର ମାର୍ଗଦର୍ଶିକାରେ ସଂଶୋଧନ ଅଣାଯାଇ କୃଷି ଉଦ୍ୟୋଗରେ ସ୍ଥାୟୀ ପୁଞ୍ଜିନିବେଶ ରିହାତି ରାଶି ୫୦ ଲକ୍ଷରୁ କୋଟିଏ ଟଙ୍କାକୁ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ସୁଯୋଗକୁ ଦୃଷ୍ଟିରେ ରଖି ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ସୀମା ୨୦ କୋଟିରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ଯୋଜନାରେ ସମସ୍ତ ବର୍ଗଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ ଟ୍ରାନ୍ସଜେଣ୍ଡରମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ସେମାନଙ୍କୁ ମଧ୍ୟ ୫୦ ପ୍ରତିଶତ ପର୍ଯ୍ୟନ୍ତ ସ୍ଥାୟୀ ପୁଞ୍ଜିନିବେଶ ରିହାତିର ସୁବିଧା ଯୋଗାଇ ଦିଆଯିବ। ଆପିକଲ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସଫଳ ରୂପାୟନ ଫଳରେ ରାଜ୍ୟରେ ଅଦ୍ୟାବଧି ୧୭୦୧ ଗୋଟି କୃଷି ଉଦ୍ୟୋଗୀ ସୃଷ୍ଟି ହୋଇପାରିଛନ୍ତି।

# ଡିପ୍ଲୋମା ନାମଲେଖା ପାଇଁ ଆବେଦନ ତାରିଖରେ ପରିବର୍ତ୍ତନ

ଭୁବନେଶ୍ୱର,୫।୬(ବ୍ୟୁରୋ)

ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ ପଲିଟେକ୍ନିକ କଲେଜରେ ଡିପ୍ଲୋମା ନାମଲେଖା ପାଇଁ ଆବେଦନ ତାରିଖରେ ପରିବର୍ତ୍ତନ କରାଯାଇଛି। ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ(ଡିଟିଇଟି) ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ଆବେଦନ ପ୍ରକ୍ରିୟା ଜାରି ରହିଛି। ଏହି ଆବେଦନ ପ୍ରକ୍ରିୟା ଲାଟେରାଲ ବର୍ଗର ପିଲାଙ୍କ ପାଇଁ ଜୁଲାଇ ୨୦ ଯାଏ ଓ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ଲାଗି ଜୁନ ୧୯ ପର୍ଯ୍ୟନ୍ତ ଚାଲିବ। ସେହିପରି ବିଭିନ୍ନ ପର୍ଯ୍ୟାୟର ନାମଲେଖା ଜୁଲାଇ ଶେଷ ସୁଦ୍ଧା ଶେଷ କରି ଅଗଷ୍ଟରୁ ପିଲାଙ୍କ ପାଠପଢ଼ା ଆରମ୍ଭ ହେବ। ସାମସ୍ ପୋର୍ଟାଲ ଜରିଆରେ ଆବେଦନ ଓ ନାମଲେଖା ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଡିଟିଇଟି ଲକ୍ଷ୍ୟ ରଖିଛି। ତେବେ ସୋମବାର ସନ୍ଧ୍ୟା ୮ଟା ସୁଦ୍ଧା ୪୦ହଜାର ୭୨୦ଜଣ ପଞ୍ଜୀକରଣ କରିଥିବାବେଳେ ୨୫,୦୧୯ ଜଣ ଛାତ୍ରଛାତ୍ରୀ ଦେୟ ପୈଠ କରିଛନ୍ତି। ୧୫୯ଟି ଶିକ୍ଷାନୁଷ୍ଠାନରେ ୭୬ହଜାର ୧୦୯ଟି ସିଟ୍ ଉପଲବ୍ଧ ଥିବା ସାମସ୍ ଦର୍ଶାଉଛି।

# ହାତୀ ଆକ୍ରମଣରେ ଛାତ୍ର ମୃତ

## ମାସକରେ ୧୦ ଜଣଙ୍କ ଜୀବନ ନେଲାଣି ଦନ୍ତା

ଢେଙ୍କାନାଳ ଅଫିସ,୫।୬

ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଶତଜୀ ରେଞ୍ଜ ଆରୁହାଁ ଗ୍ରାମରେ ସୋମବାର ସକାଳେ ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ପପୁ ଓରଫ ଶୁଭଜିତ ମଲ୍ଲିକ(୧୪) ନାମକ ଜଣେ ୯ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଢେଙ୍କାନାଳ ଜିଲ୍ଲାରେ ଗତ ମାସକ ମଧ୍ୟରେ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରତିକାର ପାଇଁ ବନବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ନିହାଲପ୍ରସାଦ ଥାନା ତଳକଣିପୁର ଗ୍ରାମର ସୁବାସ ମଲ୍ଲିକଙ୍କ ଏକମାତ୍ର ପୁଅ ଶୁଭଜିତ ଗଁଦିଆ ଥାନା ବିଧାରପୁର ପଞ୍ଚାୟତ ଆରୁହାଁସ୍ଥିତ ମାମୁଁ ଘରକୁ ଆସିଥିଲେ। ସକାଳେ ଜଣେ ସାଥୀଙ୍କ ସହ ସେ ଘର ନିକଟରେ ଥିବା କାଜୁ ବଗିଚାକୁ ବୁଲିବାକୁ ଯାଇଥିଲେ। ସେଠାରେ କୁରୁହାଁ ବେଳେ ଦନ୍ତାହାତୀ ଆକ୍ରମଣରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଖସି ଆସିଥିବା ସାଥୀ ଏ ନେଇ ଗାଁରେ ଜଣାଇବା ପରେ ଗ୍ରାମୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

**JAGATBANDHU BISWA BHARATI SIKSHYA NIKETAN**
*(TRAINING COLLEGE OF SPECIAL EDUCATION)*
AT/PO- SALEPALI, BLOCK-DEOGAON, DIST.-BALANGIR (ODISHA)-767067
E-mail-sikshyaniketan@yahoo.com, jbbsn.dse@gmail.com, Mob:9438449499 (Principal)
RCI-AYJNISHD-NIEPVD SPECIAL STUDY CENTRE- (D.ED.SE-HI/VI.B.ED.SE-HI/FCED)
**ADMISSION TO DIPLOMA COURSE- D.Ed.SE (H.I./V.I.-2023-24)**
JBBSN invites application for admission to Diploma in Education Special Education (Hearing Impairment/Visual Impairment) - D.Ed.SE(HI/VI) courses for 2023-24 session from eligible candidates having minimum 50% marks in 10+2 exam, from a recognized Board of Education with relaxation of marks and reservation of seats as per the instruction of Central/State Govt. Admission will be made on Merit basis. Application Form available at JBBSN Training College, Salepali from 5 to 30 June 2023 in all working days( 8 am to 11 am).
**Sd./- Principal**

**ଦ.ପୂ. ରେଳପଥ - ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଭିଜନାଲ ରେଲ୍ୱେ ମ୍ୟାନେଜର (ଇଏନ୍‌ଜିଜି.), ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ** ଅନୁଯାୟୀ ଅଟେ: **(୧) ସିକେପି-ସାଉଥ୍-୨୩-୨୪-୧୯ ।** ଡିଇଏନ୍ (ଦକ୍ଷିଣ)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଏଡିଇଏନ୍/ସିବିଏସ୍‌ଏ ସେକ୍ସନରେ **୧୪.୭୬୨ କି.ମି.** ନିମନ୍ତେ ନୂଆ ୬୦ କି.ଗ୍ରା. ୯୦ ୟୁଟିଏସ୍ ରେଳ (ଏଲ୍‌ଡବ୍ଲ୍ୟୁଆର୍) ସମେତ ପିଏସ୍‌ସି ୧୪ ସ୍ଲିପର୍ ଉପରେ ବିଛାଯାଇଥିବା ବିଦ୍ୟମାନ ୬୦ କି.ଗ୍ରା. ୯୦ ୟୁଟିଏସ୍ ରେଳଗୁଡ଼ିକର ଟିଏଫ୍‌ଆର୍ ସହିତ ଥ୍ରୁ ରେଳ ନବୀକରଣ (ପ୍ରାଇମେରି) (୨ୟ କଲ୍) । **ଟେଣ୍ଡର ମୂଲ୍ୟ: ₹୯୧,୦୯,୮୭୮.୫୭; ଇଏମ୍‌ଡି: ₹୧,୮୨,୨୦୦/-, (୨) ସିକେପି-ସାଉଥ୍-୨୩-୨୪-୨୦ ।** ଡିଇଏନ୍ (ଦକ୍ଷିଣ)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଏଡିଇଏନ୍/ଡିପିଏସ୍ ସେକ୍ସନରେ **୧୦.୫୬୫ କି.ମି.** ପାଇଁ ନୂଆ ୬୦ କି.ଗ୍ରା. ୯୦ ୟୁଟିଏସ୍ ରେଳ (ଏଲ୍‌ଡବ୍ଲ୍ୟୁଆର୍) ସମେତ ପିଏସ୍‌ସି ୧୪ ସ୍ଲିପର୍ ଉପରେ ବିଛାଯାଇଥିବା ବିଦ୍ୟମାନ ୬୦ କି.ଗ୍ରା. ୯୦ ୟୁଟିଏସ୍ ରେଳଗୁଡ଼ିକର ଟିଏଫ୍‌ଆର୍ ସହିତ ଥ୍ରୁ ରେଳ ନବୀକରଣ (ପ୍ରାଇମେରି) (୨ୟ କଲ୍) । **ଟେଣ୍ଡର ମୂଲ୍ୟ: ₹୫୫,୧୬,୨୧୫.୧୧; ଇଏମ୍‌ଡି: ₹୧,୧୦,୩୦୦/-, ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦। **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୨୬।୦୬।୨୦୨୩ରିଖ । ଟେଣ୍ଡର **http://www.ireps.gov.in** ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (ପ୍ରାଧିକରଣ- ରେଳପଥ ପରିଷଦର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦) **(PR-249)**



ଜଙ୍ଗଲ ଅଧିକାର ଆଇନର ଠିକ୍ କାର୍ଯ୍ୟକାରିତା ଓ ଜନବିରୋଧୀ ଜଙ୍ଗଲ (ସଂରକ୍ଷଣ) ସଂଶୋଧନ ବିଲ୍-୨୦୨୩କୁ ତୁରନ୍ତ ପ୍ରତ୍ୟାହାର ଦାବିରେ ସୋମବାର ମର୍ଯ୍ୟାଦାର ସହ ବଞ୍ଚିବାର ଅଭିଯାନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆଦିବାସୀ ଏବଂ ପାରମ୍ପରିକ ଜଙ୍ଗଲବାସୀ ମହିଳାଙ୍କ ରାଜ୍ୟସ୍ତରୀୟ ବିକ୍ଷୋଭ।

# ଶହୀଦ ରେଣ୍ଡୋ ମାଝୀଙ୍କ ନାମରେ କଳାହାଣ୍ଡି ମେଡିକାଲ କଲେଜ

## ଚଳିତ ବର୍ଷରୁ ନାମଲେଖା

ଭୁବନେଶ୍ୱର, ୫।୬ (ବ୍ୟୁରୋ)

କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାଠାରେ ସ୍ଥାପିତ ହୋଇଥିବା ମେଡିକାଲ କଲେଜ ଓ ହସ୍ପିଟାଲ ଚଳିତ ଶିକ୍ଷାବର୍ଷରୁ କାର୍ଯ୍ୟକ୍ଷମ ହେବ। ରାଜ୍ୟ ସରକାର ଏହି ମେଡିକାଲ କଲେଜ ଓ ହସ୍ପିଟାଲର ନାମ କଳାହାଣ୍ଡି ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ନେତା ଶହୀଦ ରେଣ୍ଡୋ ମାଝୀଙ୍କ ନାମରେ ନାମିତ କରିଛନ୍ତି। ଏନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ୨୦୨୩-୨୪ ଶିକ୍ଷାବର୍ଷରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୦୦ଟି ଏମ୍‌ବିବିଏସ ସିଟ୍‌ରେ ନାମ ଲେଖା ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କୁ ନାଶନାଲ ମେଡିକାଲ କମିଶନ ଗତ ଏପ୍ରିଲ ୧୧ରେ ଅନୁମତି ଦେଇଛନ୍ତି। ଫଳରେ ରାଜ୍ୟରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, କଳାହାଣ୍ଡି ଜିଲ୍ଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣରେ ମୋଟ ୪୮୧.୦୬କୋଟି ଟଙ୍କା ଖର୍ଚ୍ଚ ହୋଇଛି।

# ବିଶ୍ୱାସ ଜନ୍ମାଇ ୩ କୋଟି ଠକିନେଲେ

ସୁନାବେଡ଼ା,୫।୬(ସ୍ୱ.ପ୍ର.)

କୋରାପୁଟ ଜିଲ୍ଲା ସୁନାବେଡ଼ା ଏଇଏଫ୍ ମାର୍କେଟ ଅଞ୍ଚଳରେ ରହୁଥିବା ଜଣେ ଯୁବକ ସ୍ଥାନୀୟ ଅଞ୍ଚଳ ଲୋକମାନଙ୍କଠାରୁ ପ୍ରାୟ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଧରି ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ କୌଣସି ଏତଲା ହୋଇନାହିଁ। ଘଟଣା ସମ୍ପୃକ୍ତ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ଖବରରୁ ଜଣାପଡ଼ିଛି, ଏଇଏଫ୍ ମାର୍କେଟ ଅଞ୍ଚଳର ଟିଙ୍କିନା ନାୟକ କିଛି ବର୍ଷତଳେ ଦୋକାନଟିଏ କରି ଚଳୁଥିଲେ। ପରେ ସେ ସୁଧ କାରବାର, ଚିଟ୍ ଫଣ୍ଡ କାରବାର କଲେ। ସମୟ କ୍ରମେ ବିଭିନ୍ନ ଅଞ୍ଚଳ ସୁନାବେଡ଼ା ଏଇଏଫ୍ ମାର୍କେଟ, ଡିପି କ୍ୟାମ୍ପ, ଗଞ୍ଜାମ କଲୋନି, ଏନ୍‌ଏସି ମାର୍କେଟ, ସେମିଳିଗୁଡ଼ା ଓ ଦାମନଯୋଡ଼ି ଅଞ୍ଚଳର ବହୁ ଲୋକଙ୍କୁ ଅଧିକ ସୁଧ ଦେବାର ଲୋଭ ଦେଖାଇ ବହୁ ଅର୍ଥ ସଂଗ୍ରହକରି ସୁଧରେ ଲଗାଉଥିଲେ। ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବାକୁ ସେ କରଜ ଆଣିଥିବା ଲୋକଙ୍କୁ ପ୍ରଥମେ ତାଙ୍କ ସୁଧ ଟଙ୍କା ଠିକ୍ ସମୟରେ ପରିଶୋଧକରି ଦେଉଥିଲେ। ଏବେ ଗତ କିଛି ମାସ ହେଲା ଟିଙ୍କିନା ଲୋକଙ୍କୁ ସୁଧ ଟଙ୍କା ଦେଉ ନ ଥିଲେ। ପରେ ସେ ସବୁ ଟଙ୍କା ପ୍ରାୟ ୩ କୋଟି ଧରି ଫେରାର୍ ହୋଇଯାଇଛନ୍ତି। ଟିଙ୍କିନାଙ୍କୁ ଟଙ୍କା ଦେଇଥିବା ଲୋକେ ଥାନାରେ ଅଭିଯୋଗ କରୁ ନ ଥିବାରୁ ପୋଲିସ ମଧ୍ୟ କିଛି ପଦକ୍ଷେପ ନେଉନାହିଁ। ଏହି ଘଟଣା ଉକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଟ୍ରେନ୍ ଦୁର୍ଘଟଣା: ଅନାଥ ପିଲାଙ୍କୁ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ

## ରାଜ୍ୟ ସରକାରଙ୍କୁ ଅନୁରୋଧ କଲେ ଚାଇଲ୍ଡଲାଇନ୍ ଅଧ୍ୟକ୍ଷ

ଭୁବନେଶ୍ୱର,୫।୬(ବ୍ୟୁରୋ)

ବାଲେଶ୍ୱର ଜିଲ୍ଲା ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ଅନେକ ଶିଶୁଙ୍କ ଜୀବନ ଯାଇଛି। ସେହିପରି ମାଆ ଓ ବାପାଙ୍କୁ ହରାଇ ବହୁ ପିଲା ଅନାଥ ହୋଇଯାଇଛନ୍ତି। ଏହି ଅନାଥ ପିଲାମାନଙ୍କୁ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ଭୁବନେଶ୍ୱର ଚାଇଲ୍ଡଲାଇନ୍ ଅଧ୍ୟକ୍ଷ ବେଣୁଧର ସେନାପତି ସୋମବାର ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ବେଣୁଧର କହିଛନ୍ତି, ଏହି ଟ୍ରେନ ଦୁର୍ଘଟଣାରେ ପିଲାମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ବହୁତ ପିଲା ମୃତ୍ୟୁବରଣ କରିଥିବାବେଳେ ଅନେକ ପିଲା ତାଙ୍କ ମାତାପିତାଙ୍କୁ ହରାଇଛନ୍ତି। ଯେଉଁ ପିଲାମାନେ ଚିକିତ୍ସିତ ହେଉଛନ୍ତି, ସେମାନଙ୍କ ପାଇଁ ଔଷଧ ସହ ଆଟେଣ୍ଡାଣ୍ଟଙ୍କ ଆବଶ୍ୟକତା ରହିଛି। ଏହି ଦୁର୍ଘଟଣାରେ ବାପା,ମା'ଙ୍କୁ ହରାଇଥିବା ପିଲାମାନଙ୍କୁ ସରକାରଙ୍କ ଆଶୀର୍ବାଦ ଯୋଜନାରେ ଅନ୍ତର୍ଭୁକ୍ତ କରିଯାଉ। ସେମାନଙ୍କୁ ସିଡବ୍ଲୁସିରେ ହାଜର କରିବା ଦରକାର। ପୀଡ଼ିତ ପିଲାଙ୍କୁ ଗୋଟିଏ ପରିବାର ଯୋଗାଇଦେବାର ଆବଶ୍ୟକତା ରହିଛି। ଏଥିପାଇଁ ଆଡପସନ୍, ପୋଷ୍ଟ କେୟାର, ସ୍ପୋନ୍ସରସିପ୍ ବ୍ୟବସ୍ଥା ରହିଛି। ଆବଶ୍ୟକ ଥିବା ଯୋଜନାଗୁଡ଼ିକୁ ସରକାର ଖୋଲା ରଖନ୍ତୁ। ଫଳରେ ସବୁ ପିଲା ସୁରକ୍ଷା ବଳୟ ଭିତରେ ରହିପାରିବେ ବୋଲି ସେ କହିଛନ୍ତି।

**BALASORE LAW COLLEGE**
O.T. Road, Balasore, Odisha - 756001
(Affiliated to Madhusudan Law University, Cuttack)
**WANTED**
Balasore Law College, Balasore invites applications from the potential candidates to fillup the Regular Vacancy in the subjects of Law with specialisation as Constitutional law, Criminal law, Human Rights, Cyber Law/ Patent & Copy Right, Media Law, Administrative Law, Environmental Law.
**No. of Vacancy :** 07 (Seven)
**Age Limit:** Maximum 32 years as on 30.06.2023.
**Educational Qualification:** A candidate must have 2 years Master in Law with 55% marks from Recognised University. Preference shall be given to the candidates having integrated B.A.,LL.B/B.Sc., LL.B.
**Desirable Qualifications :** LLD/Ph.D./NET/D.Lit qualification.
**Experience:** The Candidates having experience teaching in Law subject will be preferred.
**Salary :** Rs.15,000/- per month with 20% yearly increment.
**Procedure of application :** The applicant will have to apply on Offline only with complete CV, Self attested Certificates, other documents and latest Passport size Photograph should reach to the undersigned on or before 20.06.23. Selected no. of candidates shall be called for interview.
Sd./- Administrative Bursar
Mob.9437267929 Balasore Law College, O.T.Road, Balasore-756001

**FORM NO. 14**
**[See Regulation 33(2)]**
**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No. C/71, Sector-7, CDA, Cuttack-753014**
**DEMAND NOTICE**
**NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961**
**RC/173/2020** **05.06.2023**
**PUNJAB NATIONAL BANK**
**Versus**
**MS A P PLASTIC**
**To,**
**(CD-1) Ms A P Plastic** at Plot No. MIG II 20/5, Housing Board Colony, Chandrasekharpur, Bhubaneswar-751001.
**(CD-2) Pratima Behera,** W/o- Abhaya Kumar Behera, Plot No. 306/183/4145, Patia Station Road (Near HP Petrol Pump), Patia, Bhubaneswar-751021.
This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/375/2016** an amount of **Rs.17,80,857.85 (Rupees Seventeen Lakhs Eighty Thousands Eight Hundred Fifty Seven And Paise Eighty Five Only)** along with pendentellite and future interest @ 10% Simple Interest Yearly w.e.f. **27.05.2016** till realization and costs of **Rs.20,000/- (Rupees Twenty Thousands Only)** has become due against you (Jointly and severally/Fully/Limited).
2. You are hereby directed to pay the above sum within **15 days** of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **01.09.2023** at **10.30 a.m.** for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate/execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.
Given under my hand and the seal of the Tribunal, on this date: **05.06.2023.**
**Sd/- Saroj Kumar Biswal**
**Recovery Officer**
**DEBTS RECOVERY TRIBUNAL, CUTTACK**

**ପୂର୍ବ ତଟ ରେଳପଥ**
ଫାଇଲ୍ ନଂ.DRM/Engg/KUR/23-24/E-Tender/32, ତା.29.05.2023ରିଖ
(1) ଟେଣ୍ଡର ସଂ.eTender-Bridge-KUR-93-2023, ତା.25.05.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(ପୋଲ)/କଟକ-I ଏବଂ କଟକ-II ପରିସୀମା ଅଧୀନସ୍ଥ **30.06.2024** ପର୍ଯ୍ୟନ୍ତ ସମୟାବଧି ନିମନ୍ତେ ଜୋନାଲ (Zonal) ଚୁକ୍ତି (ପୋଲ କାର୍ଯ୍ୟ) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** 110.31 ଲକ୍ଷ, EMD (ଟଙ୍କାରେ) : 2,05,200.00 ।
(2) ଟେଣ୍ଡର ସଂ.eTender-Bridge-KUR-94-2023, ତା.25.05.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(ପୋଲ)/ଭଦ୍ରକ ଏବଂ କେନ୍ଦୁଝରଗଡ଼ ପରିସୀମା ଅଧୀନସ୍ଥ **30.06.2024** ପର୍ଯ୍ୟନ୍ତ ସମୟାବଧି ନିମନ୍ତେ ଜୋନାଲ (Zonal) ଚୁକ୍ତି (ପୋଲ କାର୍ଯ୍ୟ) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** 98.24 ଲକ୍ଷ, EMD (ଟଙ୍କାରେ) : 1,96,500.00 ।
(3) ଟେଣ୍ଡର ସଂ.eTender-Bridge-KUR-95-2023, ତା.25.05.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(ପୋଲ)/ଉତ୍ତର ଏବଂ ଦକ୍ଷିଣ ପରିସୀମା ଅଧୀନସ୍ଥ 30.06.2024 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ ଜୋନାଲ (Zonal) ଚୁକ୍ତି (ପୋଲ କାର୍ଯ୍ୟ) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** 109.09 ଲକ୍ଷ, EMD (ଟଙ୍କାରେ) : 2,04,600.00 ।
(4) ଟେଣ୍ଡର ସଂ.eTender-North-KUR-96-2023, ତା.25.05.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ଉତ୍ତର) ପରିସୀମା ଅଧୀନସ୍ଥ ବାଉଦପୁର-ଭଦ୍ରକ ମଧ୍ୟସ୍ଥ କି.ମି.291/1-5 ଠାରେ ପୋଲ ନଂ.361 (UP) ର ପିଅର୍ସ (Piers) ଏବଂ ଏବୁଟମେଣ୍ଟ (Aboutments)ଗୁଡ଼ିକର ପ୍ରସ୍ତାବିତ ଜ୍ୟାକେଟିଙ୍ଗ୍ ଏବଂ ଅନ୍ୟ ରକ୍ଷଣ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** 238.06 ଲକ୍ଷ, EMD (ଟଙ୍କାରେ) : 2,69,000.00 ।
ଶେଷ ହେବା ଅବଧି : 12(ବାର) ମାସ (କ୍ରମ ସଂ.1,2 ଏବଂ 3 ପାଇଁ) ଏବଂ 10(ଦଶ) ମାସ (କ୍ରମ ସଂ.4 ପାଇଁ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.06.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼
PR-237/O/23-24

# ସାମଗ୍ରିକ ମାନ୍ୟତାରେ ସୋଆ ୨୬, କିଟ୍‌କୁ ୨୯ ର୍‍ୟାଙ୍କ୍

## ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ୍

ଭୁବନେଶ୍ୱର,୫।୬(ବ୍ୟୁରୋ)

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ନ୍ୟାଶନାଲ ଇନଷ୍ଟିଚ୍ୟୁଶନାଲ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱର୍କ (ଏନ୍‌ଆଇଆର୍‌ଏଫ୍) ୨୦୨୩ ପ୍ରକାଶ ପାଇଛି। କେନ୍ଦ୍ର ଶିକ୍ଷା ଓ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରାଜକୁମାର ରଞ୍ଜନ ସିଂହ ସୋମବାର ଏହି ମାନ୍ୟତା ତାଲିକା ଜାରି କରିଛନ୍ତି। ଆଇଆଇଟି ମାଡ୍ରାସ ସାମଗ୍ରିକ ମାନ୍ୟତାରେ ଶୀର୍ଷରେ ରହିଛି। ମେଡିକାଲ କଲେଜ ର୍‍ୟାଙ୍କିଙ୍ଗ୍‌ରେ ଦିଲ୍ଲୀ ଏମ୍ସ ପ୍ରଥମ, ଚଣ୍ଡିଗଡ଼ର ପିଜିଆଇଏମ୍‌ଇଆର୍ ଦ୍ୱିତୀୟ ଏବଂ ଭେଲୋରର ଖ୍ରୀଷ୍ଟିଆନ ମେଡିକାଲ କଲେଜ ତୃତୀୟ ସ୍ଥାନରେ ରହିଛି। ଏହି ତାଲିକାର ଉପବର୍ଗରେ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ, ଶ୍ରେଷ୍ଠ ମହାବିଦ୍ୟାଳୟ ଓ ଶ୍ରେଷ୍ଠ ଇଞ୍ଜିନିୟରିଂ, ମେଡିକାଲ, ଡେଣ୍ଟାଲ, ଆଇନ, ମ୍ୟାନେଜମେଣ୍ଟ ଓ ଫାର୍ମା କଲେଜ ଆଦି ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ରହିଛି। ତେବେ ସାମଗ୍ରିକ ମାନ୍ୟତାର ଶ୍ରେଷ୍ଠ ୧୦୦ ତାଲିକାରେ ଓଡ଼ିଶାର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ଭୁବନେଶ୍ୱର ୨୬ତମ ସ୍ଥାନରେ ଥିବାବେଳେ କିଟ୍ ଭୁବନେଶ୍ୱର ୨୯ତମ ଓ ଏନ୍‌ଆଇଟି ରାଉରକେଲା ୩୬ତମ ଏବଂ ଆଇଆଇଟି ଭୁବନେଶ୍ୱର ୯୧ତମ ସ୍ଥାନରେ ରହିଛି। ବିଶ୍ୱବିଦ୍ୟାଳୟ ବର୍ଗରେ ଶ୍ରେଷ୍ଠ ୧୦୦ ତାଲିକାରେ ସୋଆ ୧୫ତମ ଓ କିଟ୍ ୧୬ତମ ସ୍ଥାନରେ ରହିଛି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟକୁ ୯୩ତମ ର୍‍ୟାଙ୍କ୍ ମିଳିଛି।

ଶ୍ରେଷ୍ଠ ୧୦୦ ଇଞ୍ଜିନିୟରିଂ କଲେଜରେ ଏନ୍‌ଆଇଟି ରାଉରକେଲା ଜାତୀୟସ୍ତରରେ ୧୬ତମ ସ୍ଥାନ ସହ ଓଡ଼ିଶାର ଶ୍ରେଷ୍ଠ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନର ମାନ୍ୟତା ପାଇଛି। ସୋଆ ୨୭ତମ, କିଟ୍ ୩୯ତମ, ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି ୧୦୦ତମ ସ୍ଥାନରେ ରହିଛି। ମ୍ୟାନେଜମେଣ୍ଟ ବର୍ଗରେ ଜାଭିୟର ବିଶ୍ୱବିଦ୍ୟାଳୟ ୪୬ତମ ସ୍ଥାନରେ ରହିଥିବାବେଳେ ସୋଆ ୫୭ତମ, ସମ୍ବଲପୁରସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ୫୮ତମ, କିଟ୍ ୫୯ତମ, ଭୁବନେଶ୍ୱରସ୍ଥିତ ଇଣ୍ଟରନ୍ୟାଶନାଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ୬୭ତମ ସ୍ଥାନରେ ରହିଛି। ଗବେଷଣାତ୍ମକ ଅନୁଷ୍ଠାନ କ୍ଷେତ୍ରରେ ଶ୍ରେଷ୍ଠ ୫୦ ମଧ୍ୟରେ ଏନ୍‌ଆଇଟି ରାଉରକେଲା ୨୯ତମ ସ୍ଥାନରେ, କିଟ୍ ୪୪ତମ ସ୍ଥାନରେ ଏବଂ ସୋଆ ୪୯ତମ ସ୍ଥାନରେ ରହିଛି। ଶ୍ରେଷ୍ଠ ୫୦ ମେଡିକାଲ କଲେଜ ବର୍ଗରେ ସୋଆ ୧୬ତମ ସ୍ଥାନରେ ଥିବାବେଳେ ଭୁବନେଶ୍ୱର ଏମସ୍ ୧୭ତମ ଓ କିଟ୍ ୨୬ତମ ସ୍ଥାନରେ ରହିଛି। ଡେଣ୍ଟାଲ ବର୍ଗରେ ସୋଆକୁ ୯ମ ର୍‍ୟାଙ୍କ୍ ମିଳିଥିବାବେଳେ କିଟ୍ ୨୦ତମ ସ୍ଥାନରେ ରହିଛି। ଆଇନ କ୍ଷେତ୍ରରେ ୮ମ ସ୍ଥାନରେ ସୋଆ ଏବଂ ୩୦ତମ ସ୍ଥାନରେ ନ୍ୟାଶନାଲ ଲ' ୟୁନିଭର୍ସିଟି କଟକ ରହିଛି। ଆର୍କିଟେକ୍ଚର ଆଣ୍ଡ ପ୍ଲାନିଂ ବର୍ଗରେ ଏନ୍‌ଆଇଟି ରାଉରକେଲା ୮ମ ସ୍ଥାନରେ ରହିଛି। କୃଷି ବିଜ୍ଞାନ କ୍ଷେତ୍ରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ୨୨ତମ ସ୍ଥାନରେ ରହିଛି। ଏ ସଂକ୍ରାନ୍ତ ଅଧିକ ତଥ୍ୟ ଅଫିସିଆଲ ୱେବ୍‌ସାଇଟ୍ nirfindia.org୍‌ରେ ଉପଲବ୍ଧ ରହିଛି। ଏହି ମାନ୍ୟତା ଢାଞ୍ଚାରେ ଶିକ୍ଷାଦାନ, ଶିକ୍ଷଣ ଏବଂ ସମ୍ବଳ (ଟିଏଲ୍‌ଆର୍), ଗବେଷଣା ଏବଂ ବୃତ୍ତିଗତ ଅଭ୍ୟାସ (ଆର୍‌ପି), ସ୍ନାତକ ଫଳାଫଳ (ଜିଓ), ଆଉଟରିଚ୍ ଏବଂ ଅନ୍ତର୍ଭୁକ୍ତୀକରଣ (ଓଆଇ) ଏବଂ ଧାରଣା (ପିଆର୍) ଆଦି ମାନଦଣ୍ଡ ଆଧାରରେ ଅନୁଷ୍ଠାନଗୁଡ଼ିକୁ ମାନ୍ୟତା ଓ ତାଲିକାଭୁକ୍ତ କରାଯାଇଛି।

## ୯ଟି ବର୍ଗର ଶ୍ରେଷ୍ଠ ୧୦ରେ ନାହିଁ ଓଡ଼ିଶାର ଶିକ୍ଷାନୁଷ୍ଠାନ

- ଖସିଲା ଉତ୍କଳ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କ୍
- ତାଲିକାରେ ନାହିଁ ରେଭେନ୍‌ଶା, ଫକୀରମୋହନ ବିଶ୍ୱବିଦ୍ୟାଳୟ ନାମ

ଏନ୍‌ଆଇଆର୍‌ଏଫ୍ ତାଲିକାରେ ସାମଗ୍ରିକ ମାନ୍ୟତା, ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ, ଶ୍ରେଷ୍ଠ ମହାବିଦ୍ୟାଳୟ, ଶ୍ରେଷ୍ଠ ଇଞ୍ଜିନିୟରିଂ, ମେଡିକାଲ, ମ୍ୟାନେଜମେଣ୍ଟ, ରିସର୍ଚ୍ଚ, ଫାର୍ମା ଓ କୃଷି କଲେଜ ଆଦି ୯ ଉପବର୍ଗର ଶ୍ରେଷ୍ଠ ୧୦ ମଧ୍ୟରେ ଓଡ଼ିଶାର କୌଣସି ଉଚ୍ଚଶିକ୍ଷାନୁଷ୍ଠାନ ସ୍ଥାନ ପାଇନାହିଁ। ମହାବିଦ୍ୟାଳୟ ବର୍ଗରେ ପ୍ରକାଶ ପାଇଥିବା ଶ୍ରେଷ୍ଠ ୧୦୦ ତାଲିକା ମଧ୍ୟରେ ରାଜ୍ୟର କୌଣସି ସରକାରୀ ବା ଘରୋଇ ଶିକ୍ଷାନୁଷ୍ଠାନର ନାମ ନାହିଁ। ସେହିପରି ନୂତନ ଉଦ୍‌ଭାବନ କ୍ଷେତ୍ରରେ ମଧ୍ୟ ରାଜ୍ୟର କୌଣସି ଶିକ୍ଷାନୁଷ୍ଠାନର ନାମ ସାମିଲ ହୋଇନାହିଁ। ଗତବର୍ଷ ପ୍ରକାଶିତ ତାଲିକାରେ ବିଶ୍ୱବିଦ୍ୟାଳୟ ବର୍ଗରେ ଉତ୍କଳ ବିଶ୍ୱବିଦ୍ୟାଳୟ ୯୦ତମ ସ୍ଥାନରେ ରହିଥିବାବେଳେ ଚଳିତବର୍ଷ ୯୩ତମ ସ୍ଥାନକୁ ଖସି ଆସିଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଭଳି ବଡ଼ ବଡ଼ ଶିକ୍ଷାନୁଷ୍ଠାନ ନାମ ମଧ୍ୟ କୌଣସି ବର୍ଗର ତାଲିକାରେ ନ ଥିବାରୁ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଅନ୍ୟାନ୍ୟ ବର୍ଗରେ ସୋଆ ଓ କିଟ୍ ପରି କେବଳ ଘରୋଇ ଶିକ୍ଷାନୁଷ୍ଠାନ ର୍‍ୟାଙ୍କ୍ ହାସଲ କରିଥିବାବେଳେ ସରକାରୀ ଶିକ୍ଷାନୁଷ୍ଠାନ ଆଦୌ ର୍‍ୟାଙ୍କ ନ ପାଇବା ସମସ୍ତଙ୍କୁ ଚକିତ କରିଛି।

**ODISHA STATE ROAD TRANSPORT CORPORATION**
**Paribahan Bhavan, Sachivalaya Marg, Unit-II, Bhubaneswar - 751009, Odisha, India | Email: - osrtc@nic.in**
**No.137** **Dt.02.06.2023**
**TENDER NOTICE**
**Selection of firms for supply of New Tyres, Tubes, Flaps and Other Store Materials to Central Store, OSRTC, Cuttack**
1. Odisha State Road Transport Corporation (OSRTC) invites application for the above mentioned purpose. Please refer the Tender document for details.
2. The Tender document shall be available from **Dt.05.06.2023** onwards in **www.osrtc.in** web portal. **Further intimation (i.e.,Corrigendum /Addendum/ Responses to the queries /Clarifications) shall be uploaded in the above website only.**
3. Applicants are required to submit duly filled proposal as per the prescribed formats on or before **22.06.2023 by 03:00 PM** in the office the General Manager (A), OSRTC, Bhawan, Bhubaneswar. The proposals received shall be opened at **04:00PM on 22.06.2023.**
4. In case of any queries/ clarifications, applicants may contact **+91-9437358232** or e-mail at **dgmtosrtc@gmail.com.**
5. OSRTC reserves the right to accept or reject Tender process without assigning any reason thereof.
**By order of Chairman-cum- Managing Director**
**General Manager (Admn.)**
**Odisha State Road Transport Corporation**

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ଖଡ଼ିଆଳ,୫।୬(ଡି.ଏନ.ଏ):** ନୂଆପଡା ଜିଲା ଖଡ଼ିଆଳ ଫୋକଟ ପଡ଼ାରେ ରବିବାର ରାତିରେ ଶେଖ ମର୍ତୁଜା ହୁସେନ (୪୫) ନାମକ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ପଶ୍ଚିମବଙ୍ଗ ମେଦିନିପୁରରେ। ସେ ଖଡ଼ିଆଳ ଫୋକଟ ପଡାଠାରେ ଭଡାଘରେ ପରିବାର ସହିତ ରହୁଥିଲେ। ଆର୍ଥିକ ସ୍ଥିତି ଠିକ ନ ଥିବାରୁ ସେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ସେ ଖଡ଼ିଆଳ ଅଞ୍ଚଳରେ ବିଭିନ୍ନ ଗ୍ରାମକୁ ଯାଇ କପଡା ବ୍ୟବସାୟ କରୁଥିବା ଜଣା ପଡ଼ିଛି। ତାଙ୍କର ସ୍ତ୍ରୀ ଓ ଗୋଟିଏ ପୁଅ ଓ ଦୁଇ ଝିଅ ଥିବା ଜଣାପଡ଼ିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ତଦନ୍ତକାରୀ ଅଧିକାରୀ ବଳଭଦ୍ର ନାଏକ ପ୍ରକାଶ କରିଛନ୍ତି।

### ଟାଙ୍ଗିଆ ଚୋଟରେ ଜଣେ ଗୁରୁତର

**ଗୋଲାମୁଣ୍ଡା,୫।୬(ଡି.ଏନ.ଏ.):** ରବିବାର ବିଳମ୍ବିତ ରାତିରେ କେଗାଁ ଥାନା ଅନ୍ତର୍ଗତ ମହାଲିଙ୍ଗ ଗ୍ରାମରେ ଟାଙ୍ଗିଆ ଚୋଟରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ମହାଲିଙ୍ଗ ଗ୍ରାମର ନାରନ କେତକୀଙ୍କ ଟାଙ୍ଗିଆ ଚୋଟରେ ହାଜରୁ କେତକୀ ଗୁରୁତର ହୋଇଛନ୍ତି। ହାଜରୁ ଜଣେ ବୋଲେରୋ ଡ୍ରାଇଭର ହୋଇଥିବାବେଳେ ସେ ରାତିରେ ସାଇକେଲ ଯୋଗେ ନିଜ ଘରକୁ ଫେରୁଥିଲେ। ରାସ୍ତାରେ ପୂର୍ବରୁ ଜଗିଥିବା ନାରନ ହଠାତ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ତେବେ ହାଜରୁ ନିଜ ଜୀବନକୁ ବଞ୍ଚାଇବାକୁ ଯାଇ ବହୁ କଷ୍ଟରେ ପଡୋଶୀ ଘର ଲୋକଙ୍କୁ ଡାକିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଭବାନୀପାଟଣା ଜିଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି। ତେବେ ଏ ସଂକ୍ରାନ୍ତରେ କେଗାଁ ଥାନା ଅଧିକାରୀଙ୍କୁ ପଚରାଯିବାରୁ ସେ କହିଥିଲେ, ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ଥାନାରେ ଏକ ମାମଲା (ନଂ.୯୫/୨୩) ରୁଜୁ ହୋଇଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

### ଅଟୋ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପରିବାରକୁ ଆର୍ଥିକ ସହାୟତା

**କେସିଙ୍ଗା,୫।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ଭମରମାଲ ଗ୍ରାମର ଗୋଟିଏ ପରିବାର ୩ଜଣଙ୍କ ରବିବାର ଅଟୋ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଭମରମାଲ ଗ୍ରାମର ଯଦୁମଣି ବାଗ ଓ ବବ୍ଲୁ ସମ୍ବଲପୁର ନିକଟରେ ଥିବା ଏକ ରାଇସ ମିଲରେ କାମ କରନ୍ତି। ଗତ ୪ତାରିଖରେ ଯଦୁମଣି ଓ ବବ୍ଲୁର ଆଇ ମା' ଘରମଣି ବାଗ(୯୦)ଙ୍କ ମୃତ୍ୟୁହେବାରୁ ଏକ ଅଟୋରେ ସମ୍ବଲପୁର ଷ୍ଟେଶନ ଆସୁଥିଲେ। ଶାସନ ଟୋଲଗେଟ ମଝିରେ ଏକ ହାଇୱା ଗାଡିକୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ଯଦୁମଣି ବାଗଙ୍କ ପୁଅ ବେଣୁଧର, ବବ୍ଲୁ ବାଗଙ୍କ ଝିଅ ପୁନମ, ଆନଶୀ ବାଗଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ବବ୍ଲୁଙ୍କ ସ୍ତ୍ରୀ ବୈଦେହୀ (୩୨)ଅତି ଗୁରୁତର ହେବାରୁ ବୁର୍ଲା ମେଡ଼ିକାଲରେ ଭର୍ତ୍ତିହୋଇ ଚିକିତ୍ସିତ ହେଉଛନ୍ତି। ଏହି ଦୁଃଖଦ ଖବର କେସିଙ୍ଗା ବିଡ଼ିଓ ପ୍ରଫୁଲ୍ଲ କୁମାର ଅଦୁ ଜାଣିଲା ପରେ ପରଲସିଙ୍ଗା ସରପଞ୍ଚ କୃତାଞ୍ଜଳ ଗୌଡ଼, ଜିପିଓ ଜୟନ୍ତ କୁମାର ମୁଣ୍ଡ ଘଟଣାସ୍ଥଳରେ ପହଞ୍ଚି ପରିବାର ବର୍ଗଙ୍କୁ ହାରିଶ୍ଚନ୍ଦ୍ର ଯୋଜନାରୁ ୯ହଜାର ଟଙ୍କା ଆର୍ଥିକ ସହାୟତା କରିଥିଲେ।

### ଜିଲାପାଳଙ୍କ ଜନଶୁଣାଣି ଶିବିର

**ଭବାନୀପାଟଣା,୫।୬(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଭବାନୀପାଟଣା ଉପଜିଲାପାଳ ଡ.ବିଶ୍ୱଜିତ ଦାସଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୧୨୨ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୧୩ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୯ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୨୨ଟି ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ କେସିଙ୍ଗା ବ୍ଲକ ଅନ୍ତର୍ଗତ ଲଇତରା ପଞ୍ଚାୟତର ନିଯ ନାଏକଙ୍କୁ ୫୦୦୦ ଟଙ୍କା ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା।

# କଳାହାଣ୍ଡି ମେଡିକାଲ କଲେଜ ଶହୀଦ ରେଣ୍ଡୋ ମାଝିଙ୍କ ନାମରେ ନାମିତ



ଭବାନୀପାଟଣାରେ ଥିବା ମେଡ଼ିକାଲ କଲେଜ।



ଶହୀଦ ରେଣ୍ଡୋ ମାଝି।

**ଭବାନୀପାଟଣା,୫।୬(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ କଳାହାଣ୍ଡି ମେଡିକାଲ କଲେଜର ନାମକରଣ କଲେ ସରକାର। ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝିଙ୍କ ନାମରେ ନାମିତ ହେଲା ଭବାନୀପାଟଣା ମେଡିକାଲ କଲେଜ। ୪୮୧ କୋଟି ଟଙ୍କା ଖର୍ଚ୍ଚରେ ହୋଇଛି ହସ୍ପିଟାଲ ନିର୍ମାଣ କାର୍ଯ୍ୟ। ଚଳିତ ଶିକ୍ଷାବର୍ଷରୁ ୧୦୦ସିଟ ପାଇଁ ହେବ ନାମଲେଖା। ନାମଲେଖା ପାଇଁ ଏନଏମସିଙ୍କ ଠାରୁ ମିଳିଛି ଅନୁମତି। ରାଜ୍ୟ ସରକାର ରାଜ୍ୟରେ ଏମବିବିଏସ ପାଠ୍ୟକ୍ରମରେ ଶିକ୍ଷାଦାନ ପାଇଁ ୧୦ଟି ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କରିଥିଲେ। ଏହି କ୍ରମରେ ଆଉ ଏକ ମେଡିକାଲ କଲେଜ ଓ ହସ୍ପିଟାଲ କଳାହାଣ୍ଡି ଜିଲାର ଭବାନୀପାଟଣାଠାରେ ଚଳିତ ବର୍ଷଠାରୁ କାର୍ଯ୍ୟକ୍ଷମ ହେବ। ଏହା ଫଳରେ ରାଜ୍ୟରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଗୁଡିକର ସଂଖ୍ୟା ୧୧ରେ ପହଞ୍ଚିବ। ଏହି ମେଡିକାଲ କଲେଜ ଓ ହସ୍ପିଟାଲର ନାମ କଳାହାଣ୍ଡି ଜିଲାର ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲ ରଖାଯାଇଛି। ଶହୀଦ ରେଣ୍ଡୋ ମାଝି ଜଣେ ମହାନ ଆଦିବାସୀ ନେତା ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ। ସ୍ୱାଧୀନତା ସଂଗ୍ରାମ ସମୟରେ ଲୋକଙ୍କ ପାଇଁ ସଂଗ୍ରାମ କରି ସେ ବହୁତ ଦୁଃଖ ଓ ଯନ୍ତ୍ରଣା ଭୋଗିଥିଲେ ଓ ଏଥିପାଇଁ ନିଜ ପ୍ରାଣର ବଳିଦାନ ଦେଇଥିଲେ।

## ଜଳବାୟୁ ପରିବର୍ତ୍ତନ ଚିନ୍ତାଜନକ

**ବେହେରା,୫।୬(ଡି.ଏନ.ଏ.)**

ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଏକ ଚିନ୍ତାର ବିଷୟ ହୋଇଛି। ମଣିଷ ସମାଜ ଏହି ପରିବର୍ତ୍ତନ ପାଇଁ ମୁଖ୍ୟତଃ ଦାୟୀ। ଏଣୁ ବେଳ ଥାଉଥାଉ ଏହାକୁ ମୁକାବିଲା ନ କଲେ ସମଗ୍ର ବିଶ୍ୱ ନାରଖାର ହେବା ସୁନିଶ୍ଚିତ। ସୋମବାର କଳାହାଣ୍ଡି ଜିଲା ଜୟନ୍ତପୁର କନ୍ୟାଶ୍ରମ ପରିସରରେ ରିଲାଏନ୍ସ ଫାଉଣ୍ଡେସନ ଏବଂ କର୍ତ୍ତବ୍ୟ ଅନୁଷ୍ଠାନ ପକ୍ଷରୁ ପାଳିତ ବିଶ୍ୱ ପରିବେଶ ଦିବସରେ ଯୋଗଦେଇ ଅତିଥିମାନେ ବକ୍ତବ୍ୟ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରିଲାଏନ୍ସ ଫାଉଣ୍ଡେସନର କଳାହାଣ୍ଡି ପ୍ରୋଗ୍ରାମ ମ୍ୟାନେଜର ଦେବେନ୍ଦ୍ର ପଟେଲ, କର୍ତ୍ତବ୍ୟର ମୁଖ୍ୟ ଅଶୋକ ପଟ୍ଟନାୟକ, ବିଡିଓ ଶରତ ସେଠୀ,ଧର୍ମଗଡ ରେଞ୍ଜର ଭବାନୀ ଶଙ୍କର କୌର, ଉଦ୍ୟାନ କୃଷି ଅଧିକାରୀ ଟଙ୍କଧର କାଲୋ, ଇଙ୍ଗିତ କୁମାର ପଣ୍ଡା, ଅମୀୟ ପଣ୍ଡା, ଜିଲା ପରିଷଦ ସଭ୍ୟ ଶଙ୍କର ଯୁଏଡ, ଜୟନ୍ତପୁର ସରପଞ୍ଚ ଜୟନ୍ତୀ ବାଗ, ସମିତି ସଭ୍ୟ ଥବିର ନାଗ, ଛଞ୍ଚାଣବାହାଲି ସରପଞ୍ଚ ପ୍ରୀତି ବେମାଲ, ଜୟନ୍ତପୁର କନ୍ୟାଶ୍ରମ ଶିକ୍ଷକ ହିମାଂଶୁ ମାଝି ଅତିଥି ଭାବେ ଯୋଗଦେଇଥିଲେ। ଘୁମୁରା ଗାୟକ ମାର୍କଣ୍ଡ ନାଏକ ଏବଂ ସାଥିଙ୍କ ଦ୍ୱାରା ସଚେତନତା ଧର୍ମୀ ଗୀତ ପରିବେଷଣ କରାଯାଇଥିଲା। ଆଜିର ଦିନରେ ସ୍ଥାନୀୟ ମହିଳାମାନେ କନ୍ୟାଶ୍ରମ ପରିସରରେ ଉପକାରୀ ଫଳଗଛ ରୋପଣ କରିଥିଲେ। ଚଳିତ ବର୍ଷ କଳାହାଣ୍ଡି ଜିଲାରେ ଲୋକଙ୍କୁ ସଚେତନ କରି ୧୦ହଜାର ଗଛ ଘରେ ଓ ଚାଷଜମିରେ ରୋପଣ ପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ରିଲାଏନ୍ସ ଫାଉଣ୍ଡେସନ ତରଫରୁ ଘୋଷଣା କରାଯାଇଛି।

### ଜୟନ୍ତପୁରଠାରେ ବିଶ୍ୱ ପରିବେଶ ଦିବସ

## ଖଡ଼ିଆଳ ବନାଞ୍ଚଳ ପକ୍ଷରୁ ପରିବେଶ ଦିବସ




ବନ କର୍ମଚାରୀ ଶୋଭାଯାତ୍ରାରେ ଖଡ଼ିଆଳ ସହର ପରିକ୍ରମା କରୁଛନ୍ତି।

**ଖଡ଼ିଆଳ,୫।୬(ଡି.ଏନ.ଏ.)**

ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓ ଖଡ଼ିଆଳ ବନଖଣ୍ଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପ୍ଲାଷ୍ଟିକ ପ୍ରଦୂଷଣ ସମାଧାନ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଖଡ଼ିଆଳ ବନଖଣ୍ଡ ପକ୍ଷରୁ ଖଡ଼ିଆଳ ବନାଞ୍ଚଳ ଅଧିକାରୀ ସଂସ୍କୃତା ବଡନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା ଓ ଏହି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ଲାଷ୍ଟିକ ବ୍ୟବହାର ପରିବେଶ ଉପରେ କୁପ୍ରଭାବ ପକାଉଥିବା ନେଇ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଫ୍ଲାଗକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଖଡ଼ିଆଳ ସହର ପରିକ୍ରମା କରାଯାଇଥିଲା। ଏଥିରେ ଫରେଷ୍ଟର କନ୍ଦର୍ପ ସୁନାନୀ, ଦୁର୍ଯ୍ୟୋଧନ ଦୀକ୍ଷିତ, ଧର୍ମେନ୍ଦ୍ର ନାଏକ, ମହାଦେବ ବନଛୋର, ନରେଶ ଦଣ୍ଡସେନା ସମେତ ସମସ୍ତ ଫରେଷ୍ଟ ଗାର୍ଡ ଓ କର୍ମଚାରୀ ସାମିଲ ହୋଇଥିଲେ।

## ପ୍ରାଚୀନ ଶୈବପୀଠର ସୌନ୍ଦର୍ଯ୍ୟକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**କୋକସରା,୫।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଳା ପଞ୍ଚାୟତର ବଡ଼ କେନ୍ଦୁଗୁଡା ଗ୍ରାମ ନିକଟରେ ଅବସ୍ଥିତ ପ୍ରାଚୀନ ଶୈବପୀଠ ଶ୍ରୀକାଳେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ସୌନ୍ଦର୍ଯ୍ୟକରଣ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ୧୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି। ସୋମବାର ଏହି ଅବସରରେ କାଳେଶ୍ୱର ମନ୍ଦିର ପରିସରରେ ବ୍ଲକ ଉପାଧ୍ୟକ୍ଷ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାଳେଶ୍ୱର ମହାଦେବ ଟ୍ରଷ୍ଟର ଅଧ୍ୟକ୍ଷ ଆଦିତ୍ୟ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କାଉଡୋଳା ସରପଞ୍ଚ ଦେବିସିଂ ତାଣ୍ଡି, ସମିତି ସଭ୍ୟା ବୈଦେହୀ ବେଶ୍ରା, ଡୁଡୁକାଠେଙ୍ଗା ପଞ୍ଚାୟତ ସରପଞ୍ଚ ହରିପ୍ରିୟା ନାଗ, ମହିମା ସରପଞ୍ଚ ଈଶରାମ କୋଲଥିଆ, ଜିଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ଅର୍ଜୁନ ଭାଟି, ସଞ୍ଜୟ ସିଙ୍ଘଲ, ଅରୁଣ ଅଗ୍ରୱାଲ ଉପସ୍ଥିତ ରହିଥିଲେ। ମନ୍ଦିରର ଆନୁସଙ୍ଗିକ ସୌନ୍ଦର୍ଯ୍ୟକରଣ ପାଇଁ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଅନୁଦାନ ଦେଇଥିବାରୁ କମିଟି ପକ୍ଷରୁ ଧନ୍ୟବାଦ ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ପ୍ରଶନ୍ନ ନାଏକ ଓ ଅର୍ଜୁନ ଭାଟି କରିଥିଲେ। ଟ୍ରଷ୍ଟ ସମ୍ପାଦକ କୈଳାସ ଚଳାନ, ଟ୍ରଷ୍ଟର ସଦସ୍ୟ ନରେନ୍ଦ୍ର ନାଏକ, ବୈଷ୍ଣବ ନାଏକ, ସାଧୁ ବେମାଲ, ଲଳିତ ମାଝୀ, ବଳଦେବ ବେମାଲଙ୍କ ସହ ବଡ କେନ୍ଦୁଗୁଡା, ବିଜମରା, ମୁଗୁନାପଦର, ଡୁଡୁକାଠେଙ୍ଗା, ଦର୍ଲିପଡା, ଗମ୍ଭାରୀଗୁଡା, ଚିକିଲି, କାଉଡୋଳା, କର୍ଲାଗୁଡା, ଟେମରା ଡେଙ୍ଗାଗୁଡା, ମାଝୀଗୁଡା ଆଦି ୨୦ରୁ ଉର୍ଦ୍ଧ୍ୱ ଗାଁରୁ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ନିର୍ମାଣ ହେବାକୁ ଥିବା ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆଗକୁ ପ୍ରାଚୀନ ଶ୍ରୀକାଳେଶ୍ୱର ଶୈବପୀଠର ନୂତନ ରାସ୍ତା, ରୋଷେଇ ଗୃହ, ଭୋଗ ମଣ୍ଡପ ତୁରନ୍ତ କମ ଦିନ ମଧ୍ୟରେ କରାଯିବ ବୋଲି ଉପାଧ୍ୟକ୍ଷ କହିଥିଲେ।



ମହାଦେବଙ୍କ ମନ୍ଦିର ପରିସରରେ ସୌନ୍ଦର୍ଯ୍ୟକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

## ସରିଆଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତିମିତ୍ର ପୁରସ୍କାର

**ରୁପ୍ରାରୋଡ, ୫।୬(ଡି.ଏନ.ଏ.)**

ପରବେଶ ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଳାହାଣ୍ଡି ଜିଲା ନର୍ଲା ବ୍ଲକ ସରିଆଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ଚଳିତ ବର୍ଷ ପ୍ରକୃତି ମିତ୍ର ପୁରସ୍କାର ସହିତ ୨୦୦୦୦ ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଛି। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଭୁବନେଶ୍ୱର ଲୋକସଭା ଭବନସ୍ଥିତ ରାଜ୍ୟ କନଭେନସନ ସେଣ୍ଟରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଆମାତ, ପ୍ରଧାନମୁଖ୍ୟ ବନ ସଂରକ୍ଷକ ଏବଂ ରାଜ୍ୟ ଜଙ୍ଗଲ ବାହିନୀ ମୁଖ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦେବୀଦତ୍ତ ବିଶ୍ୱାଳ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଙ୍ଗଲ, ପରବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସତ୍ୟବ୍ରତ ସାହୁ, ଅବସରପ୍ରାପ୍ତ ଅଧକ୍ଷ ଓଡିଶା ରିଏଲ ଇଷ୍ଟେଟ ରେଗୁଲେଟାରୀ ଅଥରିଟି ସିଦ୍ଧାନ୍ତ ଦାସ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁର ବିଜ୍ଞାନ ଶିକ୍ଷକ ଗଙ୍ଗାନାରାୟଣ ଦାସ ପୁରସ୍କାର ଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ସାଧୁରାମ ଭୋଇଙ୍କ ନିଷ୍ଠାପର କାର୍ଯ୍ୟ ଯୋଗୁଁ ଏହା ସମ୍ଭବ ହୋଇ ପାରିଛି। ଖବର ପ୍ରାସାରିତ ହେବା ପରେ ଭବାନୀ ଶଙ୍କର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଦୁର୍ବାଦଳ ଭୋଇ, ସମ୍ପାଦକ ମିଳନ କୁମାର ଭୋଇ ଶୁଭେଚ୍ଛା ଜଣାଇଛନ୍ତି।

## ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା




କେସିଙ୍ଗାରେ କ୍ୟାଣ୍ଡେଲ ଶୋଭାଯାତ୍ରା।

**କେସିଙ୍ଗା, ୫।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବାଲ୍ମୀକି ସମାଜ ପକ୍ଷରୁ ବାଲେଶ୍ୱର ବାହାନଗାରେ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ଆତ୍ମାର ସଦଗତି ନିମନ୍ତେ ସ୍ଥାନୀୟ ଦୁର୍ଗାମଣ୍ଡପ ଛକରୁ ଏନଏସି ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ଏଥିରେ ନରେନ୍ଦ୍ର ସିନ୍ଦୂର, ମଗନ ସିନ୍ଦୂର, ବିଜୟ ଦୀପ, ଟିକେ ରାମ ତାଣ୍ଡି, ଜ୍ୟୋତି ନାଏକ, ତଳକ ସୁନା, ଚିତ୍ରୁ ସୁନା, ମଧୁ ସିନ୍ଦୁର ପ୍ରମୁଖ ଉପସ୍ଥିତ ଥିଲେ।

### ଜାତିଆଣ ଆପେକ୍ଷ ଅଭିଯୋଗ

## ନ୍ୟାୟ ପାଇଁ ଜିଲାପାଳଙ୍କୁ ଫେରାଦ

**ଭବାନୀପାଟଣା,୫।୬(ସ୍ୱ.ପ୍ର)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ସ୍ଥାନୀୟ ପଞ୍ଚାୟତର ଜଣେ ମହିଳାଙ୍କୁ ଜାତିଆଣ ଆପେକ୍ଷ କରିଥିବା ଓ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ମହିଳା ଜଣକ ପ୍ରଥମେ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିବା ପରେ ସୋମବାର ନ୍ୟାୟ ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ,ତଳମଲା ଗ୍ରାମର ପ୍ରେମ ନାଗଙ୍କୁ ଗତ କିଛି ଦିନ ତଳେ ସ୍ଥାନୀୟ ଏକ ପୋଖରୀ ନିକଟରେ ତଳମଲା ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ବ୍ରଜ ମନହୀରା ବିନା କାରଣରେ ଜାତିଆଣ ଆପେକ୍ଷ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ସୋମବାର ଭବାନୀପାଟଣାରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସେ ଅଭିଯୋଗ କରିଥିଲେ। ଜିଲାପାଳ ଅଭିଯୋଗକୁ ଗ୍ରହଣ କରି ସ୍ଥାନୀୟ ଏସପିଙ୍କୁ ଏହାର ତଦନ୍ତ କରିବା ପାଇଁ କହିଥିଲେ। ଏ ନେଇ ତଳମଲା ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ବ୍ରଜ ମନହୀରାଙ୍କୁ ପଚାରିବାରୁ ଏହା ମିଥ୍ୟା ବୋଲି କହିଥିଲେ।

## ମୋ ଘର ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ

**ଲୋଇସିଂହା,୫।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ମୋ ଘର ସମ୍ବନ୍ଧୀୟ ବ୍ଲକସ୍ତରୀୟ ତାଲିମ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଆକାଶ ରଞ୍ଜନ ସାହୁ ଏଥିରେ ଅଧ୍ୟକ୍ଷତା କରି ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିପିଓ କିଶୋର ମାନସିଂ, ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାତ୍ରୀ, ସମସ୍ତ ଯନ୍ତ୍ରୀ, ପିଇଓ, ଜିଆରଏସ୍, ଗ୍ରାମୀଣ ଆବାସ, ମିଶନ ଶକ୍ତି, ଓଡିଶା ଜିବୀକା ମିଶନ ଓ ମୋ ସେବା କେନ୍ଦ୍ର କର୍ମଚାରୀ ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କେଉଁ ବର୍ଗର ଲୋକ ଆବେଦନ କରି ପାରିବେ, ଆବେଦନର ପ୍ରକ୍ରିୟା ଏବଂ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଉପସ୍ଥିତ ମୋ ସେବା କେନ୍ଦ୍ର, ବ୍ଲକ ଓ ପଞ୍ଚାୟତସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କୁ ସବିଶେଷ ବୁଝାଇଥିଲେ ବିଡିଓ ସାହୁ।



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ।

## ବିଶ୍ୱ ପରିବେଶ ଦିବସରେ ସଚେତନତା ଶୋଭାଯାତ୍ରା

**ଭବାନୀପାଟଣା,୫।୬(ସ୍ୱ.ପ୍ର)**

କଳାହାଣ୍ଡି ଜିଲା ଭବାନୀପାଟଣା ପୌରପାଳିକା ପକ୍ଷରୁ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭବାନୀପାଟଣା ପୌରପାଳିକା କାର୍ଯ୍ୟାଳୟ ଠାରୁ ଭବାନୀ ସିନେମା ହଲ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ସ୍ଥାନୀୟ ପୌରାଧକ୍ଷା ସଂଯୁକ୍ତା ବେହେରା, ଉପନଗରପାଳ ବିଷ୍ଣୁ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ନାୟକଙ୍କ ସମେତ ସ୍ଥାନୀୟ ପାରିଷଦ, ସ୍ୱଚ୍ଛସାଥି, ସୁପରଭାଇଜର, ସ୍ୱୟଂ ସହାୟିକା ଗୋଷ୍ଠୀ, ସଫେଇ କର୍ମଚାରୀ ସାମିଲ ହୋଇଥିଲେ। ଭବାନୀ ସିନେମା ହଲ ଠାରେ ଏକ ଆରଆରଆର (ରେସାଇକେଲ,ରିୟୁସ,ରିଡ୍ୟୁଜ) ଷ୍ଟଲ ପୌରପାଳିକାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହିଷ୍ଟଲରେ ଆବଶ୍ୟକତାଠାରୁ ଅଧିକ ସାମଗ୍ରୀ ନିଜ ପାଖରେ ଥିଲେ ଦାନ କରି ଅଭାବୀମାନଙ୍କ ଚାହିଦା ପୂରାଣ କରିବା ପାଇଁ ପୌରାଧକ୍ଷା ଆହ୍ୱାନ ଦେଇଥିଲେ। ସେହିପରି ଏକ 'ମୋ ଖତ' ଜୈବିକ ସାର ବିକ୍ରୟ କେନ୍ଦ୍ର ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ପରେ ଟାଉନ ହଲ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଯେଉଁଠି ସଫେଇ କର୍ମଚାରୀମାନଙ୍କୁ ଗାରିମା ଯୋଜନା ମାଧ୍ୟମରେ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଏହି ଅବସରରେ ପରିବେଶକୁ ସୁରକ୍ଷିତ ରଖିବା ସମ୍ବନ୍ଧରେ ଓ ଗାରିମା ଯୋଜନାଗୁଡିକ ସମ୍ବନ୍ଧରେ ମଞ୍ଚାସୀନ ଅତିଥିଗଣ ଆଲୋକପାତ କରିଥିଲେ। ପରିମଳ ବିଶେଷଜ୍ଞ ତପନ କୁମାର ନାୟକ ଓ ସିଏମଏମୟୁ ସୌମ୍ୟରଞ୍ଜନ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଭବାନୀପାଟଣାରେ ସଚେତନତା ଶୋଭାଯାତ୍ରା।

## ସଂକ୍ଷେପରେ

### ଗଡ଼ିଲା ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ



**ସୋନପୁର,୫।୬(ନି.ପ୍ର.):** ସୁବର୍ଣ୍ଣପୁର ଜିଲାରେ ଶିଶୁ ଶ୍ରମିକ ନିରାକରଣ ପାଇଁ ସୋମବାରଠାରୁ ଏକ ସଚେତନତା ରଥ ଜିଲା ପରିକ୍ରମା କରିବ। ଜିଲାପାଳ ବିମଳେନ୍ଦୁ ରାୟ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି ଏହି ରଥ ୬ଟି ଯାକ ବ୍ଲକ ପରିକ୍ରମା କରିବ ବୋଲି ଜଣାପଡିଛି। ୬ରୁ ୧୪ ବର୍ଷ ବୟସର ଶିଶୁଙ୍କୁ କୌଣସି କାମରେ ନ ଲଗାଇବା, ୧୪ରୁ ୧୮ ବର୍ଷର ଶିଶୁଙ୍କୁ ବିପଦସଙ୍କୁଳ କାମରେ ନ ଲଗାଇବା ପାଇଁ ଏହା ଲୋକଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ଏସ୍‌ପି ଅମରେଶ କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା, ସହକାରୀ ଶ୍ରମ ଅଧିକାରୀ ସବିତା ନାୟକ, ଶ୍ରମ କାର୍ଯ୍ୟାଳୟ ମଙ୍ଗଳ ସଂଯୋଜିକା ଅନିତା ନାଗ, ବାଙ୍କବିହାରୀ ମହଲା ଓ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

### ରେଳ ଦୁର୍ଘଟଣା ମୃତକଙ୍କ ଉଦ୍ଦେଶ୍ୟରେ ଶୋକସଭା

**ତରଭା, ୫।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ବିକାଶ ପ୍ରାଥମିକ ବିଦ୍ୟାଳୟଠାରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ବାଲେଶ୍ୱର ରେଳ ଦୁର୍ଘଟଣା ମୃତକଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଦ୍ୟୁମ୍ନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ କରମଣ୍ଡଳ ରେଳ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ଓ ଶାନ୍ତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ସଞ୍ଜୀବ ସେଠୀ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ବ୍ୟକ୍ତିମାନଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ଜ୍ୟୋତି ପ୍ରକାଶ ସାହୁ ପରିଚାଳନା କରିଥିଲେ । ଏଥିରେ ବରିଷ୍ଠ ଶିକ୍ଷକ ଭରତ ମଲ୍ଲିକ, ସୁରେଶ ଚନ୍ଦ୍ର ପାଣ୍ଡେ, ନୀଳକଣ୍ଠ ବଗର୍ତ୍ତି , ଧ୍ରୁବଲ ପଧାନ, ଦିଲ୍ଲିପ ଦାଣ୍ଡିଆ, ଶଙ୍କର ମହଲା, ସୁନୀଲ ସୁନା, ରାଧେଶ୍ୟାମ ହରିପାଲ,ପ୍ରକାଶ ସାହୁ ଓ ଅଜିତ କୁମାର ପ୍ରମୁଖ ଯୋଗଦାନ କରିଥିଲେ।

### ଟ୍ରେନ ଦୁର୍ଘଟଣା ମୃତକଙ୍କ ଉଦ୍ଦେଶ୍ୟରେ ସାମୂହିକ ଦୀପଦାନ

ପାଇକମାଳ,୫।୬(ଡି.ଏନ.ଏ.) ବାହାନଗା ରେଳ ଦୁର୍ଘଟଣାରେ ମୃତ ଯାତ୍ରୀମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ସୋମବାର ସନ୍ଧ୍ୟାରେ ପାଇକମାଳ ସାମ୍ବାଦିକ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପାଇକମାଲ ତହସିଲଦାର ଅକ୍ଷୟ କୁମାର ବାଗ, ଥାନାଧିକାରୀ ସୁଶାନ୍ତ କୁମାର ବଢେଇ, ପୂର୍ବତନ ବ୍ଲକ ଅଧକ୍ଷ ବିନୋଦ କାଳିଆ, ସାମ୍ବାଦିକ ସଂଘ ସଭାପତି ବଡ ସତପଥୀ, ବଣିକ ସଂଘ ସଭାପତି ଯୁଗଳ ମେହେର ଓ ସମ୍ପାଦକ ସୁବ୍ରତ ସାହୁ ଯୁବାମଞ୍ଚ ସଭାପତି ଆୟୁଷ ଅଗ୍ରୱାଲ ଓ ସମ୍ପାଦକ ବିକି ଅଗ୍ରୱାଲ, ଶିକ୍ଷକ ଦିବସ କୁମାର ସାହୁ, ମହାଦେବ ବେହେରା, ଅଗ୍ନିଶମ ବିଭାଗ ଅଧିକାରୀ ଭରତ ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦୀପ ଜାଳି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ବୈଶାଖ ମେଳା ସମୀକ୍ଷା ବୈଠକ

**ପାଇକମାଳ,୫।୬(ଡି.ଏନ୍.ଏ.):** ବରଗଡ଼ ଜିଲା ପାଇକମାଳ ନୃସିଂହନାଥ ମନ୍ଦିରଠାରେ ବୈଶାଖ ମେଳାର ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁରେନ୍ଦ୍ର କୁମାର ସାହୁ ଅଧକ୍ଷତା କରିଥିଲେ। ବୈଠକ ଆରମ୍ଭରେ ରେଳ ଦୁର୍ଘଟଣାରେ ମୃତକଙ୍କ ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ବୈଶାଖ ମେଳାର ଆୟବ୍ୟୟ ହିସାବ ପଠନ କରିଥିଲେ। ମେଳା କମିଟି ସଦସ୍ୟଙ୍କୁ ବିଡିଓ ସାହୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ଲାଷ୍ଟିକ୍ ପ୍ରଦୂଷଣ, ଏହାର ନିରାକରଣକୁ ଗୁରୁତ୍ୱ

## ସୁବର୍ଣ୍ଣପୁରରେ ବିଶ୍ୱ ପରିବେଶ ଦିବସ

ସୋନପୁର,୫।୬(ନି.ପ୍ର.)



ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ପରିବେଶପ୍ରେମୀ ବୃନ୍ଦ।

ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲାପାଳ ବିମଳେନ୍ଦୁ ରାୟ ଯୋଗଦେଇ ପ୍ଲାଷ୍ଟିକ୍‌ର ବ୍ୟାପକ ତଥା ଅନିୟନ୍ତ୍ରିତ ବ୍ୟବହାର ସମଗ୍ର ବିଶ୍ୱକୁ ନକାରାତ୍ମକ ଭାବେ ପ୍ରଭାବିତ କରାଚାଲିଛି ବୋଲି କହିଥିଲେ। ଚତୁର୍ଦ୍ଦିଗରେ ଦୃଶ୍ୟମାନ ହେଉଥିବା ପରିତ୍ୟକ୍ତ ପଲିଥିନ ବ୍ୟାଗ୍, ପାଣି ବୋତଲ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ପଦାର୍ଥ ପରିବେଷରେ ବ୍ୟାପକ ପ୍ରଦୂଷଣ ଘଟାଉଛି। ତେଣୁ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ଉପରେ ଜିଲାପାଳ ରାୟ ଗୁରୁତ୍ୱାରୋପ କରିଥିଲେ। ଏସ୍‌ପି ଅମରେଶ କୁମାର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ଜୀବଜଗତ ବଞ୍ଚିବା ପାଇଁ ପ୍ରଦୂଷଣକୁ ରୋକିବାକୁ ଆହ୍ୱାନ ଦେଇଥିଲେ। ଶିଳ୍ପାୟନ ଓ ଜନସଂଖ୍ୟା ବୃଦ୍ଧି ବାୟୁ ପ୍ରଦୂଷଣ ବୃଦ୍ଧିର ପ୍ରମୁଖ କାରଣ। ତେଣୁ ସାମୂହିକ ଉଦ୍ୟମ ଦ୍ୱାରା ହିଁ ପ୍ରଦୂଷଣକୁ ରୋକା ଯାଇପାରିବ ବୋଲି ଏସ୍‌ପି କହିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ମଣିଷ ସବୁବେଳେ ପ୍ରକୃତିକୁ ଅପବ୍ୟବହାର କରିଆସିଛି। ଫଳରେ ଅସମୟରେ ବର୍ଷା, ଅଶାତୀତ ଶୀତ, ପ୍ରଚଣ୍ଡ ଗ୍ରୀଷ୍ମ, ମରୁଡ଼ି, ପୁଣି ବାତ୍ୟା ଯୋଗୁଁ ବିଶ୍ୱ ସଙ୍କଟରେ। ଆୟତନ ଅନୁସାରେ ସୁବର୍ଣ୍ଣପୁର ଜିଲାରେ ଜଙ୍ଗଲ କମ ରହିଛି। ପରିବେଶ ସମୟ କ୍ରମେ ନଷ୍ଟ ହେବାରେ ଲାଗିଛି। ତେଣୁ ଆଉ ବିଳମ୍ବ ନ କରି ଭବିଷ୍ୟତ ବଂଶଧରଙ୍କ ବିଷୟରେ ଚିନ୍ତା କରିବା ଉଚିତ ହେବ ବୋଲି କହଁର କହିଥିଲେ।

ପରିବେଶବିତ୍ ଶମ୍ଭୁ ନନ୍ଦ ଓ ଯୁବ ସମାଜସେବୀ ମନୋଜ କୁମାର ପଣ୍ଡା ଯୋଗଦାନ କରି ପରିବେଶ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ସମ୍ବନ୍ଧରେ ସଚେତନ କରିଥିଲେ। ବନରକ୍ଷୀ ବନମାଳୀ ପାଣ୍ଡେ ପରିବେଶର ସୁରକ୍ଷା ଓ ପ୍ଲାଷ୍ଟିକ୍ ପ୍ରଦୂଷଣର ସମାଧାନ ଉପରେ ସ୍ୱରଚିତ ଏକ କବିତା ଆବୃତ୍ତି କରିଥିଲେ। ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନ ଲାଲ ଶର୍ମା ସଭାରେ ଅଧକ୍ଷତା କରି କହିଥିଲେ ଯେ ବିଭିନ୍ନ କାରଣରୁ ଦେଶରେ ଜୈବବିବିଧତା ହ୍ରାସ ହେବାରେ ଲାଗିଛି। ପରିବେଶ ପ୍ରଦୂଷଣ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ପାଲଟିଛି। ବ୍ୟାପକ ବୃକ୍ଷରୋପଣ, ଜଙ୍ଗଲର ସୁରକ୍ଷା ସହିତ ସମସ୍ତେ ଏକତ୍ର ଉଦ୍ୟମ କଲେ ପରିବେଶ ପ୍ରଦୂଷଣମୁକ୍ତ ରହିପାରିବ ବୋଲି ଶର୍ମା କହିଥିଲେ। ଏହି ଅବସରରେ ପ୍ରକୃତିର ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବିନିକାର କୃପାସିନ୍ଧୁ ମହାକୁର, ଉଲୁଣ୍ଡାର ହୃଷିକେଶ ଦେହୁରୀ, ବୀରମହାରାଜପୁରର ଗୌରିଶଙ୍କର ପୂଜାହାରୀ, ସୋନପୁରର ଗୋପେଶ ପଣ୍ଡା ଓ ଡୁଙ୍ଗୁରିପାଲି ବ୍ଲକର ପଞ୍ଚାନନ ମେହେରଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରମାଣପତ୍ର ସହିତ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରା ଯାଇଥିଲା। କାର୍ଯ୍ୟକ୍ରମରେ ସୋନପୁର ରେଞ୍ଜର ମନୋରଞ୍ଜନ ବାଘ, ବୀରମହାରାଜପୁର ରେଞ୍ଜର ଅବିନାଶ ବରିହା, ଉଲୁଣ୍ଡା ରେଞ୍ଜର ସଞ୍ଜିବ୍ ରାଓ ଓ ବିନିକା ରେଞ୍ଜର ଡମ୍ବରୁଧର ପ୍ରଧାନଙ୍କ ସମେତ ଜିଲାର ସମସ୍ତ ଡେପୁଟି ରେଞ୍ଜର, ବନପାଳ ଓ ବନରକ୍ଷୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପରେ ଅତିଥି ବୃନ୍ଦ ବନଖଣ୍ଡ ଅଧିକାରୀଙ୍କ ଅଫିସ କ୍ୟାମ୍ପସରେ ଅଶୋକ, ନିମ୍ବ ଓ ବଉଳ ଚାରାରୋପଣ କରିଥିଲେ।

## ପୂର୍ବତନ ସରପଞ୍ଚ, ପିଇଓଙ୍କ ନାମରେ ଥାନାରେ ମାମଲା

**ବନ୍ଧାପଥର କଲ୍ୟାଣ ମଣ୍ଡପ ଦୁର୍ନୀତି ଘଟଣା**

ବୌଦ୍ଧ,୫।୬(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବନ୍ଧାପଥର ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣରେ ଦୁର୍ନୀତି ହୋଇଥିବା ନେଇ ବିଡିଓଙ୍କ ଅଭିଯୋଗ ଆଧାରରେ ପୂର୍ବତନ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ ବନ୍ଧାପଥର ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୨୦୧୮-୧୯ ମସିହାରେ ଡିଆର୍‌ଡିଏରୁ ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି କାର୍ଯ୍ୟ ବିଭାଗୀୟ ପକ୍ଷରୁ ହୋଇଥିଲା। କିନ୍ତୁ କଲ୍ୟାଣ ମଣ୍ଡପର କେବଳ ଫାଉଣ୍ଡେଶନ କରିବା ସହ ଆଉ କିଛି କାମ ନ କରି ପୂର୍ବତନ ସରପଞ୍ଚ ରମାକାନ୍ତ ପ୍ରଧାନ ଓ ପଞ୍ଚାୟତର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୀଷଣ ମଲ୍ଲିକ ଟଙ୍କା ଉଠାଣ କରିଥିବା ନେଇ ଅଭିଯୋଗ ହୋଇଥିଲା। କଲ୍ୟାଣ ମଣ୍ଡପ କାର୍ଯ୍ୟରେ ଦୁର୍ନୀତି ଜଣାପଡ଼ିବା ପରେ ପ୍ରଶାସନ ପକ୍ଷରୁ ଜିଲା ପଞ୍ଚାୟତ ଅଧିକାରୀ ୨୩।୧୧।୨୦୨୨ରେ ଗ୍ରାମକୁ ଯାଇ ତଦନ୍ତକରି ୮ ଲକ୍ଷ ୭୧ ହଜାର ୮୯୦ ଟଙ୍କା ଉଠାଣ ହୋଇଥିବା ଜାଣିଥିଲେ। ଜିଲା ପଞ୍ଚାୟତ ଅଧିକାରୀ ଟଙ୍କା ଉଠିଥିବା ନେଇ ଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ଦେଇଥିଲେ। ଏହି ଟଙ୍କା ବିନା ମେଜରମେଣ୍ଟରେ ନିଜ ଖର୍ଚ୍ଚ ପାଇଁ ଉଠାଯାଇଥିବା ଜଣାପଡ଼ିଥିଲା। ଏ ନେଇ ୨୭।୧୨।୨୦୨୨ରେ ତତ୍କାଳୀନ ଜିଲାପାଳ ଏମାନଙ୍କ ନାମରେ ଥାନାରେ ଏତଲା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ହରଭଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ସେ ସମୟରେ ଏତଲା ଦିଆଯାଇ ନ ଥିବା ବେଳେ ପୂର୍ବତନ ପିଇଓଙ୍କୁ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଇଥିଲା । ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଶେଷରେ ହରଭଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ବିଡିଓ ସ୍ୱପ୍ନିତା ନାଏକ ଗତ ୩ ତାରିଖରେ ପୂର୍ବତନ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିୟମିତତା କରିଥିବା ନେଇ ବୌଦ୍ଧ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଆଇପିସି ଦଫା ୪୦୯/୩୪ରେ ଏକ ମାମଲା (ନଂ.୨୨୧/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ମୋ ଘର ଯୋଜନା କର୍ମଶାଳା


ବ୍ଲକ ସଭାଗୃହରେ ମୋ ଘର କର୍ମଶାଳାରେ ଅଧିକାରୀମାନେ।

ଅମରପାଲି,୫।୬(ଡି.ଏନ.ଏ.)

- ଆବେଦନକାରୀଙ୍କୁ ହଇରାଣ ନ କରିବାକୁ ନିର୍ଦ୍ଦେଶ
- ଯୋଜନାର ସଫଳ ରୂପାୟନ ପାଇଁ ପ୍ରସ୍ତୁତି

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ସୋମବାର ମୋ ଘର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ମୋତିଲାଲ ସୁଲିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ଜିଲା ଏପିଡି ଆଲୋକରଶ୍ମି ମିଶ୍ର, ଜିଲା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପ୍ରୋଜେକ୍ଟ ଡାଇରେକ୍ଟର ମନୋଜ ମିଶ୍ର ଯୋଗଦେଇ ମୋ ଘର ଯୋଜନା ଉପରେ ମତବ୍ୟକ୍ତ କରିଥିଲେ। ଜିପିଓ ପ୍ରଦୀପ ବାଘ, ଓଏଲଏମ ବିପିଏମ ମନୋଜ କୁମାର ବାଘ, ବିଏସଏସଓ ଅଞ୍ଜୁଲତା ମିଶ୍ର, ବ୍ଲକର ସମସ୍ତ ପିଇଓ, ଜିଆରଏସ, ଯନ୍ତ୍ରୀ, ସିଆରପି, ଏମବିକେ,ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ବ୍ଲକର ସମସ୍ତ କର୍ମଚାରୀ ଯୋଗଦେଇ ଥିଲେ। ଗ୍ରାମାଞ୍ଚଳର ଗରିବ ଓ ମଧ୍ୟବିତ୍ତ ପରିବାରଙ୍କ ପାଇଁ ସରକାର ଗତ ମେ ୨୯ତାରିଖରେ ଲୋକାର୍ପଣ କରିଥିବା ମୋ ଘର ଯୋଜନାକୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ସଫଳ କରାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ପ୍ରସ୍ତୁତି ହେବାକୁ ଉକ୍ତ କର୍ମଶାଳାରେ ପରାମର୍ଶ ଦିଆଯାଇଛି। ଉକ୍ତ ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ସଫଳରୂପାୟନ ପାଇଁ ବ୍ଲକ, ବ୍ୟାଙ୍କ ଓ ରାଜସ୍ୱ ଅଧିକାରୀଙ୍କ ଭୂମିକା ବିଷୟରେ ଆଲୋଚନା ହୋଇଥିଲା। ଚଳିତ ୧୬ତାରିଖରୁ ଏହି ଯୋଜନାରେ ସାମିଲ ହେବା ପାଇଁ ରାଜ୍ୟ ସରକାରଙ୍କ ୱେବ ସାଇଟରେ ହିତାଧିକାରୀମାନେ ଆବେଦନ କରିପାରିବେ। ଆବେଦନ ସମୟରେ ଯେପରି ହିତାଧିକାରୀମାନେ ହଇରାଣ ନ ହେବେ ସେଥିପାଇଁ ବିଭାଗ ତତ୍ପରତା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏବିଡିଓ ପୁରୁଷୋତ୍ତମ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସୋଲାର ଜଳ ପ୍ରକଳ୍ପ କାର୍ଯ୍ୟକାରୀ କର

ଅମରପାଲି, ୫।୬(ଡି.ଏନ.ଏ.)

**ଧରିତ୍ରୀରେ ପ୍ରକାଶିତ ଖବରକୁ ନେଇ ସିଏମ୍‌ଓଙ୍କୁ ସାମାଜିକ କର୍ମୀଙ୍କ ଟୁଇଟ**

- ପକ୍କା ରାସ୍ତା ନିର୍ମାଣ ପାଇଁ ଟୁଇଟ କରି ଦାବି ଜଣାଇଲେ

ଦୈନିକ ଧରିତ୍ରୀରେ ପ୍ରକାଶିତ ଖବରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ଅଧିକାରୀଙ୍କୁ ଟୁଇଟ କରି ସମସ୍ୟାର ସମାଧାନ କରିବାକୁ ଜଣେ ସାମାଜିକ କର୍ମୀ ଦାବି କରିଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍ଗ ପଞ୍ଚାୟତର ବାବୁପାଲି ଗ୍ରାମରେ ଦୀର୍ଘ ଏକ ବର୍ଷ ହେଲା ସୋଲାର ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ଏନେଇ ଧରିତ୍ରୀରେ ଜୁନ ୧ ତାରିଖରେ ବର୍ଷେ ହେଲା ଜଳ ପ୍ରକଳ୍ପ ଅଚଳ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ସେହିପରି ବାଗବର ପଞ୍ଚାୟତର ଲୁମୁରଜେନା ଗ୍ରାମରେ ପକ୍କା ରାସ୍ତା ପାଇଁ ଗ୍ରାମବାସୀ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ ଗତ ମେ ମାସ ୩୦ତାରିଖରେ ପକ୍କା ରାସ୍ତା ପାଇଁ ବିଡିଓଙ୍କ ଦାବିପତ୍ର ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହି ଦୁଇ ଖବରକୁ ଟ୍ୟାଗ କରି ବରଗଡ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ କେଶରୀପାଲି ଗ୍ରାମର ରମେଶ କୁମାର ମେହେର ନାମକ ଜଣେ ସାମାଜିକ କର୍ମୀ ସିଏମଓ ଓଡିଶା, ମୋ ସରକାର ୫ଟି, ପଞ୍ଚାୟତିରାଜ ବିଭାଗ, ଆରଡବ୍ଲୁଏସଏସ ଓଡିଶା, ଡିଏମ ସୁବର୍ଣ୍ଣପୁରଙ୍କୁ ଅବଗତ କରିଛନ୍ତି। ତୁରନ୍ତ ଲୁମୁରଜେନା ଗ୍ରାମରେ ପକ୍କା ରାସ୍ତା କରିବା ସହ ବାବୁପାଲିରେ ସୋଲାର ଜଳ ପ୍ରକଳ୍ପ ମରାମତି କରିବାକୁ ଦାବି କରିଛନ୍ତି।

## ବନ ବିଭାଗ ପାଳିଲା ବିଶ୍ୱ ପରିବେଶ ଦିବସ



ବୃକ୍ଷ ରୋପଣ କରାଯାଉଛି।

ବିନିକା, ୫ ।୬ ( ଡି. ଏନ. ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବନ ବିଭାଗ ତରଫରୁ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି।ବନ ବିଭାଗ କର୍ମଚାରୀ ଓ ସହଯୋଗୀ ସଂସ୍ଥା ସବୁଜ ବିପ୍ଳବ କର୍ମଚାରୀଙ୍କ ମିଳିତ ସହଯୋଗରେ ବନାଞ୍ଚଳ ଅଫିସରେ ଏକ ଅଶୋକ ବୃକ୍ଷ ବନାଞ୍ଚଳ ଅଧିକାରୀ ଡମ୍ବରୁଧର ପଧାନ ରୋପଣ କରିଥିଲେ। ଏଥିସହ ଚରଦା, ଗୁଲୁଣ୍ଡା ବନ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ସହର ପରିକ୍ରମା କରିଥିଲେ। ଫରେଷ୍ଟର ପଦ୍ମଲୋଚନ ଭୋଇ, ସବୁଜ ବିପ୍ଳବ ଟିମ ଲିଡର ପ୍ରଶାନ୍ତ ନାୟକ, ଉନ୍ନୟନ ଅଧିକାରୀ ସରୋଜ କାନ୍ତ ସୁଆର, ପ୍ରତିମା ମିଶ୍ର, କୋଡିନେଟର ବାସୁଦେବ ପଧାନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ଅନିଲ କୁଲୁ ତରଭା ବ୍ଲକର ନୂତନ ବିଡ଼ିଓ

ତରଭା, ୫।୬(ଡି.ଏନ.ଏ.)



ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ର ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ) ଭାବେ ଅନୀଲ କୁଲୁ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ସମ୍ବଲପୁର ଜିଲା ବାମରା ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ତରଭା ବ୍ଲକରେ ଯୋଗ ଦେବାପରେ ଜନସାଧାରଣଙ୍କ ମୌଳିକ ସୁବିଧା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେବା ପ୍ରାଥମିକତା ହେବ ବୋଲି କହିଛନ୍ତି। ଏଥିସହ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଓ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

## ଦାରୁ ବିଗ୍ରହ ସ୍ଥାପନ ପାଇଁ ବନଯାତ୍ରା

**ବିନିକା ୫।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଘାଟରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରରେ ଦାରୁ ବିଗ୍ରହ ସ୍ଥାପନ ପାଇଁ ରବିବାର ବନଯାତ୍ରା ସମ୍ପନ୍ନ ହୋଇଛି। ବଳଭଦ୍ରଙ୍କ ଦାରୁ ବିନିକା ବ୍ଲକ ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମର ଭୋଇରୋ କଟା ପୋଖରୀ ହୁଡାରୁ, ସୁଭଦ୍ରାଙ୍କ ଦାରୁ ଉଲୁଣ୍ଡା ବ୍ଲକ ଚଢେଇପଙ୍ଗ ଗ୍ରାମର ଯୋଗୀନ୍ଦ୍ର ବଳଙ୍କ ଖଳାବାଡ଼ିରୁ, ଜଗନ୍ନାଥଙ୍କ ଦାରୁ ପାପକ୍ଷୟ ଘାଟ ନିକଟରେ ଥିବା ଦେବେନ୍ଦ୍ର ମେହେରଙ୍କ ବାଡ଼ିରେ ଥିବା ନିମ୍ବଦାରକୁ ଲଗ୍ନ ଅନୁଯାଇ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପୂଜକ ସର୍ବେଶ୍ୱର ପୁରୋହିତ, ଯୋଗେଶ୍ୱର ପୁରୋହିତ, ପୂଜା କାର୍ଯ୍ୟ ତୁଲାଇଥିଲେ। ତିନିଟି ଯାକ ଦାରୁଙ୍କୁ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ପ୍ରଣିପାତ ପରେ ଛେଦନ କରାଯାଇଥିଲା। ଦାରୁଙ୍କୁ ସ୍ୱାଗତ କରିବା ପାଇଁ ସ୍ଥାନେସ୍ଥାନେ କଳସ, ମଣ୍ଡପ, ଭଜନ, କୀର୍ତ୍ତନ, ଘଣ୍ଟ ଶଙ୍ଖ ଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। କର୍ତ୍ତାଭାବେ କିଶୋର ପଣିଗ୍ରାହୀ, ଧର୍ମପତ୍ନୀ ସ୍ନେହମୟୀ ପଣିଗ୍ରାହୀ, ବନ ଯାତ୍ରା କମିଟି ସଭାପତି ନରସିଂହ ପୂଜାରୀ, ସମ୍ପାଦକ ରାମଚନ୍ଦ୍ର ପୂଜାରୀ, ସଦସ୍ୟ ସନ୍ତୋଷ ପଣ୍ଡା, ଦୀନବନ୍ଧୁ ନାୟକ, ସଦାଶିବ ପଣ୍ଡା, ହିମାଂଶୁ ତ୍ରିପାଠୀ, ଧର୍ମରାଜ ପଣ୍ଡା, ବିଶ୍ୱନାଥ ପଣ୍ଡାଙ୍କ ସମେତ ଶତାଧିକ ଜଗନ୍ନାଥ ପ୍ରେମୀ ସାମିଲ ହୋଇଥିଲେ।

## ଆଞ୍ଚଳିକ ମହାବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର



ସୁବଳୟା କଲେଜକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଉଛି।

ଅମରପାଲି,୫।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟାସ୍ଥିତ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ମିଳିଛି। ସୋମବାର ଭୁବନେଶ୍ୱର ଲୋକସେବା ଭବନରେ ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି। ଆୟୋଜିତ ରାଜ୍ୟ ସ୍ତରୀୟ ପ୍ରକୃତିମିତ୍ର ପୁରସ୍କାର ବିତରଣ ଉତ୍ସବ ରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୀରମହାରାଜପୁର ବ୍ଲକ ପାଇଁ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ସୁବଳୟାକୁ ପରିବେଶ ସୁରକ୍ଷା ଓ ରକ୍ଷଣାବେକ୍ଷଣ ଲାଗି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ କଲେଜର ବିଭୁତି ଭୂଷଣ କୁଦେଇ କଲେଜ ତରଫରୁ ପ୍ରତିନିଧିତ୍ୱ କରି ମାନପତ୍ର ସହିତ ୨୦ ହଜାର ଟଙ୍କାର ଚେକ ପୁରସ୍କାର ରାଶି ମନ୍ତ୍ରୀଙ୍କଠାରୁ ଗ୍ରହଣ କରିଛନ୍ତି।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ସୋନପୁର,୫।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡିଆରଡିଏ ସମ୍ମିଳନୀ କକ୍ଷ ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ବିମଳେନ୍ଦୁ ରାୟ ଓ ଏସ୍‌ପି ଅମରେଶ କୁମାର ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୨୧ ପଞ୍ଜୀକୃତ ଅଭିଯୋଗ ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ। ଗ୍ରହଣ କରାଯାଇଥିବା ଗୋଟିଏ ଦରଖାସ୍ତକୁ ତୁରନ୍ତ ସମାଧାନ କରା ଯାଇଥିବା ବେଳେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅନ୍ୟ ଦରଖାସ୍ତ ଗୁଡିକୁ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସୋନପୁର ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ସୋନପୁର ଉପଜିଲାପାଳ ଡ. ଇପ୍‌ସିତା ପ୍ରିୟଦର୍ଶନୀ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଇଂ ବିଭୁପ୍ରସାଦ ପଣ୍ଡା, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠୀ, ତହସିଲଦାର ନବୀନ କିଶୋର ପାଢୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅନନ୍ତ ପ୍ରସାଦ ପଣ୍ଡା, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ ଓ ବିଭିନ୍ନ ଜିଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଅଭିଯୋଗ ଶୁଣାଣି ପ୍ରାରମ୍ଭରେ ବାଲେଶ୍ୱର ଜିଲା ବାହାନଗା ଠାରେ ଘଟି ଯାଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।


ଜିଲାପାଳ ଓ ଏସ୍‌ପି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

## ଅଜଣା ଗାଡ଼ିକୁ ଧକ୍କା ଦେଇ ବାଇକ୍ ଚାଳକଙ୍କ ମୃତ୍ୟୁ

କୁଆଁରମୁଣ୍ଡା,(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ୧୪୩ ନଂ ଜାତୀୟ ରାଜପଥ ଯମୁନାନାକି ନିକଟରେ ରବିବାର ବିଳମ୍ବିତ ରାତିରେ ଅଜଣା ଗାଡ଼ିକୁ ଧକ୍କା ଦେଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜମୁନାନାକିର ପ୍ରଶାନ୍ତ କୁମାର ମଲ୍ଲିକ(୩୨)। ପୋଲିସ ସୋମବାର ମୃତ ଦେହ ଜବତ କରି ଏକ ମାମଲା ରୁଜୁ କରିଛି। ମୃତ ଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ପ୍ରଶାନ୍ତ ରାଉରକେଲାରୁ ଜମୁନାନାକିସ୍ଥିତ ନିଜ ଘରୁ ବାଇକ୍‌ରେ ଫେରୁଥିବା ବେଳେ ଅଜଣା ଗାଡ଼ିକୁ ଧକ୍କା ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।

## ସଂକ୍ଷେପରେ

### ଟ୍ରେଲର ଧକ୍କାରେ ବାଇକ୍ ଚାଳକ ମୃତ

**ରାଉରକେଲା ଅଫିସ,୫।୬:** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଶଙ୍ଖ ନଦୀ ପୋଲ ନିକଟରେ ଟ୍ରେଲର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପ୍ରଶାନ୍ତ କୁମାର ମଲ୍ଲିକ(୩୯)। ଏ ନେଇ ପୋଲିସ ଏକ ମାମଲା (ନଂ.୪୮।୨୨) ରୁଜୁ କରି ଘଟଣା ତଦନ୍ତ ଚଳାଇଛି। ବୀରମିତ୍ରପୁର ଅଞ୍ଚଳର ପ୍ରଶାନ୍ତ ରବିବାର ସନ୍ଧ୍ୟାରେ କୌଣସି କାମ ପାଇଁ ରାଉରକେଲା ଆସି ବାଇକ ଯୋଗେ ରାତି ସାଢ଼େ ୧୧ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ଶଙ୍ଖ ନଦୀ ପୋଲ ଉପରେ ଏକ ଟ୍ରେଲର ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆରଜିଏଚରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଦେଶୀ ମଦ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୫।୬:** ସେକ୍ଟର-୩ ଥାନା ଅନ୍ତର୍ଗତ ଖରିଆବାହାଲ ବସ୍ତିକୁ ଦେଶୀମଦ ଚାଲାଣ କରୁଥିବା ବେଳେ ଜଣେ ମହିଳାଙ୍କୁ ପୋଲିସ ଗିରଫ କରିଛି। ସୂଚନାଯୋଗ୍ୟ, ସେକ୍ଟର-୩ ସ୍ଥିତ ଖରିଆବାହାଲ ବସ୍ତିର ଉକ୍ତ ମହିଳା ସୋମବାର ସନ୍ଧ୍ୟା ସାଢ଼େ ୭ଟାରେ ଏକ ବ୍ୟାଗରେ କିଛି ଦେଶୀ ମହୁଲି ମଦ ନେଇ ସେକ୍ଟର-୨ ଦୁର୍ଗାପୂଜା ପଡିଆ ଦେଇ ଯାଉଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ ଟିମ୍ ତାଙ୍କୁ ଅଟକାଇ ଯାଞ୍ଚ କରିବାରୁ ତାଙ୍କଠାରୁ ୧୪ ଲିଟର ଦେଶୀ ମହୁଲି ମଦ ଜବତ ହୋଇଥିଲା।

### ବଦଳିଲେ ବିପିୟୁଟି ରେଜିଷ୍ଟ୍ରାର

**ରାଉରକେଲା ଅଫିସ,୫।୬:** ରାଉରକେଲା ବିଜୁ ପଟ୍ଟନାୟକ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି)ର ରେଜିଷ୍ଟ୍ରାର ଭାବେ ନିଶି ପୁନମ ମିଞ୍ଜ ଯୋଗ ଦେବେ। ନିଶି ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ବିପିୟୁଟି ରେଜିଷ୍ଟ୍ରାର ଭାବେ ନିଯୁକ୍ତି ମିଳିଛି। ବର୍ତ୍ତମାନ ବିପିୟୁଟିର ରେଜିଷ୍ଟ୍ରାର ଭାବେ ଗିରିଶ ଚନ୍ଦ୍ର ସିଂ ରହିଛନ୍ତି।

### ଆରଏମସିର ସହର ସ୍ୱାସ୍ଥ୍ୟ କାର୍ଯ୍ୟନିର୍ବାହୀ କମିଟି ବୈଠକ

**ରାଉରକେଲା ଅଫିସ, ୫।୬:** ରାଉରକେଲା ମହାନଗର ନିଗମ ପରିଚାଳିତ ସହର ସ୍ୱାସ୍ଥ୍ୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ସୋମବାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ଅର୍ବାନ ପ୍ରାଇମେରୀ ହେଲ୍‌ଥ କେୟାରର ଗୁଣବତ୍ତା ଓ ଚଳିତ ବର୍ଷର ଲକ୍ଷ୍ୟ ନିର୍ଦ୍ଧାରଣକୁ ନେଇ ଆଲୋଚନା ହୋଇଥିଲା। ସହରର ବିଭିନ୍ନ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ସମସ୍ତ ସୁବିଧା, ରୋଗୀ ସେବା ଆଦି ତ୍ୱରାନ୍ୱିତ ଓ ଅଧିକ ବିକଶିତ କରିବାକୁ କୁହାଯାଇଥିଲା। ବୈଠକରେ ଆରଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏନ୍‌କ୍ୟୁଏଏସ୍ (ନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ) ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

### ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ଲହୁଣୀପଡ଼ା,୫।୬(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ କଟୁପଡ଼ା ଗ୍ରାମରେ ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦିଲୀପ କୁମାର ଠାକୁର(୩୦)। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ବୁଧବାର ଦିଲୀପ ସାମାନ୍ୟ କଥାକୁ କେନ୍ଦ୍ର କରି କୋଦାଳ ବେଣ୍ଟରେ ସ୍ତ୍ରୀ ବିନ୍ଦୁ ନାୟକ(୨୫)ଙ୍କୁ ପିଟି ପିଟି ଲହୁ ଲୁହାଣ କରି ଘରେ ପକେଇ ଦେଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ପଡ଼ିଶା ଘର ଲୋକ ଜାଣି ପାରି ଗ୍ରାମରେ କହିବା ସହ ଲହୁଣୀପଡ଼ା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ବିନ୍ଦୁଙ୍କୁ ଉଦ୍ଧାର କରି ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ ବିନ୍ଦୁ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଦେଖି ଡାକ୍ତର ତାଙ୍କୁ ବୁର୍ଲାକୁ ପଠାଇ ଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା।

# ଜୀବିକା ହରାଇଲେଣି ମତ୍ସ୍ୟଜୀବୀ

**ରାଉରକେଲା ଅଫିସ,୫।୬**

ନଦୀ ହେଉଛି ମତ୍ସ୍ୟଜୀବୀଙ୍କ ଜୀବନରେଖା। ନଦୀରେ ମାଛ ମାରି ସେମାନେ ନିଜ ପରିବାର ଚଳାଇଥାନ୍ତି। କିନ୍ତୁ ବିଭିନ୍ନ ରାସାୟନିକ ପଦାର୍ଥ ଓ ଡ୍ରେନେଜ ପାଣି ସିଧାସଳଖ ନଦୀରେ ମିଶିବା କାରଣରୁ ନଦୀ ଜଳ ପ୍ରଦୂଷିତ ହେବା ସହ ମାଛବଂଶ ଲୋପ ପାଉଛି। ଫଳରେ ନଦୀକୂଳିଆ ମତ୍ସ୍ୟଜୀବୀମାନେ ଜୀବିକା ହରାଉଛନ୍ତି। ରାଉରକେଲା ସହର ଦେଇ ପ୍ରବାହିତ ବ୍ରାହ୍ମଣୀ, କୋଏଲ, ଶଙ୍ଖ ନଦୀ ଉପରେ ନିର୍ଭରଶୀଳ ମତ୍ସ୍ୟଜୀବୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଉପୁଜିଛି। ପୂର୍ବଭଳି ଉକ୍ତ ନଦୀଗୁଡିକରୁ ମାଛ ମିଳୁ ନ ଥିବାରୁ ସେମାନଙ୍କ ଜୀବିକା ପ୍ରଭାବିତ ହୋଇଥିବା ମତ୍ସ୍ୟଜୀବୀମାନେ ଅଭିଯୋଗ କରିଛନ୍ତି।

ରାଉରକେଲା ଦେଇ ପ୍ରଭାବିତ ବ୍ରାହ୍ମଣୀ, କୋଏଲ, ଶଙ୍ଖ ନଦୀ କୂଳରେ ବହୁ ମତ୍ସ୍ୟଜୀବୀ ରହୁଛନ୍ତି। ସେମାନେ ଉକ୍ତ ନଦୀଗୁଡିକରୁ ବାଳିଆ, ରୋହୀ, ଭାକୁର, ଶେଉଳ ମାଛ ସହ ବଡ଼ ବଡ଼ ଚିଙ୍ଗୁଡ଼ି ମାରି ପରିବାର ଚଳାନ୍ତି। କିନ୍ତୁ ଧୀରେ ଧୀରେ ଏହିସବୁ ନଦୀଜଳ



ନଦୀରେ ମତ୍ସ୍ୟଜୀବୀ ଜାଲ ଦ୍ୱାରା ମାଛ ମାରୁଛନ୍ତି।

ପ୍ରଦୂଷଣ ହେବାରେ ଲାଗିଛି। ସିଭିଲ ଟାଉନଶିପ୍‌ରୁ ବାଲୁଘାଟ ତରେକେଲା ଯାଏ ଲମ୍ବିଥିବା ବୃହତ ଡ୍ରେନେଜ ମାଧ୍ୟମରେ ସିଧାସଳଖ ସହରର ଅଳିଆ ଆବର୍ଜନା ସହ ରାସାୟନିକ ଓ ବିଷାକ୍ତ ପଦାର୍ଥ ବ୍ରାହ୍ମଣୀ ନଦୀକୁ ନିଷ୍କାସିତ ହେଉଛି। ସହରର କେବଳ ୭ଟି ହସ୍ପିଟାଲର ବର୍ଜ୍ୟପାଣି ଟ୍ରିଟ୍‌ମେଣ୍ଟ ହୋଇ ନଦୀଗର୍ଭ ଛଡାଯାଉଥିବା ବେଳେ ଅନ୍ୟ ଅନୁଷ୍ଠାନଗୁଡିକର ବର୍ଜ୍ୟବସ୍ତୁ ବିନା ଟ୍ରିଟ୍‌ମେଣ୍ଟରେ ନଦୀକୁ ଯାଉଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି। ଦିନସାରା ପରିଶ୍ରମ କଲେ ବି ନଦୀରୁ ଗୋଟିଏ କେଜି ମାଛ ମିଳୁନାହିଁ। ବାଳିଆ, କଣା, ବାମୀ, ଶେଉଳ, ରୋହି, ଭାକୁର ଓ ବଡ ଚିଙ୍ଗୁଡି ସମ୍ପୂର୍ଣ୍ଣ ଭାବେ ନଦୀରୁ ବିଲୁପ୍ତ ହୋଇଗଲେଣି। ନଦୀକୁ କେମିକାଲ ଓ ବିଷାକ୍ତ ପଦାର୍ଥ ନିଷ୍କାସିତ ହେବା ଏହାର ମୁଖ୍ୟ କାରଣ ବୋଲି ନଦୀକୂଳବର୍ତ୍ତୀ ମତ୍ସ୍ୟଜୀବୀ ଅର୍ଜନ ନାଏକ, ଅଜୟ ନାଏକ, ବିପିନ ଟପ୍ପୋ ପ୍ରମୁଖ କହିଛନ୍ତି। ସେହିପରି ନଦୀର ସୁରକ୍ଷା ଓ ସ୍ୱଚ୍ଛତା ବଜାୟ ରଖିବା ବିଭାଗ ଓ ସାଧାରଣ ଜନତାଙ୍କ

### ନଦୀଜଳ ପ୍ରଦୂଷଣ ଯୋଗୁ ଲୋପ ପାଉଛି ମାଛବଂଶ

ହାତରେ ନ୍ୟସ୍ତ। ଏଣୁ ଏଭଳି ଏକ ସମ୍ବେଦନଶୀଳ ବିଷୟରେ ସମସ୍ତେ ଗମ୍ଭୀରତାର ସହ ଚିନ୍ତା କରି କାର୍ଯ୍ୟ କରିବା ନିହାତି ଆବଶ୍ୟକ ବୋଲି ଏନେଇ ନଦୀ କାର୍ଯ୍ୟକ୍ରମ ସଂଯୋଜକ ଗୁରୁପଦ ଅରିବିନ୍ଦ ସ୍ୱାଇଁ ମତ ଦେଇଛନ୍ତି।

ଏ ସମ୍ପର୍କରେ ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କୁ ପଚାରିବାରୁ ସେକହିଲେ, ନଦୀଗୁଡିକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଆର୍‌ଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରଦୂଷଣ ରୋକିବା ପାଇଁ ନଦୀରେ ମୂର୍ତ୍ତି ବିସର୍ଜନକୁ ରୋକିବା ଲାଗି ସୁଦୀର୍ଘ ପୋଖରୀ, ଗ୍ୟାଲେରୀ ନିର୍ମାଣ ଚାଲିଛି। ସିଭିଲ ଟାଉନଶିପ୍‌ରୁ ବାଲୁଘାଟ ତରେକେଲା ଯାଏ ଡ୍ରେନେଜ ନିର୍ମାଣ କରାଯାଉଛି। ଏହାସହ ନଦୀଗର୍ଭକୁ ବିଷାକ୍ତ ଓ ରାସାୟନିକ ପଦାର୍ଥ ନିଷ୍କାସନ ହେଉଥିବା ପ୍ରମାଣ ମିଳିଲେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମହାପାତ୍ର କହିଥିଲେ।

## କ୍ଷୀର ବ୍ୟବସାୟୀଙ୍କ ସନ୍ଦେହ ଜନକ ମୃତ୍ୟୁ, ଅପମୃତ୍ୟୁ ମାମଲା ରୁଜୁ

**କୁଆଁରମୁଣ୍ଡା,୫।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିରାଠାରେ ଜଣେ କ୍ଷୀର ବ୍ୟବସାୟୀଙ୍କ ରବିବାର ଅପରାହ୍ନରେ ସନ୍ଦୋହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଯମୁନାନାକି ଗ୍ରାମର ଅମର ଯାଦବ(୫୪)। ପୋଲିସ ସୋମବାର ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସାଇଣ୍ଟିଫିକ ଟିମ୍ ଓ ପୋଲିସର ମିଳିତ ତଦନ୍ତ ପରେ ମଧ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ସୂଚନା ଦେଇଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଯୋଗ୍ୟ ରବିବାର ଅପରାହ୍ନାରେ ଅମର ଏକ ଝୁମ୍ପୁଡ଼ି ଘରେ ବିଶ୍ରାମ ନେଇଥିଲେ। ସନ୍ଧ୍ୟା ସମୟରେ ଗ୍ରାମବାସୀ ଦେଖିଲା ବେଳକୁ ତାଙ୍କର ମୃତ୍ୟୁ ହୋଇଥିଲା।

# ମୌଳିକ ସୁବିଧାକୁ ଅଣଦେଖା

**ରାଉରକେଲା ଅଫିସ,୫।୬**

ରାଉରକେଲା ମହାନଗର ନିଗମ ଅଧୀନ ୧୪ ନମ୍ବର ୱାର୍ଡର ଗାନ୍ଧୀ ରୋଡ୍, ଗୁରୁଦ୍ୱାର ରୋଡ, ମଛଲି ମାର୍କେଟ, ପ୍ରେସ୍ ଗଳି, ବିହାରୀ ମହଲା, ଭଗତ ଗଳି ଓ ବଙ୍ଗାଳିପଡା ଆଦି ଅଞ୍ଚଳର ରାସ୍ତା, ନାଳ, ପରିମଳ, ପାନୀୟ ଜଳ ତଥା ରାସ୍ତା ଆଲୋକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏହି ୱାର୍ଡର ଲୋକମାନଙ୍କୁ ମୌଳିକ ସୁବିଧା ମିଳୁନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ରାଉରକେଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି କ୍ରମରେ ସୋମବାର ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସ୍ମାରକପତ୍ର ଅନୁସାରେ, ଗାନ୍ଧୀ ରୋଡ୍ ବସ୍ତିର ବିନୋଦ ବିଶ୍ୱକର୍ମାଙ୍କ ଘର ନିକଟରୁ ଚନ୍ନା ଗ୍ୟାରେଜ ପର୍ଯ୍ୟନ୍ତ ରାସ୍ତା ମହାମତି ସହ ଗାନ୍ଧୀ ରୋଡ୍ ବସ୍ତିରେ ପାଣି ପାଇପ୍ ବିଛାଯିବା ସହ ଘରୋଇ ସଂଯୋଗ ଦିଆଯାଇଥିଲେ ବୁନ୍ଦାଏ ପାଣି ମିଳୁନାହିଁ। ତେଣୁ ପାଇପ୍



କଂଗ୍ରେସ ନେତୃବୃନ୍ଦ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି।

### ରାଉରକେଲା ମହାନଗର ନିଗମ

ଜଳଯୋଗାଣ ସୁଗମ କରିବା ପାଇଁ ଦାବି କରାଯାଇଛି। ନାଳିଗୁଡିକର ଉପଯୁକ୍ତ ସଫେଇ ସହ ଷ୍ଟାଡିୟମ ପ୍ରାଚୀର ପାର୍ଶ୍ୱରେ ଗଦା ହୋଇଥିବା ଆବର୍ଜନାକୁ ତୁରନ୍ତ ସଫା କରିବା, ଉକ୍ତ ବସ୍ତିରେ ଷ୍ଟ୍ରିଟ୍ ଲାଇଟ୍ ମରାମତି, ବିହାରୀ ମହଲାରେ ଆବଶ୍ୟକ ଷ୍ଟ୍ରିଟ୍ ଲାଇଟ୍, ରାସ୍ତା ଓ ନାଳି ମରାମତି ତଥା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ କଂଗ୍ରେସ ନେତୃବୃନ୍ଦ ଦାବି କରିଛନ୍ତି। ସେହିପରି ଗୁରୁଦ୍ୱାରା ରୋଡ୍ ବସ୍ତିରେ ରାସ୍ତା ଓ ନାଳିଗୁଡିକର ଆବଶ୍ୟକ ମରାମତି ଓ ପୁନଃ ନିର୍ମାଣ, ନାଳି ପାଣିର ନିଷ୍କାସନ ବ୍ୟବସ୍ଥା ଏବଂ ଆବଶ୍ୟକ ବିଦ୍ୟୁତ୍ ଓ ବତୀ ଖୁଣ୍ଟ ସ୍ଥାପନ, ଗୁରୁଦ୍ୱାରା ରୋଡ ବସ୍ତିରେ ଥିବା ଅଶ୍ୱତ୍ଥ ଗଛ କାଟିବା, ଗୁରୁଦ୍ୱାର ରୋଡ୍‌ର ମୁଖ୍ୟ ରାସ୍ତାରେ ସ୍ୱରେଜ୍ ପାଇପ୍ ବିଛାଯିବା ପରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଏହି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏହି ପ୍ରତିନିଧି ଦଳରେ ଧର୍ମେନ୍ଦ୍ର ପରମାର, ବୁଲୁ ସିଂହ, ରବିନ୍ଦର ସିଂହ, ରଣବିର ସିଂହ, ରାଜ କୌର, ପାର୍ବତୀ ଦେବୀ, ପିସିସିର ସବୀର ହୁସେନ, କୈଳାସ ସାହୁ, ରାଜେନ୍ଦ୍ର ବାରିକ, ସୁଧୀର ନାଥ, ସାରଦା ପ୍ରସନ୍ନ ଦାସ ଓ ବିଦ୍ୟାସାଗର ସିଂହ ପ୍ରମୁଖ ସାମିଲ ହୋଇଥିଲେ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ସୁନ୍ଦରଗଡ଼, ୫।୬(ଡି.ଏନ୍.ଏ.)**

ସ୍ଥାନୀୟ ସଦ୍‌ଭାବନା ଭବନରେ ଜିଲାପାଳ ଡ. ପରାଗ ଗଭାଲି ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ଦ୍ୱାରା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୬୭ ଅଭିଯୋଗ ଆସିଥିଲା। ଏଥି ମଧ୍ୟରୁ ୨୪୭ ବ୍ୟକ୍ତିଗତ ଏବଂ ୨୦ ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୪୪ ଅଭିଯୋଗର ତତ୍‌କ୍ଷଣାତ ସମାଧାନ ହୋଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୭୫ଟି ଆବେଦନ ଆସିଥିବା ବେଳେ ରେଡକ୍ରସରୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ୩ ଟି ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣୀରେ ମୁଖ୍ୟତଃ ସ୍ୱାସ୍ଥ୍ୟ ସମସ୍ୟା, ବିସ୍ଥାପନ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଡିଆର୍‌ଆଇ ଲୋନ୍, କୃତ୍ରିମ ଅଙ୍ଗ ପ୍ରଦାନ, ଡ୍ରେନେଜ ତଥା ରାସ୍ତା ସମସ୍ୟା, ରାସନ କାର୍ଡ, ଆବାସ ଯୋଜନାରେ ସାମିଲ ଆଦି ସମସ୍ୟା ରହିଥିଲା । ସମସ୍ତ ଅଭିଯୋଗର ଅନୁଧ୍ୟାନ କରି ତାହାର ତୁରନ୍ତ ସମାଧନ କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅଭିଯୋଗ ଶୁଣାଣୀରେ ଅତିରିକ୍ତ ଜିଲାପାଳ (ସାଧାରଣ) ରବିନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ବେହେରା, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ, ସଦର ଉପଜିଲାପାଳ ଦାଶରଥି ସରାବୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସରୋଜ କୁମାର ମିଶ୍ର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବାଙ୍କୀ ବନାଞ୍ଚଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ




**ଲହୁଣୀପଡ଼ା,୫।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡାସ୍ଥିତ ଶଙ୍ଖପୋଷ ପଞ୍ଚାୟତର ଅର୍ଜ୍ଜୁନଚୁଆଁ ଗ୍ରାମରେ ବାଙ୍କୀ ବନାଞ୍ଚଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ ବାଙ୍କୀ ରେଞ୍ଜର ଅଜୟ କୁମାର ଖେସ ଯୋଗଦେଇ ବିଶ୍ୱ ପରିବେଶ ଦିବସ ପାଳନ କରିବା, ବୃକ୍ଷ ରୋପଣ କରିବା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଏବଂ ପରିବେଶ ପ୍ରଦୂଷଣ କିପରି ନ ହେବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରାଇଥିଲେ। ପରେ ଏକ ବିଶ୍ୱ ପରିବେଶ ସଚେତନତା ଶୋଭାଯାତ୍ରା ବାହାରି ପରିବେଶ ସୁରକ୍ଷା ଉପରେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲା। ଲହୁଣୀପଡ଼ା ବରଘାଟ ବିଟ ବନରକ୍ଷୀ ବିରାମ ମନି ବେକ ଓ ବାସୁମତି ମିଞ୍ଜଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀ ଜାମୁ, ଲେମ୍ବୁ, ପିଜୁଳି ପ୍ରଭୃତି ଫଳ ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରତାପପୁର ଓ ଅର୍ଜ୍ଜୁନଚୁଆଁ ଗ୍ରାମର ବନ ସୁରକ୍ଷା କମିଟି କର୍ମକର୍ତ୍ତା ଓ ସଦସ୍ୟାସଦସ୍ୟ ଆୟୋଜନ କରିଥିଲେ। ଏଥିରେ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ ସାମିଲ ହୋଇଥିଲେ।

## ସମଗ୍ର ବିକାଶ ପକ୍ଷରୁ ବିଶ୍ୱ ପରିବେଶ ଦିବସ




ବିଶ୍ୱ ପରିବେଶ ଦିବସରେ ଛାତ୍ରୀମାନେ ପ୍ଲାକାର୍ଡ ଧରି ଲୋକଙ୍କୁ ସଚେତନ କରୁଛନ୍ତି।

**ରାଜଗାଙ୍ଗପୁର,୫।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ରାଣିବନ୍ଧଠାରେ ଥିବା ସମଗ୍ର ବିକାଶ ସଂସ୍ଥା ପକ୍ଷରୁ ବିଶ୍ୱ ପରିବେଶ ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ଯୁବ କଂଗ୍ରେସ ସଭାପତି ଆଇନଜୀବୀ ଆଲବର୍ଟ କିଣ୍ଡୋ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମଗ୍ର ବିକାଶର ଛାତ୍ରୀଙ୍କ ଦ୍ୱାରା ପରିବେଶ ସୁରକ୍ଷା ଉପରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ସାଧାରଣଙ୍କୁ ପରିବେଶ ସୁରକ୍ଷା ଉପରେ ସେମାନେ ବୁଝାଯାଇଥିଲା। ବୃକ୍ଷ ଲଗାଇବା ସହିତ ଏହାର ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଭିନ୍ନ ବାର୍ତ୍ତା ମାଇକ ଓ ପ୍ଲାକାର୍ଡ ମାଧ୍ୟମରେ ଦିଆଯାଇଥିଲା ।

# ବାହାନଗା ଟ୍ରେନ୍ ଦୁର୍ଘଟଣା ମୃତକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି



ରାଉରକେଲା ହକର ଆସୋସିଏଶନ ପକ୍ଷରୁ ନିରବ ପ୍ରାର୍ଥନା କରାଯାଉଛି।

**ରାଉରକେଲା ଅଫିସ,୫।୬**

ବାହାନଗା ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ପାଇଁ ରାଉରକେଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ରାଉରକେଲା ହକର ଆସୋସିଏଶନ ପକ୍ଷରୁ ସୋମବାର ରାଉରକେଲା ଷ୍ଟେଶନ ଓ ସେକ୍ଟର-୨ ପଏଣ୍ଟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ମନୋଜ ପଟ୍ଟନାୟକ, ଶରତ ପଣ୍ଡା, ଶୁକେନ୍ଦୁ ପାତ୍ର, ନବୀନ ମାଝୀ, ଅଶୋକ ବିଶ୍ୱାଳ, ଜିତେନ୍ଦ୍ର ସୁନା, କାଶୀନାଥ ସାହାଣୀ, ପ୍ରସୀପ କଂସାରୀ, କେଶବ ଜୋ, ଶ୍ୟାମ ମାଛଖଣ୍ଡ, ଗୋପୀ ସୁନା, କିଶୋର ରାଉତ, ମିହିର ପାତ୍ର, ଅନିରୁଦ୍ଧ ଜନା, ସଂଗ୍ରାମ ଭୂୟାଁ, ଆର୍ତ୍ତତ୍ରାଣ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଜଗଦା ସ୍ଥିତ ଉତ୍କଳ ବିହାର ସମିତି ଆରାଧ୍ୟା ପକ୍ଷରୁ ଶୁକ୍ରା ଓରାମ ଛକରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସଭାନେତ୍ରୀ ହରପ୍ରିୟା ପଟ୍ଟନାୟକ, ସମ୍ପାଦିକା ପ୍ରେମଲତା ମହାନ୍ତି, ସବିତା ମହାରଣା, ରୋଜାଲିନ ରାଉତ, ମମତା ତ୍ରିପାଠୀ, ସସ୍ମିତା ନାୟକ, ପିଙ୍କି ପାଣ୍ଡେ, ଅଲିଅଳ ମିଶ୍ର, ଝିଲି ପଣ୍ଡା, ବିଜୟଲକ୍ଷ୍ମୀ ସ୍ୱାଇଁ, ରାଜାରାଣୀ ପତି, ସୁପ୍ରିୟା ତନ୍ତୀଙ୍କ ସମେତ ଅନ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

## ଗୁରୁସିଂ ସଭା ପକ୍ଷରୁ ଶ୍ରମ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ, ୫।୬**

ରାଉରକେଲା ଗୁରୁସିଂ ସଭା ପକ୍ଷରୁ ଶ୍ରମ ମନ୍ତ୍ରୀ ସାରଦା ନାୟକଙ୍କୁ ସୋମବାର ଭବ୍ୟ ସ୍ୱାଗତ କରାଯାଇଛି। ଷ୍ଟେଶନ ରୋଡ ସ୍ଥିତ ଗୁରୁଦ୍ୱାରାରେ ଶ୍ରମ ମନ୍ତ୍ରୀ ନାୟକଙ୍କୁ ଗୁରୁ ସିଂ ସଭାର ସଭାପତି ନିର୍ମଳ ସିଂ, ସମ୍ପାଦକ ବଳଦେବ ସିଂ, ସୁଖବିନ୍ଦର ସିଂ, ହରଜିତ ସିଂ, ମନଜିତ୍ ସିଂ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଅମୃତସରରୁ ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟିର ଜ୍ଞାନୀ ଅଜିତ ସିଂଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।



ଶ୍ରମ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ସିଭିକ୍ ସେଣ୍ଟରରେ ବିଶ୍ୱ ପର୍ଯ୍ୟାବରଣ ଦିବସ

**ରାଉରକେଲା ଅଫିସ,୫।୬**

ରାଉରକେଲା ସେକ୍ଟର-୧୯ ସ୍ଥିତ ସିଭିକ ସେଣ୍ଟରଠାରେ ସୋମବାର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଏସିଇଏସ୍ ବି. ବି. ଦାସ, ଆର୍‌ଏସ୍‌ପି ଇଡ଼ି ଏସ୍. ଆର୍. ସୂର୍ଯ୍ୟବଂଶୀ, ରାଉରକେଲା ମହାନଗର ନିଗମ ଉପାୟୁକ୍ତ ସୁଧାଂଶୁ ଭୋଇ, ଇଡି ସୋମନାଥ ତ୍ରିପାଠୀ, ଏନ୍‌ଆଇଟିର ପ୍ରଫେସର ଶ୍ରୀନାଥ ଏସ୍. ଜେନା, ଫ୍ୟାକ୍ଟ୍ରିଏଣ୍ଡ ବ୍ୱଏଲର ରାଉରକେଲା ଶାଖାର ଡେପୁଟି ଡାଇରେକ୍ଟର ବିଭୁ ପ୍ରସାଦ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ରାଉରକେଲା ପର୍ଯ୍ୟାବରଣ ବିଭାଗ




ସିଭିକ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ନିର୍ଦ୍ଦେଶକ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରକାଶ କରିଥିଲେ। ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଗଠନ ଲାଗି ବଜାରରେ ପ୍ଲାଷ୍ଟିକ ବ୍ୟାଗ୍‌ର ବର୍ଜନ, ସହରର ବିଭିନ୍ନ ଖାଲି ସ୍ଥାନମାନଙ୍କରେ ବୃକ୍ଷରୋପଣ, କଳକାରଖାନାରୁ ଆରମ୍ଭ କରି ଘର ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି ପର୍ଯ୍ୟାବରଣକୁ ନେଇ ସଚେତନ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ପ୍ଲାଷ୍ଟିକ ବୋତଲ, ପଲିଥିନ ବ୍ୟବହାରର ବିକଳ୍ପ ବାଛିଲେ ଏହା ପ୍ରଦୂଷଣମୁକ୍ତ ହେବା ପାଇଁ ଏକ ବିରାଟ ପଦକ୍ଷେପରେ ପରିଣତ ହେବ ବୋଲି ଆଲୋଚନା ହୋଇଥିଲା। ପୂର୍ବରୁ ସ୍କୁଲସ୍ତରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଏହି ଅବସରରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା।

**୨୫୦ ଆମ୍ବ ଚାରା ବଣ୍ଟନ**

ଲୋଇସିଂହା(ଡି.ଏନ .ଏ): ବଲାଙ୍ଗୀର ଜିଲା ଲୋଇସଂହା ବ୍ଲକ ବାଦିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କୁଟୁରାପାଲି ଗ୍ରାମରେ ରିଲାୟନ୍ସ ଫାଉଣ୍ଡେସନ ଆନୁକୂଲ୍ୟରେ ଆୟୋଜିତ ସଭାରେ ପ୍ରଦୀପ ଅମାତ ଅଧକ୍ଷତା କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ କିରଣ ସାହୁ ମୁଖ୍ୟ ଅତିଥି, ବାହାଦୂର ଶାନ୍ଧ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାସ୍ଙ୍କୁ ୨୫୦ ଆମ୍ବ ଚାରା ବଣ୍ଟନ କରାଯାଇଥିଲା।

## ସଂକ୍ଷେପରେ

### ବାଇକ ଚୋରି ଅଭିଯୋଗରେ ଜଣେ ଗିରଫ



ଜବତ ବାଇକ ଓ ଗିରଫ ଅଭିଯୁକ୍ତ।

**ସଇଁତଳା,୫ା୬ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତଗତ କୁମ୍ଭାରୀ ଗ୍ରାମରୁ ବାଇକ ଚୋରି ଅଭିଯୋଗରେ ଜଣଙ୍କୁ ପୋଲିସ ଗିରଫ କରିଛି। ଟିଟିଲାଗଡ଼ ଏସଡ଼ିପିଓ ଅଙ୍କିତା କୁମାର ସୋମବାର ଏ ନେଇ ଏହି ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଖଲିଆପାଲି ଗ୍ରାମର ସୁଶନ୍ତ ସାହୁଙ୍କ ହିରୋ ଏଚଏଫ ଡ଼ନ ବାଇକ ଗତ କିଛି ଦିନ ତଳେ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ ପାଇଁ ଏକ ଟିମ ଗଠନ କରିଥିଲା । ପ୍ରଥମେ ଗତ ୨ତାରିଖ କୁମ୍ଭାରୀ ଗ୍ରାମସ୍ଥିତ ଖେଳପଡ଼ିଆ ନିକଟରେ ରହୁଥିବା ଜଣେ ୧୫ବର୍ଷିୟ ନାବାଳକଠାରୁ ୫ଟି ଚୋରି ବାଇକ ଜବତ କରିଥିଲା ପୋଲିସ। ପରେ ପୋଲିସ ଅଧିକ ତଦନ୍ତ କରି କୁମ୍ଭାରୀ ଗ୍ରାମର ସୁବାଷ ବାଗ (୨୪)ଙ୍କଠାରୁ ସୁଶାନ୍ତଙ୍କ ଚୋରି ବାଇକ ମିଳିଥିଲା । ଥାନାରେ ଏକ ମାମଲା(୧୨୮/୨୩) ରୁଜୁ କରି ଅଭିଯୁକ୍ତ ସୁବାଷଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

### ନିଶା କବଳରେ ଯୁବପିଢ଼ି

**ଲାଠୋର,୫ା୬(ଡି.ଏନ.ଏ.):** ନିଶାମୁକ୍ତ ଭାରତ ଗଠନର ଆହ୍ୱାନ ଦିଆଯାଉଛି। ହେଲେ ବଲାଙ୍ଗୀର ଜିଲା ଲାଠୋର ଅଞ୍ଚଳରେ ଏହାର ଓଲଟ ଚିତ୍ର ଦେଖିବାକୁ ମିଳୁଛି। ବିଭିନ୍ନ ଗ୍ରାମରେ ନିଶାଦ୍ରବ୍ୟର ବହୁଳ ବିକ୍ରୟ ଚାଲିଛି। ଯୁବପିଢ଼ି ନିଶା କବଳରେ କବଳିତ ହୋଇ ରହିଛନ୍ତି। ମଦ, ଗଞ୍ଜେଇ, କଫସିରପ ଇତ୍ୟାଦି ବହୁଳ ପରିମାଣରେ ଉପଲବ୍ଧ ହେଉଛି। ସନ୍ଧ୍ୟା ହେଲା ମାତ୍ରେ ଯୁବକମାନେ ଦଳଦଳ ହୋଇ ରାସ୍ତାଘାଟ ବିଭିନ୍ନ ପୋଖରୀ ହିଡ଼, ଖେଳ ପଡ଼ିଆ ତଥା ଗ୍ରାମ୍ୟ ଜଙ୍ଗଲ ନିକଟବର୍ତ୍ତୀ ସ୍ଥାନରେ ନିଶାଦ୍ରବ୍ୟର ଆସର ଜମାଉଥିବା ଦେଖବାକୁ ମିଳୁଛି। ସକାଳେ ସେହି ସବୁ ସ୍ଥାନମାନଙ୍କରେ ମଦ ବୋତଲ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟର ଖୋଳ ଦେଖିବାକୁ ମିଳୁଛି। ଏନେଇ ଅବକାରୀ ବିଭାଗ ଏସଆଇ ସତ୍ୟନାରାୟଣ ଦାସଙ୍କୁ ପଚାରିବାରେ ମୁଁ ଛୁଟିରେ ଅଛି କହି ଫୋନ କାଟି ଦେଇଥିଲେ।

### ଧରା ପଡ଼ିଲେ ବ୍ୟାଟେରି ଚୋର

**ଖୁଣ୍ଟରେ ବାନ୍ଧିଲେ, ପୋଲିସ ଜିମାଦେଲେ ଗ୍ରାମବାସୀ**

**ଲୋଇସିଂହା,୫ା୬(ଡି.ଏନ.ଏ.):** ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ ସରଗାଡ ଗ୍ରାମର ଜଣେ ବ୍ୟକ୍ତିଙ୍କ ଖଳାରେ ଲାଗିଥିବା ଏକ ବ୍ୟାଟେରି ରବିବାର ରାତିରେ ଚୋରି ହୋଇଥିଲା । ଚୋରି ବ୍ୟାଟେରିକୁ ଚୋରମାନେ ନିକଟସ୍ଥ କୁଶଙ୍ଗ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଥିଲେ। କିଣିଲା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଉକ୍ତ ବ୍ୟାଟେରିକୁ ତାଙ୍କ ଗାଡିରେ ଲଗାଉଥିଲେ। କୌଣସିମତେ ଏହି ଖବର ପାଇ ବ୍ୟାଟେରି ମାଲିକ ଆନନ୍ଦ ପଟେଲ କୁଶଙ୍ଗ ଗ୍ରାମକୁ ଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଏହାକୁ ଜବତ କରିଥିଲେ । ପଚରାଉଚରା ପରେ ସରଗାଡର ଚକା ସେଠ ଓ ରବି ପାତ୍ର ତାଙ୍କୁ ବ୍ୟାଟେରି ବିକ୍ରି କରିଥିବା ଜଣାପଡିଥିଲା। ଏହି ଖବର ସରଗାଡରେ ପ୍ରଚାରିତ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗତକିଛି ଦିନ ହେବ ଖେତରେ ଥିବା ଗାଁ ଚାଷୀଙ୍କ ମୋଟର, ବ୍ୟାଟେରି ଆଦି ଚୋରି ହେଉଥିବାରୁ ଲେକେ ଉତ୍ତେଜିତ ହୋଇ ପଡିଥିଲେ। ସେମାନେ ଚକା ଓ ରବିଙ୍କୁ ଗାଁର ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଉତ୍ତମମଧମ ଦେଇଥିଲେ। ଅନ୍ୟ ଜଣେ ଯୁବକଙ୍କ ସହ ମିଶି ସେମାନେ ବ୍ୟାଟେରି ଚୋରି କରି ବିକ୍ରି କରିଥିବା ଗ୍ରାମବାସୀଙ୍କ ସାମନାରେ ସ୍ୱୀକାର କରିଥିଲେ। ଏହାପରେ ଗ୍ରାମବାସୀଙ୍କଠାରୁ ଖବର ପାଇ ବଲାଙ୍ଗୀର ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚୋରି ବ୍ୟାଟେରିକୁ ଜବତ କରିବା ସହ ଖୁଣ୍ଟରେ ବନ୍ଧା ହୋଇଥିବା ଯୁବକଦ୍ୱୟଙ୍କୁ ଥାନାକୁ ନେଇଥିଲେ।

# ପ୍ଲାଷ୍ଟିକ୍ ବ୍ୟବହାର ପରିବେଶକୁ ପ୍ରଭାବିତ କରୁଛି

**ଜିଲା ସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହ**

- ପରିବେଶ କର୍ମୀଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ
- କେବିସି ଷ୍ଟାଇଲ୍‌ରେ କଲେ ଛାତ୍ରୀଛାତ୍ରଙ୍କ ପରିବେଶ ସଚେତନତା କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ, ୫ା୬**

ସ୍ଥାନୀୟ ମେଗା ନର୍ସରୀଠାରେ ସୋମବାର ବଲାଙ୍ଗୀର ବନଖଣ୍ଡ ବିଭାଗ ଏବଂ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆନୁକୂଲ୍ୟରେ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ବନଖଣ୍ଡ ଅଧିକାରୀ ନୀତିଶ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା, ଏସପି ଋଷିକେଶ ଖିଲାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ବବିତା ସିଂ, କେନ୍ଦୁଲିଫ୍ ଡିଏଫ୍‌ଓ ରଞ୍ଜିତ ମଲ୍ଲିକ, ୱାଇଲ୍ଡଲାଇଫ୍ ୱାର୍ଡନ ସୁଧୀର ମିଶ୍ର, ଏସିଏଫ୍ ମନୋଜ ସିକା, ଅଜିତ ବିଶି ଏବଂ ଜିତେନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର କିଭଳି ପରିବେଶ ସହ ମଣିଷ ଜୀବନକୁ ବହୁଳ ଭାବେ ପ୍ରଭାବିତ କରୁଛି କହିଥିଲେ। ପ୍ଲାଷ୍ଟିକ୍‌ର ଅପବ୍ୟବହାର ଜନିତ ପରିବେଶ ପ୍ରଦୂଷଣ ଦିଗରେ ସଚେତନ ହେବା ବେଳକୁ ସମାଜର ମଧ୍ୟବିତ୍ତ ଏବଂ ଗରିବଙ୍କ ଜୀବନ ପ୍ରଭାବିତ ହୋଇସାରିଥିବାରୁ ଏହା ଏକ ଗମ୍ଭୀର ପରିସ୍ଥିତି ସୃଷ୍ଟି କରିଛି। ଏଣୁ ସବୁ ବର୍ଗର ଲୋକେ ଏବଂ ପ୍ଲାଷ୍ଟିକ୍ ଉତ୍ପାଦନ ଦିଗରେ ସରକାର ମଧ ସଜାଗ ହେବାର ବେଳ ଉପନୀତ ବୋଲି ସେ କହିଥିଲେ। ଏକକାଳୀନ ପ୍ଲାଷ୍ଟିକ୍ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯିବାକୁ ସେ ଗୁରୁତ୍ୱ ଦେଇଥିଲେ।

ଏସପି ଖିଲାରୀ ତାଙ୍କ ବକ୍ତବ୍ୟରେ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ଉପରେ ଜନସାଧାରଣଙ୍କ ଭୂମିକା ଉପରେ କହିଥିଲେ। ଡିଏଫଓ୍ କୁମାର ତାଙ୍କ ବକ୍ତବ୍ୟରେ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ସହ ପରିବେଶ ସୁରକ୍ଷା ଏବଂ ଜୀବନ ରକ୍ଷା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ।ଏହି ଅବସରରେ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପରିବେଶ କର୍ମୀ ଲୋକନାଥ ମେହେର, ସାଇପ୍ରସାଦ ସାହୁ, ସୁନୀତା ପ୍ରଧାନ, ସତ୍ୟସୁନ୍ଦର ଭଞ୍ଜ, ସୁନୀଲ କୁମାର ମହାନ୍ତି, ଗୋକୁଳା ମିର୍ଦ୍ଧା, ସୁଜିତ କୁମାର ଶତପଥି, ସନତ ପଟେଲ, ଜଗନ୍ନାଥ ମେହେର, ତ୍ରିଲୋଚନ ସାହୁ, ସତ୍ୟନାରାୟଣ ହୋତା, ସୁରେନ୍ଦ୍ର ସ୍ୱାଇଁ, ତୀର୍ଥ ଗଡତ୍ୟା, ଡୋଳାମଣି ମହତାଙ୍କୁ ଚଳିତବର୍ଷର ପ୍ରକୃତି ବନ୍ଧୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ କଦମପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଥରଚେପା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୨, ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟର ବଛା ବଛା ଛାତ୍ରୀଛାତ୍ରମାନେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। ସ୍ୱତନ୍ତ୍ର ଭାବେ କୌନ୍‌ବନେଗା କରୋଡପତି ଢ଼ାଞ୍ଚାରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ସ୍କୁଲ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଉରକେଲାରୁ ଆସିଥିବା ଏକ ସାଂସ୍କୃତିକ ଦଳ ପ୍ଲାଷ୍ଟିକ୍ ପ୍ରଦୂଷଣ ସଚେତନତା ନେଇ ଏକ ଗୀତିନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ ପରିଚାଳନାରେ ରେଞ୍ଜର କେଶବ କିଶୋର ନାଏକ, ଅମିତ ପ୍ରଧାନ, ତୀର୍ଥବାସୀ ମିଶ୍ର, ସୁନୀଲ ମିଶ୍ର ସହଯୋଗ କରିଥିଲେ।



ସୁନୀଲ କୁମାର ମହାନ୍ତିଙ୍କୁ ଅତିଥିମାନେ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ପରିବେଶ ସନ୍ତୁଳନ ପାଇଁ ବନୀକରଣ ଜରୁରୀ



କଲେଜ ପରିସରରେ ଅତିରିକ୍ତ ଜିଲା ଦୌରାଜଜ୍ ଚାରା ରୋପଣ କରୁଛନ୍ତି।

**କଣ୍ଟାବାଞ୍ଜି, ୫ା୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ପକ୍ଷରୁ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ସ୍ଥାନୀୟ ଫରେଷ୍ଟ ସେକ୍ସନ ଅଧୀନ ତୁଷାମୁଣ୍ଡା ଗାଁରେ ବିଶ୍ୱ ପରିବେଶ ଦିବସ ପାଳନ ସଭାରେ ପରିବେଶବତ୍‌ଙ୍କ ସହ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟ ଅତିଥିଭାବେ କଣ୍ଟାବାଞ୍ଜି ରେଞ୍ଜ ଅଫିସର ଶ୍ରଦ୍ଧାଦେବ ବଡମାଲି, ସଦର ଫରେଷ୍ଟର ବିଘ୍ନରାଜ ପୋଢ, ମହୁଲପାଟି ଫରେଷ୍ଟର ନୃପମଣି ମହାନନ୍ଦ, ଢୋଲମାନ୍ଦଲ ଫରେଷ୍ଟର ଘନଶ୍ୟାମ ପଶାୟତ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି ଓ ସ୍ୱେଚ୍ଛାସେବୀ ସଂଗଠନ ସଂକଳ୍ପ ସଦସ୍ୟମାନେ ସହଯୋଗ କରିଥିଲେ। ଅପରାହ୍ନରେ ସ୍ଥାନୀୟ କେ.ଭି. କଲେଜ ପରିସରରେ କଣ୍ଟାବାଞ୍ଜି ତାଲୁକ ଆଇନ ସେବା କମିଟି ପକ୍ଷରୁ ଏବଂ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପରିବେଶ ସୁରକ୍ଷା ଓ ସନ୍ତୁଳନ ପାଇଁ ସଚେତନତାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ହିମାଂଶୁ ଶେଖର ମଲ୍ଲିକ ମୁଖ୍ୟ ଅତିଥି, ଜେଏମ୍‌ଏଫସି ରାହୁଲ କୁମାର ଜେନା, ଓକିଲ ସଂଘ ସଭାପତି ସମିମ ଅହମ୍ମଦ ଖାନ, ଥାନା ଆଇଆଇସି ରଶ୍ମିତା ବେହେରା, ଫରେଷ୍ଟ ରେଞ୍ଜ ଅଫିସର ଶ୍ରଦ୍ଧାଦେବ ବଡମାଲି ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ସଭାକୁ ଅଧାପକ ସଞ୍ଜୟ କୁମାର ମିଶ୍ର ପରିଚାଳନା କରିଥିଲେ। ସଭା ପୂର୍ବରୁ କଲେଜ ପରିସରରେ ଅତିଥିମାନେ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ।

# ବ୍ୟାପକ ଚାରାରୋପଣକୁ ଗୁରୁତ୍ୱ

**ଲୋଇସିଂହା,୫ା୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଜଗନ୍ନାଥ ଯୁବ ପରିଷଦ ପକ୍ଷରୁ ବିଶ୍ୱ ପରିବେଶ ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ସଭାପତି ରାଜକିଶୋର ସେଠ ଅଧ୍ୟକ୍ଷତା କରିଥିଲେ। ସମିତି ସଭ୍ୟ ବୀରେନ୍ଦ୍ର ସାହୁ, ସନତ ପଟେଲ, ନାରାୟଣ ବାରିକ ଅତିଥିଭାବେ ଯୋଗଦେଇଥିଲେ। ବିଶ୍ୱ ପରିବେଶ ଦିବସ ପାଳନର ବିଶେଷତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ପରିବେଶକୁ ପ୍ରଦୂଷିତ କରୁଥିବା ପ୍ଲାଷ୍ଟିକ ବ୍ୟବହାର କମାଇବା ସହ ଆଗାମୀ ବର୍ଷାଋତୁରେ ବ୍ୟାପକ ଚାର ରୋପଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଳି ପଧାନ, ପୁଷ୍ପାଞ୍ଜଳି ବାରିକ, ସୁକାନ୍ତି ପଧାନ, ସେବତୀ ସାହୁ, ନିଳାଦ୍ରୀ ପଧାନ, ଭବାନୀ ପଧାନ, ସେବତୀ ପଧାନ, ଲକ୍ଷ୍ମୀ ପଧାନ ପ୍ରମୁଖ ସ୍ୱୟଂ ସହାୟକ ଦଳର ସଦସ୍ୟାମାନେ ଉପସ୍ଥିତ ଥିଲେ । ସଭା ପରେ ଚାରା ରୋପଣ କରାଯାଇଥିଲା।




ଅତିଥିଙ୍କ ସହ ଏସ୍‌ଏଚ୍‌ଜି ସଦସ୍ୟାମାନେ।

**ବିଶ୍ୱ ପରିବେଶ ଦିବସ**

# ପଲିଥିନ ବ୍ୟବହାର କମାଅ




ବିଶ୍ୱ ପରିବେଶ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

**ଖପ୍ରାଖୋଲ,୫ା୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହଜପାଣି ପଞ୍ଚାୟତ ଫୁଲୁକିମୁଣ୍ଡା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ସୋମବାର ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଯାଇଛି। ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗ, ସମ୍ମାନିତ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ମିନିକେତନ ବରିହା, ସ୍କୁଲ ପରିଚାଳନା କମିଟି ସଭାପତି ହରିହର ମାଝି, ସାମାଜିକ କର୍ମୀ ମୋହନ ସୁନା, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ଯୋଗଦେଇଥିଲେ। ଏହି ଅବସରରେ ପରିବେଶର ସୁରକ୍ଷା ପାଇଁ ମାଟି, ପାଣି, ବାୟୁର ପ୍ରଦୂଷଣ ରୋକିବା ସହ ପଲିଥିନ ବ୍ୟବହାର କମାଇବା ସହ ବୃକ୍ଷ ରୋପଣକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ସେହିପରି ପ୍ରତିଦିନ ଗ୍ରହଣ କରୁଥିବା ଖାଦ୍ୟ କିଭଳି ଜୈବିକ ପଦ୍ଧତିରେ ଉତ୍ପାଦନ କରାଯାଇପାରିବ ତାହା ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ମୁରଲୀଧର ମେହେର, ଜୟସିଂହ ମାଝି, ଅତସି ସାହୁଙ୍କ ସମେତ ଛାତ୍ରୀଛାତ୍ରମାନେ ବକ୍ତବ୍ୟ ରଖିଥିଲେ। ଚିତ୍ରାଙ୍କନ ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଭୁବନେଶ୍ୱର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସ୍ଥାନୀୟ ବନବିଭାଗ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ପରିଚାଳନା ୟୁନିଟ ତରଫରୁ ବିଶ୍ୱ ପରିବେଶ ଦିବସ ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗ, ବନପାଳ ସନ୍ଧ୍ୟାରାଣୀ ସେଠ, ଅରବିନ୍ଦ ଧରୁଆ, ଘାସିରାମ ଦୀକ୍ଷିତ, ଅଭୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭିଏସଏସ ସଭାପତି ତୁଳସୀରାମ ଛତ୍ରିଆ, ତ୍ରିନାଥ ରାୟ, ଖଗେଶ୍ୱର ପାତ୍ର, ବନରକ୍ଷୀ ମିଥୁନ ମିର୍ଦ୍ଧା, ପିତାମ୍ବର ମାଝି, ରାଜେନ୍ଦ୍ର ଧରୁଆ, ଉମା ଭୋଇ, ପ୍ରମୁଖ ଉପସ୍ଥିତ ଥିଲେ।

# ତାପମାତ୍ରା ବୃଦ୍ଧିକୁ ରୋକିବ ବନୀକରଣ

**ଟିଟିଲାଗଡ଼,୫ା୬(ଡି.ଏନ.ଏ)**

ଟିଟିଲାଗଡ ବନ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଗହଣରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବନରେଞ୍ଜ କାର୍ଯ୍ୟାଳୟରେ ଆମ ଜଙ୍ଗଲ ଯୋଜନା ଟିମ ଲିଡର ଅଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବନ ରେଞ୍ଜ ଅଧିକାରୀ ଲିଙ୍ଗରାଜ ଭୋଇ ଛାତ ଘର ସହ କଂକ୍ରିଟ, ପିଚୁ ରାସ୍ତାରେ ଆଚ୍ଛାଦିତ ହୋଇଥିବା ଟିଟଲାଗଡ ସହରଠାରୁ ଗ୍ରାମାଞ୍ଚଳରେ ତାପମାତ୍ରା ବୃଦ୍ଧି ହ୍ରାସ ନେଇ ଜଙ୍ଗଲ ସୁରକ୍ଷା ଏବଂ ବ୍ୟାପକ ବନୀକରଣ ଏକ ମାତ୍ର ରାସ୍ତା ରହିଥିବା କହିଥିଲେ। ପ୍ରକୃତି ବନ୍ଧୁ ରମାକାନ୍ତ ଗହୀର ସ୍ୱରଚିତ ଗୀତ ମାଧମରେ ବନ ସୁରକ୍ଷା ବାର୍ତ୍ତା ଦେଇଥିଲେ। ପରିବେଶ ଦିବସ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ଲାଷ୍ଟିକ ପ୍ରଦୂଷଣ ନେଇ ଅନୁଷ୍ଠିତ ବିତର୍କରେ ପ୍ରଥମ ପଲ୍ଲୀଶ୍ରୀ ହାଇସ୍କୁଲ କାନିଜୁରୀର ବେବିନା ଭୋଇ, ସରକାରି ହାଇସ୍କୁଲ ବିଜେପୁରର ନିଳାଞ୍ଚଲ ନାଗ ଦ୍ୱିତୀୟ ତଥା ପଲ୍ଲିଶ୍ରୀ ହାଇସ୍କୁଲର କ୍ରୀଷ୍ଣା ଚନ୍ଦନ ତୃତୀୟଙ୍କୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବେଲଗାଁ ବନପାଳ ସୁରେନ୍ଦ୍ର ମହାରଣା, ସିକେର ବନପାଳ ବିପିନ ସାହୁ, ବଡମାଲ ବନପାଳ ପ୍ରୀୟଙ୍କା ପୋଢ, ବନରକ୍ଷୀ ଉଦ୍ଧବ ହରପାଲ, ଜାହ୍ନବୀ ବେହେରା, ତପସ୍ୱିନୀ ରଣା, ବନସୁରକ୍ଷା ସମିତି ସଦସ୍ୟ ରାଧେଶ୍ୟାମ ପୋଢ, ରମାକାନ୍ତ ବିଶି, ସାଧୁରାମ ନାଗ, ଭଗବାନ ଜାନୀ, ଅନନ୍ତ ମାଝିପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରଧାନାଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରିବେଶ ଦିବସ କାର୍ଯ୍ୟକ୍ରମରେ ବନରେଞ୍ଜ ଅଧିକାରୀ ଭୋଇ ସାମିଲ ହୋଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଚାରା ରୋପଣ କରିଥିଲେ।




ବନାଞ୍ଚଳ ଅଧିକାରୀଙ୍କ ସହ ପରିବେଶ ଦିବସରେ କୃତି ଛାତ୍ରୀଛାତ୍ର।

# କେନ୍ଦୁପତ୍ର ରେଞ୍ଜ ଅଫିସରେ ବନ ବିଭାଗର ଚଢ଼ାଉ



ବନ୍ଧପଡା କେନ୍ଦୁପତ୍ର ଗୋଦାମରେ ଶାଗୁଆନ ପଟା ଓ ସାମଗ୍ରୀ ଜବତ କରାଯାଇଛି।

- ତିଆରି କରାଯାଇଥିବା କାଠ ସାମଗ୍ରୀ ଜବତ
- ଦାୟିତ୍ୱରେ ଥିବା ରେଞ୍ଜର ତିଆରି କରାଉଥିବା ଅଭିଯୋଗ
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ବନ ବିଭାଗ ରେଞ୍ଜର

**ଦେଓଗାଁ,୫ା୬ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ କେନ୍ଦୁପତ୍ର ଡିଭିଜନ ଅନ୍ତର୍ଗତ ବନ୍ଧପଡା କେନ୍ଦୁପତ୍ର ରେଞ୍ଜ ଅଫିସରେ ବନବିଭାଗ ଚଢ଼ାଉ କରି ବେଆଇନ ନିର୍ମାଣ କାଠ ଓ ପଲଙ୍କ ଜବତ କରିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବନ୍ଧପଡା ସେକ୍‌ସନ ଦାୟିତ୍ୱରେ ଥିବା ଫରେଷ୍ଟର ତଥା ବର୍ତ୍ତମାନ ରେଞ୍ଜର ଦାୟିତ୍ୱରେ ଥିବା ବାଲ୍ମୀକି ଗହୀର ନିଜଘର ପାଇଁ ରେଞ୍ଜ ଅଫିସ ଗୋଦାମରେ ରେଞ୍ଜ ଅଫିସ ପରିସରରେ ଥିବା ଶାଗୁଆନ ଗଛ କାଟି ପଲଙ୍କ ଓ ଡାଇନିଙ୍ଗ ଟେବୁଲ ତିଆରି କରୁଥିଲେ। ବଲାଙ୍ଗୀର ଡିଏଫ୍‌ଓ ନୀତିଶ କୁମାର ଖବରପାଇ ଉକ୍ତ ରେଞ୍ଜରେ ସ୍ୱତନ୍ତ୍ର ଟିମ ପଠାଇ ସୋମବାର ଅପରାହ୍ନରେ ରେଡ କରିଥିଲେ । ରେଡ ସମୟରେ କେନ୍ଦୁପତ୍ର ରେଞ୍ଜର ଦାୟିତ୍ୱରେ ଥିବା ଅଧିକାରୀ ଗହୀର ଅନୁପସ୍ଥିତ ଥିବାରୁ ସେଠାରେ ଥିବା କର୍ମଚାରୀ ଗୋଦାମ ଗୃହ ଖୋଲି ନ ଥିଲେ। ରେଞ୍ଜର ଆସିବା ପରେ ସମସ୍ତ ଗୋଦାମକୁ ଯାଞ୍ଚ କରିବା ପାଇଁ ବନଅଧିକାରୀ କହିଥିଲେ। କିନ୍ତୁ ଯେଉଁ ଗୋଦାମରେ ରେଞ୍ଜର ତିଆରି କରୁଥିବା ସାମଗ୍ରୀ ଥିଲା ସେହି ଗୋଦାମକୁ ଡ୍ୟାମେଜ ଅଛି କହି ଖୋଲି ନ ଥିଲେ। ଟିମରେ ଥିବା ଦେଓଗାଁ ବନାଞ୍ଚଳ ରେଞ୍ଜର ଆଲୋକ କୁମାର ମାଝିଙ୍କ ନେତୃତ୍ୱରେ ଘର ଖୋଲିବା ପରେ ସେଠାରୁ ଶାଗୁଆନ କାଠର ନିର୍ମାଣ ସାମଗ୍ରୀ ଓ ପଟା ଜବତ କରାଯାଇଥିଲା। ଏ ନେଇ ବନ ବିଭାଗ ତରଫରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି । ଏନେଇ କେନ୍ଦୁପତ୍ର ବିଭାଗ ଦାୟିତ୍ୱରେ ଥିବା ରେଞ୍ଜର ଗହୀରଙ୍କୁ ପଚାରିବାରୁ ପରେ କହିବି କହି ସେ କଥାକୁ ଏଡାଇ ଯାଇଥିଲେ। ଏ ବିଷୟରେ ଦେଓଗାଁ ବନବିଭାଗ ରେଞ୍ଜର ମାଝିଙ୍କୁ ପଚାରିବାରୁ ଦୁଇଲକ୍ଷରୁ ଉର୍ଦ୍ଧ୍ୱ ସାମଗ୍ରୀ ଜବତ କରାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ଅତାବିରା, ସଦର ଥାନାରେ ନୂତନ ଆଇଆଇସି

**ବରଗଡ଼ ଅଫିସ୍,୫ା୬:** ବରଗଡ଼ ଜିଲା ଅତାବିରା ଏବଂ ସଦର ଥାନାରେ ନୂତନ ଥାନା ଆଇଆଇସିଙ୍କ ଯୋଗଦାନ ନେଇ ଜିଲା ପୋଲିସ ମୁଖ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ଜିଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଇନ୍ସପେକ୍ଟର ସୁକୁମାର ତ୍ରିପାଠୀଙ୍କୁ ଅତାବିରା ଥାନା ଏବଂ ମେଲଛାମୁଣ୍ଡାରେ କାର୍ଯ୍ୟରତ ଇନ୍ସପେକ୍ଟର ମାନସ କୁମାର ଭୋଇଙ୍କୁ ବରଗଡ଼ ସଦର ଥାନାଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ପ୍ରକାଶଥାଉକି, ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଚ୍ଛାୟତଙ୍କ ଝାରସୁଗୁଡ଼ା ଏବଂ ଅତାବିରା ଥାନା ଆଇଆଇସି ଅନିଲ କୁମାର ପ୍ରଧାନଙ୍କ ସମ୍ବଲପୁର ଜିଲାକୁ ବଦଳି ହୋଇଛି।

### ଭଗବାନ ସାହୁଙ୍କ ୯୩ ତମ ଜୟନ୍ତୀ



**ବରପାଲି,୫ା୬(ଡି.ଏନ୍.ଏ.):** ବରଗଡ଼ ଜିଲା ବରପାଲି ବ୍ଲକ ଲୋକକଳା ଗ୍ରାମ କୁମ୍ଭାରୀର ବିଶିଷ୍ଟ ଶବ୍ଦନୃତ୍ୟ ଗୁରୁ ତଥା କୋଶଲି ନାଟ୍ୟମହର୍ଷି ସ୍ୱର୍ଗତଃ ଭଗବାନ ସାହୁଙ୍କ ୯୩ ତମ ଜୟନ୍ତୀ ବ୍ରଜେଶ୍ୱରୀ ନୃତ୍ୟକଳା ପରିଷଦ କୁମ୍ଭାରୀ ଓ ଭଗବାନ ସାହୁ ସ୍ମୃତି କମିଟି ବରପାଲିର ମିଳିତ ଆନୁକୂଲ୍ୟରେ ଗଙ୍ଗାଧର କ୍ଲବଠାରେ ପାଳନ ହୋଇଯାଇଛି। ଏଥିରେ ହସ୍ତତନ୍ତ୍ର ଓ ବୟନ ଶିଳ୍ପ ବିଭାଗ ମନ୍ତ୍ରୀ ରିତା ସାହୁ, ସମ୍ମାନିତ ଅତିଥି ଭାବେ ରୁକ୍ମଣ ମେହେର, ତହସିଲଦାର, ଏନ୍ଏସି ଅଧକ୍ଷ ଦିନେଶ ଗହୀର, ମୁଖ୍ୟବକ୍ତା ଡ.ଶୁକମୁନି ମେହେର, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧାପକ ଯୋଗଦେଇଥିଲେ। ସ୍ମୃତି କମିଟି ସଭାପତି ସୁବଲ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସମ୍ପାଦକ ମହେନ୍ଦ୍ର ମେହେର ପରିଚାଳନା କରିଥିଲେ। ସ୍ୱାଗତ ପରିଚୟ ନିରଞ୍ଜନ ମେହେର କରିଥିବାବେଳେ ସୁରେନ୍ଦ୍ର ବୀର ଭୁବନ ଭୋଇ ପ୍ରାରମ୍ଭ ସଙ୍ଗୀତରେ ଗୁରୁ ବନ୍ଦନା ଗାନ କରିଥିଲେ। ଶେଷରେ ବୀରେନ୍ଦ୍ରନାଥ ନାଗ ଧନ୍ୟବାଦ ଦେଇଥିଲେ।

### ଡାକ୍ତରଙ୍କ ପରଲୋକ

**ବରଗଡ଼ ଅଫିସ୍,୫ା୬:** ବରଗଡ଼ର ଜଣାଶୁଣା ଡାକ୍ତର ଦୀନବନ୍ଧୁ ସାହୁଙ୍କ ସୋମବାର ପରଲୋକ ହୋଇଛି। ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।



ତାଙ୍କୁ ୭୪ ବର୍ଷ ହୋଇଥିଲା। ବରଗଡ଼ ସହର ଉପକଣ୍ଠ ହଳଦୀପାଲି ବାସିନ୍ଦା ସ୍ୱର୍ଗତ ସାହୁ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜରୁ ୧୯୭୪ରେ ଉତ୍ତୀର୍ଣ୍ଣ ହୋଇ ୧୯୭୫ରେ କୋରାପୁଟ ଜିଲା ମାଥାଲକୁଟ୍ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦାନ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସେ ସରକାରୀ ଛାଡ଼ି ନିଜ ଜନ୍ମମାଟିକୁ ଫେରି ଆସିଥିଲେ ଏବଂ ଅମ୍ବାପାଲି, ଉଦେପାଲିରେ କ୍ଲିନିକ ଖୋଲି ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ବଡ଼ପୁଅ ଡାକ୍ତର ଦୁର୍ଗା ପ୍ରସାଦ ସାହୁ ମୁଖାଗ୍ନି ଦେଇଥିଲେ।

# ପରିବେଶ ସୁରକ୍ଷା ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା

**ବରଗଡ଼ ଅଫିସ୍,୫ା୬**



ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସରେ ଅତିଥିବୃନ୍ଦ।

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଏବଂ ବନ ବିଭାଗ ସହଯୋଗରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରଗଡ଼ ବନ ବିଭାଗର ସହକାରୀ ବନ ସଂରକ୍ଷକ (ଏସିଏଫ୍) ରାଜେନ୍ଦ୍ର ଗୋଚ୍ଛାୟତ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ମେଘନାଦ ସାହୁ, ବରଗଡ଼ ଜର୍ଜ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଡଃ ଡୋଲାମଣି ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଉପରେ ଏକ ସଚେତନତା ଶିବିର ସହିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା।

ଶ୍ରୀ ସତ୍ୟସାଇ ଭଗବତ ଭଜନ ମଣ୍ଡଳୀ ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମକୁ ଶିକ୍ଷକ ଗଣେଶ ପାତ୍ର ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଆବାହକ ପ୍ରକୃତି ବନ୍ଧୁ ସୁଶାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସାଇ ମନ୍ଦିରରୁ ଏକ ସଚେତନତା ରାଲି ବାହାରି ପରିକ୍ରମା କରିଥିଲା। ଅନୁପମା ପଣ୍ଡା, ଘରଯୋଗୀ ପଧାନ, ସଂଯୁକ୍ତା ହାତୀ, ଇତିଶ୍ରୀ ପ୍ରଧାନ, ବବିତା ପ୍ରଧାନ, ପ୍ରଦୀପ ପ୍ରଧାନ, ରାଜୁ ପ୍ରଧାନ, ସୁରଜ ପ୍ରଧାନ, ପ୍ରକାଶ ପ୍ରଧାନ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସିମେଣ୍ଟ ନଗର ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନଠାରେ ଯୁଗୋପଯୋଗୀ ସୁବର୍ଣ୍ଣଦୀପ ପତ୍ରିକା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିଲା। ଏଠାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନର ଅଧ୍ୟକ୍ଷ ସମରେନ୍ଦ୍ର ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସମସ୍ତଙ୍କ ମିଳିତ ଉଦ୍ୟମରେ ପରିବେଶ ସନ୍ତୁଳନ, ପରିବେଶ ସୁରକ୍ଷା ସମ୍ଭବ ବୋଲି ସେ କହିଥିଲେ ଏବଂ ଏଥିପାଇଁ ଆଗେଇ ଆସିବାକୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଲେଙ୍କା ଆହ୍ୱାନ ଦେଇଥିଲେ। ଧୀରେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ବୃକ୍ଷଚାରା ରୋପଣ କରିଥିଲେ। ସୁବର୍ଣ୍ଣଦୀପର ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତିଙ୍କ ସମେତ ଲକ୍ଷ୍ମୀଧର ରାଉତ, ନିର୍ମଳ ଲେଙ୍କା, ଧରଣୀଧର ପଶାୟତ, ଆଦ୍ୟାଶା ନାଏକ, ଶ୍ରୁତି ପ୍ରଧାନ, ଜ୍ୟୋତ୍ସ୍ନା ଦାଶ, ସ୍ନେହା ସ୍ୱାଇଁ, ଭାଗ୍ୟଶ୍ରୀ ସେଠ, ସତ୍ୟକୁମାର ମହାନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବରଗଡ଼ ବ୍ଲକ ବରଗାଁ ଧର୍ମଶାଳାରେ ଭିତ୍ତିଭୂମି ସେବା ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସ ପାଳନ କାର୍ଯ୍ୟକ୍ରମରେ ଜୈବିକ କୃଷିର ତାଲିମଦାତା ତଥା ଅନୁଭବ ବିହନ ବ୍ୟାଙ୍କର ପ୍ରତିଷ୍ଠାତା ସୁଦାମ ସାହୁ ଯୋଗଦାନ କରିଥିଲେ। ଗ୍ରାମର ୭୦ଜଣ ମହିଳା, ପୁରୁଷ ଚାଷୀଙ୍କୁ ସେ ଜୈବିକ ଚାଷ ଉପରେ ତାଲିମ ପ୍ରଦାନ କରିଥିଲେ। ଜଙ୍ଗଲକ୍ଷୟ, କଳକାରଖାନା ବୃଦ୍ଧି ସହ ରାସାୟନିକ ପଦ୍ଧତିରେ ଚାଷ ଯୋଗୁ ତାପମାତ୍ରା ବୃଦ୍ଧି ପାଉଛି। ଫଳରେ ଜୈବିକ ଚାଷକୁ ଆଦରି ନେବାକୁ ସେ ନିଜ ବକ୍ତବ୍ୟରେ କହିଥିଲେ।

**ଭେଡ଼େନ(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ମହୁଲପାଲିଠାରେ ସୋମବାର କୋର୍ଟିଭା ଏଗ୍ରିସାଇନ୍ସ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅଶୋକ ଧର ମୁଖ୍ୟ ଅତିଥି ଏବଂ ସିଆଲଖଣ୍ଡହଥା ପ୍ୟାକ୍ସ ସଭାପତି ଗଇଧଲ ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ତରଫରୁ ପରିବେଶ ସୁରକ୍ଷା ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ଆରୋକ୍ଷ କୁମାର ରଣା, ପିୟୁଷ କର ଏବଂ ସୁପ୍ରଭାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସଂସ୍ଥାର ଟିଏମ ସୁନୀଲ ସେଟି, ଏସ୍ଆଇଓ ବିଶ୍ୱନାଥ ନାଏକ ଏବଂ ମାର୍କେଟିଂ ବିଭାଗ ମୁଖ୍ୟ କୁବେର ମହାକୁର କୃଷକମାନଙ୍କ ଉନ୍ନତିର ବିଭିନ୍ନ ଦିଗରେ ଆଭିମୁଖ୍ୟ ପ୍ରଦାନ କରିବା ସହ ପରିବେଶ ସୁରକ୍ଷା ଦିଗରେ ଆଲୋକପାତ କରିଥିଲେ। ସଞ୍ଜୟ ବରେଇ, ଜିତେନ୍ଦ୍ରୀୟ ବିଶି ପ୍ରମୁଖ ସହଯୋଗ କରିଥିଲେ।

## କାଠ ବୋଝେଇ ମିନିଟ୍ରକ୍ ଜବତ


ଜବତ କାଠବୋଝେଇ ମିନିଟ୍ରକ।

**ବରଗଡ଼ ଅଫିସ୍,୫ା୬**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ କଂସଡ଼ୋଲ ଗ୍ରାମରେ ଚଢ଼ାଉ କରି ବନ ବିଭାଗ ଏକ କାଠ ବୋଝେଇ ମିନିଟ୍ରକ୍ (ନଂ.ଓଆର୦୮ଇ/୬୨୬୬)କୁ ଜବତ କରିଛି। ସେଥିରେ ଥିବା ୨୦ଖଣ୍ଡ ଖଇର କାଠ ଜବତ ହୋଇଛି। ଏହା ସହିତ ଏକ ହିରୋହୋଣ୍ଡା ପେସନ ପ୍ରୋ ବାଇକ(ନଂ.ଓଡ଼ି୦୩ଆର/୭୨୯୮)କୁ ଜବତ କରାଯିବା ସହିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବଲାଙ୍ଗୀର ଜିଲା ଆଗଲପୁର ଥାନା ନୂଆପାଲି ଗ୍ରାମର ମୋତିଲାଲ ସାହୁ(୨୬)। ଏ ନେଇ ବନ ବିଭାଗ ଏକ ମାମଲା (ନଂ.୧୯।୨୩) ରୁଜୁ କରିଛି। ଜବତ ମିନିଟ୍ରକରେ କାଠ ଚୋରାଚାଲାଣ ହେଉଥିବା ସୂଚନା ପାଇ ବନ ବିଭାଗର ଏକ ଟିମ୍ ଚଢ଼ାଉ କରିଥିଲା।

## ନାଟ୍ୟଗୁରୁ ଭଗବାନ ସାହୁଙ୍କୁ ପଦ୍ମଶ୍ରୀ ସମ୍ମାନ ପାଇଁ ଦାବି

**ସୋହେଲା,୫ା୬(ଡି.ଏନ.ଏ.)**


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ବରଗଡ଼ ଜିଲା ସୋହେଲା ଚେତନା ପରିବାର ପକ୍ଷରୁ ନାଟ୍ୟଗୁରୁ ଭଗବାନ ସାହୁଙ୍କ ୯୭ତମ ଜନ୍ମବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ସ୍ଥାନୀୟ ସାଂସ୍କୃତିକ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ସଭାପତିତ୍ୱ କରିଥିଲେ। ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁ ଭଗବାନ ସାହୁ ମଞ୍ଚ ନାଟକର କିମ୍ବଦନ୍ତୀ ପୁରୁଷ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ତାଙ୍କୁ ପଦ୍ମଶ୍ରୀ ଦେବା ପାଇଁ ହେଉଥିବା ଦାବିକୁ ସେ ସରକାରଙ୍କଠାରେ ଉପସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସୁକୁମାର ଭୋଇ ଯୋଗଦେଇ ନାଟ୍ୟଗୁରୁଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ। କବି ନିତୀଶ ଆଚାର୍ଯ୍ୟ ଗୁରୁ ଭଗବାନ ସାହୁ ସୁରେନ୍ଦ୍ର ସାଏ ନାଟକକୁ ରାଜ୍ୟ ତଥା ରାଜ୍ୟ ବାହାରେ ମଞ୍ଚସ୍ଥ କରିଥିଲେ। ତେଣୁ ତାଙ୍କୁ ପଦ୍ମଶ୍ରୀ ଦିଆଯାଉ ବୋଲି ସେ ଦାବି କରିଥିଲେ। ସ୍ମୃତି କମିଟିର ରାଜ୍ୟସ୍ତରୀୟ ସଦସ୍ୟ ପ୍ରମୋଦ ଦେବତା ମଞ୍ଚାସୀନ ଥିଲେ। ଅଧ୍ୟାପକ ଡ଼ ତୁଷାରକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ନାଟ୍ୟ ନିର୍ଦ୍ଦେଶକ ଅଗସ୍ତି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରଜମୋହନ ପଣ୍ଡାଙ୍କ ଜୟନ୍ତୀ ସମାରୋହ

**ଅତାବିରା,୫ା୬(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ଭା କଲେଜ ପରିସରରେ କଲେଜର ପ୍ରତିଷ୍ଠାତା ସ୍ୱର୍ଗତ ବ୍ରଜମୋହନ ପଣ୍ଡାଙ୍କ ୧୩୩ତମ ଜୟନ୍ତୀ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ସ୍ୱର୍ଗତ ପଣ୍ଡାଙ୍କ ବାସଭବନରେ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ସ୍ଥାନୀୟ ପ୍ରାଥମିକ ସ୍କୁଲ, ହାଇସ୍କୁଲ, କଲେଜ ଛାତ୍ରାବାସସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କଲେଜ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଏଥିରେ କଲେଜ ପରିଚାଳନା କମିଟି ସଭାପତି ରବିନାରାୟଣ ପଣ୍ଡା, ଲରମ୍ଭା ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଲୋକ କୁମାର ସାହୁ, ଶିକ୍ଷକ ବିନୟ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ହୋଇ ସ୍ୱର୍ଗତ ପଣ୍ଡାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ଅଶୋକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସଫଳ ଆମ୍ବଚାଷୀ ମୁରଲୀଧର

### ରୋଜଗାର କରୁଛନ୍ତି ଲକ୍ଷାଧିକ ଟଙ୍କା

**ପଦ୍ମପୁର,୫ା୬(ଡି.ଏନ୍.ଏ.)**

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଦହିତ ପଞ୍ଚାୟତ ଭାଲୁଡୁଙ୍ଗୁରୀ ଗ୍ରାମର ମୁରଲୀଧର ମେହେର ଆମ୍ବଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ସେ ୫ ପରିବାରକୁ ରୋଜଗାର ଦେବା ସହ ବାର୍ଷିକ ୨ରୁ ୩ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ୨୦୦୮ରେ ୬ ଏକର ପରିମିତ ପଡ଼ିଆ ଜମିରେ ଉଦ୍ୟାନ ବିଭାଗ ସହାୟତାରେ ନିଜ ଭାଇଙ୍କ ସହ ମିଶି ଆମ୍ବ ଚାରା ଲଗେଇଥିଲେ। ସେ ଦୋସରି, ନିଲମ୍, ଆମ୍ରପାଲୀ, ଲେଙ୍ଗଡା, ବାଇଗଣପୋଲି, ମଲ୍ଲିକା, ସୁନ୍ଦରୀ ଭଳି ୭ ପ୍ରକାର ପ୍ରାୟ ୫ଶହ ଗଛ ଲଗାଇଛନ୍ତି। ତାଙ୍କ ଆମ୍ବ ନେବା ପାଇଁ ବିହାର, ବନାରସ, ଛତିଶଗଡ଼ରୁ ବ୍ୟବସାୟୀ ଆସୁଛନ୍ତି। ମୁରଲୀଧରଙ୍କ ଆମ୍ବ ପାଇଁ ଏହି ମଫସଲ ଗାଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।


ମୁରଲୀଧର ମେହେର।

## ବରପାଲିରୁ ବର୍ଲିନ୍ ଯିବେ ସଚିନ

### ଭିନ୍ନକ୍ଷମଙ୍କ ସ୍ୱତନ୍ତ୍ର ଅଲିମ୍ପିକ୍ସରେ ଭାଗ ନେବେ


ସଚିନଙ୍କୁ ଜିଲାପାଳ ମୋନିଷା ବାନାର୍ଜୀ ସମ୍ମାନିତ କରୁଛନ୍ତି।

**ବରପାଲି,୫ା୬(ଡି.ଏନ୍.ଏ.)**

ବରପାଲି ବ୍ଲକ କୁଶନପୁରୀର ସଚିନ ବାରିକ ଜର୍ମାନୀର ବର୍ଲିନ୍‌ଠାରେ ଜୁନ ୧୬ରେ ହେବାକୁ ଥିବା ଭିନ୍ନକ୍ଷମଙ୍କ ସ୍ୱତନ୍ତ୍ର ଅଲିମ୍ପିକ୍ସରେ ଭାଗନେବେ। ଏଥିପାଇଁ ୧୨ ତାରିଖରେ ସେ ବର୍ଲିନ ଅଭିମୁଖେ ଯାତ୍ରା ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଏନେଇ ସୋମବାର ବରଗଡ଼ ଜିଲାପାଳ ମୋନୀଷା ବାନାର୍ଜୀ ଏବଂ ଡିଏସ୍ଏସ୍ଓ ତୋହିର ହୁସେନ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ବିଶ୍ୱ କ୍ରୀଡ଼ାରେ ଯୋଗଦେବା ପାଇଁ ବଲାଙ୍ଗୀରର ସ୍ୱତନ୍ତ୍ର ଅଲିମ୍ପିକ୍ସର ଜାତୀୟ ପ୍ରଶିକ୍ଷକ ଝସକେତନ ସାହୁ ଓ ବରଗଡ଼ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ଖେଳ ଶିକ୍ଷକ ନିମାଇଁ ଥଇତଙ୍କ ଦିଗ୍‌ଦର୍ଶନରେ ନିଜକୁ ପ୍ରସ୍ତୁତ କରିଛନ୍ତି। ପିତା ଅଶୋକ ବାରିକ ଓ ମା' ରୀତାଙ୍କ କୋଳରୁ ଜନ୍ମଗ୍ରହଣ କରିଥିବା ସଚିନ ଭିନ୍ନକ୍ଷମଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଜନ୍ମରୁ ମାନସିକ ବିକଳାଙ୍ଗ ହୋଇଥିଲେ ମଧ୍ୟ ନିଜର ଦୃଢ଼ ଇଚ୍ଛାଶକ୍ତି ଓ ପରିଶ୍ରମ ଫଳରେ ସେ ୨୦୧୬ରୁ ଆଜି ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଲମ୍ପିକ୍ସ ଭାରତ ଦ୍ୱାରା ଆୟୋଜିତ ବିଭିନ୍ନ ଜିଲା, ରାଜ୍ୟ ତଥା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକମାନ ଲାଭକରି ଆସୁଛନ୍ତି। ବରପାଲିଠାରେ ଥିବା ସରସ୍ୱତୀ ଭିନ୍ନକ୍ଷମ ତାଲିମ କେନ୍ଦ୍ରରେ ରହି କ୍ରୀଡ଼ା ପ୍ରତି ଅନୁରକ୍ତି ରଖି ସର୍ବଦା ଅଭ୍ୟାସ କରିବା ସହ ପୂର୍ବ ପ୍ରସ୍ତୁତି ନେବାରେ ହେଳା କରୁ ନ ଥିଲେ। ୨୦୧୬ରେ ଭୁବନେଶ୍ୱରଠାରେ ସଫ୍ଟ ବଲ ଓ ରାଜସ୍ଥାନରେ ଦୌଡ଼ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭ କରିବା ସହ ୨୦୧୭ରେ ଚେନ୍ନାଇଠାରେ ଫୁଟବଲ୍ ଓ ପଞ୍ଜାବରେ ଫ୍ଲୋର ହକି ଖେଳି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୮ରେ ଆଗ୍ରାଠାରେ ହ୍ୟାଣ୍ଡବଲ ଓ ଗୁଜରାଟରେ ବ୍ୟାଡମିଣ୍ଟନ ଖେଳି ସ୍ୱର୍ଣ୍ଣପଦକ ଜିତି ଥିଲେ। ୨୦୨୨ରେ ବିଶ୍ୱ କ୍ରୀଡ଼ା ପାଇଁ ଗୁଜରାଟ, ହରିୟାଣା ଓ ଝାଡଖଣ୍ଡରେ ହୋଇଥିବା ଶିବିରରେ ସେ ଯୋଗଦେଇଥିଲେ।

### ଟ୍ରେନ୍ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ସରଣ୍ଡା,୫ା୬(ଡି.ଏନ.ଏ.)**

ସମ୍ବଲପୁର-ନାଦେଡ଼ ନାଗାବଳୀ ଏକ୍ସପ୍ରେସ ସୋମବାରଠାରୁ ଅତାବିରା ଷ୍ଟେଶନରେ ରହଣି କରିଛି। ଏହି ଅବସରରେ ଅତାବିରାରେ ଟ୍ରେନ୍ ରହଣିକୁ ସ୍ୱାଗତ କରାଯାଇଥିବା ବେଳେ ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। କୋଶଲ ଆନ୍ଧ୍ର କଲଚରାଲ ଆସୋସିଏଶନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭାରେ ଏମ୍‌ପି ସୁରେଶ ପୂଜାରୀ, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ବରିଷ୍ଠ ନେତା ସୁରେଶ୍ୱର ଶତପଥି, ବଣିକ ସଂଘ ସଭାପତି ବୃନ୍ଦାବନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଆନ୍ଧ୍ର କଲଚରାଲ ଆସୋସିଏଶନ ସଭାପତି ଡ଼ି ମୁରଲି କ୍ରିଷ୍ଣା ସଭା ପରିଚାଳନା କରିଥିବା ବେଳେ ଅତିଥି, ଉପସ୍ଥିତ ଜନସାଧାରଣ ମୃତକଙ୍କୁ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ସମ୍ବଲପୁର-ନାଦେଡ଼ ଟ୍ରେନକୁ ଅତାବିରାରେ ସ୍ୱାଗତ କରାଯାଇଥିଲା।

## ଆକ୍ରମଣରେ ସିଆର୍‌ପିଏଫ୍ ଯବାନ ଆହତ


ଆହତ ଯବାନ।

**ବରଗଡ଼ ଅଫିସ୍,୫ା୬**

ବରଗଡ଼ ରେଳ ଷ୍ଟେଶନ ନିକଟରେ ସୋମବାର ଭୋର୍‌ରୁ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବରା ଗ୍ରାମର ସିଆର୍‌ପିଏଫ୍ ଯବାନ ଜେହେରୁ ପଧାନ(୩୩)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ତାଙ୍କ ମୁଣ୍ଡ, ହାତ, ଛାତି ସମେତ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଆହତ ଯବାନ ଏ ନେଇ ବରଗଡ଼ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ଏହାର ତଦନ୍ତ କରୁଛି। ପ୍ରକାଶ ଯେ, ଆହତ ଯବାନ ଜେହେରୁ ଛତିଶଗଡ଼ ରାଜ୍ୟ ଦନ୍ତେୱାଡ଼ା ଅଞ୍ଚଳରେ କାର୍ଯ୍ୟରତ ଅଛନ୍ତି। ସେ ଛୁଟି ନେଇ ରବିବାର ଜଗଦଲପୁର-ରାଉରକେଲା ଟ୍ରେନ ଯୋଗେ ଘରକୁ ଫେରିଥିଲେ। ଫେରିବା ବାଟରେ ସୋମବାର ଭୋର୍ ପ୍ରାୟ ୩ଟାରେ ସେ ବରଗଡ଼ ରୋଡ୍ ଷ୍ଟେଶନରେ ଓହ୍ଲାଇ ଅଟୋଷ୍ଟାଣ୍ଡକୁ ଯାଇଥିଲେ। ସେଠାରେ କିଛି ଦୁର୍ବୃତ୍ତ ତାଙ୍କ ପରିଚିତ ଲୋକଙ୍କ ସହ ଗଣ୍ଡଗୋଳ କରୁଥିବା ଦେଖି ସେଠାକୁ ସେ ଯାଇ ସେଥିରୁ ନିବୃତ୍ତ ରହିବାକୁ କହିଥିଲେ। ମାତ୍ର ଦୁର୍ବୃତ୍ତମାନେ ଯବାନ ଜେହେରୁଙ୍କୁ ମାଡ଼ପିଟ୍ କରିବା ସହ ଲୁହାରଡ୍‌ରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବରଗଡ଼ ଡାକ୍ତରଖାନାରେ ସେ ଚିକିତ୍ସିତ ହୋଇଛନ୍ତି।

## ବୌଦ୍ଧରେ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ

**ବୌଦ୍ଧ,୫ା୬(ସ୍ୱ.ପ୍ର.)**

ବୌଦ୍ଧ ବନବିଭାଗ ପକ୍ଷରୁ ହରଭଙ୍ଗା ବ୍ଲକର ବୀରନରସିଂହପୁର ନର୍ସରୀଠାରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ମୁଖ୍ୟଅତିଥି, ଏସିଏଫ୍ ଆଶିଷ କହଁର, ଏସିଏଫ୍ ମିନାକ୍ଷୀ କୁମୁରା ସମ୍ମାନିତ ଅତିଥି ଓ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ଲାଷ୍ଟିକର ବହୁଳ ବ୍ୟବହାର୍, ଜଙ୍ଗଲ ଧ୍ୱଂସ ଓ ବହୁଳ ଭାବରେ ମୋଟରଗାଡି ବ୍ୟବହାର ପରିବେଶ ଦୂଷିତ ହେବାର ମୁଖ୍ୟ କାରଣ ବୋଲି ବନଖଣ୍ଡ ଅଧିକାରୀ କମ୍ପ କହିଥିଲେ।


ଶିକ୍ଷୟିତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଏହାସହ ଅଧିକରୁ ଅଧିକ ବୃକ୍ଷରୋପଣ ନିହାତି ଆବଶ୍ୟକ ନ ହେଲେ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସେ ପରାମର୍ଶ ଦେଇଥିଲେ। ସମସ୍ତେ ଯତ୍ନବାନ ହେଲେ ପରିବେଶ ସୁରକ୍ଷା ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାଘପାଲି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଝରଣା ମିଶ୍ରଙ୍କୁ ଚଳିତ ବର୍ଷର ପ୍ରକୃତି ମିତ୍ର ଓ ରାଜୀବ ନାୟକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଉଜ୍ଜ୍ୱଳା ଦିଦିଙ୍କ ବିକ୍ଷୋଭ ଶୋଭାଯାତ୍ରା

**ବରଗଡ଼ ଅଫିସ୍,୫ା୬**

କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନାରେ ନିୟୋଜିତ ଉଜ୍ଜ୍ୱଳା ଦିଦିମାନଙ୍କୁ ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଛି। କାର୍ଯ୍ୟରେ ନିୟୋଜନ ସମୟରେ ସରକାର ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ, ତାର କିଛି ସୁଫଳ ଏପର୍ଯ୍ୟନ୍ତ ମିଳି ନ ଥିବା ଓଡ଼ିଶା ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘ ଅଭିଯୋଗ କରିଛି। ଏଭଳି ଅଭିଯୋଗ ନେଇ ସୋମବାର ସଂଘର ବରଗଡ଼ ଜିଲା ଶାଖାର ଶତାଧିକ ସଭ୍ୟା ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣାରେ ବସିଥିଲେ। ପରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ଉଜ୍ଜ୍ୱଳା ଦିଦିଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ, କର୍ମନିଯୁକ୍ତି ଯୋଜନାରେ କାମ ସୁଯୋଗ ଏବଂ ପୂର୍ବରୁ ଦେଇଥିବା ସବୁ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ସଂଘର ବରଗଡ଼ ଜିଲା ସଂଯୋଜିକା ଦେବକୀ ସାହୁଙ୍କ ନେତୃତ୍ୱରେ ଉଜ୍ଜ୍ୱଳା ଦିଦିମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ବରଗଡ଼ରେ ଉଜ୍ଜ୍ୱଳା ଦିଦିଙ୍କ ବିକ୍ଷୋଭ ଶୋଭାଯାତ୍ରା।

## ପ୍ରଶାସନର କମ୍ପାନୀ ପ୍ରୀତି

# ସରକାରଙ୍କ ରାଜସ୍ୱ ହାନି

କୁଚିଣ୍ଡା,୫।୬(ଡି.ଏନ.ଏ.)

କୁଚିଣ୍ଡା ତହସିଲ ଅଞ୍ଚଳରେ ଏକାଧିକ ଠିକା କମ୍ପାନୀକୁ ପ୍ରଶାସନର ଅହେତୁକ ଅନୁକମ୍ପା ଯୋଗୁ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି।

ସୂଚନା ଅନୁଯାୟୀ, କୁଚିଣ୍ଡା ତହସିଲ ଅଧୀନରେ ଥିବା ଗୋଛରା ପଞ୍ଚାୟତର ଜନକଡିହି, କୁଲେଇଗଡ ପଞ୍ଚାୟତର ବୁଢ଼ାରଜା ଓ କୁତୁରାଚୁଆ ପଞ୍ଚାୟତର କିରାଶାସନଠାରେ ଆରଏସ୍ଏ କମ୍ପାନୀ ପ୍ରାୟ ଶହେ କୋଟି ଟଙ୍କା ବିନିମୟରେ ତିନୋଟି ବ୍ୟାରେଜ ନିର୍ମାଣ କରୁଛି। ଏହି ବ୍ୟାରେଜ ନିର୍ମାଣ ପାଇଁ କମ୍ପାନୀ ପ୍ରଶାସନର ବିନା ଅନୁମତିରେ ହଜାର ହଜାର ଟ୍ରିପ୍ ବାଲି ଜମା କରି ରଖିଛି। ସେହିପରି ଭାବେ ଜନକଡିହି ବୁଢାରଜାଠାରେ ବ୍ଲାଷ୍ଟିଂ କରି ପଥର ଫଟାଇବା ପରେ ଏହାକୁ ନିୟମ ମୁତାବକ ସରକାରଙ୍କଠାରେ ଜମା ନ କରି ଏକ ଅସ୍ଥାୟୀ କ୍ରଶର ସାହାଯ୍ୟରେ ଗେଟି ପ୍ରସ୍ତୁତ କରି ଏହାକୁ ନିର୍ମାଣ କାମରେ ବ୍ୟବହାର କରୁଥିବା ଅଭିଯୋଗ


କମ୍ପାନୀ ପକ୍ଷରୁ ଜମା କରାଯାଇଥିବା ବାଲି।

ହୋଇଛି। ଏହା ସହିତ କିରାଶାସନଠାରେ ବ୍ୟାରେଜ ନିର୍ମାଣ ପାଇଁ ଆରଏସ୍ଏ କମ୍ପାନୀ ଲସା ଠାରେ ମଧ ଶହ ଶହ ଟ୍ରିପ୍ ବାଲି ଓ ଗେଟି ଜମା କରି ରଖିଛି। ତହସିଲ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଅବଗତ ଥାଇ ମଧ୍ୟ କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ପ୍ରଶାସନର ଭୂମିକା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି କୁଚିଣ୍ଡାଠାରୁ ଭାୟା କୁସୁମୀ ଦେଇ ନରେନ୍ଦ୍ର ପର୍ଯ୍ୟନ୍ତ ଏକ ରାସ୍ତା କାମ ପୂର୍ତ୍ତ ବିଭାଗ ଅଧୀନରେ ଚାଲିଛି। ୩୨ କୋଟି ୬୩ ଲକ୍ଷ ଟଙ୍କାର ଏହି ରାସ୍ତା କାମକୁ ଟେଣ୍ଡର ଜରିଆରେ ଆଶୋକା ବ୍ରିକ୍ସ ଆଣ୍ଡ ଇଣ୍ଡଷ୍ଟ୍ରିଆଲ କମ୍ପାନୀ ଲିମିଟେଡ୍ ନାମକ ଏକ ଠିକା ସଂସ୍ଥା କାମ କରୁଛି। ଏହି କମ୍ପାନୀ ବର୍ତ୍ତମାନ ସୁଦ୍ଧା ରାସ୍ତା ନିର୍ମାଣ କାମ ଆରମ୍ଭ କରି ନ ଥିବା ବେଳେ ବେଆଇନ ଭାବେ କୁଚିଣ୍ଡାଠାରୁ କୁସୁମୀ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଟ୍ରିପ୍ ବାଲି ଜମା କରି ରଖିଛି। ତହସିଲ କର୍ତ୍ତୃପକ୍ଷଙ୍କ ଏପରି କମ୍ପାନୀ ପ୍ରୀତି ଯୋଗୁ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟୁଥିବା କୁହାଯାଉଛି। ସମ୍ବଲପୁର ଜିଲାପାଳ ପତ୍ର ସଂଖ୍ୟା ୧୯୧୨/୬।୧୨।୨୦୨୨ରେ ଆରଏସ୍ଏ ଠିକା କମ୍ପାନୀକୁ ଅନୁମତି ଦେଇଥିଲେ ହେଁ ରଖିଥିବା ୭ଗୋଟି ସର୍ତ୍ତାବଳୀର କମ୍ପାନୀ ଗୋଟିଏ ବି ସର୍ତ୍ତ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ବାଲି ପାଇଁ ତହସିଲରୁ ଲିଜ୍ ନେବା ଏବଂ ନିଜ ପଥର କ୍ୱାରୀରୁ ନିର୍ମାଣ କାମରେ ପଥର ବ୍ୟବହାର କରିବା ନିୟମକୁ କମ୍ପାନୀ ଖୋଲାଖୋଲି ଉଲ୍ଲଂଘନ କରିଛି। ଏ ସମ୍ପର୍କରେ କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେଙ୍କୁ ପଚାରିବାରେ କମ୍ପାନୀ ପକ୍ଷରୁ ବିଭିନ୍ନ ସ୍ଥାନରେ କାମ ଚାଲିଥିବା ଜାଣିଛନ୍ତି ଏବଂ ବିଲ ସମୟରେ ରୟାଲଟି କଟାଯିବ ବୋଲି କହିଛନ୍ତି। ତମାମ ବେଆଇନ କାମ ସମ୍ପର୍କରେ କୁଚିଣ୍ଡା ଉପଜିଲାପାଳ ବିଭୂତିଭୂଷଣ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଏହାର ତଦନ୍ତ କରି ଉଚିତ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ପୋଲିସ ଡିଜିଙ୍କୁ ଆଦିବାସୀ ସଂଗଠନର ଦାବିପତ୍ର

### ଯୁବତୀଙ୍କୁ ଅଧ୍ୟାପକଙ୍କ ଯୌନ ନିର୍ଯାତନା ଘଟଣା

କୁଚିଣ୍ଡା,୫।୬(ଡି.ଏନ.ଏ.)

ସରକାରୀ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଜଣେ ଆଦିବାସୀ ଯୁବତୀଙ୍କୁ ସଞ୍ଜିତ ନାୟକ ନାମକ ଜଣେ ଅଧ୍ୟାପକ ଦୀର୍ଘ ୧୧ବର୍ଷ ଧରି ଯୌନ ନିର୍ଯାତନା ଦେଇ ଅର୍ଥ ହଡପ କରିଥିବା ନେଇ କୁଚିଣ୍ଡା ଥାନାରେ ମାମଲା ରୁଜୁ ହୋଇଛି। ମାତ୍ର ଗିରଫଦାରିକୁ ଏଡାଇବା ପାଇଁ ଅଧ୍ୟାପକ ନାୟକ ଦୀର୍ଘ ୨୩ଦିନ ଧରି ବୁର୍ଲା ଭିମ୍ସାର ମେଡିକାଲରେ ଆଶ୍ରୟ ନେଇଛନ୍ତି। ତାଙ୍କୁ ଗିରଫ ସହ ପୀଡିତାଙ୍କୁ ନ୍ୟାୟ ଦାବି କରି କୁଚିଣ୍ଡା ଆଦିବାସୀ ସାଂସ୍କୃତିକ ପରିଷଦ ପକ୍ଷରୁ ଓଡ଼ିଶା ପୋଲିସ ଡିଜିଙ୍କୁ ଦାବିପତ୍ର ଦିଆଯାଇଛି।

ସୂଚନା ଅନୁଯାୟୀ କୁଚିଣ୍ଡା ବାସିନ୍ଦା ତଥା ବର୍ତ୍ତମାନର ବୀରମହାରାଜପୁର କଲେଜର ପ୍ରାଣୀ ବିଜ୍ଞାନ ଅଧ୍ୟାପକ ସଞ୍ଜିତ ନାୟକ କୁଚିଣ୍ଡା କଲେଜରେ ଅଧ୍ୟାପକ ଥିବା ସମୟରେ ଜଣେ ଆଦିବାସୀ ଯୁବତୀଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏପରି କି କୁଚିଣ୍ଡାରେ ଅଧ୍ୟାପକ କରିଥିବା ଏକ କୋଚିଂ ସେଣ୍ଟରରେ ଯୁବତୀ ଜଣକ ଅଧ୍ୟୟନ କରୁଥିବା ସମୟରେ ତାଙ୍କ ସରଳତାର ସୁଯୋଗ ନେଇ ଅଧ୍ୟାପକ ନାୟକ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଓ ଫଟୋ ଭାଇରାଲ ଧମକ ଦେଇ ବ୍ଲାକମେଲ କରିଆସୁଥିଲେ। ଯୁବତୀଙ୍କ ବିବାହ ପାଇଁ ଆସୁଥିବା ପ୍ରସ୍ତାବକୁ ଏହି ଫଟୋ ଓ ଭିଡିଓ ଦେଖାଇ ଭାଙ୍ଗିଦେଉଥିଲେ। ଏଭଳି ସମ୍ବେଦନଶୀଳ ଘଟଣାକୁ ପୋଲିସ ଅତି ହାଲୁକା ଭାବେ ନେଇ ପୀଡିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଅଧ୍ୟାପକଙ୍କ ଖସିବା ବାଟ ପ୍ରସ୍ତୁତ କରୁଥିବା ଆଦିବାସୀ ସାଂସ୍କୃତିକ ପରିଷଦ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ଅଭିଯୋଗ କରିଛନ୍ତି। ଏ ନେଇ ସଂଗଠନ ପକ୍ଷରୁ ସେ ପୋଲିସ ମହାନିର୍ଦ୍ଦେଶକ, ରାଜ୍ୟପାଳ, ରାଷ୍ଟ୍ରପତି, ରାଷ୍ଟ୍ରୀୟ ଆଦିବାସୀ କମିଶନ, ଓଡ଼ିଶା ମାନବାଧିକାର କମିଶନ, ହାଇକୋର୍ଟ ମୁଖ୍ୟ ବିଚାରପତି, ଜିଲାପାଳ ଓ ଏସ୍‌ପିଙ୍କଠାରେ ଅଭିଯୋଗ କରି ନିରପେକ୍ଷ ତଦନ୍ତ ପୂର୍ବକ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରିଛନ୍ତି। ଗତ ମେ ୧୨ତାରିଖରେ ପୀଡିତା କୁଚିଣ୍ଡା ଥାନାରେ ରିପୋର୍ଟ କରିଥିବା ବେଳେ ପୋଲିସ କେସ୍ ନଂ୯୪ରେ ବଳାତ୍କାର ମାମଲା ରୁଜୁ କରିଥିଲେ ହେଁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ମାଝି ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ବୁଢ଼ାରଜା ସ୍କୁଲକୁ ରାଜ୍ୟସ୍ତରୀୟ ପୁରସ୍କାର


ପ୍ରଧାନ ଶିକ୍ଷୟିତ୍ରୀ ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ସମ୍ବଲପୁର, ୫।୬(ବ୍ୟୁରୋ)

ବିଶ୍ୱ ପରିବେଶ ଦିବସ ଅବସରରେ ଭୁବନେଶ୍ୱର ଲୋକ ସଭା ଭବନସ୍ଥିତ ରାଜ୍ୟ କନ୍‌ଭେସନ ସେଣ୍ଟରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ବୁଢାରାଜା ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ବଲପୁରକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଆୟୋଜିତ ସମାରୋହରେ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ଦିଗରେ ଅବଦାନ ପାଇଁ ବିଦ୍ୟାଳୟକୁ ପୁରସ୍କାର ବାବଦରେ ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ସହ ମାନପତ୍ର ମିଳିଛି। ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ଜଙ୍ଗଲମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କଠାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର, କର୍ମଚାରୀ ଓ ବିଦ୍ୟାଳୟ ପରିଚାଳନା ସମିତିର ମିଳିତ ପ୍ରୟାସ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ପତ୍ରୀ କହିଛନ୍ତି।

## ମାଲିକ, ସାକ୍ଷୀ ସବୁ ନକଲି ଘଟଣା

# ଧରାପଡ଼ିଲା ଜମି କିଣାବିକା ଠକାମି

ସମ୍ବଲପୁର,୫।୬(ବ୍ୟୁରୋ)

**ଧରିତ୍ରୀ ପ୍ରଭାବ**

### ଫେରାଇଲେ ଜମି, ଗିରଫଦାରିକୁ ଅପେକ୍ଷା

ସମ୍ବଲପୁର ଜିଲା ଝୁଝୁମୁରା ତହସିଲ ଅନ୍ତର୍ଗତ କୟାକୁଦ ଗ୍ରାମର ପ୍ରଫୁଲ୍ଲ ରଣାଙ୍କ ନାମରେ ଥିବା ଜମି ତାଙ୍କ ଅଜାଣତରେ ବିକ୍ରି ହୋଇଯାଇଥିଲା। ସାକ୍ଷୀ, ମାଲିକ ସବୁ ନକଲି, ହେଲେ କେବଳ ମଧ୍ୟସ୍ଥି ଅସଲି ରହି ଜମି ବିକ୍ରି କରାଯାଇଥିଲା। ଏଥିରେ ପ୍ରାୟ ୬୫ ଲକ୍ଷ ଟଙ୍କା କାରବାର ହୋଇଥିଲା। ଘଟଣାକୁ ନେଇ ରଣା ଜିଲାପାଳ ଓ ପୋଲିସ ପାଖରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଧରିତ୍ରୀରେ ମେ ୧୫ରେ ସ୍ୱତନ୍ତ୍ର ଭାବେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଏହା ପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଥିଲା। ପୋଲିସ ତଦନ୍ତରୁ ଜାଲ୍ ଓ ଚକ୍ରାନ୍ତ କରି ଜମି କିଣାବିକା କରାଯାଇଥିବା ଧରାପଡିଥିଲା। ଶେଷରେ ଜମି କିଣିଥିବା ମୁଦିପଡାର ଜଗଦୀଶ ପଣ୍ଡା ପୂର୍ବ ମାଲିକ ରଣାଙ୍କ ନାମରେ ଗତ ୨ ତାରିଖରେ ଜମି ରେଜିଷ୍ଟ୍ରି କରିଥିବା ଜଣାପଡିଛି। ବିକ୍ରେତା ପଣ୍ଡାଙ୍କ ନାମରୁ ରଣାଙ୍କ ନାମରେ ସଂଶୋଧନ ହୋଇ ନ ଥିଲେ ମଧ୍ୟ ଖୁବ୍‌ଶୀଘ୍ର ଏହା ହୋଇଯିବ। ହେଲେ ଏତେ ବଡ ଜମି ଜାଲିଆତି ଘଟଣାରେ ପୋଲିସ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରି ନାହିଁ। ଏହି ଚକ୍ରାନ୍ତ ଘଟଣାରେ ରେଜିଷ୍ଟ୍ରି ଅଫିସ, ତହସିଲ ଅଫିସର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଏକ ଜମି ମାଫିଆ ର୍‍ୟାକେଟ କାମ କରୁଥିବା କୁହାଯାଉଛି। ପୋଲିସ ଠିକ୍‌ଭାବେ ତଦନ୍ତ କଲେ ଏହାର ରହସ୍ୟ ଉନ୍ମୋଚନ ହୋଇପାରିବ। ଏବେ ଠକମାନଙ୍କ ଗିରଫଦାରିକୁ ଅପେକ୍ଷା ବୋଲି ଏଠାରେ ଆଲୋଚନା ଚାଲିଛି। ଏ ସମ୍ପର୍କରେ ଝୁଝୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି, ତଦନ୍ତ ପରେ ପୋଲିସ ହାତରେ ଅନେକ ତଥ୍ୟ ପ୍ରମାଣ ଲାଗିଛି। ଏଥିରେ ବଡ ର୍‍ୟାକେଟ କାମ କରୁଛି। ସମସ୍ତଙ୍କୁ ଗିରଫ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ୨୦୨୨ ନଭେମ୍ବର ୨୨ରେ ୨୫ ହଜାର ଟଙ୍କା ଷ୍ଟାମ୍ପ ପେପରରେ ଜମି ରେଜିଷ୍ଟ୍ରି ହୋଇଥିଲା। କୟାକୁଦ ପଞ୍ଚାୟତ ଜରାସିଂହା ମୌଜାର ୪ ଏକର ୫୩ ଡେସିମିଲ ଜମି ବିକ୍ରି ହୋଇଥିଲା। ସମ୍ବଲପୁର ରେଜିଷ୍ଟ୍ରି ଅଫିସରେ ଜମି ମାଲିକ ପ୍ରଫୁଲ୍ଲଙ୍କ ସ୍ଥାନରେ ଅନ୍ୟଜଣଙ୍କ ଫଟୋ ଲଗାଇ ଜଗଦୀଶ ପଣ୍ଡାଙ୍କୁ ବିକ୍ରି କରାଯାଇଥିଲା। ଏଥିରେ ଦୁଇଜଣ ସାକ୍ଷୀ କରୁଣା ରଣା, ମନସୁର ଅଲ୍ଲିଖାନଙ୍କ ନାମ ରହିଥିଲା। ତାହା ମଧ୍ୟ ନକଲି କି ଅସଲି ତଦନ୍ତାଧୀନ ରହିଛି।

## ଝଡ଼ ତୋଫାନରେ ଧସିଲା କଲ୍ୟାଣ ମଣ୍ଡପ କାନ୍ଥ


ଧସିପଡିଥିବା କଲ୍ୟାଣମଣ୍ଡପ କାନ୍ଥ।

ପଡ଼ିଆବାହାଲ,୫।୬(ଡି.ଏନ.ଏ.)

ସମ୍ବଲପୁର ଜିଲା ଝୁଝୁମୁରା ପଞ୍ଚାୟତ ସମିତି ଅଧୀନ ଡ଼ଙ୍ଗରପଡା ପଞ୍ଚାୟତର ଲିଟିମୁଣ୍ଡା ଗ୍ରାମରେ ରବିବାର ଝଡ଼ ତୋଫାନରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପର କାନ୍ଥ ସମ୍ପୂର୍ଣ୍ଣ ଧସି ପଡିଛି। ଏସ୍ଏଫ୍‌ସି ଯୋଜନାରେ ୨୦୨୦-୨୧ ଆର୍ଥିକ ବର୍ଷରେ ଦଶ ଲକ୍ଷ ଟଙ୍କା ବ୍ୟୟରେ ଠିକାଦାର ଓ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲ୍ୟାଣମଣ୍ଡପ ନିର୍ମାଣ କରାଯାଉଛି। ଛାତ ପଡିବା ପୂର୍ବରୁ କାନ୍ଥ ପଡିଯାଇଥିବାରୁ ଏକ ବଡ଼ ବିପଦ ଟଳିଯାଇଥିବା ଆଲୋଚନା ହେଉଛି। ତେବେ କେଉଁ କାରଣରୁ ଏଭଳି ଘଟଣା ଘଟିଲା ତାହାର ତଦନ୍ତ କରି ସମ୍ପୃକ୍ତ ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

## ହାଇସ୍କୁଲରେ ବିଶ୍ୱ ପରିବେଶ ଦିବସ

କୁଚିଣ୍ଡା,୫।୬(ଡି.ଏନ.ଏ.): ବାମରା ବ୍ଲକ କେଶାଇବାହାଲ ହାଇସ୍କୁଲ ପରିସରରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବଲ୍ଲବୀ ପଟେଲଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାଏକ ମୁଖ୍ୟଅତିଥି, ପ୍ରକୃତି ବନ୍ଧୁ ରବୀନ୍ଦ୍ର ଦାସ, ଅସିମ ପଟେଲ, ତୁଳସୀ ମଞ୍ଜରୀ ବହିଦାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ ରକ୍ଷାରେ ମାନବ ସମାଜର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ହାଇସ୍କୁଲ ପରିସରରେ ଆମ୍ବ, କଦଳୀ, ପଣସ ଆଦି ବୃକ୍ଷ ରୋପଣ କରାଯାଇଥିଲା। ଗୋଲକ ଚରଣ ଗୁରୁ, ପ୍ରଶାନ୍ତ କୁମାର ପଟେଲ, ସନ୍ତୋଷ କୁମାର ରଣା, ଯଶ୍ୱିନ ମାକର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ବାଇକ ଚୋରି ଅଭିଯୋଗରେ ଜଣେ ଗିରଫ

ସଇଁତଲା,୫।୬ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତଗତ କୁମ୍ଭାରୀ ଗ୍ରାମରୁ ବାଇକ ଚୋରି ଅଭିଯୋଗରେ ଜଣଙ୍କୁ ପୋଲିସ ଗିରଫ କରିଛି। ଟିଟିଲାଗଡ଼ ଏସଡ଼ିପିଓ ଅଙ୍କିତା କୁମ୍ଭାର ସୋମବାର ଏ ନେଇ ଏହି ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଖଲିଆପାଲି ଗ୍ରାମର ସୁଶନ୍ତ ସାହୁଙ୍କ ହିରୋ ଏଚଏଫ ଡ଼ନ ବାଇକ ଗତ କିଛି ଦିନ ତଳେ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ ପାଇଁ ଏକ ଟିମ ଗଠନ କରିଥିଲା । ପ୍ରଥମେ ଗତ ୨ତାରିଖ କୁମ୍ଭାରୀ ଗ୍ରାମସ୍ଥିତ ଖେଳପଡ଼ିଆ ନିକଟରେ ରହୁଥିବା ଜଣେ ୧୫ବର୍ଷିୟ ନାବାଳକଠାରୁ ୫ଟି ଚୋରି ବାଇକ ଜବତ କରିଥିଲା ପୋଲିସ। ପରେ ପୋଲିସ ଅଧିକ ତଦନ୍ତ କରି କୁମ୍ଭାରୀ ଗ୍ରାମର ସୁବାଷ ବାଗ (୨୪)ଙ୍କଠାରୁ ସୁଶାନ୍ତଙ୍କ ଚୋରି ବାଇକ ମିଳିଥିଲା । ଥାନାରେ ଏକ ମାମଲା(୧୨୮/୨୩) ରୁଜୁ କରି ଅଭିଯୁକ୍ତ ସୁବାଷଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

# ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ

### ଏମ୍‌ସିଏଲ୍

ସମ୍ବଲପୁର,୫।୬(ବ୍ୟୁରୋ): ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ଜେନେରାଲ ମ୍ୟାନେଜର ମଧୁସୂଦନ ଶର୍ମା ପରିବେଶ ପତାକା ଉତ୍ତୋଳନ କରି ବିବିଧ କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।



ଏମସିଏଲ୍


ହିଣ୍ଡାଲକୋ


ଶ୍ୟାମ ମେଟାଲିକ୍ସ

### ହିଣ୍ଡାଲ୍‌କୋ ହୀରାକୁଦ

ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। କ୍ଲଷ୍ଟର ମୁଖ୍ୟ କୈଳାଶ ପାଣ୍ଡେଙ୍କ ମାର୍ଗଦର୍ଶନରେ ବିଭିନ୍ନ କାର୍ଯ୍ୟକ୍ରମ ତଥା ପରିବେଶ ସମ୍ବନ୍ଧୀୟ ପ୍ରତିଯୋଗିତା ହୋଇଥିଲା। କାରଖାନାର କର୍ମଚାରୀ, ସ୍ଥାନୀୟ ମହିଳା ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କଲୋନୀରେ ସମୂହ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ସ୍ମେଲଟର ମୁଖ୍ୟ ଦେବାଶିଷ ମଲ୍ଲିକ, ପାୱାର ପ୍ଲାଣ୍ଟ ମୁଖ୍ୟ ପ୍ରାଞ୍ଜଳ ପାଠକ, ପରିବେଶ ବିଭାଗ ମୁଖ୍ୟ ରଞ୍ଜନ ଜେନା, ଆଇଆର୍ ବିଭାଗ ସାଧାରଣ ପରିଚାଳକ ସତ୍ୟ ଦାସ ଉପସ୍ଥିତ ରହିଥିଲେ। ହିଣ୍ଡାଲ୍‌କୋର ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଲରଭଙ୍ଗାଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଏସ୍ଆର୍ ବିଭାଗର ସୁକାନ୍ତ ମହାପାତ୍ର, ଆନନ୍ଦ ଚକ୍ରବର୍ତ୍ତୀ,ସନ୍ତୋଷ ତ୍ରିପାଠୀ ପ୍ରମୁଖ ବୃକ୍ଷରୋପଣରେ ସାମିଲ ଥିଲେ ।

### ଶ୍ୟାମ ମେଟାଲିକ୍ସ

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ ପକ୍ଷରୁ ୫୧ ତମ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଡ଼ିଇଇ ବିଶ୍ୱକାନ୍ତ ପଧାନ ମୁଖ୍ୟଅତିଥି ଓ ଫ୍ୟାକ୍ଟ୍ରି ମ୍ୟାନେଜର ଭୂପେନ୍ଦ୍ର ସିଂ ଖୁଶୱା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପି ଆଣ୍ଡ ଏ ମ୍ୟାନେଜର ସୁରଜିତ ବଡ଼ପଣ୍ଡା, ସୁରକ୍ଷା ପ୍ରମୁଖ ଇନ୍ଦ୍ରଜିତ ସିଂ, ରାଜେଶ ତିୱାରି, ପରିବେଶ ବିଭାଗର ଅନୁପ କୁମାର ସାହୁ, ରାଜେଶ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଓପିଜିସି

ଓପିଜିସିରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ମେ ୨୯ରୁ ସ୍କୁଲ ପିଲାମାନଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା, କର୍ମଚାରୀଙ୍କ ପାଇଁ ସଚେତନତା ଅଧିବେଶନ, ଗୋଷ୍ଠୀ ପରିବେଶ କୁଇଜ୍, ସ୍ଲୋଗାନ୍ ପ୍ରଭୃତି ପ୍ରତିଯୋଗିତା ହୋଇଥିଲା । ନିର୍ଦ୍ଦେଶକ ଅପରେଶନ ମାନସ ରଞ୍ଜନ ରାଉତ ଓ ଅନ୍ୟ କର୍ମଚାରୀଙ୍କ ସହ ସ୍ଥାନୀୟ ପରିବେଶବିତ ଉପସ୍ଥିତ ରହିଥିଲେ। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ଲାଷ୍ଟିକ ମୁକ୍ତ କରି ପରିବେଶର ସୁରକ୍ଷା ତଥା ପୋଷଣ ପାଇଁ ଶପଥ ମଧ୍ୟ ନିଆଯାଇଥିଲା। ପାର୍ଥ ସାରଥୀ ପଣ୍ଡା, ମ୍ୟାନେଜର ପରିବେଶ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ଓପିଜିସି

### ଟିପିଡବ୍ଲ୍ୟୁଓଡିଏଲ୍

ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍ ନାଗାରାଜୁ, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ ଗଜାନନ କାଲେ ଯୋଗ ଦେଇ ଚାରା ରୋପଣ କରିଥିଲେ। ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ଶପଥ ନେବା ସହ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ସମାଜିକ କର୍ମୀ ଉପସ୍ଥିତ ରହିଥିଲେ ।


ଟିପିଡବ୍ଲ୍ୟୁଓଡିଏଲ୍


ଏଲ୍‌ଆଣ୍ଡଟି

### ଏଲ୍‌ଆଣ୍ଡଟି

ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ଏଲ୍‌ଆଣ୍ଡଟି କମ୍ପାନୀ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶାସନସ୍ଥିତ ଟୋଲପ୍ଲାଜା ନିକଟରେ ବୃକ୍ଷରୋପଣ ହୋଇଥିଲା। ରେଙ୍ଗାଲି ତହସିଲଦାର ବେରିୟସ ଡୁଙ୍ଗଡୁଙ୍ଗ, ଅଗ୍ନିଶମ ବିଭାଗ ଅଧିକାରୀ ଶଲିଳ କୁମାର କିଣ୍ଡୋ, ରେଙ୍ଗାଲି ଫରେଷ୍ଟର ସୁନିତା ଗର୍ଡିଆ ନାଏକ, ଫରେଷ୍ଟ ଗାର୍ଡ ପ୍ରୀତିମୟୀ ବେହେରା, ରେଙ୍ଗାଲି ଥାନାର ଲାବନ ନନ୍ଦ, ନିରଞ୍ଜନ ଦେହୁରି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହାସହ ସିଲିକନ କଲେଜରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା।

## ସଂକ୍ଷେପରେ

### ବାଇକ୍ ଚୋର ନର୍ଲା ଥାନାରେ ଅଟକ

**ନର୍ଲା,୫।୬(ଡି.ଏନ.ଏ):** ସଦର ଥାନା ଅନ୍ତର୍ଗତ କୁଟେନ ପଦର ଗ୍ରାମର ନରେଶ ଜାଲ ବାଇକ୍ ଓଡ଼ି ୦୮କ୍ୟୁ ୨୧୯୫ ଯୋଗେ ଲାଞ୍ଜିଗଡ ରୋଡ଼କୁ ଯାଇଥିଲେ। ସେଠାରେ ଗାଡ଼ିକୁ ରଖିଦେଇ କାର୍ଯ୍ୟବ୍ୟସ୍ତତା ଥିବାବେଳେ ବାଇକ୍‌କୁ ଜଣେ ଯୁବକ ଆସି ଚୋରି କରି ନେଇଯାଇଥିଲେ। ଖୋଜାଖୋଜି କରି ନ ପାଇବା ପରେ ବାଇକ୍ ଚୋରି ଘଟଣାକୁ ନେଇ ଆତ୍ମୀୟ ଲୋକଙ୍କୁ ଖବର ଦେଇଥିଲେ। କିଛି ସମୟ ପରେ ରୂପ୍ରା ଗ୍ରାମଠାରେ ଉକ୍ତ ବାଇକକୁ ମୁସ୍କୁଟି ଗ୍ରାମର ଭରତ ସାହୁଙ୍କ ପୁଅ ରୋମାଞ୍ଚଳ ସାହୁ ନେଇଯାଉଥିବା ବେଳେ ସମ୍ପର୍କୀୟ ଲୋକେ ବାଇକ୍ ସହିତ ଯୁବକଙ୍କୁ କାବୁ କରି ନର୍ଲା ଥାନାକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳକୁ ଯାଇ ବାଇକ ଚୋରକୁ ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଥିବା ଜଣାପଡିଛି। ଏ ନେଇ ଥାନାରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି।

### ରାମାସ୍ୱାମୀ ମନ୍ଦିର ପରିଚାଳନା କମିଟିର ନୂତନ କର୍ମକର୍ତ୍ତା

**ବଲାଙ୍ଗୀର ଅଫିସ,୫।୬:** ବଲାଙ୍ଗୀର ସହର ମାଲପଡାସ୍ଥିତ ରାମାସ୍ୱାମୀ ମନ୍ଦିର ପରିଚାଳନା କମିଟିର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ଉମାଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଗାମୀ ଦିନରେ ମନ୍ଦିର ଉନ୍ନତି ପାଇଁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯିବ ସେ ଉପରେ ଆଲୋଚନା ହୋଇଥିଲା। ଏହାପରେ ସର୍ବସମ୍ମତି କ୍ରମେ ନୂତନ କମକର୍ତ୍ତା ଚୟନ କରାଯାଇଥିଲା। ପରିଚାଳନା କମିଟି ସଭାପତି ଭାବରେ ଉମାଶଙ୍କର ପଣ୍ଡା ନିର୍ବାଚିତ ହୋଇଥିଲେ। ସମ୍ପାଦକ ଭାବରେ ବିକ୍ରମ ପାତ୍ର, ଉପସଭାପତି ଶଙ୍କର ପ୍ରସାଦ ମାଝି ଓ ମାର୍ଗଶୀର କର୍ମୀ, ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ ଓ କୋଷାଧ୍ୟକ୍ଷ ଭାବରେ ହିମାଂଶୁ ଶେଖର ପଣ୍ଡା ନିର୍ବାଚିତ ହୋଇଥିଲେ। ଅଡିଟର ଭାବେ ସନ୍ତୋଷ ଦାଶଙ୍କୁ ବଛାଯାଇଥିଲା। ସେହିଭଳି କାର୍ଯ୍ୟକାରୀ କମିଟିରେ ଗୋକୁଳ କରଣ, ହରିଶ ବଗର୍ତ୍ତା, ବୁଲୁ ଦାଶ, ସୋମ୍ୟଦୀପ ସରାଫ, ରବି ବାଗ, ଶାନ୍ତନୁ ଭାଟି, ମନୋଜ ବିଶି, ବଳଦେବ ହାତୀ, ସନୋଜ ମିଶ୍ର, ପ୍ରେମଜିତ ଯୋଷୀ, ପ୍ରେମା ମିଶ୍ର ଓ ଦେବାଶିଷ ଦାସ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

### ପାର୍କରେ ପାନୀୟ ଜଳ ବ୍ୟବସ୍ଥା କଲା ଜେସିଆଇ

**ଟିଟିଲାଗଡ଼, ୫।୬(ଡି.ଏନ.ଏ.):** ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜେସିଆଇ ଟିଟିଲାଗଡ ଶାଖା ପକ୍ଷରୁ ଜନତାଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସ୍ଥାନୀୟ ମହାରାଜ ସାଗର କଡସ୍ଥ ଆଇ ଲଭ ଟିଟିଲାଗଡ ପାର୍କରେ ଶୀତଳ ପାନୀୟ ଜଳ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ସଂଗଠନ ସଭାପତି ଅତୁଲ ଜୈନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ ପୌରାଧକ୍ଷା ମମତା ଜୈନ ମୁଖ୍ୟ ଅତିଥି ଓ ବରଗଡ ଅତିରିକ୍ତ ତସହିଲଦାର ସରିତା ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଂଗଠନ କୋଷାଧକ୍ଷ ମହେଶ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ଡା. ନରେନ୍ଦ୍ର ଅଗ୍ରୱାଲ, ପ୍ରତିଷ୍ଠାତା ସଭାପତି ଗୋପାଲ ଜୈନ, ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ ସୋନି, ନିରୋଜ ପଟ୍ଟନାୟକ, ମନିଷ ଗୁପ୍ତା, ଗୌତମ ଅଗ୍ରୱାଲ, ନିଲେଶ ଜୈନ ଉପସ୍ଥିତ ଥିଲେ।

# ବଲାଙ୍ଗୀରରେ ଗାରିମା ଯୋଜନାର ଶୁଭାରମ୍ଭ

**ବଲାଙ୍ଗୀର ଅଫିସ, ୫।୬**

ବଲାଙ୍ଗୀରରେ ନିଆରା ଜନକଲ୍ୟାଣ ଯୋଜନା ଗାରିମାର ଶୁଭାରମ୍ଭ ସୋମବାର ହୋଇଯାଇଛି। ସ୍ଥାନୀୟ କଲେଜ ଛକ କଲ୍ୟାଣ ମଣ୍ଡପଠାରେ ପୌରାଧକ୍ଷା ଲିକା ସାହୁ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ପ୍ରମୁଖ ପରିମଳ କର୍ମଚାରୀଙ୍କୁ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ପରିମଳ କର୍ମଚାରୀଙ୍କୁ କିଭଳି ଅଧିକରୁ ଅଧିକ ସ୍ୱାବଲମ୍ବୀ କରିବାର ପ୍ରୟାସ କରାଯିବ ସେ ଉପରେ ଗୁରୁତ୍ୱ ଦିଆଯାଇଛି। ପୌରାଧକ୍ଷା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ବଲାଙ୍ଗୀର ପୌର ଉପାଧକ୍ଷା ଗାୟତ୍ରୀ ଭୋଇ ଏବଂ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ମଞ୍ଚାସୀନ ହୋଇଥିଲେ। ଗାରିମା


ପୌରାଧକ୍ଷା ଲିକା ସାହୁ ପରିମଳ କର୍ମଚାରୀଙ୍କୁ ପରିଚୟ ପତ୍ର ବଣ୍ଟନ କରୁଛନ୍ତି।

ଯୋଜନାରେ ପରିମଳ କର୍ମଚାରୀ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ସୁବିଧା ସୁଯୋଗ ଯୋଗାଇ ଦେଇଥିବା ସୂଚନା ଦିଆଯାଇଥିଲା। ରାଜ୍ୟ ସରକାର ଏହି ଯୋଜନାରେ ପରିମଳ କର୍ମଚାରୀଙ୍କୁ ଦକ୍ଷତା ଅନୁଯାଇ ଦରମା, ବିପଦ ଓ କଷ୍ଟ ସାଧିତ ପାଉଣା ଯୋଗାଇ ଦେବେ। ସ୍ୱାସ୍ଥ୍ୟଗତ ସୁବିଧା ଯାହାକି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହେବେ। ଜୀବନ ବୀମା ସୁବିଧା ଓ ଅକ୍ଷମତା ସହାୟତା ପାଇବେ। ୮ରୁ ୬ ଘଣ୍ଟା କାମ କରିବେ। ପର୍ଯ୍ୟାୟ କ୍ରମେ ତାଙ୍କର ସ୍ୱାସ୍ଥ୍ୟ ଯାଞ୍ଚ ହେବ। ଅସୁସ୍ଥତା ପାଉଣା ପାଇବେ। ତା ସହିତ ପକ୍କାଘର, ଛୁଆ ମାନଙ୍କ ପାଇଁ ଶିକ୍ଷାଗତ ସୁବିଧା, ଯାନବାହାନ, ମୋବାଇଲ କିଣିବା ସୁବିଧା

**ପ୍ରମୁଖ ପରିମଳ କର୍ମଚାରୀଙ୍କୁ ପରିଚୟ ପତ୍ର ପ୍ରଦାନ ଶିବିର**

ସୁଯୋଗ ପାଇବା ସହିତ କର୍ପସ ପାଣ୍ଠିରୁ ୫୦ କୋଟି ଟଙ୍କା ଅର୍ଥର ଜୀବିକା ପାଇ ପାରିବାର ସୁବିଧା ସୁଯୋଗ ଯୋଗାଇ ଦିଆଯିବାର ଯୋଜନା ରହିଥିବା ସଭାରେ ସୂଚନା ଦିଆଯାଇଥିଲା। ପରିମଳ କର୍ମଚାରୀଙ୍କ ଦୈନନ୍ଦିନ କାର୍ଯ୍ୟକୁ ଆଖି ଆଗରେ ରଖି ସରକାର ତାଙ୍କର ସୁବ୍ୟବସ୍ଥା କରିବା ସହ ସହରକୁ ତାଙ୍କରି ମାଧ୍ୟମରେ ସବୁଜ, ସୁନ୍ଦର କରିବାର ପ୍ରୟାସ କରିଛନ୍ତି। ପରସ୍ପର ସହଯୋଗରେ ବଲାଙ୍ଗୀର ସହରକୁ ସବୁଜ ସୁନ୍ଦର କରି ପାରିବା ବୋଲି ଅଧକ୍ଷା ଲିକା ସାହୁ ବକ୍ତବ୍ୟ ରଖିଥିଲେ। ବଲାଙ୍ଗୀର ପୌର ପରିଷଦର ସମସ୍ତ କାଉନସିଲର, ସଭ୍ୟାସଭ୍ୟ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି


ଜିଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ରଷିକେଶ ଖିଲାରୀ ଜନଅଭିଯୋଗ ଶୁଣାଣି କରୁଛନ୍ତି।

**ବଲାଙ୍ଗୀର ଅଫିସ, ୫।୬**

ଜୁନ ମାସ ପାଇଁ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି କାର୍ଯକ୍ରମ ସୋମବାର ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧୀକ୍ଷକ ରିଷିକେଶ ଦ୍ୟାନଦେଓ ଖିଲାରୀ, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ପିଡି ଡୁଡା ସୁଦର୍ଶନ ସାଏଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ

**୧୭୦ଟି ଅଭିଯୋଗ, ଦରଖାସ୍ତର ହେଲା ଶୁଣାଣି**

ଅଧିକାରୀ, ବଲାଙ୍ଗୀର ଉପଖଣ୍ଡ ଅନ୍ତର୍ଗତ ସମସ୍ତ ବିଡିଓ, ତହସିଲଦାର ଉପସ୍ଥିତ ଥିଲେ। ଶୁଣାଣି କାର୍ଯ୍ୟକ୍ରମରେ ବିଭିନ୍ନ ସମସ୍ୟାମୂଳକ ୧୭୦ଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା। ତନ୍ମଧ୍ୟରୁ ୧୪୯ଟି ବ୍ୟକ୍ତିଗତ ଅଭିଯୋଗମୂଳକ ଓ ଅବଶିଷ୍ଟ ୨୧ଟି ସାମୂହିକ ଦରଖାସ୍ତ ଦାଖଲ ଥିଲା । ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଜନସାଧାରଣଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟାଗୁଡିକର ଶୁଣାଣି କରିଥିଲେ। ସାମାଜିକ ସୁରକ୍ଷା ଯୋଜନା ଜରିଆରେ ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମର ତୁଲା ସାହୁଙ୍କୁ ଶ୍ରବଣ ଯନ୍ତ୍ର ଓ ପୁଇଁତଲା ବ୍ଲକ ଅନ୍ତର୍ଗତ ଶିକାବେହେଙ୍ଗା ଗ୍ରାମର ସଞ୍ଜୁକ୍ତା ଦୀପଙ୍କୁ ଏକ ଟ୍ରାଇ-ସାଇକେଲ ପ୍ରଦାନ କରାଯାଇଥିଲା। ଚିକିତ୍ସା ସହାୟତା ବାବଦରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୬ ଜଣଙ୍କୁ ୩୭ ହଜାର ଟଙ୍କା ର ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା ଓ ଜଣଙ୍କୁ ଜିଲା ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା।

### ଲୁଟ୍ ଟଙ୍କା ଫେରି ପାଇଲେ ବ୍ୟବସାୟୀ

**ଟିଟିଲାଗଡ଼, ୫।୬(ଡି.ଏନ.ଏ.)**

ଟିଟିଲାଗଡ ସହରର ଜଣେ ବ୍ୟବସାୟୀଙ୍କ ଠାରୁ ଲୁଟ ଟଙ୍କା ଗଞ୍ଜାମ ଜିଲା ଆସ୍କା ଅଞ୍ଚଳରୁ ଉଦ୍ଧାର କରି ପୋଲିସ ଫେରାଇଛି। ଏନେଇ ସୋମବାର ଟିଟିଲାଗଡ ଥାନା ପରିସରରେ ଏସଡିପିଓ ଅଙ୍କିତା କୁମ୍ଭାର ଏବଂ ଥାନା ଆଇଆଇସି ରଞ୍ଜନ ବରିହା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେବା ସହ ବ୍ୟବସାୟୀଙ୍କୁ ଉଦ୍ଧାର ଲୁଟ୍ ଟଙ୍କା ଫେରାଇ ଦେଇଛନ୍ତି। ଗତ ମାସ ୧୧ ତାରିଖରେ ସହରର ବ୍ୟବସାୟୀ ନବନୀତ ଜୈନ ସକାଳ ପ୍ରାୟ ୯ଟାରେ ନିଜ ଘରୁ ୩ ଲକ୍ଷ ଟଙ୍କା ଧରି ତାଙ୍କ ଦୋକାନକୁ ଆସୁଥିବା ବେଳେ ବାଟରେ ଥିବା ଗଣେଶ ମନ୍ଦିରରେ ମୁଣ୍ଡିଆ ମାରିଥିଲେ। ସେହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ଉକ୍ତ ଟଙ୍କା ବ୍ୟାଗ ଧରି ଫେରାର ହୋଇଯାଇଥିଲେ। ଏସ୍‌ଡିପିଓ ଅଙ୍କିତା କୁମ୍ଭାରଙ୍କ ସୂଚନା କ୍ରମେ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଟିଟିଲାଗଡ ଥାନା ଏସ୍‌ଆଇ ନରେନ୍ଦ୍ର ଛତ୍ର, ଏଏସଆଇ କାର୍ତ୍ତିକ ପ୍ରଧାନ, କନଷ୍ଟେବଲ ଏ.ପି.ପଟେଲ, ଏଚ .ବେହେରା ନେଇ ଗଠିତ ଏକ ଟିମ ଗଞ୍ଜାମ ଜିଲାର ଆସ୍କା ଥାନା ଅଞ୍ଚଳରେ ଚଢାଉ କରିଥିଅଭିଯୁକ୍ତଙ୍କ ଘରୁ ୧ଲକ୍ଷ ୯୪ ହଜାର ୭୫୦ ଟଙ୍କା ପୋଲିସ ଜବତ କରିଥିଲେ।

# ପଲିଥିନମୁକ୍ତ ସହର ପାଇଁ ଶପଥ ନେଲେ

**ବଲାଙ୍ଗୀର ଅଫିସ, ୫।୬**

ବଲାଙ୍ଗୀରର ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ସୋମବାର ସ୍ଥାନୀୟ ଗାନ୍ଧୀ ଭବନଠାରେ ବିଶ୍ୱ ପରିବେଶ ଦିବସ ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର ମାନଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ପରିବେଶ ପ୍ରଦୂଷଣ ଓ ନିରାକରଣ ସମ୍ପର୍କରେ ଆଲୋଚନ କରାଯାଇଥିଲା । ସହରକୁ ପଲିଥିନ ମୁକ୍ତ କରି ପରିବେଶକୁ ସୁସ୍ଥ ରଖିବା ଦିଗରେ ଜନସାଧାରଣଙ୍କ ଭୂମିକା ଓ କର୍ତ୍ତବ୍ୟ ଉପରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସଭା ପ୍ରାରମ୍ଭରୁ ବାହାନଗା ଟ୍ରେନ ଦୁର୍ଘଟଣାରେ ପ୍ରାଣ


ବଲାଙ୍ଗୀରର ଗାନ୍ଧୀ ଭବନଠାରେ ପରିବେଶ ସମ୍ପର୍କରେ ସଚେତନତାମୂଳକ ଆଲୋଚନା କରାଯାଉଛି।

ହରାଇଥିବା ବ୍ୟକ୍ତିଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ଗାନ୍ଧୀ ଭବନରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିଥିଲା। ଆଲୋଚନାଚକ୍ରରେ ବରିଷ୍ଠ ଆଇନଜୀବୀ ରତନ ମହାରଣା, ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର, ଗାନ୍ଧୀ ସ୍ମୃତି କମିଟି ଉପଦେଷ୍ଟା ମନୋରଞ୍ଜନ ପୁରୋହିତ, ଅବସରପ୍ରାପ୍ତ ଶିକ୍ଷକ ଓ କବି ମଧୁସୂଦନ ନାୟକ, ଗବେଷିକା ସୀମାରାଣୀ ରଥ, ନିରୋଜ ମିଶ୍ର, ବିଭୁ କଲ୍ୟାଣ ଗଡତିଆ, ମାହେଶ୍ୱରୀ ସଙ୍ଗଠନ ଅଧକ୍ଷ ଅଙ୍କୁଶ ପାଣ୍ଡିଆ, କୁଲତା ସମାଜର ରିଙ୍କୁ ସାହୁ, ବଜରଙ୍ଗ ଦଳର କାହ୍ନା ଶତପଥି ଉପସ୍ଥିତ ରହି ନିଜସ୍ୱ ମତାମତ ଦେଇଥିଲେ। କବି ଅର୍ଜୁନ ସାହୁ ପରିବେଶ ସୁରକ୍ଷା ଉପରେ ଏକ କବିତା ପାଠ କରିଥିଲେ । ଶେଷରେ କମିଟି ତରଫରୁ ଛାତ୍ରୀଛାତ୍ରଙ୍କୁ ଚାରା ବଣ୍ଟନ କରାଯାଇଥିଲା । ଛାତ୍ରୀଛାତ୍ରମାନେ ସହରକୁ ପଲିଥିନ ମୁକ୍ତ କରିବା ପାଇଁ ଶପଥ ଗ୍ରହଣ କରିଥିଲେ । ପ୍ରଶାନ୍ତ ମହାକୁର ସ୍ୱାଗତ ଭାଷଣ ଓ ବୀରେନ୍ଦ୍ର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ ।




@ ଆଦିତ୍ୟ

@ ଶ୍ୟାମ
ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୩୨୦ ବୋତଲ କଫ୍ ସିରପ୍ ଜବତ, ଜଣେ ଗିରଫ


ଜବତ କଫ ସିରପ୍ ଓ ଅଭିଯୁକ୍ତ ସହ ଅବକାରୀ କର୍ମଚାରୀ।

**ନୂଆପଡ଼ା ଅଫିସ,୫।୬**

ନୂଆପଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ସୋମବାର ବିପୁଳ ପରିମାଣରେ କଫ୍ ସିରଫ ଜବତ କରି ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଯୁବକ ଜଣକ ହେଲେ ଉଦ୍ୟାନବନ୍ଧ ମହୁଲପଡାର ଡଗଲେଶ୍ୱର ଅହିର (୨୭) ବୋଲି ଜଣାପଡିଛି। ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଇନ୍ସପେକ୍ଟର ହିରାବତି ଥାଟିଙ୍କ ନେତୃତ୍ୱରେ ଏକ ଟିମ୍ ଉଦ୍ୟାନବନ୍ଧ ଅଞ୍ଚଳରେ ସୋମବାର ପୂର୍ବାହ୍ନରେ ପାଟ୍ରୋଲିଂ କରୁଥିଲେ। ପୂର୍ବାହ୍ନ ସମୟରେ ବଲାଙ୍ଗିର ରାସ୍ତା ପଣ୍ଡରାପଥର ପେଟ୍ରୋଲ ପମ୍ପ ପାଖରେ ଡଗଲେଶ୍ୱର କଫ ସିରଫ ରଖି ଅନ୍ୟତ୍ର ପଠାଇବା ପାଇଁ ବସ ଅପେକ୍ଷାରେ ଥିଲେ। ସେହି ସମୟରେ ଅବକାରୀ ବିଭାଗର କର୍ମଚାରୀମାନେ କୌଣସି ସୂତ୍ରରୁ ଖବର ପାଇ ଡୁଗଲେଶ୍ୱରଙ୍କୁ କାବୁ କରିବା ସହ ଧଳା ପ୍ଲାଷ୍ଟିକ ବସ୍ତାରେ ଭର୍ତ୍ତିକରି ରଖିଥିବା କଫ୍ ସିରଫକୁ ଜବତ କରିଥିଲେ। ସେହି ବସ୍ତାକୁ ଖୋଲି ଦେଖିବାରୁ ୩୨୦ଟି କଫ ସିରଫ ରହିଛି। କଫ ସିରଫ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉ ସମୟରେ ଓଆଇସି ଗୁପ୍ତେଶ୍ୱର ପଟେଲ,ଏସଆଇ ସଞ୍ଜିବ ବେହେରା, ଏଏସଆଇ ସରୋଜ କଟା, ଧନରାଜ ଦଣ୍ଡସେନା, କନଷ୍ଟେବଲ କ୍ଷେତ୍ରମଣି ବାଗ, ଗିରେନ୍ଦ୍ର କଟା, ପୁରୋହିତ ବନଛୋର, ରିତା ଶବର, ଭଗବାନ ହଂସ, ପ୍ରମିଳା କୈବର୍ତ୍ତ, ଦୀପାଞ୍ଜଳି ତିୱାରୀ, ଆଶୋତୋଶ ନାୟକ, ନୀଳମାଧବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅମଲା ସଂଘ ଆନ୍ଦୋଳନକୁ ଜୀବନ ବୀମା ଅଭିକର୍ତ୍ତା ସଙ୍ଗଠନର ସମର୍ଥନ

**ବଲାଙ୍ଗୀର ଅଫିସ, ୫।୬**


ନିଖିଳ ଭାରତ ଜୀବନ ବୀମା ଅଭିକର୍ତ୍ତା ମହାସଙ୍ଗଠନ ବଲାଙ୍ଗୀର ଶାଖା ପକ୍ଷରୁ ମିଳିତ ଅମଲା ମଞ୍ଚର ସମୂହ ଛୁଟି ଆନ୍ଦୋଳନକୁ ସମର୍ଥନ ଘୋଷଣା କରାଯାଇଛି। ଅମଲା ସଂଘର ନାର୍ଯ୍ୟ ଦାବି ଶୀଘ୍ର ପୂରଣ ନିମନ୍ତେ ଜୀବନ ବୀମା ଅଭିକର୍ତ୍ତା ମହାସଙ୍ଗଠନ ରାଜ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ଜୀବନ ବୀମା ଅଭିକର୍ତ୍ତା ସଙ୍ଗଠନ ପକ୍ଷରୁ ଏକ ସମର୍ଥନ ପତ୍ର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରତ ମିଳିତ ଅମଲା ସଂଘର କାର୍ଯ୍ୟକର୍ତ୍ତାଙ୍କୁ ପ୍ରଦାନ କରାଯାଇଥିଲା। ରାଜ୍ୟର ସମସ୍ତ କନିଷ୍ଠ କିରାଣୀଙ୍କ ଗ୍ରେଡ୍ ପେ ବୃଦ୍ଧି, ଦଶ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ ସହିତ ଅନ୍ୟାନ ଦାବିକୁ ନେଇ ରାଜ୍ୟର ୩୦ ହଜାରରୁ ଊର୍ଦ୍ଧ୍ୱ କିରାଣୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ରାସ୍ତାକୁ ଓହ୍ଲାଇଛନ୍ତି। ଅମଲା ସଂଘର ଏହି ଆନ୍ଦୋଳନ ଯୋଗୁଁ ବିଭିନ୍ନ ସାଧାରଣ ଜନତା ତଥା ଉଚ୍ଚଶିକ୍ଷାରେ ନାମଲେଖା ପାଇଁ ରାଜ୍ୟର ଲକ୍ଷାଧିକ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୁରନ୍ତ ସକାରାତ୍ମକ ଦୃଷ୍ଟି ପ୍ରଦାନ ପୂର୍ବକ ସହୃଦୟତାର ସହିତ ଅମଲାମାନଙ୍କ ଦାବି ପୂରଣ କରନ୍ତୁ ବୋଲି ଜୀବନ ବୀମା ଅଭିକର୍ତ୍ତା ସଙ୍ଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟକୁ ଇ-ମେଲ ଦ୍ୱାରା ଏକ ସ୍ମାରକ ପତ୍ର ପ୍ରେରଣ କରାଯାଇଛି । ଅଭିକର୍ତ୍ତା ସଙ୍ଗଠନ ପକ୍ଷରୁ ଶାଖା ସଭାପତି ଅସୀମ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳରେ ଉପସଭାପତି ପ୍ରତାପ ସାହୁ, ସମ୍ପାଦକ ସରୋଜ କୁମାର ଭୋଇ, କୋଷାଧକ୍ଷ ସାଧୁରାମ ପୃଷ୍ଟି, ବରିଷ୍ଠ ଅଭିକର୍ତ୍ତା ଶ୍ରୀକାନ୍ତ ମିଶ୍ର, ଆଶୁତୋଷ ପାଣିଗ୍ରାହୀ, ସୁରେନ୍ଦ୍ର ଅଶ୍ୱପାଳ ପ୍ରମୁଖ, ମିଳିତ ଅମଲା ମଞ୍ଚ ଅଧକ୍ଷ ବୀରେନ୍ଦ୍ର କୁମାର ବନଛୋର, ଆବାହକ ସୁଧାକର ମହାପାତ୍ର, ବରିଷ୍ଠ ଅମଲା ନେତା ନବ କିଶୋର ମାଝି, ଉପଦେଷ୍ଟା ହରିବନ୍ଧୁ ପାଣି, ସଚ୍ଚିନ୍ଦ୍ର ଯୋଷୀ, ପ୍ରଦ୍ୟୁମ୍ନ କୁମାର ମିଶ୍ର, ଚୈତନ୍ଯ ବାଗ, ଦୁର୍ଗା ପ୍ରସାଦ କୁମ୍ଭାର, ସୁରେନ୍ଦ୍ର ବାବୁଙ୍କୁ ସମର୍ଥନ ପତ୍ର ହସ୍ତାନ୍ତର କରି ଆନ୍ଦୋଳନରେ ସାମିଲ ହୋଇଥିଲେ।


ବଲାଙ୍ଗୀର ଜୀବନ ବୀମା ଅଭିକର୍ତ୍ତା ମହାସଙ୍ଗଠନ ପକ୍ଷରୁ ମିଳିତ ଅମଲା ମଞ୍ଚର ଆନ୍ଦୋଳନକୁ ସମର୍ଥନ ଘୋଷଣା କରି ସମର୍ଥନ ପତ୍ର ଦେଉଛନ୍ତି।

# ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ତରଫରୁ ଦାବିପତ୍ର

**ନୂଆପଡା ଅଫିସ, ୫।୬**

ନୂଆପଡ଼ା ଜିଲା ସିନାପାଲି ବିଡ଼ିଓଙ୍କ ଜରିଆରେ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ନୂଆପଡ଼ା ତରଫରୁ ୫ ଦଫା ସମ୍ବଳିତ ଦାବିପତ୍ର ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସୋମବାର ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟିର ଶତାଧିକ ବନବାସୀ ଯୁଗେନପଦରଠାରେ ଏକତ୍ରିତ ହୋଇ ଏକ ବୈଠକ କରିଥିଲେ। ପରେ ସିନାପାଲି ବିଡ଼ିଓଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଦାବିପତ୍ର ପ୍ରଦାନ କରିବାକୁ ଯିବାବେଳେ ବିଡ଼ିଓ ଅନୁପସ୍ଥିତ ଥିବାରୁ ଖାରବନ୍ଧ ଗ୍ରାମପଞ୍ଚାୟତରେ ଥିବା ଅଭିଯୋଗ ଶୁଣାଣି ଶିବିରରେ ବିଡ଼ିଓ ସର୍ବେଶ୍ୱର ଜାଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଜଙ୍ଗଲ ଜମିରେ ପୁରୁଷାନୁକ୍ରମେ ବସବାସ କରୁଥିବା ବନବାସୀମାନଙ୍କ ପାଇଁ କେନ୍ଦ୍ର ସରକାର ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ - ୨୦୦୬ କାର୍ଯ୍ୟକାରୀ କରିଛନ୍ତି। ହେଲେ ନୂଆପଡ଼ା



ଦାବିପତ୍ର ପ୍ରଦାନ କରାଯାଉଛି।

ଜିଲାରେ ଉପଖଣ୍ଡିୟ ସ୍ତରୀୟ କମିଟି, ଜିଲାସ୍ତରୀୟ କମିଟି ଓ ଖଡିଆଳ ବନଖଣ୍ଡ ଅଧିକାରୀ ଅହେତୁକ ମନୋଭାବ ପୋଷଣ କରି ଠିକ ଭାବରେ କାର୍ଯ୍ୟକାରୀ କରୁ ନାହାନ୍ତି। ଯାହା ଫଳରେ ବନବାସୀମାନେ ପରିବେଶ ଦିବସ ଅବସରରେ ୫ ଦଫା ଦାବି ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବନବାସୀମାନଙ୍କୁ ଗୋଷ୍ଠୀ ସମ୍ବଳ ଅଧିକାର ପ୍ରଦାନ, ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କୁ ପଟ୍ଟା ପ୍ରଦାନ, ଅଣ ରାଜସ୍ୱ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା, ପହରିଆ ଜନଜାତିଙ୍କୁ ଆଦିବାସୀର ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଦ୍ୱାରା ଗତ ୨୦୦୨ ମସିହା ଜୁନ ୨୮ ତାରିଖ ଜଙ୍ଗଲ ଓ ପରିବେଶ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଜଙ୍ଗଲ ଜମି ସଂଶୋଧନ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ସମ୍ପୂର୍ଣ୍ଣ ଭାବରେ ରଦ୍ଦ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ, ନୂଆପଡ଼ା ଜିଲାର ସର୍ବମୋଟ ୫ ଟି ବ୍ଲକ ରୁ ବ୍ୟକ୍ତିଗତ ପଟ୍ଟା ପାଇଁ ୨୩୨୫୭ ଜଣ ଆବେଦନ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୭୨୫୦ ଜଣ ପଟ୍ଟା ପାଇଛନ୍ତି। କିନ୍ତୁ କିଛି ଆଦିବାସୀଙ୍କୁ ପଟ୍ଟା ପ୍ରଦାନ କରି ଅଣଆଦିବାସୀମାନଙ୍କୁ ଆଜି ପର୍ଯ୍ୟନ୍ତ ପଟ୍ଟା ପ୍ରଦାନ କରାଯାଇ ନାହିଁ। ସେହିପରି ୧୪୬ ଗୋଟି ଗ୍ରାମ ଗୋଷ୍ଠୀ ସମ୍ବଳ ଅଧିକାର ପ୍ରଦାନରୁ ବଞ୍ଚିତ ରହିଥିବା ବେଳେ ଦୀର୍ଘ ଦିନ ଧରି ଆବେଦନ ପରେ ମଧ କେବଳ ଗୋଟିଏ ଗ୍ରାମକୁ ଗୋଷ୍ଠୀ ସମ୍ବଳ ଅଧିକାର ପ୍ରଦାନ କରାଯାଇଛି। ଏହାର ସମାଧାନ କରି ତୁରନ୍ତ ପଟ୍ଟା ପ୍ରଦାନ କରିବା ପାଇଁ ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟି ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ କମିଟିର ଆବାହକ ମେଘନାଦ ଖର୍ସେଲ, ଚୈତନ୍ୟ ମାଝୀ, ଖାମସିଂ ପହରିଆ, ଧୁରାମ ମାଝି, ପ୍ରେମଲାଲ ନାଏକ, ରାଧେଶ୍ୟାମ ମାଝି, ଭାବସିଂ ଚିନ୍ଦା, ଚୋପଚନ ମାଝି ସମେତ ଅନେକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଇକ୍ ଚୋର ନର୍ଲା ଥାନାରେ ଅଟକ

**ନର୍ଲା,୫।୬(ଡି.ଏନ.ଏ):** ସଦର ଥାନା ଅନ୍ତର୍ଗତ କୁଟେନ ପଦର ଗ୍ରାମର ନରେଶ ଜାଲ ବାଇକ୍ ଓଡ଼ି ୦୮କ୍ୟୁ ୨୧୯୫ ଯୋଗେ ଲାଞ୍ଜିଗଡ ରୋଡ଼କୁ ଯାଇଥିଲେ। ସେଠାରେ ଗାଡ଼ିକୁ ରଖିଦେଇ କାର୍ଯ୍ୟବ୍ୟସ୍ତତା ଥିବାବେଳେ ବାଇକ୍‌କୁ ଜଣେ ଯୁବକ ଆସି ଚୋରି କରି ନେଇଯାଇଥିଲେ। ଖୋଜାଖୋଜି କରି ନ ପାଇବା ପରେ ବାଇକ୍ ଚୋରି ଘଟଣାକୁ ନେଇ ଆତ୍ମୀୟ ଲୋକଙ୍କୁ ଖବର ଦେଇଥିଲେ। କିଛି ସମୟ ପରେ ରୂପ୍ରା ଗ୍ରାମଠାରେ ଉକ୍ତ ବାଇକକୁ ମୁସ୍କୁଟି ଗ୍ରାମର ଭରତ ସାହୁଙ୍କ ପୁଅ ରୋମାଞ୍ଚଳ ସାହୁ ନେଇଯାଉଥିବା ବେଳେ ସମ୍ପର୍କୀୟ ଲୋକେ ବାଇକ୍ ସହିତ ଯୁବକଙ୍କୁ କାବୁ କରି ନର୍ଲା ଥାନାକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳକୁ ଯାଇ ବାଇକ ଚୋରକୁ ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଥିବା ଜଣାପଡିଛି। ଏ ନେଇ ଥାନାରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି।

### ରାମାସ୍ୱାମୀ ମନ୍ଦିର ପରିଚାଳନା କମିଟିର ନୂତନ କର୍ମକର୍ତ୍ତା

**ବଲାଙ୍ଗୀର ଅଫିସ,୫।୬:** ବଲାଙ୍ଗୀର ସହର ମାଲପଡାସ୍ଥିତ ରାମାସ୍ୱାମୀ ମନ୍ଦିର ପରିଚାଳନା କମିଟିର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ଉମାଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଗାମୀ ଦିନରେ ମନ୍ଦିର ଉନ୍ନତି ପାଇଁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯିବ ସେ ଉପରେ ଆଲୋଚନା ହୋଇଥିଲା। ଏହାପରେ ସର୍ବସମ୍ମତି କ୍ରମେ ନୂତନ କମକର୍ତ୍ତା ଚୟନ କରାଯାଇଥିଲା। ପରିଚାଳନା କମିଟି ସଭାପତି ଭାବରେ ଉମାଶଙ୍କର ପଣ୍ଡା ନିର୍ବାଚିତ ହୋଇଥିଲେ। ସମ୍ପାଦକ ଭାବରେ ବିକ୍ରମ ପାତ୍ର, ଉପସଭାପତି ଶଙ୍କର ପ୍ରସାଦ ମାଝି ଓ ମାର୍ଗଶୀର କର୍ମୀ, ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ ଓ କୋଷାଧକ୍ଷ ଭାବରେ ହିମାଂଶୁ ଶେଖର ପଣ୍ଡା ନିର୍ବାଚିତ ହୋଇଥିଲେ। ଅଡିଟର ଭାବେ ସନ୍ତୋଷ ଦାଶଙ୍କୁ ବଛାଯାଇଥିଲା। ସେହିଭଳି କାର୍ଯ୍ୟକାରୀ କମିଟିରେ ଗୋକୁଳ କରଣ, ହରିଶ ବଗର୍ତ୍ତା, ବୁଲୁ ଦାଶ, ସୋମ୍ୟଦୀପ ସରାଫ, ରବି ବାଗ, ଶାନ୍ତନୁ ଭାଟି, ମନୋଜ ବିଶି, ବଳଦେବ ହାତୀ, ସନୋଜ ମିଶ୍ର, ପ୍ରେମଜିତ ଯୋଷୀ, ପ୍ରେମା ମିଶ୍ର ଓ ଦେବାଶିଷ ଦାସ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ନିର୍ମାଣଧୀନ ରାମାସ୍ୱାମୀ ମନ୍ଦିରରେ ଜନସାଧାରଣ ସହଯୋଗର ହାତ ବଢାଇବାକୁ କମିଟି ପକ୍ଷରୁ ନିବେଦନ କରାଯାଇଥିଲା।

### ପାର୍କରେ ପାନୀୟ ଜଳ ବ୍ୟବସ୍ଥା କଲା ଜେସିଆଇ

**ଟିଟିଲାଗଡ଼, ୫।୬(ଡି.ଏନ.ଏ.):** ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜେସିଆଇ ଟିଟିଲାଗଡ ଶାଖା ପକ୍ଷରୁ ଜନତାଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସ୍ଥାନୀୟ ମହାରାଜ ସାଗର କଡସ୍ଥ ଆଇ ଲଭ ଟିଟିଲାଗଡ ପାର୍କରେ ଶୀତଳ ପାନୀୟ ଜଳ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଏନେଇ ସଂଗଠନ ସଭାପତି ଅତୁଲ ଜୈନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ ପୌରାଧକ୍ଷା ମମତା ଜୈନ ମୁଖ୍ୟ ଅତିଥି ତଥା ବରଗଡ ଅତିରିକ୍ତ ତସହିଲଦାର ସରିତା ଗୁପ୍ତା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଶୀତଳ ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସଂଗଠନ ସମ୍ପାଦକ ତ୍ରିଲୋକ୍ୟନାଥ ଜୈନ ଏବଂ ସଦସ୍ୟ ବିକାଶ ଜୈନ ପ୍ରକଳ୍ପ ପାଇଁ ପାଣ୍ଠି ପ୍ରଦାନ କରିଛନ୍ତି।

# ତଦନ୍ତରେ ଯାଇଥିବା ପୋଲିସ ଏଏସ୍‌ଆଇଙ୍କୁ ଆକ୍ରମଣ

- ଥାନାଧିକାରୀଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣିଲେ ମହିଳା
- ଅଭିଯୋଗକୁ ଥାନାଧିକାରୀଙ୍କ ଖଣ୍ଡନ
- ଅଭିଯୋଗର ତଦନ୍ତ କରାଯିବ:ଏସ୍‌ଡିପିଓ

**ଅମରପାଲି,୫।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ତିଲେଇମାଳ ଗ୍ରାମକୁ ତଦନ୍ତରେ ଯାଇଥିବା ଜଣେ ପୋଲିସ ଏଏସଆଇଙ୍କୁ ଗ୍ରାମର କେତେକ ଲୋକ ମାଡ ମାରିଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଜଣେ ମହିଳାଙ୍କୁ ପୋଲିସ ଅସଦାଚରଣ କରିଥିବା ଅଭିଯୋଗ ମଧ୍ୟ ହୋଇଛି। ସୁବଳୟା ପୋଲିସ ପକ୍ଷରୁ ମିଳିଥିବା ସୂଚନାମତେ ତିଲେଇମାଲ ଗ୍ରାମରେ ସୁବାସ ପଧାନ ଓ ରତ୍ନାକର ପଧାନଙ୍କ ମଧ୍ୟରେ ଗତ ରବିବାର ଗଣ୍ଡଗୋଳ ହୋଇଥିଲା। ଏନେଇ ଥାନାରେ ସୁବାସ ପଧାନଙ୍କ ଅଭିଯୋଗ ଆଧାରରେ ଏକ ମାମଲା(୮୦/୨୩) ରୁଜୁ ହୋଇଥିଲା। ରତ୍ନାକର ପଧାନଙ୍କ ଅଭିଯୋଗ ଆଧାରରେ ଅନ୍ୟ ଏକ ମାମଲା(୮୧/୨୩)ରୁଜୁ ହୋଇଥିଲା। ଉକ୍ତ ମାମଲାର ତଦନ୍ତ ପାଇଁ ସୁବଳୟା ଥାନାର ଏଏସଆଇ ଗୌରହରୀ ମେହେର ଓ ଗ୍ରାମରକ୍ଷୀ ରବୀଚନ୍ଦ୍ର ବିଭାର ଉକ୍ତ ଗ୍ରାମକୁ ସୋମବାର ପୂର୍ବାହ୍ନରେ ଯାଇଥିଲେ। ଉଭୟ ପରିବାରୁ ଡାକି ତଦନ୍ତ କରୁଥିବା ବେଳେ ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ଗ୍ରାମର କେତେଜଣ ଲୋକ ଏଏସଆଇ ମେହେରଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଖବରପାଇ ଥାନାଧିକାରୀ ଦିପ୍ତିରଞ୍ଜନ ଦିଗାଲ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ଏଏସଆଇ ମେହେରଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ସୁବଳୟା ମେଡିକାଲରେ ଭର୍ତ୍ତି କରାଯାଇଛି। ସୁବଳୟା ଥାନାରେ କର୍ତ୍ତବ୍ୟରତ ଜଣେ ପୋଲିସ ଅଧିକାରୀଙ୍କୁ ମାଡ ମାରିଥିବା ଅଭିଯୋଗରେ ଗ୍ରାମର ନେପୁର ପଧାନ, ମହାଦେବ ସାହୁ, ପ୍ରଫୁଲ୍ଲ ସାହୁ, ଦୁର୍ଗାପ୍ରସାଦ ପଧାନ, ରାଘବ ସାହୁ, ବାଦଲ ପଧାନ, ବେଲାରସେନ ହାତୀ ଓ ଅନ୍ୟମାନଙ୍କ ନାମରେ ଆଇପିସି ଧାରା ୩୪୧, ୧୪୭, ୧୪୮, ୨୯୪, ୫୦୬, ୩୭୯, ୩୩୨, ୩୫୫, ୪୨୭ ଓ ୧୪୯ରେ ଏକ ମାମଲା ( ୮୨/୨୩) ମାମଲା ରୁଜୁ ହୋଇଛି। ଅପରପକ୍ଷରେ ଥାନାଧିକାରୀ ଦିଗାଲ ତାଙ୍କୁ ତଦନ୍ତ ଆଳରେ ଦୁର୍ବ୍ୟବହାର କରିଥିବା ନେପୁର ପଧାନ ଆରକ୍ଷୀ ଅଧିକ୍ଷକ ଓ ଏସ୍‌ଡିପିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ଚିତ୍କାର ଶୁଣି ସାହି ପଡିଶା ସେଠାକୁ ଆସି ଯିବାରୁ ଦିଗଲ ସେମାନଙ୍କୁ ଗାଳିଗୁଲଜ କରି ସେଠାରୁ ପଳାଇ ଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ମହିଳାଙ୍କ ଅଭିଯୋଗକୁ ଭାରପ୍ରାପ୍ତ ଥାନା ଅଧିକାରୀ ଦିପ୍ତିରଞ୍ଜନ ଦିଗାଲ ଖଣ୍ଡନ କରିଛନ୍ତି। ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ଡୋଳାମଣୀ ଭୋଇଙ୍କୁ ଏ ନେଇ ପଚାରିବାରୁ ମଙ୍ଗଳବାର ଏନେଇ ତଦନ୍ତ କରାଯିବ ବୋଲି କହିଛନ୍ତି।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଆଦିତ୍ୟ



@ ଶ୍ୟାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାଷା, ସଂସ୍କୃତିର ପ୍ରଚାରକ ଥିଲେ ଭଗବାନ ସାହୁ




ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍,୫।୬**

ବରଗଡ଼ରେ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଛି। ରାଜ୍ୟସ୍ତରୀୟ ଗୁରୁ ଭଗବାନ ସାହୁ ସ୍ମୃତି କମିଟି ଏବଂ ଓଡ଼ିଶା ସଙ୍ଗୀତ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ରବିନ୍ଦ୍ର କୁମାର ଗଡ଼ତିଆ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିବାବେଳେ ପୌରାଧ୍ୟକ୍ଷା କଳ୍ପନା ମାଝି, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ନାଟ୍ୟକାର କେଶରଞ୍ଜନ ପ୍ରଧାନ, ଅଶୋକ ବହିଦାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

**ଜୟନ୍ତୀ ସମାରୋହରେ ମତପ୍ରକାଶ**

ଅତିଥିବୃନ୍ଦ ଗୁରୁ ଭଗବାନ ସାହୁଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ଗୁରୁ ଭଗବାନ ସାହୁ ପଶ୍ଚିମ ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତିର ପ୍ରଚାରକ ଥିଲେ ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଳାକାର ମାୟାଧର ପ୍ରଧାନ ଏବଂ ସନ୍ତୋଷ ଭେସ୍ରାଙ୍କୁ ଭଗବାନ ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସଦସ୍ୟ ଯୁଗଳ ପ୍ରସାଦ ସିଂ ଗୁରୁ ଭଗବାନ ସାହୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଏବଂ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ ପାଇଁ ଚେଷ୍ଟା କରିବାକୁ ପ୍ରସ୍ତାବ ଦେଇଥିଲେ । ସାହିତ୍ୟିକ ମନୋରଞ୍ଜନ ସାହୁ, ଡଃ ଦୁର୍ବାଦଳ ମେହେର, ପ୍ରୀତମ ସିଂ, ଶଙ୍କର ପଟ୍ଟନାୟକ, ଗୋପବନ୍ଧୁ ପୁରୋହିତ, ସୁଶୀଳା ନାୟାର, ସଙ୍ଗୀତା ପଣ୍ଡା, ଗୋପବନ୍ଧୁ ପୁରୋହିତ, ଉତ୍ପନ୍ନ ଭୋଇ, ନେହେରୁ ସରାଫ, ଯଶବୀର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଡଃ ତପସ୍ୱିନୀ ଗୁରୁ ଅଧ୍ୟକ୍ଷତା କରିଥିବାବେଳେ ଡଃ ଶେଷାନ ବିଶି, ପଞ୍ଚାନନ ବାରିକ ମାନପତ୍ର ପଠନ କରିଥିଲେ। ଦଧିବାବନ ଶତପଥୀ ଗୀତ ମାଧ୍ୟମରେ ଗୁରୁ ଭଗବାନ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ସ୍ମୃତି କମିଟି ଉପସଭାପତି ଡଃ ରବିନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ ଓ ସାହିତ୍ୟିକ ମନୋରଞ୍ଜନ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିଶୁ ନୃତ୍ୟଶିଳ୍ପୀ ସୌମ୍ୟା ଶାଶ୍ୱତୀ ନାୟକ, ବୈଷ୍ଣବୀ ଷଡ଼ଙ୍ଗୀ, ସ୍ୱାଗତିକା ସାହୁ ନୃତ୍ୟ ପରିବେଷଣ କରିଥିଲେ। ଆବାହକ ରବିନ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦକ ମଳୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଲୁଟ୍ ଟଙ୍କା ଫେରି ପାଇଲେ ବ୍ୟବସାୟୀ

**ଟିଟିଲାଗଡ଼, ୫।୬(ଡି.ଏନ.ଏ.)**

ଟିଟିଲାଗଡ ସହରର ଜଣେ ବ୍ୟବସାୟୀଙ୍କ ଠାରୁ ଲୁଟ ଟଙ୍କା ଗଞ୍ଜାମ ଜିଲା ଆସ୍କା ଅଞ୍ଚଳରୁ ଉଦ୍ଧାର କରି ପୋଲିସ ଫେରାଇଛି। ଏନେଇ ସୋମବାର ଟିଟିଲାଗଡ ଥାନା ପରିସରରେ ଏସଡିପିଓ ଅଙ୍କିତା କୁମ୍ଭାର ଏବଂ ଥାନା ଆଇଆଇସି ରଞ୍ଜନ ବରିହା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେବା ସହ ବ୍ୟବସାୟୀଙ୍କୁ ଉଦ୍ଧାର ଲୁଟ୍ ଟଙ୍କା ଫେରାଇ ଦେଇଛନ୍ତି। ଗତ ମାସ ୧୧ ତାରିଖରେ ସହରର ବ୍ୟବସାୟୀ ନବନୀତ ଜୈନ ସକାଳ ପ୍ରାୟ ୯ଟାରେ ନିଜ ଘରୁ ୩ ଲକ୍ଷ ଟଙ୍କା ଧରି ତାଙ୍କ ଦୋକାନକୁ ଆସୁଥିବା ବେଳେ ବାଟରେ ଥିବା ଗଣେଶ ମନ୍ଦିରରେ ମୁଣ୍ଡିଆ ମାରିଥିଲେ। ସେହି ସମୟରେ ଅଚାନକ ଦୁଇ ଜଣ ଦୁର୍ବୃତ୍ତ ଉକ୍ତ ଟଙ୍କା ବ୍ୟାଗ ଧରି ଆଖି ପିଛୁଳାକେ ଫେରାର ହୋଇଯାଇଥିଲେ। ଏସ୍‌ଡିପିଓ ଅଙ୍କିତା କୁମ୍ଭାରଙ୍କ ସୂଚନା କ୍ରମେ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଟିଟିଲାଗଡ ଥାନା ସବଇନ୍ସପେକ୍ଟର ନରେନ୍ଦ୍ର ଛତ୍ର, ଏଏସଆଇ କାର୍ତ୍ତିକ ପ୍ରଧାନ, କନଷ୍ଟେବଳ ଏ.ପି.ପଟେଲ, ଏଚ .ବେହେରା, ଏସ ବିଶ୍ୱାଇଲ, ଏନ.କହଁରଙ୍କୁ ନେଇ ଗଠିତ ଏକ ଟିମ ଗଞ୍ଜାମ ଜିଲାର ଆସ୍କା ଥାନା ଅଞ୍ଚଳରେ ଚଢାଉ କରିଥିଲା।

### ରେଳ ଉପଭୋକ୍ତା ସଂଘର ଶ୍ରଦ୍ଧାଞ୍ଜଳି



ରେଳ ଉପଭୋକ୍ତା ସଂଘ ପକ୍ଷରୁ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି ।

**ବରଗଡ଼ ଅଫିସ୍,୫।୬**

ବାହାନଗା ରେଳ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ସୋମବାର ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ରୋଡ୍ ରେଳ ଷ୍ଟେଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଳ ଉପଭୋକ୍ତା ସଂଘର ସଦସ୍ୟଙ୍କ ସମେତ ରେଳ କର୍ମଚାରୀ, ଅଟୋ ଚାଳକ ସଂଘର ସଭ୍ୟବୃନ୍ଦ, ଉପସ୍ଥିତ ରେଳଯାତ୍ରୀ ପ୍ରମୁଖ ଉପସ୍ଥିତ ରହି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଂଘ ଉପସଭାପତି ପ୍ରୀତମ ସିଂ, ସମ୍ପାଦକ କମଳ ଯୋଶୀ, ଇନ୍ଦ୍ରା ମହାନ୍ତି, ଅଭିଜିତ ପ୍ରତିହାର, ସନ୍ତୋଷ କୁମାର ଦାଶ, ଗୋବିନ୍ଦ ଚରଣ ଦାଶ, ଉଦ୍ଧବ ବେହେରା, ପ୍ରଫୁଲ୍ଲ ନନ୍ଦ ପ୍ରମୁଖ ଉପସ୍ଥିତ ରହି ମହମବତି ଜାଳି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ପଲିଥିନମୁକ୍ତ ସହର ପାଇଁ ଶପଥ ନେଲେ

**ବଲାଙ୍ଗୀର ଅଫିସ, ୫।୬**

ବଲାଙ୍ଗୀର ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ସୋମବାର ସ୍ଥାନୀୟ ଗାନ୍ଧୀ ଭବନଠାରେ ବିଶ୍ୱ ପରିବେଶ ଦିବସ ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର ମାନଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ପରିବେଶ ପ୍ରଦୂଷଣ ଓ ନିରାକରଣ ସମ୍ପର୍କରେ ଆଲୋଚନ କରାଯାଇଥିଲା । ସହରକୁ ପଲିଥିନ ମୁକ୍ତ କରି ପରିବେଶକୁ ସୁସ୍ଥ ରଖିବା ଦିଗରେ ଜନସାଧାରଣଙ୍କ ଭୂମିକା ଓ କର୍ତ୍ତବ୍ୟ ଉପରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସଭା ପ୍ରାରମ୍ଭରୁ ବାହାନଗା ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ଗାନ୍ଧୀ ଭବନରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିଥିଲା।



ବଲାଙ୍ଗୀର ଗାନ୍ଧୀ ଭବନଠାରେ ପରିବେଶ ସମ୍ପର୍କରେ ସଚେତନତାମୂଳକ ଆଲୋଚନା କରାଯାଉଛି।

ଆଲୋଚନାଚକ୍ରରେ ବରିଷ୍ଠ ଆଇନଜୀବୀ ରତନ ମହାରଣା, ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର, ଗାନ୍ଧୀ ସ୍ମୃତି କମିଟି ଉପଦେଷ୍ଟା ମନୋରଞ୍ଜନ ପୁରୋହିତ, ଅବସରପ୍ରାପ୍ତ ଶିକ୍ଷକ ଓ କବି ମଧୁସୂଦନ ନାୟକ, ଗବେଷିକା ସୀମାରାଣୀ ରଥ, ନିରୋଜ ମିଶ୍ର, ବିଭୁ କଲ୍ୟାଣ ଗଡତିଆ, ମାହେଶ୍ୱରୀ ସଙ୍ଗଠନ ଅଧ୍ୟକ୍ଷ ଅଙ୍କୁଶ ପାଣ୍ଡିଆ, କୁଲତା ସମାଜର ରିଙ୍କୁ ସାହୁ, ବଜରଙ୍ଗ ଦଳର କାହ୍ନା ଶତପଥି ଉପସ୍ଥିତ ରହି ନିଜସ୍ୱ ମତାମତ ଦେଇଥିଲେ। କବି ଅର୍ଜୁନ ସାହୁ ପରିବେଶ ସୁରକ୍ଷା ଉପରେ ଏକ କବିତା ପାଠ କରିଥିଲେ । ଶେଷରେ କମିଟି ତରଫରୁ ଛାତ୍ରୀଛାତ୍ରଙ୍କୁ ଚାରା ବଣ୍ଟନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସହରକୁ ପଲିଥିନ ମୁକ୍ତ କରିବା ପାଇଁ ଶପଥ ଗ୍ରହଣ କରିଥିଲେ । ପ୍ରଶାନ୍ତ ମହାକୁର ସ୍ୱାଗତ ଭାଷଣ ଓ ବୀରେନ୍ଦ୍ର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ ।

### ୩୨୦ ବୋତଲ କଫ୍ ସିରଫ୍ ଜବତ, ଜଣେ ଗିରଫ

**ନୂଆପଡ଼ା ଅଫିସ,୫।୬**

ନୂଆପଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ସୋମବାର ବିପୁଳ ପରିମାଣରେ କଫ୍ ସିରଫ ଜବତ କରି ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଯୁବକ ଜଣକ ହେଲେ ଉଦ୍ୟାନବନ୍ଧ ମହୁଲପଡାର ଡଗଲେଶ୍ୱର ଅହିର (୨୭) ବୋଲି ଜଣାପଡିଛି। ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଇନ୍ସପେକ୍ଟର ହିରାବତି ଥାଟିଙ୍କ ନେତୃତ୍ୱରେ ଏକ ଟିମ୍ ଉଦ୍ୟାନବନ୍ଧ ଅଞ୍ଚଳରେ ସୋମବାର ପୂର୍ବାହ୍ନରେ ପାଟ୍ରୋଲିଂ କରୁଥିଲେ। ପୂର୍ବାହ୍ନ ସମୟରେ ବଲାଙ୍ଗିର ରାସ୍ତା ପଣ୍ଡରାପଥର ପେଟ୍ରୋଲ ପମ୍ପ ପାଖରେ ଡଗଲେଶ୍ୱର କଫ ସିରଫ ରଖି ଅନ୍ୟତ୍ର ପଠାଇବା ପାଇଁ ବସ ଅପେକ୍ଷାରେ ଥିଲେ। ସେହି ସମୟରେ ଅବକାରୀ ବିଭାଗର କର୍ମଚାରୀମାନେ ଖବର ପାଇ ଡୁଗଲେଶ୍ୱରଙ୍କୁ କାବୁ କରିବା ସହ ଧଳା ପ୍ଲାଷ୍ଟିକ ବସ୍ତାରେ ଭର୍ତ୍ତିକରି ରଖିଥିବା କଫ୍ ସିରଫକୁ ଜବତ କରିଥିଲେ।

# ବଲାଙ୍ଗୀରରେ ଗାରିମା ଯୋଜନାର ଶୁଭାରମ୍ଭ

**ବଲାଙ୍ଗୀର ଅଫିସ, ୫।୬**

ବଲାଙ୍ଗୀରରେ ନିଆରା ଜନକଲ୍ୟାଣ ଯୋଜନା ଗାରିମାର ଶୁଭାରମ୍ଭ ସୋମବାର ହୋଇଯାଇଛି। ସ୍ଥାନୀୟ କଲେଜ ଛକ କଲ୍ୟାଣ ମଣ୍ଡପଠାରେ ପୌରାଧକ୍ଷା ଲିକା ସାହୁ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ପ୍ରମୁଖ ପରିମଳ କର୍ମଚାରୀଙ୍କୁ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ପରିମଳ କର୍ମଚାରୀଙ୍କୁ କିଭଳି ଅଧିକରୁ ଅଧିକ ସ୍ୱାବଲମ୍ବୀ କରିବାର ପ୍ରୟାସ କରାଯିବ ସେ ଉପରେ ଗୁରୁତ୍ୱ ଦିଆଯାଇଛି। ପୌରାଧକ୍ଷା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ବଲାଙ୍ଗୀର ପୌର ଉପାଧକ୍ଷା ଗାୟତ୍ରୀ ଭୋଇ ଏବଂ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ମଞ୍ଚାସୀନ ହୋଇଥିଲେ। ଗାରିମା ଯୋଜନାରେ ପରିମଳ କର୍ମଚାରୀ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ସୁବିଧା ସୁଯୋଗ ଯୋଗାଇ ଦେଇଥିବା ସୂଚନା ଦିଆଯାଇଥିଲା। ରାଜ୍ୟ ସରକାର ଏହି ଯୋଜନାରେ ପରିମଳ କର୍ମଚାରୀଙ୍କୁ ଦକ୍ଷତା ଅନୁଯାଇ ଦରମା, ବିପଦ ଓ କଷ୍ଟ ସାଧିତ ପାଉଣା ଯୋଗାଇ ଦେବେ। ସ୍ୱାସ୍ଥ୍ୟଗତ ସୁବିଧା ଯାହାକି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହେବେ। ଜୀବନ ବୀମା ସୁବିଧା ଓ ଅକ୍ଷମତା ସହାୟତା ପାଇବେ। ୮ରୁ ୬ ଘଣ୍ଟା କାମ କରିବେ। ପର୍ଯ୍ୟାୟ କ୍ରମେ ତାଙ୍କର ସ୍ୱାସ୍ଥ୍ୟ ଯାଞ୍ଚ ହେବ। ଅସୁସ୍ଥତା ପାଉଣା ପାଇବେ। ତା ସହିତ ପକ୍କାଘର, ଛୁଆ ମାନଙ୍କ ପାଇଁ ଶିକ୍ଷାଗତ ସୁବିଧା, ଯାନବାହାନ, ମୋବାଇଲ କିଣିବା ସୁବିଧା ସୁଯୋଗ ପାଇବା ସହିତ କର୍ପସ ପାଣ୍ଠିରୁ ୫୦ କୋଟି ଟଙ୍କା ଅର୍ଥର ଜୀବିକା ପାଇ ପାରିବାର ସୁବିଧା ସୁଯୋଗ ଯୋଗାଇ ଦିଆଯିବାର ଯୋଜନା ରହିଥିବା ସଭାରେ ସୂଚନା ଦିଆଯାଇଥିଲା। ପରିମଳ କର୍ମଚାରୀଙ୍କ ଦୈନନ୍ଦିନ କାର୍ଯ୍ୟକୁ ଆଖି ଆଗରେ ରଖି ସରକାର ତାଙ୍କର ସୁବ୍ୟବସ୍ଥା କରିବା ସହ ସହରକୁ ତାଙ୍କରି ମାଧ୍ୟମରେ ସବୁଜ, ସୁନ୍ଦର କରିବାର ପ୍ରୟାସ କରିଛନ୍ତି। ପରସ୍ପର ସହଯୋଗରେ ବଲାଙ୍ଗୀର ସହରକୁ ସବୁଜ ସୁନ୍ଦର କରି ପାରିବା ବୋଲି ଅଧକ୍ଷା ଲିକା ସାହୁ ବକ୍ତବ୍ୟ ରଖିଥିଲେ। ବଲାଙ୍ଗୀର ପୌର ପରିଷଦର ସମସ୍ତ କାଉନସିଲର, ସଭ୍ୟାସଭ୍ୟ ଓ କର୍ମଚାରୀ ଉପସ୍ଥିତ ଥିଲେ।



ପୌରାଧକ୍ଷା ଲିକା ସାହୁ ପରିମଳ କର୍ମଚାରୀଙ୍କୁ ପରିଚୟ ପତ୍ର ବଣ୍ଟନ କରୁଛନ୍ତି।

# ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ତରଫରୁ ଦାବିପତ୍ର

**ନୂଆପଡା ଅଫିସ, ୫।୬**

ନୂଆପଡ଼ା ଜିଲା ସିନାପାଲି ବିଡ଼ିଓଙ୍କ ଜରିଆରେ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ନୂଆପଡ଼ା ତରଫରୁ ୫ ଦଫା ସମ୍ବଳିତ ଦାବିପତ୍ର ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସୋମବାର ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟିର ଶତାଧିକ ବନବାସୀ ଯୁଗେନପଦରଠାରେ ଏକତ୍ରିତ ହୋଇ ଏକ ବୈଠକ କରିଥିଲେ। ପରେ ସିନାପାଲି ବିଡ଼ିଓଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଦାବିପତ୍ର ପ୍ରଦାନ କରିବାକୁ ଯିବାବେଳେ ବିଡ଼ିଓ ଅନୁପସ୍ଥିତ ଥିବାରୁ ଝାରବନ୍ଧ ଗ୍ରାମପଞ୍ଚାୟତରେ ଥିବା ଅଭିଯୋଗ ଶୁଣାଣି ଶିବିରରେ ବିଡ଼ିଓ ସର୍ବେଶ୍ୱର ଜାଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଜଙ୍ଗଲ ଜମିରେ ପୁରୁଷାନୁକ୍ରମେ ବସବାସ କରୁଥିବା ବନବାସୀମାନଙ୍କ ପାଇଁ କେନ୍ଦ୍ର ସରକାର ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ – ୨୦୦୬ କାର୍ଯ୍ୟକାରୀ କରିଛନ୍ତି। ହେଲେ ନୂଆପଡ଼ା ଜିଲାରେ ଉପଖଣ୍ଡିୟ ସ୍ତରୀୟ କମିଟି, ଜିଲାସ୍ତରୀୟ କମିଟି ଓ ଖଡିଆଳ ବନଖଣ୍ଡ ଅଧିକାରୀ ଅହେତୁକ ମନୋଭାବ ପୋଷଣ କରି ଠିକ ଭାବରେ କାର୍ଯ୍ୟକାରୀ କରୁ ନାହାନ୍ତି। ଯାହା ଫଳରେ ବନବାସୀମାନେ ପରିବେଶ ଦିବସ ଅବସରରେ ୫ ଦଫା ଦାବି ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବନବାସୀମାନଙ୍କୁ ଗୋଷ୍ଠୀ ସମ୍ବଳ ଅଧିକାର ପ୍ରଦାନ, ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କୁ ପଟ୍ଟା ପ୍ରଦାନ, ଅଣ ରାଜସ୍ୱ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା, ପହରିଆ ଜନଜାତିଙ୍କୁ ଆଦିବାସୀର ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଦ୍ୱାରା ଗତ ୨୦୦୨ ମସିହା ଜୁନ ୨୮ ତାରିଖ ଜଙ୍ଗଲ ଓ ପରିବେଶ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଜଙ୍ଗଲ ଜମି ସଂଶୋଧନ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ସମ୍ପୂର୍ଣ୍ଣ ଭାବରେ ରଦ୍ଦ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ, ନୂଆପଡ଼ା ଜିଲାର ସର୍ବମୋଟ ୫ ଟି ବ୍ଲକ ରୁ ବ୍ୟକ୍ତିଗତ ପଟ୍ଟା ପାଇଁ ୨୩୨୫୭ ଜଣ ଆବେଦନ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୭୨୫୦ ଜଣ ପଟ୍ଟା ପାଇଛନ୍ତି। କିନ୍ତୁ କିଛି ଆଦିବାସୀଙ୍କୁ ପଟ୍ଟା ପ୍ରଦାନ କରି ଅଣଆଦିବାସୀମାନଙ୍କୁ ଆଜି ପର୍ଯ୍ୟନ୍ତ ପଟ୍ଟା ପ୍ରଦାନ କରାଯାଇ ନାହିଁ। ସେହିପରି ୧୪୬ ଗୋଟି ଗ୍ରାମ ଗୋଷ୍ଠୀ ସମ୍ବଳ ଅଧିକାର ପ୍ରଦାନରୁ ବଞ୍ଚିତ ରହିଥିବା ବେଳେ ଦୀର୍ଘ ଦିନ ଧରି ଆବେଦନ ପରେ ମଧ୍ୟ କେବଳ ଗୋଟିଏ ଗ୍ରାମକୁ ଗୋଷ୍ଠୀ ସମ୍ବଳ ଅଧିକାର ପ୍ରଦାନ କରାଯାଇଛି। ଏହାର ସମାଧାନ କରି ତୁରନ୍ତ ପଟ୍ଟା ପ୍ରଦାନ କରିବା ପାଇଁ ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟି ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ କମିଟିର ଆବାହକ ମେଘନାଦ ଖର୍ସେଲ, ଚୈତନ୍ୟ ମାଝୀ, ଖାମସିଂ ପହରିଆ, ଧୁରାମ ମାଝି, ପ୍ରେମଲାଲ ନାଏକ, ରାଧେଶ୍ୟାମ ମାଝି, ଭାବସିଂ ଚିନ୍ଦା, ଟୋପଚନ ମାଝି ସମେତ ଅନେକ ଉପସ୍ଥିତ ଥିଲେ।




ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଦେବଗଡ଼, ୫।୬(ଡି.ଏନ.ଏ.):** ଦେବଗଡ ଜିଲାପାଳ ସମ୍ମିଳନୀ କକ୍ଷଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଆସିଥିବା ୨୬ ଅଭିଯୋଗର ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୨୦ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ସମସ୍ୟା ରହିଥିଲା। ଅଭିଯୋଗଗୁଡ଼ିକ ଶୁଣିବା ପରେ ଏଗୁଡ଼ିକ ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ଆରକ୍ଷୀ ଅଧିକ୍ଷକ ପ୍ରମୋଦ କୁମାର ରଥ, ବନଖଣ୍ଡ ଅଧିକାରୀ ମଗରଧନଜୀ ରାଓସ, ନିବାହୀ ଅଧିକାରୀ ଜିଲା ପରିଷଦ ଲୁକାଶ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଡେପୁଟି କଲେକ୍ଟର ଲୀଳାବତୀ ନାୟକଙ୍କ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ରାମାସ୍ୱାମୀ ମନ୍ଦିର ପରିଚାଳନା କମିଟିର ନୂତନ କର୍ମକର୍ତ୍ତା

**ବଲାଙ୍ଗୀର ଅଫିସ,୫।୬:** ବଲାଙ୍ଗୀର ସହର ମାଲପଡାସ୍ଥିତ ରାମାସ୍ୱାମୀ ମନ୍ଦିର ପରିଚାଳନା କମିଟିର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ଉମାଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଗାମୀ ଦିନରେ ମନ୍ଦିର ଉନ୍ନତି ପାଇଁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯିବ ସେ ଉପରେ ଆଲୋଚନା ହୋଇଥିଲା। ଏହାପରେ ସର୍ବସମ୍ମତି କ୍ରମେ ନୂତନ କମକର୍ତ୍ତା ଚୟନ କରାଯାଇଥିଲା। ପରିଚାଳନା କମିଟି ସଭାପତି ଭାବରେ ଉମାଶଙ୍କର ପଣ୍ଡା ନିର୍ବାଚିତ ହୋଇଥିଲେ। ସମ୍ପାଦକ ଭାବରେ ବିକ୍ରମ ପାତ୍ର, ଉପସଭାପତି ଶଙ୍କର ପ୍ରସାଦ ମାଝି ଓ ମାର୍ଗଶୀର କର୍ମୀ, ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ ଓ କୋଷାଧ୍ୟକ୍ଷ ଭାବରେ ହିମାଂଶୁ ଶେଖର ପଣ୍ଡା ନିର୍ବାଚିତ ହୋଇଥିଲେ। ଅଡିଟର ଭାବେ ସନ୍ତୋଷ ଦାଶଙ୍କୁ ବଛାଯାଇଥିଲା।

### ପାର୍କରେ ପାନୀୟ ଜଳ ବ୍ୟବସ୍ଥା କଲା ଜେସିଆଇ

**ଟିଟିଲାଗଡ଼, ୫।୬(ଡି.ଏନ.ଏ.):** ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜେସିଆଇ ଟିଟିଲାଗଡ ଶାଖା ପକ୍ଷରୁ ଜନତାଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସ୍ଥାନୀୟ ମହାରାଜ ସାଗର କଡସ୍ଥ ଆଇ ଲଭ ଟିଟିଲାଗଡ ପାର୍କରେ ଶୀତଳ ପାନୀୟ ଜଳ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ସଂଗଠନ ସଭାପତି ଅତୁଲ ଜୈନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ ପୌରାଧକ୍ଷା ମମତା ଜୈନ ମୁଖ୍ୟ ଅତିଥି ଓ ବରଗଡ ଅତିରିକ୍ତ ତସହିଲଦାର ସରିତା ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଂଗଠନ କୋଷାଧକ୍ଷ ମହେଶ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ଡା. ନରେନ୍ଦ୍ର ଅଗ୍ରୱାଲ, ପ୍ରତିଷ୍ଠାତା ସଭାପତି ଗୋପାଲ ଜୈନ, ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ ସୋନି, ନିରୋଜ ପଟ୍ଟନାୟକ, ମନିଷ ଗୁପ୍ତା, ଗୌତମ ଅଗ୍ରୱାଲ, ନିଲେଶ ଜୈନ ଉପସ୍ଥିତ ଥିଲେ।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପରିବେଶର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ

## ଜେଏସ୍‌ଡବ୍ଲ୍ୟୁରେ ବିଶ୍ୱ ପରିବେଶ ଦିବସ

**କୁତ୍ରା,୫।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତେଲିଘନାସ୍ଥିତ ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟ ପରିସରରେ ବିଶ୍ୱ ପରିବେଶ ଦିବସ ୟୁନିଟ୍ ହେଡ ଅନିଲ କୁମାର ମିଶ୍ରଙ୍କ ଅଧକ୍ଷତାରେ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ୟୁନିଟ୍ ହେଡ ମିଶ୍ର କହିଛନ୍ତି, ପରିବେଶ ସୁରକ୍ଷା ଦିଗରେ ସଦା ସର୍ବଦା କମ୍ପାନୀ ଚେଷ୍ଟିତ। ଏଥି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହେଉଛି। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପରିବେଶର ସୁରକ୍ଷା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବୃକ୍ଷ ରୋପଣ କରିବା ଏବଂ ଏହାର ଯତ୍ନ ନେବା ସହିତ ଉଦ୍ଭିଦ ପ୍ରତିପୋଷଣ କରିବା ପାଇଁ ସମସ୍ତଙ୍କୁ ପ୍ରତିଶ୍ରୁତି ଦେବା ଲାଗି ସେ ଆହ୍ୱାନ ଦେଇଥିଲେ। ଆଗାମୀ ଭବିଷ୍ୟତ ପାଇଁ ଉତ୍ତମ ପରିବେଶ ଛାଡ଼ିବା



ଜେଏସ୍‌ଡବ୍ଲୁ କର୍ମଚାରୀ ଗଛ ଲଗାଉଛନ୍ତି।

ପାଇଁ କହିଥିଲେ। କମ୍ପାନୀ ପରିସରରେ ଏକ ଏଫଆର ସିଷ୍ଟମ ସ୍ଥାପନ ହେଉଛି। ଯେଉଁଥିରେ ସମସ୍ତ ବର୍ଜ୍ୟବସ୍ତୁ ଓ ପ୍ଲାଷ୍ଟିକ ଏକ ବିକଳ୍ପ ଇନ୍ଧନଭବେ ଖର୍ଚ୍ଚ ହେବ ବୋଲି ସେ ସୂଚନା ଦେଇଥିଲେ। ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ବ୍ୟବହାରକୁ ଏଡ଼ାଇବା ପାଇଁ କର୍ମଚାରୀ ତଥା ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପୋଷ୍ଟର ତିଆରି, କୁଇଜ୍ ଏବଂ ଚିତ୍ରାଙ୍କନ ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ସରୋଜ ମହାନ୍ତି ଏବଂ ଧବାଳେଶ୍ୱର ପ୍ରଧାନଙ୍କ ଦ୍ୱାରା ସଂଯୋଜିତ ପରିବେଶ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅମିତ ରନଥଲା (ପ୍ରକ୍ରିୟା ହେଡ୍),ଶେଖର ଚୌଧୁରୀ (ଗୁଣବତ୍ତା ନିୟନ୍ତ୍ରଣ ମୁଖ୍ୟ),ସୋମୟାଜୋତି ହାଲଦାର(ସିଭିଲ୍ ହେଡ୍),ସମସ୍ତ ଏଚଓଡି ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ୨୦୦ ଚାରା (ନିମ୍, ଛତିଆନ୍, ଗୁଲମୋହର, ଚକୁଣ୍ଡା) ରୋପଣ କରାଯାଇଥିଲା।

# ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ବିଶ୍ୱ ପରିବେଶ ଦିବସ

**ସୁନ୍ଦରଗଡ଼,୫।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଇକୋ କ୍ଲବ ଶିକ୍ଷକ ଅଶୋକ କୁମାର ପରିଡ଼ାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଏକ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ଶୋଭଯାତ୍ରା ସ୍ଥାନୀୟ ପୌରପାଳିକା କାର୍ଯ୍ୟାଳୟ ପରିସରରୁ ବାହାରି ଥିଲା। ପୌରାଧକ୍ଷା ତନୟା ମିଶ୍ର ସବୁଜ ପତାକା ଦେଖାଇ ସଚେତନତା ଶୋଭଯାତ୍ରାର ଶୁଭାରମ୍ଭ କରି ଛାତ୍ରୀଛାତ୍ରଙ୍କ ସହ ନିଜକୁ ଏଥିରେ ସାମିଲ କରିଥିଲେ। ପ୍ଲାଷ୍ଟିକ ବର୍ଜନ ଅଭିଯାନକୁ ସଫଳ କରିବାକୁ ଛାତ୍ରୀଛାତ୍ରମାନେ ଲୋକଙ୍କୁ ସଚେତନ କରିଥିଲେ। ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁଁ ବିଶ୍ୱର କିଭଳି କ୍ଷତି




ବିଶ୍ୱ ପରିବେଶ ଦିବସ ଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

ହେଉଛି ଏବଂ ଏହାକୁ କିଭଳି କମ କରିହେବ ସେ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହାପରେ ପିଲାମାନେ ବିଭିନ୍ନ ପ୍ରକାର ମଞ୍ଜି ସଂଗ୍ରହ କରିବା ସହ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ କୁମାର ଚୌଧୁରୀ, ସହକାରୀ ବନ ସଂରକ୍ଷକ ମୋହନ ହେମ୍ବ୍ରମ୍, ସଦରବନାଞ୍ଚଳ ଅଧିକାରୀ ଅରୁଣ କୁମାର ବେହେରା, ଇକୋ କ୍ଲବ ପରିଚାଳକ କିଶୋର ମହାନନ୍ଦ ଉପସ୍ଥିତ ଥିଲେ। ବିଦ୍ୟାଳୟ ସମ୍ପାଦକ ରାଜ କିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ସବୁଜ ବାହିନୀ ପକ୍ଷରୁ ବିଶ୍ୱ ପରିବେଶ ଦିବସ

**କୁତ୍ରା,୫।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ସବୁଜବାହିନୀ ପକ୍ଷରୁ ବିଶ୍ୱ ପରିବେଶ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସବୁଜବାହିନୀ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ସକାଳୁ ପରିବେଶ ସୁରକ୍ଷା ସମ୍ବଳିତ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମ କରିଥିଲେ। ପରେ ଅନୁଷ୍ଠାନର ସଭାଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁତ୍ରା ଏବିଡିଓ ମୀନାକୁମାରୀ ଜେନା, ନିରଞ୍ଜନ ରାଉଳ ଓ ଲକ୍ଷ୍ମଣ ଜାମୁଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରଥମେ ବାହାନଗା ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରକୃତି ବନ୍ଧୁ ତଥା ସବୁଜବାହିନୀ ରାଜ୍ୟ ପ୍ରଶିକ୍ଷକ ବିଭୀଷଣ ବାରିକ ପରିଚାଳନା କରିଥିଲେ। ଧୃତିସୁନ୍ଦର ସାହୁ, ଜସ୍ମିନ ମିଞ୍ଜ, ସୁନିତା ପଟେଲ, ମଞ୍ଜୁ ଏକ୍କା, ସେରୋଫିନା ଏକ୍କା, ଆଶା ସାମରିଆ, ରୋହିତ ଜୟପୁରିଆ, ଲିପିକା କାଲୋ, ଦଲୀପ ବେହେରା ଏଥିରେ ସହଯୋଗ କରିଥିଲେ ଗାଇଡ କ୍ୟାପଟେନ ଦୀପିକା କେରକେଟା ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଆଦିତ୍ୟ



@ ଶ୍ୟାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟ୍ରେନ୍ ଦୁର୍ଘଟଣାରେ ମୃତ ଓ ଆହତଙ୍କ ଉଦ୍ଦେଶ୍ୟରେ ଦୀପ ଦାନ




ଓକିଲ ସଂଘ ପକ୍ଷରୁ ସମୂହ ଦୀପଦାନ କରାଯାଉଛି।

**ସୁନ୍ଦରଗଡ଼,୫।୬(ଡି.ଏନ୍.ଏ.)**

ବାହାନାଗା ଟ୍ରେନ ଦୁର୍ଘଟଣାରେ ମୃତ ଓ ଆହତଙ୍କ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ଦୀପଦାନ କାର୍ଯ୍ୟକ୍ରମ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ସଂଘ ସମ୍ପାଦକ ଅଶୋକ କୁମାର ସ୍ୱାଇଁଙ୍କ ଆୟୋଜନ କ୍ରମେ ଆରମ୍ଭରେ ଜିଲା ଓକିଲ ସଂଘ ସଭାପତି କମଳ ଲୋଚନ ସେନଙ୍କ ପରିଚାଳନାରେ ୨ ମିନିଟ୍ ନିରବ ପ୍ରାର୍ଥନା ଓ ଦୀପଦାନ କରାଯାଇଥିଲା। ଏଥିସହ ବାଲେଶ୍ୱର ବାସୀ, ଓଡ୍ରାଫ ଟିମ୍ ନିଜ ଜୀବନକୁ ଖାତିର ନ କରି ଯେପରି ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିଥିଲେ ଓ ରକ୍ତଦାନ କରି ଆହତଙ୍କ ଜୀବନ ବଞ୍ଚାଇ ଥିଲେ ଏହା ମନୁଷ୍ୟ ସମାଜ ପାଇଁ ଏକ ଉଦାହରଣ। ତେଣୁ ସଂଘ ତରଫରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଓକିଲ ଆଇନଜୀବୀ କିଶୋର ନାୟକ, ପ୍ରସନ୍ନ ବେହେରା, ଅରୁଣ ପଟେଲ, ବାସୁଦେବ ପାଣ୍ଡେ, ବିଭୋର ପଟେଲ, ସତ୍ୟଜିତ ନାୟକ, ମନୋଜ ମହାରଣା, ସ୍ୱରାଜ ପଟେଲ, ପ୍ରଣବ ହାତୀ, ରବୀନ୍ଦ୍ର ମାଳି, ବାଦଲ ଚୌଧୁରୀ, ଜଗତ ବଲ୍ଲଭ ପଟ୍ଟନାୟକ, ବିଦ୍ୟୁତ ସିଂ ନାୟକ, ସୁପ୍ରଭା ପଟେଲ, ଅନୁସୟା ନାୟକ, ସୁନିତା ପଟେଲ, ସରିତା ପଟେଲ, ମଞ୍ଜୁ ପଟେଲ, ତୃପ୍ତି ମୟୀ ନାୟକ, ସିନି ରାଣୀ ପଟେଲ, ରଶ୍ମିତା ନାୟକ, ଜ୍ୟୋତି ଲକ୍ଷ୍ମୀ ତାଣ୍ଡିଆ ସମେତ ଅନ୍ୟ ସଦସ୍ୟ ଯୋଗଦେଇଥିଲେ।

# ଜିଲା ରେଡକ୍ରସ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ



**ସୁନ୍ଦରଗଡ଼,୫।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ସଦର ବ୍ଲକ ରାବଣଡ଼ିହିସ୍ଥିତ ଜରାଶ୍ରମଠାରେ ଜିଲା ରେଡକ୍ରସ୍ ଶାଖା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଡେପୁଟି କଲେକ୍ଟର( ଆପତକାଳୀନ) ତଥା ଜିଲା ରେଡକ୍ରସ୍ ଶାଖା ସମ୍ପାଦିକା କୁନ୍ତୀ ରାଣୀ ନାୟକ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହିତ ନିଜ ପରିବେଶର କିଭଳି ଯତ୍ନ ନେବା ସେ ସମ୍ପର୍କରେ ଅନ୍ତେବାସୀଙ୍କୁ କହିଥିଲେ। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନ୍ତେବାସୀଙ୍କ ସହ ଆଲୋଚନା କରିବା ସହିତ ସେମାଙ୍କର ଭଲ ମନ୍ଦ ପଚାରି ବୁଝିଥିଲେ। ସମସ୍ତେ ନିଜ ପରିବେଶକୁ ସବୁ ବେଳେ ସଫା ସୁତରା ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଅନ୍ତେବାସୀମାନେ ନିଜ ଅଭିଜ୍ଞତା ସମ୍ପର୍କରେ କହିବା ସହିତ ସୁବିଧା ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ସାହୁଙ୍କ ଅଧକ୍ଷତାରେ ଜିଲା ରେଡକ୍ରସ୍ ଶାଖାର କାର୍ଯ୍ୟକାରିଣୀ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜରାଶ୍ରମସ୍ଥିତ ବଗିଚାଠାରେ ସମସ୍ତ ଅତିଥିଙ୍କ ଦ୍ୱାରା ବୃକ୍ଷରୋପଣ ମଧ୍ୟ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସମାଜିକ କର୍ମୀ ସ୍ନେହଲତା ପଟେଲ, ଜିଲା ରେଡକ୍ରସ୍ ଶାଖାର ସହ ସମ୍ପାଦକ ଅଜିତ ପ୍ରସାଦ, ରେଡକ୍ରସ୍‌ର ଆଜୀବନ ସଦସ୍ୟ ଦୂର୍ଗା ମାଧବ ପଟେଲ, ଗୋପକୃଷ୍ଣ ନାୟକ, ପ୍ରତାପ ତ୍ରିପାଠୀ, ପ୍ରଦୀପ ସାହୁ, ଅଭିଳାଷ ହୋତା, ସରୋଜିନୀ ଗର୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ସୁନ୍ଦରଗଡ଼,୫।୬(ଡି.ଏନ୍.ଏ.)**

ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ପାଇଁ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରିଥିଲା। ସ୍ଥାନୀୟ ଡିଆରଡିଏ ଛକରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଇ ଶୋକସଭା ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ସଭାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ରାଜକିଶୋର ଷଡ଼ଙ୍ଗୀ, ମୁନୁ ସରିଫ, କାଳୀପଦ ସାମଲ, ସତ୍ୟ ନାରାୟଣ ସାହୁ, ପର୍ଶୁରାମ ସରାଫ,ବିଶ୍ୱଜିତ ପଟ୍ଟନାୟକ, କମଲେଶ ବେନିୱାଲ, ବିଶ୍ୱ ପଧାନ, ବିକାଶ ରାଓ, ଶିବ ମୁଣ୍ଡା, ବେଣୁପାତ୍ର, କମଳ ସେନ, ଶୁଭାଶିଷ ବାନାର୍ଜୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଦେବଗଡ଼ ଜିଲା ପାଇଁ ନୂଆ ଶିଶୁ ମଙ୍ଗଳ କମିଟି ଗଠିତ

**ଦେବଗଡ଼,୫।୬:(ଡି.ଏନ୍.ଏ.)**

ଦେବଗଡ଼ ଜିଲାପାଳ ସୋମେଶ ଉପଧ୍ୟାୟଙ୍କ ଅନୁମୋଦନକ୍ରମେ ଶିଶୁ ମଙ୍ଗଳ କମିଟି ପୁନଃଗଠିତ ହୋଇଛି। ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ସମସ୍ତ ଶିଶୁଙ୍କ ଥଇଥାନ ଓ ସୁରକ୍ଷା ସମ୍ପର୍କିତ ନିଷ୍ପତ୍ତି ନେବାପାଇଁ କିଶୋର ନ୍ୟାୟ ଅଧିନିୟନ ୨୦୧୫ରେ ଏହି କମିଟିକୁ କ୍ଷମତା ଦିଆଯାଇଛି। କମିଟି ପରିଚାଳନା କରିବାକୁ ଆଗାମୀ ୩ ବର୍ଷ ପାଇଁ ଅଧକ୍ଷାଭାବେ ପିଙ୍କିରାଣୀ ନନ୍ଦ ଓ ସଦସ୍ୟଭାବେ ସୁଷମା ମଞ୍ଜରୀ ମହାପାତ୍ର, ରମା ସାହୁ , ଟିକେଶ୍ୱର ଧଳ ଓ କୁମୁଦ ଚନ୍ଦ୍ର ଶତପଥୀଙ୍କୁ କାର୍ଯ୍ୟଭାର ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଏହି ନୂତନ କମିଟି ଗଠନକୁ ବିରୋଧ କରି ଓ ନିଜ କାର୍ଯ୍ୟକାଳର ଅବଧିକୁ ସମ୍ପ୍ରସାରଣ କରିବା ପାଇଁ ପୂର୍ବତନ ସଦସ୍ୟମାନେ ଓ ଅଧକ୍ଷ ମନୋଜ ସାହ, ଜ୍ୟୋସ୍ନାରାଣୀ ଦାସ, ଗିରେନ୍ଦ୍ର ସାହୁ ଓ ଭାସ୍କର ନାଥ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ଏପ୍ରିଲ ୧୫ରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ହସ୍ତକ୍ଷେପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଓ ଓଆର୍‌ଏସ୍ ଲଳିତ ମୋହନ ନାୟକ ପୋଲିସ ସହାୟତାରେ ସିଡବ୍ଲୁସି କାର୍ଯ୍ୟାଳୟକୁ ସିଲ କରି ଦେଇଥିଲେ। ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ କମିଟି ପରିଚାଳନା ପାଇଁ ସମ୍ବଲପୁର ସିଡବ୍ଲୁସିକୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଅନ୍ୟ ପକ୍ଷରେ ପୂର୍ବତନ କମିଟିର ଆବେଦନକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେବାରୁ ଦେବଗଡ଼ ପାଇଁ ନୂତନ ଶିଶୁ ମଙ୍ଗଳ କମିଟି ଗଠିତ ହେଲା ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି।



# ନାଟକ ମାଧ୍ୟମରେ ପରିବେଶ ସଚେତନତା ବାର୍ତ୍ତା

**ଦେବଗଡ,୫।୬(ଡି.ଏନ.ଏ.)**

ଦେବଗଡ଼ ବନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ବନବିଭାଗ ସମ୍ମିଳନୀ କକ୍ଷରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଦେବଗଡ଼ ବନଖଣ୍ଡ ଅଧିକାରୀ ମଗରଧନାଜି ରାଓସୋ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟଅତିଥି, ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥ, ନିର୍ବାହୀ ଅଧିକାରୀ ଜିଲା ପରିଷଦ ଲୁକାସ ପ୍ରଧାନ, ବରିଷ୍ଠ ନାଗରିକ ପ୍ରଫୁଲ୍ଲ ମହାପାତ୍ର ଓ ଲଳିତ ମୋହନ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଶ୍ୱ ପରିବେଶ ଦିବସ ଉପରେ ମତ ରଖିଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁଣ୍ଡାପିଠାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଛ ନ ହାଣିବା, ଜଙ୍ଗଲରେ ନିଆଁ ନ ଲଗାଇବା, ପ୍ଲାଷ୍ଟିକ ବ୍ୟବହାର ନ କରିବା, ପରିବେଶକୁ ସୁରକ୍ଷିତ ରଖିବା ଓ ଗଛ ଲଗାଇବା ଉପରେ ନାଟକ ପରିବେଷଣ କରି ଲୋକମାନଙ୍କୁ ସଚେତନ କରି ବାର୍ତ୍ତା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ

ପ୍ରେରଣ କରିଥିଲେ। ପରେ ବନଖଣ୍ଡ ବିଭାଗ ତରଫରୁ ପୁରସ୍କାର ବିତରଣରେ ପ୍ରକୃତି ବନ୍ଧୁ ପୁରସ୍କାର ପୂର୍ଣ୍ଣଚନ୍ଦ୍ର ବେହେରା, ଦେବଗଡ଼ ବନାଞ୍ଚଳର ନିତ୍ୟାନନ୍ଦ ପ୍ରଧାନ, ବାରକୋଟ ବନାଞ୍ଚଳର ହାଡିବନ୍ଧୁ ମହନ୍ତ ଓ ବନ ବିଭାଗ କର୍ମଚାରୀ ଭୀମସେନ ଶତପଥୀ, ଫରେଷ୍ଟ ଗାର୍ଡ ଭୋଲେଶ୍ୱର୍ ସାହୁ, ଯଶବନ୍ତ ଦାସ, ଫରେଷ୍ଟର ରିଆମାଳ ଭୁବନେଶରୀ ସାହୁ, ଫରେଷ୍ଟ ଗାର୍ଡ ବାରକୋଟ ରୋହିତ କୁମାର ନାୟକ, ପାଲଲହଡା ବାହନ ବେହେରା, ଫରେଷ୍ଟ ଗାର୍ଡ ମୋନୋଜ ଦେହୁରୀ, ଫରେଷ୍ଟ ପ୍ରୋଟେକ୍ସନ ସ୍କ୍ୱାଡ ଦେବଗଡ଼ ବାପୁନ ରଣା, ଏଲିଫ୍ୟାଣ୍ଟ ସ୍କ୍ୱାଡ ଦେବଗଡ଼ ପରମାନନ୍ଦ ଭୋଇ, ଏଲିଫ୍ୟାଣ୍ଟ ସ୍କ୍ୱାଡ ବାରକୋଟ ଭରତ ବିଶାଳ, ଅନୁକୂଳ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନରଙ୍କୁ ପ୍ରଶିକ୍ଷଣ

**ନିର୍ବାଚନ ପ୍ରସ୍ତୁତି**

■ ବଦଳି, ନିଯୁକ୍ତି ନେଇ ଗାଇଡ୍ଲାଇନ୍ ଜାରି କଲେ ଭାରତର ନିର୍ବାଚନ କମିଶନ

ଭୁବନେଶ୍ୱର,୫।୬(ବ୍ୟୁରୋ)

ଆଗାମୀ ସାଧାରଣ ନିର୍ବାଚନ ନେଇ ଚର୍ଚ୍ଚା ଜୋର୍ ଧରିଲାଣି। ଅନ୍ୟପକ୍ଷରେ ନିର୍ବାଚନ ପାଇଁ ରାଜ୍ୟ ସରକାର ମଧ୍ୟ ପ୍ରସ୍ତୁତି ଆରମ୍ଭ କଲେଣି। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନର(ଏସ୍ଏଲ୍ଏମ୍ଟି) ମାନଙ୍କର ଟ୍ରେନିଂ କାର୍ଯ୍ୟ ଆରମ୍ଭ ହେଲାଣି। ଜୁନ୍ ୫ରୁ ୯ ତାରିଖ ଯାଏ ଏହି ପ୍ରଶିକ୍ଷଣ କାର୍ଯ୍ୟ ଜାରି ରହିବ। ପ୍ରଥମ ପର୍ଯ୍ୟାୟରେ ୯୮ ଜଣ ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନରଙ୍କୁ ଅନ୍ଲାଇନ୍ରେ ପ୍ରଶିକ୍ଷଣ ଦେବା ଆରମ୍ଭ କରାଯାଇଛି। ଏହି ପ୍ରଶିକ୍ଷଣ ଯୋଗ୍ୟ ଏବଂ ଅଯୋଗ୍ୟ, ଜିଲା ନିର୍ବାଚନ ପରିଚାଳନା, ଗଣମାଧ୍ୟମ ଅଭିଯୋଗ, ଇଭିଏମ-ଭିଭିପାର୍ଟ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯିବ। ଏହାଛଡ଼ା ୩ ବର୍ଷରୁ ଊର୍ଦ୍ଧ୍ୱ ଗୋଟିଏ ଜାଗାରେ ରହିଥିବା ଅଧିକାରୀମାନଙ୍କୁ ମଧ୍ୟ ବଦଳି ଓ ନିଯୁକ୍ତି କରିବା ନେଇ ଭାରତର ନିର୍ବାଚନ କମିଶନ ଗାଇଡ୍ଲାଇନ୍ ଜାରି କରିଛନ୍ତି। ଏହି ଗାଇଡ୍ଲାଇନ୍ ଆଧାରରେ ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପର୍ଯ୍ୟାପ୍ତ ମାନବ ସମ୍ବଳ ଯୋଗାଇଦେବା ସକାଶେ ବଦଳି ଓ ନିଯୁକ୍ତି ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ମୁଖ୍ୟଶାସନ ସଚିବଙ୍କୁ ଚିଠିଲେଖି ଅନୁରୋଧ କରାଯାଇଛି। କେବଳ ନିର୍ବାଚନ ଦାୟିତ୍ୱରେ ରହିବାକୁ ଥିବା ଜିଲା ନିର୍ବାଚନ ଅଧିକାରୀ, ରିଟର୍ଣ୍ଣିଂ ଅଫିସର, ଜିଲ୍ଲା ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର ନୁହନ୍ତି, ଆଡିଶନାଲ ଡେପୁଟି ମାଜିଷ୍ଟ୍ରେଟ, ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ ସବ୍କଲେକ୍ଟର, ତହସିଲଦାର, ବିଡିଓ, ଆସିଷ୍ଟାଣ୍ଟ କଲେକ୍ଟରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କୁ ମଧ୍ୟ ବଦଳି ଓ ନିଯୁକ୍ତି କରିବାକୁ କୁହାଯାଇଛି।

ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ସରକାର ଆଗୁଆ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ନେଇ ଗଣମାଧ୍ୟମଙ୍କୁ ସୂଚନା ଦେଇଥିଲେ। ନିର୍ବାଚନ କମିଶନ ଯେତେବେଳେ ଘୋଷଣା କରିବେ ସେତେବେଳେ ନିର୍ବାଚନ ହେବ ବୋଲି ବିଜେଡି ପକ୍ଷରୁ କୁହାଯାଇଥିବା ବେଳେ କଂଗ୍ରେସ ଓ ଭାଜପା ଆଗୁଆ ନିର୍ବାଚନ ପାଇଁ ପ୍ରସ୍ତୁତ ଥିବା ଦଳୀୟ ନେତାମାନେ କହିଛନ୍ତି।



ଜାତୀୟ ଶିକ୍ଷାନୀତି ୨୦୨୦କୁ ପ୍ରତ୍ୟାହାର କରିବା ଦାବିରେ ଆରଜେଡି କର୍ମୀମାନେ ପାଟନାରେ ସୋମବାର ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି।

# ରେଳମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ: ଶରତ

ଭୁବନେଶ୍ୱର, ୫।୬(ବ୍ୟୁରୋ)



ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତୁରନ୍ତ ଇସ୍ତଫା ଦିଅନ୍ତୁ। ପ୍ରାଣ ହରାଇଥିବା ଓ ଜିନ୍ଦାଖମ ହୋଇଥିବା ପରିବାରରୁ ଜଣଙ୍କୁ ରେଳ ମନ୍ତ୍ରାଳୟ ପକ୍ଷରୁ ଚାକିରି ଦିଆଯାଉ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଦାବି କରିଛନ୍ତି।

ଭୁବନେଶ୍ୱର କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି ଯେ, ୨୦୧୭ରୁ ବର୍ତ୍ତମାନ ପର୍ଯ୍ୟନ୍ତ ରେଲୱେରେ ୩ ଲକ୍ଷ ୧୨ ହଜାରରୁ ଊର୍ଦ୍ଧ୍ୱ ପଦବୀ ପୂରଣ ନ ହୋଇ ପଡ଼ିରହିଛି। ସେଥିମଧ୍ୟରୁ ୧ ଲକ୍ଷ ୪୦ ହଜାର ପଦବୀ କେବଳ ସୁରକ୍ଷା ଓ ନିରାପତ୍ତା କ୍ଷେତ୍ର ପାଇଁ ଉଦ୍ଦିଷ୍ଟ। ବର୍ଷ ବର୍ଷ ଧରି ଏପରି ଗୁରୁତ୍ୱପୂର୍ଣ୍ଣ ପଦବୀ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍ଡିଏ ସରକାର ଜାଣିଶୁଣି ପୂରଣ କରୁନାହାନ୍ତି। ଗତ ଶୁକ୍ରବାର ଯେଉଁ ହୃଦୟ ବିଦାରକ ଘଟଣା ଘଟିଛି ତାହା ଏ ଶତାବ୍ଦୀର ସବୁଠାରୁ ବଡ଼ ରେଳ ଦୁର୍ଘଟଣା। ସରକାର ଜାଣିଶୁଣି ପ୍ରକୃତ ମୃତକଙ୍କ ସଂଖ୍ୟା ଲୁଚାଉଛନ୍ତି। ପ୍ରକୃତରେ ମୃତକସଂଖ୍ୟା ସରକାରଙ୍କ ପ୍ରକାଶିତ ସଂଖ୍ୟାଠାରୁ ଢ଼େର୍ ଅଧିକ ହେବ। କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ସରକାର ରେଳ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ନ ଦେବା ପାଇଁ ଶବ ଉପରେ ରାଜନୀତି କରୁଛନ୍ତି। ୨୦୧୨ରେ ଉପା ସରକାର ସମୟରେ ରେଳ ଦୁର୍ଘଟଣା ନିରୋଧ ଯନ୍ତ୍ରାଂଶକୁ ବିକଶିତ କରାଯାଇଥିଲା। ୨୦୧୪ ପରେ ମୋଦି ସରକାର ଏହାର ନାମକୁ ପରିବର୍ତ୍ତନ କରି କବଚ ବୋଲି ପ୍ରଚାର କରି କହିଥିଲେ ଏହାଦ୍ୱାରା ଭାରତବର୍ଷର ରେଳ ଦୁର୍ଘଟଣା ଆଉ ହେବନାହିଁ। ହେଲେ ୨୦୧୪ ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କେନ୍ଦ୍ର ସରକାର କବଚର କାର୍ଯ୍ୟକାରିତା ଲାଗି ମାତ୍ର ୩୭୩ କୋଟି ଟଙ୍କା ବଜେଟରେ ବ୍ୟୟବରାଦ କରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଇଷ୍ଟକୋଷ୍ଟ ରେଲୱେ କିମ୍ବା ଦକ୍ଷିଣ ପୂର୍ବ ରେଲୱେରେ ଗୋଟିଏ ହେଲେ ଟ୍ରାକ୍ରେ କବଚ ଲଗାଯାଇ ନାହିଁ। କେନ୍ଦ୍ର ଓଡ଼ିଶାରୁ ରେଳ ମାଲ୍ ଓ ଯାତ୍ରୀ ପରିବହନ କ୍ଷେତ୍ରରୁ ୨୦ ହଜାର କୋଟି ଟଙ୍କା ବାର୍ଷିକ ଆୟ କରୁଥିଲାବେଳେ ଯାତ୍ରୀଙ୍କ ସୁରକ୍ଷା ଏବଂ ନିରାପତ୍ତା ପାଇଁ ୫ ହଜାର କୋଟି ଟଙ୍କା ମଧ୍ୟ ଖର୍ଚ୍ଚ କରୁନାହାନ୍ତି। ରେଳମନ୍ତ୍ରୀ ଘୋଷଣା କରି କହିଲେ, ତଦନ୍ତ ଶେଷ ହେଲା, ଦୋଷୀ ଚିହ୍ନଟ ହୋଇଛନ୍ତି। ଇଣ୍ଟରଲିଙ୍କ୍ ଯୋଗୁ ଫେଲ୍ୟୋର କଥା କୁହାଗଲା। କିନ୍ତୁ ୮ରୁ ୧୦ ଘଣ୍ଟା ନ ପୁରୁଣୁ ଏ କଥାକୁ ବଦଳାଇ ଦିଆଗଲା ଏବଂ ସିବିଆଇ ଦ୍ୱାରା ଏହାର ତଦନ୍ତ କରାଯିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଲେ ବୋଲି ଘୋଷଣା କରାଗଲା। ଭାରତର ଇତିହାସରେ ରେଳ ଦୁର୍ଘଟଣାରେ ପ୍ରଥମ ଥର ପାଇଁ ସିବିଆଇକୁ ତଦନ୍ତ କରିବାକୁ ଦିଆଯାଉଛି। ତେଣୁ ଏହି ଘଟଣାରେ କ୍ରାଇମ୍ ସିଣ୍ଡିକେଟ ବାବଦରେ ମନ୍ତ୍ରୀଙ୍କ ପାଖରେ କିଛି ତଥ୍ୟ ରହିଛି କି ବୋଲି ଶରତ ପ୍ରଶ୍ନ କରିଛନ୍ତି। କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି, ବାହାନଗା ରେଳଦୁର୍ଘଟଣା ଏକ ମନୁଷ୍ୟକୃତ ବିପତ୍ତି। ରେଳମନ୍ତ୍ରୀଙ୍କ ଅପାରଗତା ଯୋଗୁ ଶତାଧିକ ଯାତ୍ରୀ ପ୍ରାଣ ହରାଇଲେ। ଏଥିପାଇଁ ସେ ମୁଖ୍ୟତଃ ଦାୟୀ। କେବଳ ଏହି ଦୁର୍ଘଟଣା ପାଇଁ ଜଣେ ସିଗ୍ନାଲମ୍ୟାନଙ୍କୁ ଦାୟୀକରି ତାଙ୍କୁ ଦଣ୍ଡ ଦେବା ଯଥେଷ୍ଟ ନୁହେଁ। ଖୋଦ ରେଳମନ୍ତ୍ରୀ ଏହାର ଉତ୍ତରଦାୟିତ୍ୱ ନେବେ କି ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

# ମହାରାଷ୍ଟ୍ରର ସବୁ ନିର୍ବାଚନରେ ଏକାଠି ଲଢ଼ିବେ ଶିବସେନା-ଭାଜପା: ଶିନ୍ଦେ

ମୁମ୍ବାଇ, ୫।୬(ଆଇଏଏନ୍ଏସ୍)

ମହାରାଷ୍ଟ୍ରର ଶାସକ ମେଣ୍ଟ ଶିବସେନା ଏବଂ ଭାଜପା ଭବିଷ୍ୟତରେ ରାଜ୍ୟର ସମସ୍ତ ନିର୍ବାଚନ ଏକାଠି ଲଢ଼ିବା ପାଇଁ ଏକ ପ୍ୟାକେଜ୍ ଚୁକ୍ତିନାମା ନିମନ୍ତେ ରାଜି ହୋଇଛନ୍ତି। ପୌର ନିର୍ବାଚନଠାରୁ ଆରମ୍ଭକରି ବିଧାନସଭା ଓ ଲୋକ ସଭା ନିର୍ବାଚନରେ ଶିବସେନା ଏବଂ ଭାଜପା ଏକାଠି ଲଢ଼ିବେ ବୋଲି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ସୋମବାର କହିଛନ୍ତି। ରବିବାର ରାତିରେ ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଶିବସେନା ଅଧ୍ୟକ୍ଷ ଶିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍ନବିସଙ୍କ ଆଲୋଚନା ପରେ ଏହି ଘୋଷଣା କରାଯାଇଛି। ରାଜ୍ୟର ବିକାଶ ପାଇଁ ମେଣ୍ଟ ଦିନକୁ ଦିନ ଅଧିକ ଶକ୍ତିଶାଳୀ ହେବା ସହ ବହୁମତରେ ଜିତି ମହାରାଷ୍ଟ୍ରକୁ ସବୁ କ୍ଷେତ୍ରରେ ଭାରତର ୧ ନମ୍ବର ରାଜ୍ୟରେ ପରିଣତ କରିବ ବୋଲି ଶିନ୍ଦେ କହିଛନ୍ତି। ବୈଠକରେ କୃଷି, ସହଯୋଗ, ମହିଳା ସଶକ୍ତୀକରଣ ଓ କୃଷି ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

# ବିରୋଧୀ ଦଳଗୁଡ଼ିକର ବୈଠକ ୨୩କୁ ଘୁଞ୍ଚିଲା

ନୂଆଦିଲ୍ଲୀ, ୫।୬

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକ ଏକାଠି କରିବା ଲାଗି ଉଦ୍ୟମ ଜାରି ରହିଥିବାବେଳେ ବିହାରର ପାଟନାରେ ଜୁନ୍ ୧୨ରେ ପ୍ରଥମ ବିରୋଧୀ ଦଳ ବୈଠକ ଅନୁଷ୍ଠିତ ହୋଇ ଏହା ଉପରେ ଆଲୋଚନା କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଉକ୍ତ ବୈଠକକୁ ୨୩ ତାରିଖକୁ ଘୁଞ୍ଚାଇ ଦିଆଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍ଡିଏ ବିରୋଧରେ ସମଭାବାପନ୍ନ ଦଳଗୁଡ଼ିକୁ ଏକାଠି କରିବା ଦିଗରେ ନେତୃତ୍ୱ ନେଉଥିବା ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ୧୨ ତାରିଖରେ ପ୍ରଥମ ବିରୋଧୀ ଦଳ ବୈଠକ ପାଇଁ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ ସେ ବିରୋଧୀ ନେତାମାନଙ୍କୁ ଜଣାଇଥିଲେ। ତେବେ କଂଗ୍ରେସ, ଡିଏମ୍କେ, ସିପିଆଇ-ଏମ୍‌ର ଅନୁରୋଧ କ୍ରମେ ଏହାକୁ ୨୩ ତାରିଖରେ ଘୁଞ୍ଚାଇ ଦିଆଯାଇଥିବା ଜଣାପଡ଼ିଛି। ୧୨ ତାରିଖ ବୈଠକ ସ୍ଥଗିତ ରଖିବାକୁ ଡିଏମ୍କେ ନେତା ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ୍ ଏବଂ କଂଗ୍ରେସ ପକ୍ଷରୁ ଅନୁରୋଧ କରାଯାଇଥିଲା। ସିପିଆଇ-ଏମ୍ ନେତା ସୀତାରାମ ୟେଚୁରୀ ମଧ୍ୟ ଅନୁରୂପ ନିବେଦନ କରିଥିଲେ।

# ୪୦ ହଜାର ବୁଥ୍‌ରେ ପ୍ରତିନିଧି ନିଯୁକ୍ତ କରିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୫।୬(ବ୍ୟୁରୋ)

ବୁଥ୍‌ସ୍ତରରେ ଏଣିକି ଛାତ୍ର କଂଗ୍ରେସର ସକ୍ରିୟ ପ୍ରତିନିଧି ନିଯୁକ୍ତ ହେବେ। ତୃଣମୂଳସ୍ତରରୁ ଲଢ଼େଇକୁ ଅଧିକ କ୍ରୀୟାଶୀଳ କରିବା ପାଇଁ ୪୦ ହଜାର ବୁଥ୍‌ରେ ଛାତ୍ର କଂଗ୍ରେସ ପ୍ରତିନିଧି ନିଯୁକ୍ତ କରିବ। ଏ ନେଇ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ସୂଚନା ଦେଇଛନ୍ତି । ପ୍ରଦେଶ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ସୋମବାର କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଛି। ବୈଠକରେ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆଗତ କରାଯିବା ସହ ତାକୁ ଗୃହୀତ କରାଯାଇଛି। ଏହି ଅବସରରେ ୟାସିର କହିଛନ୍ତି, ଓଡ଼ିଶାର ଯୁବତୀ, ଯୁବକମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଣଦେଖା କରାଯାଉଛି। ଉଚ୍ଚଶିକ୍ଷିତ ଓଡ଼ିଶା ପିଲାଙ୍କୁ ଛୋଟିଆ ଚାକିରି ଦେଇ ଭଣ୍ଡେଇ ଦିଆଯାଉଛି। ଛାତ୍ର କଂଗ୍ରେସ ରାଜ୍ୟର ବେକାର ଯୁବତୀ,ଯୁବକଙ୍କୁ ଚାକିରି ଦେବା ଦାବି ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ। ଶିକ୍ଷାର ଘରୋଇକରଣ ବିରୋଧରେ ବ୍ୟାପକ ଆନ୍ଦୋଳନ କରାଯିବ। ସରକାର ସବୁବେଳେ ଘରୋଇ ଶିକ୍ଷାନୁଷ୍ଠାନ ମାଲିକମାନଙ୍କ ସପକ୍ଷରେ ଛିଡ଼ା ହେଉଛନ୍ତି। ଏହାଦ୍ୱାରା ଛାତ୍ରମାନଙ୍କ ସ୍ୱାର୍ଥ ଉପେକ୍ଷିତ ହେଉଛି। ଏଣୁ ଛାତ୍ର କଂଗ୍ରେସ ପକ୍ଷରୁ ଘରୋଇ ଶିକ୍ଷାନୁଷ୍ଠାନର ମାଲିକମାନଙ୍କୁ ଘେରାଉ କରିବାକୁ ନିଷ୍ପତ୍ତି ହୋଇଛି। କଲେଜ ଓ ୟୁନିଭର୍ସିଟିରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଛାତ୍ର କଂଗ୍ରେସ ରାଜ୍ୟବ୍ୟାପୀ ସମସ୍ତ କଲେଜ କ୍ୟାମ୍ପସ ଆଗରେ ଧାରଣା ଦେବ ବୋଲି ସେ କହିଛନ୍ତି। ଏହି ଅବସରରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଛାତ୍ର କଂଗ୍ରେସ ସଙ୍ଗଠନର ମେରୁଦଣ୍ଡ। ବିଜେଡି ସରକାରରେ ରାଜ୍ୟର ଛାତ୍ର ସମାଜ ଉପେକ୍ଷିତ ଏବଂ ଲୁଣ୍ଠିତ। ଛାତ୍ର କଂଗ୍ରେସ ଏ ରାଜ୍ୟର ଛାତ୍ର ସମାଜକୁ ନ୍ୟାୟ ଦେବା ପାଇଁ ଉତ୍ସର୍ଗୀକୃତ ଭାବରେ ଆନ୍ଦୋଳନ କରୁ ବୋଲି ସେ କହିଛନ୍ତି।

# ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜାତୀୟ ସମ୍ମିଳନୀରେ ଓଡ଼ିଶାରୁ ୫୦ ଯୋଗଦେବେ

ଭୁବନେଶ୍ୱର, ୫।୬(ବ୍ୟୁରୋ)

ଓଡ଼ିଶା ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଯୁବ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ସୋମବାର ଉଦ୍ଘାଟିତ ହୋଇଯାଇଛି। ରାଜ୍ୟର ୧୬ ଜିଲାରୁ ୧୫୦ ଯୁବ ମେଧାବୀ ଏଥିରେ ଯୋଗ ଦେଇଛନ୍ତି। କଂଗ୍ରେସ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଉଦ୍ଘାଟନ କରି କହିଛନ୍ତି, ତୃଣମୂଳସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପ୍ରତି ପଞ୍ଚାୟତରୁ ସର୍ବନିମ୍ନ ୨୦ ଜଣ ଲେଖାଏ ସାଥୀଙ୍କୁ ଚୟନ କରାଯିବ। ଆସନ୍ତା ୧୯ ଓ ୨୦ରେ ଦିଲ୍ଲୀ ଠାରେ ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଙ୍ଗଠନର ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ୫୦ ଜଣ ସାଥୀ ଯୋଗଦେବେ ସେ କହିଛନ୍ତି।


## ନିୟନ୍ତ୍ରିତ ବଜାର କମିଟି, ଆନନ୍ଦପୁର

ସା/ପୋ: ଶାଳପଡ଼ା, ଜିଲ୍ଲା- କେନ୍ଦୁଝର-୭୫୮୦୨୦
e-mail ID- rmc.anandapur@gmail.com

**ନିର୍ବାଚନ ବିଜ୍ଞାପନ**

ବିଜ୍ଞାପନ ସଂଖ୍ୟା: ୩୫୪, ତାରିଖ: ୦୧.୦୬.୨୦୨୩

**No.H-10:-** ଓଡ଼ିଶା କୃଷି ଉତ୍ପାଦନ ଓ ବିପଣନ ଆଇନ-୧୯୫୬ ଧାରା-୬ ଓ ଓଡ଼ିଶା କୃଷି ଉତ୍ପାଦନ ଓ ବିପଣନ ନିୟମ-୧୯୫୮ ଧାରା-୫ ଓ ଜିଲ୍ଲାପାଳ, କେନ୍ଦୁଝରଙ୍କ ଆଦେଶନାମା ସଂଖ୍ୟା ୧୩୮୦ ତା୧୮.୦୫.୨୦୨୩ରିଖ ଦ୍ୱାରା କ୍ଷମତାପ୍ରାପ୍ତ ଆମ୍ଭେ ଶ୍ରୀ ପତିତପାବନ ଦେବତା, ଓ.ଏ.ଏସ.-୧ (ଜେ.ବି.), ତହସିଲଦାର, ଘଷିପୁରା ତଥା ନିୟନ୍ତ୍ରିତ ବଜାର କମିଟି, ଆନନ୍ଦପୁରର ନିର୍ବାଚନ ଅଧିକାରୀ ଘୋଷଣା କରୁଅଛୁ ଯେ, ଉପରୋକ୍ତ ନିୟନ୍ତ୍ରିତ ବଜାର କମିଟିର ନୂତନ ପରିଚାଳନା ପରିଷଦ ନିର୍ବାଚନ ପାଇଁ ଅନ୍ୟ ନିର୍ବାଚନ ମଣ୍ଡଳୀ ବ୍ୟତୀତ କୃଷକ ନିର୍ବାଚନ ମଣ୍ଡଳୀ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଉପରୋକ୍ତ ବଜାର ଅଞ୍ଚଳସ୍ଥ ସ୍ୱୀକୃତିପ୍ରାପ୍ତ କୃଷକ ସଂଗଠନର ସଭ୍ୟ/ସଭ୍ୟାମାନଙ୍କ ଦ୍ୱାରା ୮ ଜଣ ବ୍ୟକ୍ତି ନିର୍ବାଚିତ ହେବେ । ଏଣୁ କୃଷକ ନିର୍ବାଚନ ମଣ୍ଡଳୀ ପାଇଁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ସକାଶେ ଉପରୋକ୍ତ ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ତିନି ଗୋଟି ବ୍ଲକ ଯଥା- ଘଷିପୁରା, ହାଟଡିହି, ଆନନ୍ଦପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟ କରୁଥିବା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କୃଷକ ସଂଗଠନମାନେ ସେମାନଙ୍କ ସଂଗଠନ ତାଲିକାଭୁକ୍ତ ସମସ୍ତ ସଭ୍ୟ/ସଭ୍ୟାମାନଙ୍କର ନାମ, ପିତାଙ୍କ ନାମ, ବୟସ ଓ ପୂର୍ଣ୍ଣ ଠିକଣା ସହ ଉକ୍ତ ସଂଗଠନ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଥିବା ଆଦେଶନାମାର ଏକ ଅବିକଳ ନକଲ (ରାଜ୍ୟ ସରକାରଙ୍କ କୌଣସି ଦ୍ୱିତୀୟ ଶ୍ରେଣୀ ବା ତଦୂର୍ଦ୍ଧ୍ୱ ପାହ୍ୟାର ଗେଜେଟେଡ଼ ଅଫିସରଙ୍କ ଦ୍ୱାରା ପ୍ରମାଣିତ ହୋଇଥିବା ବାଞ୍ଛନୀୟ) ନଥିକରି ନିମ୍ନ ସ୍ୱାକ୍ଷରକାରୀ ତଥା ନିର୍ବାଚନ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି, ଆନନ୍ଦପୁର, ସା/ପୋ.:- ଘଷିପୁରା, ଜି.- କେନ୍ଦୁଝରଙ୍କ ନିକଟକୁ ପଠାଇବା ପାଇଁ ଅନୁରୋଧ କରୁଅଛି, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ତା୨୩.୦୬.୨୦୨୩ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ପହଞ୍ଚିବା ବାଞ୍ଛନୀୟ ।

ପ୍ରକାଶ ଥାଉକି, ଉପରୋକ୍ତ ତାଲିକା ଧାର୍ଯ୍ୟ ତାରିଖ ଓ ସମୟ ମଧ୍ୟରେ ପହଞ୍ଚି ନ ପାରିଲେ ତାହା ଗ୍ରହଣଯୋଗ୍ୟ ହେବନାହିଁ ।

ସ୍ୱା./- ନିର୍ବାଚନ ଅଧିକାରୀ
ନିୟନ୍ତ୍ରିତ ବଜାର କମିଟି, ଆନନ୍ଦପୁର

OIPR-07043/11/0002/2324



## ODISHA PUBLIC SERVICE COMMISSION
CUTTACK

**NOTICE**

No. 4822/P.S.C. Dt.05.06.2023

No. D-60: In supersession to this Office Notice No. 4582/PSC, Dt.25.05.2023, it is for information of all concerned that the written examination of Odisha Municipal Administrative Services - 2021 pursuant to Advt. No. 06 of 2022-23 scheduled to be held on 25.06.2023 is hereby rescheduled to **02.07.2023 (Sunday)**. The detailed programme of the said examination shall be notified later.

2. The candidates are advised to visit the website of the Commission at **http://opsc.gov.in** for further information in this regard.

OIPR-12002/11/0040/2324 Sd./- Secretary



## OFFICE OF THE CHIEF ENGINEER & BASIN MANAGER

Tel Basin, Bhawanipatna, Dist.: Kalahandi
Tel No.: 06670-230209, email: cetelbasinbhp@gmail.com

**Government of Odisha**

**"e" Procurement Notice No. CE&BM, TEL - 02/2023-24**

**Bid Identification No. CETEL-BID-01/2023-24**

No. A-203: Online tenders are invited for EPC Contract for "Construction of In-stream storage structure (ISS) at Kukedmal across river Tel in the district Bolangir including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation, Planning, Design and Estimate of all Components with Operation and Maintenance of the project for a period of five years or five flood seasons whichever is more after successful commissioning of the Project of State of Odisha from prespective bidders".

| | | |
|---|---|---|
| 1 | Name of Work | "Construction of In-stream storage structure (ISS) at Kukedmal across river Tel in the district Bolangir including Hydro-mechanical works, Power connectivity works, road connectivity, staff quarters including survey, investigation, planning, design and estimate of all components with operation and maintenance of the project for a period of five years or five flood seasons whichever is more after successful commissioning of the project of State of Odisha from perspective bidders." |
| 2 | Approximate value of work put to tender | Rs.493,40,00,000/- |
| 3 | Period of Completion | 36 calendar months including rainy season |
| 4 | Date & time of availability of bid document in the portal | Date: 06.06.2023 from 10.00 A.M. to Date: 26.06.2023 upto 5.00 P.M. |
| 5 | Last date/time for receipt of bids in the portal | Date: 26.06.2023 upto 5.00 P.M. |
| 6 | Name & address of the Officer Inviting Bid | Chief Engineer & Basin Manager, Tel Basin, Bhawanipatna |

Further details can be seen from the e-procurement portal **"https://tendersodisha.gov.in"**.

Sd./- Chief Engineer & Basin Manager
Tel Basin, Bhawanipatna

OIPR-32317/11/0002/2324



No.CAD-848

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

## OFFICE OF THE DIVISIONAL HEAD (ELECTRICAL), IDCO IDCO TOWER, BHUBANESWAR

Tender Call Notice No.BBSR/ELECT/E-4283/21-22/1338, Dt.03.06.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** SITC of new 11KV Line with 70mm2 XLPE insulated AAA conductor of 0.23Km, 1No. of 100 KVA, 11/0.4 KV S/S and LT line 0.45 Km with AB Cable at Textile Park Neulapoi, Dhenkanal.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid Id No. BBSR/ELECT/e-10/23-24 | 12.06.2023 at 17.00 Hrs. | 21.06.2023 at 12.00 Hrs. |

Further details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect), IDCO, Bhubaneswar
OIPR-14003/11/0066/2324



## ଓଡ଼ିଶା ସରକାର
ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର
E-mail: serwcirclesbp@yahoo.com
Office Order No. 1233//Dated. 03.06.2023

**2nd corrigendum to Bid Identification No. PMGSY Online RWCSBP-05/2023-24**

No.O-197:- Following modifications are hereby made to the notice invited tender vide this office Bid ID No.PMGSY Online RWCSBP-05/2023-24.

1. The unit of item at serial No. 36 may be read as "Cum" instead of "RMT".
2. The quantity of item at serial No.20 may be read as **1623.76** instead of 1823.76.

All other terms and condition remain unchanged.

Sd./- Chief Construction Engineer
R.W. Circle, Sambalpur

OIPR-25091/11/0012/2324



## BHUBANESWAR MUNICIPAL CORPORATION
**SHORT QUOTATION CALL NOTICE**

No.C-506: XXXXX-II-SWMPMV-97/2022-23
No.26875/BMC Dated 02.06.23

On behalf of the Commissioner, Bhubaneswar Municipal Corporation (BMC), the Dy. Commissioner (Sanitation) invites sealed quotations from steel fabricators having its workshop within the territorial jurisdiction of BMC for "Supply of 100 nos. of garbage collection push carts for engagement in door to door collection activities".

The bidder shall submit the application along with the financial proposal on or before dt. 09.06.2023 till 4.00 PM by hand/post/courier. For further details regarding the short quotation call notice, the intending bidders may visit the BMC website https://www.bmc.gov.in for view or download information.

For any queries, please contact D.C (Sanitation), BMC.

By Order of Commissioner, BMC
Sd./- Dy.Commissioner (Sanitation)
Bhubaneswar Municipal Corporation

OIPR-13002/11/0054/2324



See Career Appointment on every Wednesday & Saturday



No.O-196:

## GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KENDRAPARA-JAJPUR

AT/PO-NAYABAZAR, CUTTACK-753004, Tel.No.-0671-2444488, Email:serw_kpd@yahoo.com

Letter No.2063 Date:05.06.2023

**1st Corrigendum Notice**

**1st Corrigendum to Bid Identification No. Tender Online RCK-16/23 invited this office Letter No.1726, Dt.08.05.2023**

The Changes as detailed below are hereby made in the above N.I.T.:-

**1. Clause No.06 of NIT modified below:**

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-16/23 | 09.06.2023 at 11.30 A.M. | 23.06.2023 to 5.00 P.M. | 22.06.2023 upto 5.00 P.M. | 26.06.2023 at 11.30 A.M. | Will be intimated later |

Sd./- Chief Construction Engineer,
Rural Works Circle, Kendrapara-Jajpur

OIPR-25129/11/0010/2324



## TRIBAL DEVELOPMENT COOPERATIVE CORPORATION OF ODISHA LIMITED
RUPALI SQUARE, BHOI NAGAR, BHUBANESWAR-751022
Tel No-2542475,Fax-2544828, E-mail:admin@tdccorissa.org.

Notice No.891/TDCCOL Dated:05.06.2023

**Detail Tender Call Notice for Supply of food grade multi layer printed plastic packaging roll for automatic packaging machines at CPMU, ATLC campus, Unit-1, Bhubaneswar**

**No.CAD-844:** Sealed Tender(s) are invited from registered suppliers/ manufacturers for supply of multi layer printed food grade plastic rolls of specific size for automatic packing of agri. products for TDCCOL. The bidder(s) should quote their basic rate for customized printed food grade plastic rolls, taxes, and other charges if any. The last date of submission of tender is on date- 23.06.2023 till 4:00 PM. The bidder should submit the rate in the prescribed format at (Annexure-A). The detail of Tender call notice, instruction and terms and conditions of the contract can be downloaded from the website www.tdccorissa.org.The Managing Director TDCCOL reserves the right to accept or reject any or all the Tenders without assigning any reason thereof.

OIPR-26005/11/0005/2324 Sd./- Manager (Finance & Audit), TDCCOL, Bhubaneswar

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ: ...............................
ଜନ୍ମ ତାରିଖ: ...............................


କୁକୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୪ ବର୍ଷ ମଧ୍ୟରେ ୫ ଲକ୍ଷ ସେଲ୍‌ଟସ୍ ବିକ୍ରି

**ନୂଆଦିଲ୍ଲୀ,୫।୬**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ କିଆ ଇଣ୍ଡିଆର ପ୍ରିମିୟମ ଏସ୍‌ୟୁଭି ସେଲ୍‌ଟସ୍ ଏକ ବିରଳ ରେକର୍ଡ ହାସଲ କରିଛି। ଏପରିକି ବିଗତ ୪ବର୍ଷ (୪୬ ମାସ) ମଧ୍ୟରେ ୫ଲକ୍ଷ ସେଲ୍‌ଟସ୍ ବିକ୍ରି ସହ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଉଲ୍ଲେଖଯୋଗ୍ୟ, ୨୦୧୯ ଅଗଷ୍ଟରେ କିଆ ଇଣ୍ଡିଆର ପ୍ରିମିୟମ୍ ଏସ୍‌ୟୁଭି ସେଲ୍‌ଟସ୍‌ର ବଜାର ପ୍ରବେଶ ହୋଇଥିଲା। ବିଶେଷକରି ଏହି ଅତ୍ୟାଧୁନିକ ଗାଡ଼ି ଖୁବ୍ କମ୍ ସମୟ ମଧ୍ୟରେ ଏସ୍‌ୟୁଭି ଭଳି ସେଗ୍‌ମେଣ୍ଟରେ ଗ୍ରାହକମାନଙ୍କର ଅତି ପ୍ରିୟ ଓ ପସନ୍ଦର ଯାନ ପାଲଟିଯାଇଛି। ଏପରିକି ଭାରତ ବଜାରରେ ଏହାର ଚାହିଦା ଓ ଅଟୋମୋଟିଭ ଇଣ୍ଡଷ୍ଟ୍ରିରେ ସେଲ୍‌ଟସ୍ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଏବଂ ଏଥିରେ ଅନେକ ସେଗ୍‌ମେଣ୍ଟ ପ୍ରଥମ ବୈଶିଷ୍ଟ୍ୟ ରହିଛି। ଏହା ସହିତ ଏଥିରେ ଅନେକ ବୈଶିଷ୍ଟ୍ୟ ଯଥା ଅତୁଳନୀୟ କାର୍ଯ୍ୟଦକ୍ଷତା,




ଶ୍ରେଷ୍ଠ ବର୍ଗର କନେକ୍ଟିଭିଟି ଏବଂ ଭବିଷ୍ୟତମୁଖୀ ଡିଜାଇନ ଆଦି ଅନ୍ତର୍ଭୁକ୍ତ ରହିଛି। ସେହିଭଳି ସେଲ୍‌ଟସ୍, କିଆ ଇଣ୍ଡିଆର ନେଟ୍ ବିକ୍ରିରେ ୫୫% ଯୋଗଦାନ ରହିଥିବା ବେଳେ ବଜାରରେ କମ୍ପାନୀର ସଫଳତା କ୍ଷେତ୍ରରେ ମଧ୍ୟ ଉକ୍ତ ମଡେଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଯେଉଁଥିରେ କମ୍ପାନୀର ରପ୍ତାନି ଏବଂ ଘରୋଇ ବିକ୍ରି ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଘରୋଇ ବଜାରରେ ଟପ୍ ସେଲିଂ ଏସ୍‌ୟୁଭି ହେବା ସହିତ ୧,୩୫,୮୮୫ ୟୁନିଟ୍ ସେଲ୍‌ଟସ୍‌କୁ ଭାରତରେ ନିର୍ମାଣ କରାଯାଇଛି ଓ ଏହା ସହିତ ୧୦୦ବିଦେଶୀ ବାଜରକୁ ରପ୍ତାନି କରାଯାଇଛି। ଯେଉଁଥିରେ ମିଡିଲ ଇଷ୍ଟ, ଆଫ୍ରିକା, ସେଣ୍ଟ୍ରାଲ ଓ ଦକ୍ଷିଣ ଆମେରିକା, ମେକ୍ସିକୋ ଓ ଏସିଆ ପାସିଫିକ ଭଳି ଅଞ୍ଚଳ ଅନ୍ତର୍ଭୁକ୍ତ ରହିଛି। ଏ ସମ୍ପର୍କରେ କିଆ ଇଣ୍ଡିଆର ଏମ୍‌ଡି ଓ ସିଇଓ ତାଏ ଜିନ୍ ପାର୍କ କହିଛନ୍ତି, ସେଲ୍‌ଟସ୍‌ର ଏହି ସଫଳତା ନିଶ୍ଚିତ ଭାବେ ବ୍ରାଣ୍ଡ ପାଇଁ ଅତୁଳନୀୟ ଯୋଗଦାନ ରହିଛି। ଏପରିକି ସେଲ୍‌ଟସ୍ ସହ ଆମେ ଏକ ବୈପ୍ଳବିକ ଡ୍ରାଇଭିଂ ସାଥିର ପ୍ରସ୍ତୁତ କରିଛୁ, ଯାହାକି ଗ୍ରାହକମାନଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟତା ହାସଲ କରିଛି ଓ ୫,୦୦,୦୦୦ରୁ ଅଧିକ ମୂଲ୍ୟବାନ୍ ଗ୍ରାହକ ଏହାର ମୂକସାକ୍ଷୀ ରହିଛନ୍ତି। ସେହିଭଳି ସେଲ୍‌ଟସ୍‌ର ଏହି ସଫଳ ଯାତ୍ରାରେ ଆମେ ସାମିଲ ହୋଇପାରିଥିବାରୁ ଆମେ ବେଶ୍ ଉତ୍ସାହିତ ଓ ଏହା ଆମ ପାଇଁ ବାସ୍ତବରେ ଏକ ଆବେଗିକ ମୁହୂର୍ତ୍ତ। ଏହାର ଅତୁଳନୀୟ ଡିଜାଇନ ଉକ୍ତ ସେଗ୍‌ମେଣ୍ଟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

ଅପରପକ୍ଷରେ ୨୦୨୩ ପ୍ରଥମ ତ୍ରୈମାସିକ ମଧ୍ୟରେ ସମୁଦାୟ ୨୭,୧୫୯ ୟୁନିଟ୍ ବିକ୍ରି ହୋଇଛି। ସେଲ୍‌ଟସ୍‌ର ହାରାହାରି ମାସିକ ବିକ୍ରୟ ୯୦୦୦ ୟୁନିଟ୍ ରହିଛି, ଯେବେକି ଏହି ସେଗ୍‌ମେଣ୍ଟରେ ଅନେକ ନୂତନ ଇନୋଭେଶନ କରାଯାଉଛି।

# ବୀମାଧାରକଙ୍କ ପାଇଁ ଏସ୍‌ବିଆଇ ଜେନେରାଲର ସହାୟତା

**ନୂଆଦିଲ୍ଲୀ,୫।୬**

ଗତ ସପ୍ତାହରେ ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଯାଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ପାଇଁ ଏସ୍‌ବିଆଇ ଜେନେରାଲ ପକ୍ଷରୁ ଆବଶ୍ୟକ ସହଯୋଗ ଓ ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉକ୍ତ ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ମୃତକଙ୍କ ପରିବାରକୁ କମ୍ପାନୀର ବୀମା ସହାୟତା ପ୍ରଦାନ କରିବା ଓ ଦାବି ଉପସ୍ଥାପନକାରୀଙ୍କ ବିକଳ୍ପ ବୈଧ ପ୍ରମାଣପତ୍ର ଗ୍ରହଣକରି ପଲିସିଧାରକମାନଙ୍କ ଲାଗି ଦାବି ଫଇସଲା ଓ କାଗଜପତ୍ର ପ୍ରକ୍ରିୟାର ସରଳୀକରଣ କରାଯାଇଛି। ଏପରିକି ଦାବି ଉପସ୍ଥାପନରେ ପଲିସିଧାରକମାନେ ସାମ୍ନା କରୁଥିବା ସମସ୍ୟା ଦୂରକରିବା ଲାଗି କମ୍ପାନୀ ପକ୍ଷରୁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିଭଳି ଏହି ଦୁଃଖଦ ରେଳ ଦୁର୍ଘଟଣାରେ ପୀଡ଼ିତ ହୋଇଥିବା ପଲିସିଧାରକ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ଆବଶ୍ୟକ ଦାବି ଫଇସଲା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କମ୍ପାନୀ ପକ୍ଷରୁ ବିଭିନ୍ନ ପଦକ୍ଷେପ ଓ ନୀତି କାର୍ଯ୍ୟକାରୀ କରାଯାଇଛି। ଫଳରେ ପଲିସିଧାରକ ଓ ସେମାନଙ୍କ ନିକଟତମ ପରିବାର ସଦସ୍ୟଙ୍କ ସହ ଏକଜୁଟ ହୋଇ ଠିଆହେବାକୁ କମ୍ପାନୀ ପ୍ରତିଶ୍ରୁତି ଦେଇଥିବା ବେଳେ କମ୍ପାନୀର ସେବା ଯେଭଳି ପ୍ରଭାବିତଙ୍କ ପାଖରେ ପହଞ୍ଚିବା ସୁନିଶ୍ଚିତ ହେବ ସେଥିପାଇଁ କମ୍ପାନୀ ପକ୍ଷରୁ ଡିଜିଟାଲ ପଦକ୍ଷେପ ଗ୍ରହଣ କରାଯାଇଛି। ଏପରିକି ଦାବି ସମ୍ପର୍କିତ ପ୍ରଶ୍ନର ସମୟୋପଯୋଗୀ ପ୍ରତିକ୍ରିୟା ପ୍ରକାଶ କରିବା ଏବଂ ନିରବଚ୍ଛିନ୍ନ ଦାବି ସମାଧାନକୁ ସୁନିଶ୍ଚିତ କରିବାରେ ଆବଶ୍ୟକ ସହାୟତା ପ୍ରଦାନ କରିବା ଲାଗି କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ହେଲ୍‌ପ ଡେସ୍କ ସ୍ଥାପନ କରାଯାଇଛି। ପୀଡ଼ିତଙ୍କ ସମ୍ପର୍କୀୟମାନେ କମ୍ପାନୀ ଅଧିକାରୀଙ୍କ ସହ ଇ-ମେଲ୍, ଏସ୍‌ଏମ୍‌ଏସ୍ ସମେତ କମ୍ପାନୀର ଦେୟମୁକ୍ତ ନମ୍ବର-୧୮୦୦ ୨୧୦ ୩୩୬୬/୬୩୬୬ରେ ଯୋଗାଯୋଗ ମଧ୍ୟ କରିପାରିବେ।

# ବୃକ୍ଷ ସଂରକ୍ଷଣକୁ ଗୁରୁତ୍ୱ

**କଟକ,୫।୬**

ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର କ୍ଷେତ୍ରୀୟ କାର୍ଯ୍ୟାଳୟ କଟକ ପକ୍ଷରୁ ସୋମବାର ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଓବି କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ ଏମ୍ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାର, ଉପ-କ୍ଷେତ୍ରୀୟ ମୁଖ୍ୟ ନିର୍ବିକାର ରଥଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମିଳିତ ଭାବେ ବୃକ୍ଷରୋପଣ କରିବା ସହ ସମ୍ପୃକ୍ତ ବୃକ୍ଷର ସଂରକ୍ଷଣ ପାଇଁ ଗୁରୁତ୍ୱ ଦେବାକୁ ଶପଥ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ବିଓବିର ବିଶ୍ୱ ପରିବେଶ ଦିବସ ଥିମ୍ 'ଧରତୀ କୋ ହରିତ ବନାଏଁ, ଡିଜିଟାଲ ପରିବର୍ତ୍ତନ ଲାଏଁ' ରଖାଯାଇଛି। ଅପରପକ୍ଷରେ ବ୍ୟାଙ୍କ ପକ୍ଷରୁ ପରିବେଶ ସଂରକ୍ଷଣ ପ୍ରତି ସଚେତନତା ସୃଷ୍ଟି କରିବା ନିମନ୍ତେ ଅଖିଳ ଭାରତୀୟ ସ୍ତରରେ ବ୍ୟାଙ୍କର କାର୍ଯ୍ୟାଳୟ ଏବଂ ଶାଖାଗୁଡ଼ିକରେ ବୃହତ୍ ଆକାରରେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ସେହିଭଳି ବିଓବିର କର୍ମଚାରୀମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇ ତା'ର ସଂରକ୍ଷଣ ପାଇଁ ଶପଥ ପାଠ କରାଯାଉଛି।


**BIRTHDAY WISH**



Happy Birthday to the one who fills my heart with love. May God give you peace, happiness and prosperity all year long. Many many happy returns of the day happy birthday my dear Kuku...

**Best Wishes- Bubu family relatives...**

ଧ-୦୫୨୩


## ପଦାର୍ଥ ବିଜ୍ଞାନରେ ଡକ୍ଟରେଟ୍ ଉପାଧି



ଡଃ ସୁଶ୍ରୀ ସଙ୍ଗୀତା ଜେନା "Microscopic theoretical Study of the effect of SDW on oxypnictide Superconductors" ଶୀର୍ଷକ ସନ୍ଦର୍ଭ ଉପସ୍ଥାପନା କରି ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ଡକ୍ଟରେଟ୍ ଲାଭ କରିଛନ୍ତି। ସେ ପ୍ରାୟୋଗିକ ପଦାର୍ଥ ବିଜ୍ଞାନ ଓ କ୍ଷେପଣାସ୍ତ୍ର ବିଦ୍ୟା, ସ୍ନାତକୋତ୍ତର ବିଭାଗ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ରାଉତ ଏବଂ ବର୍ତ୍ତମାନର ବିଭାଗୀୟ ମୁଖ୍ୟ ଡଃ ସନ୍ତୋଷ କୁମାର ଅଗରୱାଲ୍‌ଙ୍କ ସହ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ସନ୍ଦର୍ଭ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ଏବଂ ବିରଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରାଞ୍ଚିର ଡଃ ସଞ୍ଜୀବ କୁମାର ରାଉତଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି। ଡଃ ଜେନା, ପୁରୀ ଜିଲ୍ଲା, ଅସନ ଗ୍ରାମନିବାସୀ ଶ୍ରୀଯୁକ୍ତ ଶ୍ରୀବତ୍ସ ଚରଣ ଜେନାଙ୍କ ନାତୁଣୀ ଅଟନ୍ତି। ସେ ବର୍ତ୍ତମାନ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍‌ର ଧାନମଣ୍ଡଳ ନିବାସୀ ଶ୍ରୀଯୁକ୍ତ ଶ୍ରୀଧର ଜେନା ଓ ଶ୍ରୀମତୀ ସୁଲୋଚନା ଜେନାଙ୍କର ଏକମାତ୍ର କନ୍ୟା ତଥା ଯାଜପୁର ଜିଲ୍ଲା ଧରମପୁର ଗ୍ରାମନିବାସୀ ଶ୍ରୀଯୁକ୍ତ ଭାଗବତ ପ୍ରସାଦ ପଣ୍ଡା ଓ ଶ୍ରୀମତୀ ସୁଲୋଚନା ପଣ୍ଡାଙ୍କ ପୁତ୍ରବଧୂ ଅଟନ୍ତି। ସଫଳତାର ଶ୍ରେୟ ନିଜର ଗାଇଡ୍‌ଙ୍କ ସମେତ ସମସ୍ତ ଗୁରୁଜନ, ସ୍ୱାମୀ ଶାନ୍ତନୁ କୁମାର ପଣ୍ଡା, କନ୍ୟା ସାନ୍‌ଭୀ, ପୁତ୍ର ଶିବାୟ, ପରିବାରବର୍ଗ ଓ ବନ୍ଧୁମାନଙ୍କୁ ପ୍ରଦାନ କରିବା ସହ ଅନ୍ୟାନ୍ୟ ଶୁଭେଚ୍ଛୁଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି।

ଧ-୦୫୨୧


CLASSIFIED DISPLAY — ALL EDITION - BW (Everyday) — MORE SPACE • SAME PRICE

**ATC ଟାୱାର**

ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ 5G ଡିଜିଟାଲ ଟାୱାର ଲଗାନ୍ତୁ
(ଭଡ଼ା 25,000/-)
(ଆଡ୍‌ଭାନ୍ସ-30,00,000/-)
20 ବର୍ଷର ଏଗ୍ରିମେଣ୍ଟ+1 ଚାକିରି
(ଏଜେଣ୍ଟ ମାସିକ 35,000/- ଆୟ କରନ୍ତୁ)
ଯୋଗାଯୋଗ କରନ୍ତୁ-
7625811050


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ବ୍ୟାପକ ସହାୟତା

**ଭୁବନେଶ୍ୱର,୫।୬**

ରିଲାଏନ୍ସ ଇଣ୍ଡଷ୍ଟ୍ରିର ସାମାଜିକ ଅନୁଷ୍ଠାନ ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଏକ ୧୦ସୂତ୍ରୀ କାର୍ଯ୍ୟକ୍ରମ ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ପୀଡ଼ିତ ଲୋକମାନଙ୍କ ଲାଗି ଘୋଷଣା କରାଯାଇଛି। ଫାଉଣ୍ଡେଶନ ବିଭିନ୍ନ ପ୍ରକାର ରିଲିଫ୍ ପଦକ୍ଷେପ ଯଥା ଆସନ୍ତା ୬ମାସ ପର୍ଯ୍ୟନ୍ତ ମାଗଣାରେ ରାଶନ ବଣ୍ଟନ ଓ ଆହତମାନଙ୍କୁ ଔଷଧ ସହ ଆବଶ୍ୟକ ସ୍ଥଳେ ଡାକ୍ତରଖାନାରେ ଚିକିତ୍ସା ବ୍ୟବସ୍ଥା ସହ ଆମ୍ବୁଲାନ୍ସକୁ ମାଗଣାରେ ଇନ୍ଧନ ଯୋଗାଇବ ଏବଂ ବର୍ଷକ ପର୍ଯ୍ୟନ୍ତ ମାଗଣାରେ ମୋବାଇଲ ସଂଯୋଗ ପ୍ରଦାନ ଭଳି ପ୍ରାଥମିକ ପଦକ୍ଷେପ ଗ୍ରହଣ କରିଛି। ଏହା ବ୍ୟତୀତ ଜିଓ ଓ ରିଲାଏନ୍ସ ରିଟେଲ୍ ଜରିଆରେ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ପ୍ରଦାନ କରାଯିବ ବୋଲି ଫାଉଣ୍ଡେସନ ପକ୍ଷରୁ ଘୋଷଣା କରାଯାଇଛି।



ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀ କହିଛନ୍ତି, ବାହାନଗା ରେଳ ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦ ଓ ହୃଦୟ ବିଦାରକ ବୋଲି ନୀତା କହିବା ସହ ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ରେଳ ଦୁର୍ଘଟଣାରେ ପ୍ରିୟଜନଙ୍କୁ ହରାଇଥିବା ପରିବାରଗୁଡ଼ିକୁ ମୋର ଗଭୀର ସମବେଦନା ଜଣାଉଛି। ଅପରପକ୍ଷରେ ଏଭଳି ଏକ କଠିନ ସମୟରେ ଫାଉଣ୍ଡେଶନ ଓ ବର୍ଦ୍ଧିତ ରିଲାଏନ୍ସ ପରିବାର ପ୍ରଭାବିତ ଲୋକମାନଙ୍କ ସହିତ ଏକଜୁଟ ହୋଇ ଠିଆ ହୋଇଛନ୍ତି। ଏପରିକି ରିଲାଏନ୍ସ ଫାଉଣ୍ଡେଶନ ଆହତମାନଙ୍କୁ ବାହାରକରି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚାଇବା, ମାସ୍କ, ଗ୍ଲୋଭ୍‌ସ, ଓଆର୍‌ଏସ୍, ବେଡ୍‌ଶିଟ୍, ଖାଦ୍ୟସାମଗ୍ରୀ, ଆଲୋକ ବ୍ୟବସ୍ଥା କରିବା ଏବଂ ଉଦ୍ଧାର କାର୍ଯ୍ୟ ଲାଗି ଆବଶ୍ୟକ ଜରୁରୀ ଉପକରଣ ଯଥା ଗ୍ୟାସ୍ କଟର ଆଦି ତୁରନ୍ତ ଉପଲବ୍ଧ କରାଇଛି। ଉଦ୍ଧାର କାର୍ଯ୍ୟ ନିରବଚ୍ଛିନ୍ନ ଭାବେ ଜାରି ରହିବା ସୁନିଶ୍ଚିତ କରିବା ପାଇଁ ରିଲାଏନ୍ସ ଫାଉଣ୍ଡେଶନ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ସ୍ୱଳ୍ପ ସମୟରେ ପ୍ରାୟ ୧୨୦୦ ଲୋକଙ୍କ ପାଇଁ ରନ୍ଧାଖାଦ୍ୟ ପ୍ରସ୍ତୁତ କରିଥିଲା। ଏପରିକି ଉଦ୍ଧାର କର୍ମୀ ଏବଂ ଦୁର୍ଘଟଣା ସ୍ଥଳକୁ ଆସିଥିବା ପ୍ରଭାବିତ ଲୋକଙ୍କ ପରିବାର ସଦସ୍ୟଙ୍କୁ ଉକ୍ତ ଭୋଜନ ପ୍ରଦାନ କରାଯାଇଥିଲା।

# ହୋଣ୍ଡା ପକ୍ଷରୁ ଜାତୀୟ ପରିବେଶ ଅଭିଯାନ

**ନୂଆଦିଲ୍ଲୀ,୫।୬**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ(ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହୋଣ୍ଡା ପକ୍ଷରୁ ସପ୍ତାହବ୍ୟାପୀ ଜାତୀୟ ପରିବେଶ ଅଭିଯାନର ଶୁଭାରମ୍ଭ କରାଯାଇଛି। ଉକ୍ତ ଅଭିଯାନ ୨୦୨୩ ଜୁନ୍ ୧୧ ପର୍ଯ୍ୟନ୍ତ ଚାଲିବ। ଏପରିକି ବୃକ୍ଷରୋପଣ ସହ ନୋଏଡା (ଉତ୍ତରପ୍ରଦେଶ)ର ପାୟୋନିୟର ୱାନ୍ ହୋଣ୍ଡାରୁ ଉକ୍ତ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ) ଯୋଗେଶ ମାଥୁର, ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ) ଟାକେଶି କୋବାୟାସିଙ୍କ ସମେତ ଏଚ୍‌ଏମ୍‌ଏସ୍‌ଆଇର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ) ମାଥୁର କହିଛନ୍ତି, ପରିବେଶ ପ୍ରତି ପ୍ଲାଷ୍ଟିକ୍ ପ୍ରଦୂଷଣ ଏକ ବହୁତ ବଡ଼ ବିପଦ ବୋଲି ଆମେ ଅବଗତ ଥିବା ବେଳେ ଆମ ସମସ୍ତଙ୍କ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକତା ରହିଛି। ଏକ ଦାୟିତ୍ୱବାନ୍ କର୍ପୋରେଟ୍ ସଂସ୍ଥା ଭାବେ ପ୍ଲାଷ୍ଟିକ୍ ବ୍ୟବହାର କମ୍ କରିବା ଏବଂ ଦୀର୍ଘସ୍ଥାୟୀ ବିକଳ୍ପର ପ୍ରଚାର କରିବା ଲାଗି ଆମେ ଉତ୍ସର୍ଗୀକୃତ ରହିଛୁ। ବିଶ୍ୱ ପରିବେଶ ସପ୍ତାହ ଅବସରରେ ଆମ ଉଦ୍ୟମ ଜରିଆରେ ଆମର ଲକ୍ଷ୍ୟ ହେଉଛି ପ୍ଲାଷ୍ଟିକ୍‌କୁ ବର୍ଜନ କରିବା ଏବଂ ପରିବେଶ ମିତବ୍ୟୟୀ ବିକଳ୍ପ ଗ୍ରହଣକରି ଆମ ଭବିଷ୍ୟତ ପିଢ଼ି ପାଇଁ ଏକ ସ୍ୱଚ୍ଛ ଓ ସୁସ୍ଥକର ଗ୍ରହକୁ ସୁଦୃଢ଼ କରିବା। ଏହି ଅଭିଯାନର ଅଂଶ ସ୍ୱରୂପ କମ୍ପାନୀ ସାରା ଭାରତରେ ୨୩,୦୦୦ରୁ ଅଧିକ ଚାରା ରୋପଣ କରିବ। ଏଥିସହ ହୋଣ୍ଡାର ସ୍ୱୀକୃତିପ୍ରାପ୍ତ ଡିଲରଶିପ୍‌କୁ ଆସୁଥିବା ସମସ୍ତ ଗ୍ରାହକଙ୍କୁ କମ୍ପାନୀ ପକ୍ଷରୁ ଭାରତୀୟ ଅଟୋମୋବାଇଲ୍ ନିର୍ମାତା ସଂଘ (ସିଆମ୍) ସହଯୋଗରେ ମାଗଣା ପିୟୁସି ଯାଞ୍ଚ ସୁବିଧା ପ୍ରଦାନ କରାଯିବ।

ଅପରପକ୍ଷରେ କମ୍ପାନୀ ପକ୍ଷରୁ ଗ୍ରାହକମାନଙ୍କୁ ମଧ୍ୟ ଚାରା ବଣ୍ଟନ କରାଯାଇଥିଲା। 'ସେ ନୋ ଟୁ ପ୍ଲାଷ୍ଟିକ୍' ଅଧୀନରେ ପ୍ଲାଷ୍ଟିକ୍ ବର୍ଜ୍ୟ କମ୍ କରିବା ଏବଂ ଦୀର୍ଘସ୍ଥାୟୀ ବିକଳ୍ପର ପ୍ରସାର ଲାଗି କମ୍ପାନୀ ଉତ୍ସର୍ଗୀକୃତ ଉଦ୍ୟମ କରୁଛି।

# ମେ'ରେ ହିରୋର ୫,୧୯,୪୭୪ ୟୁନିଟ୍ ବିକ୍ରି

**ନୂଆଦିଲ୍ଲୀ,୫।୬**

ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ୨୦୨୩ ମେ ମାସରେ ୫,୧୯, ୪୭୪ ୟୁନିଟ୍ ମୋଟର ସାଇକେଲ ବିକ୍ରି କରିଛି। ଏପରିକି ୨୦୨୨ ମେ' ମାସ ତୁଳନାରେ କମ୍ପାନୀର ବିକ୍ରି ଅଭିବୃଦ୍ଧି ୭% ରହିଛି। ଉଲ୍ଲେଖଯୋଗ୍ୟ, ୨୦୨୨ ମେ' ରେ କମ୍ପାନୀ ୪,୮୬, ୭୦୪ ୟୁନିଟ୍ ବିକ୍ରି କରିଥିଲା ବେଳେ ୨୦୨୩ ସମାନ ଅବଧିରେ କମ୍ପାନୀ ୫,୧୯, ୪୭୪ ୟୁନିଟ୍ ବିକ୍ରି କରିଛି। ସେହିଭଳି ଆଗାମୀ ଦିନଗୁଡ଼ିକରେ ମଧ୍ୟ କମ୍ପାନୀ ତା'ର ବିକ୍ରି ଅଭିବୃଦ୍ଧିରେ ଉନ୍ନତି ଆଣିବା ସହ ଭଲ କାରବାର କରିବ ବୋଲି ଆକଳନ କରିଛି। ବିଶେଷ କରି ଗ୍ରାହକଙ୍କ ମନୋଭାବରେ ଉନ୍ନତି, ଉନ୍ନତ ମୌସୁମୀ ଏବଂ ପ୍ରିମିୟମ ସେଗ୍‌ମେଣ୍ଟରେ ନୂଆ ଯାନର ବଜାର ପ୍ରବେଶ ହେବାକୁ ଥିବାବେଳେ ହିରୋର ବିକ୍ରି ଅଭିବୃଦ୍ଧିରେ ନୂତନ ମଡେଲ ବେଶ୍ ଯୋଗଦାନ ରଖିବ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଇଛି। ଅପରପକ୍ଷରେ ୨୦୨୩ ମେ ମାସରେ କମ୍ପାନୀର ଘରୋଇ ବିକ୍ରି ୫,୦୮,୩୦୯ ରହିଥିବା ବେଳେ ୨୦୨୨ ସମାନ ଅବଧି ମଧ୍ୟରେ ୪,୬୬,୪୬୬ ୟୁନିଟ୍ ବିକ୍ରି କରିଥିଲା। ସେହିପରି ଏହି ଅବଧି ମଧ୍ୟରେ କମ୍ପାନୀ ୧୧,୧୬୫ ୟୁନିଟ୍ ରପ୍ତାନି କରିଥିବାବେଳେ ୨୦୨୨ ମେ'ରେ ୨୦,୨୩୮ ୟୁନିଟ୍ ରପ୍ତାନି କରିଥିଲା।


# Classified Everyday 0674-2580101, 2549949



**REAL ESTATE**

**SALE**

Land for sale at Sundarpada 12050sqft. private land. Contact: 9437075283. D-0463

ଭୁବନେଶ୍ୱର ଫୁଲନଖରା ଛକରେ simplex/ duplex, ରସୁଲଗଡ଼ରେ 3BHK flat ମିଳୁଛି। 9658122456, 8327785834. D-74866

ନଖରାଛକ East Engineering College ପାଖରେ Sqft. 1550/-, Main roadରୁ 500 mtr. sqft.1050/-, 800/- Boundary, ଘରବାରି, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ – 9178704897. D-74865

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft-3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870

Gharabari plots with boundary wall at Balianta ready to construction for sale. Contact: 9438620034. D-0414




Herbal full body massage by smart / expert therapist. Contact: 7846923244. D-74691

Full body massage relax body mind by trend lady therapist. 7008773793. D-75110

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74692

All types of professional body massage by professional therapy. Contact: 9556924059, 7077933109. D-0499

Full body massage in homely atmosphere in all therapy. Mob: 8114881641. D-73434

Spa full body Massage only best therapist Gents & ladies @699/-, Bhubaneswar. 9337672475. D-0484

Newly open health benefits Spa special offer @799 Jaydev Vihar. 8018429809. D-75113

Newly open Spa Positively Health benefits with expert therapist. 9040286886. D-75115

Newly open health benefits Spa special offer @ 799, Master canteen. 9124527173. D-75116

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit sworn before the Notary Public, Bhubaneswar on 02nd June 2023, I Durgasi Krishnaveni, aged about 26 years, W/o- Katila Nilakantha Reddy and D/o-Durgasi Tumbanadham, resident of AT-C, Sardapur, P.O: B. Nuagaon, P.S: Jarada, Dist-Ganjam, Odisha, at present Maa Mangala Basti, Road No.24, Unit-I, Near Kamala Neheru Women's College, Ashok Nagar, Bhubaneswar-751009, Dist-Khordha, Odisha, have changed my name from DURGASI KRISHNAVENI to KATILA KRISHNAVENI REDDY. Henceforth, I shall be known as KATILA KRISHNAVENI REDDY for all the purposes. D-0524



**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ମମତା କୁମାରୀ ରଥ**

ବାହୁତୀ ସାହି, ଖଲ୍ଲିକୋଟ, ଗଞ୍ଜାମ
ଆବିର୍ଭାବ: ୦୧।୦୧।୧୯୫୫
ତିରୋଧାନ: ୨୬।୦୫।୨୦୨୩

ବୋଉ, ବହୁ ପ୍ରତିଘାତ ଦେଇ ଏକ ସଂଘର୍ଷମୟ ଜୀବନ ମାଧ୍ୟମରେ ଗତିକରି ଜୀବନକୁ ତିଳତିଳ କରି କାଳିଦେଇ ତୁ ଆମକୁ ଆଗେଇ ନେଇଥିଲୁ। ଆଜକୁ ବାରଦିନ ହେବ ତୁ ଆମକୁ ଶୋକ ସାଗରରେ ଭସାଇ ଦେଇ ଚାଲିଗଲୁ। ତୋର ପାର୍ଥିବ ଅନୁପସ୍ଥିତି ସବୁ ଯେପରି ନୀରବ ଶୂନ୍ୟତାରେ ଭରିଦେଇଛି। ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ତୋର ବାବୁଲି। ଶୋକସନ୍ତପ୍ତ ପରିବାରବର୍ଗ: କୁନି, ମାମା, ଟିକି, ଉଦୟ, ଦୀପୁ, ପପୁ, ବବୁଲ, ଗୁଗୁଲ, ଲିନା, ମାମି, ଉଷା, ମିକି, ଖୁସି, ବନ୍ଧୁ ଓ ପରିବାରବର୍ଗ।

ଧ-୦୫୨୦

**୧୬ତମ ଶ୍ରାଦ୍ଧବାର୍ଷିକ**




**୰ ବିମଳ ପ୍ରସାଦ ପଟ୍ଟନାୟକ**

ଆବିର୍ଭାବ : ୦୧.୦୭.୧୯୩୮
ତିରୋଧାନ : ୦୩.୦୭.୨୦୦୭
ଗ୍ରାମ- ଯାଆଁଳା, ଭୁବନେଶ୍ୱର

ସମୟ ସ୍ରୋତରେ ୧୫ ବର୍ଷ ବିତିଗଲାଣି। ଆପଣଙ୍କ ଅନୁପସ୍ଥିତି ତଥା ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଧାର୍ମିକ ଚିନ୍ତାଧାରାକୁ ଆମ୍ଭେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିଆସୁଛୁ। ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ୍ଭ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ** : ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାର ବର୍ଗ।

ଧ-୬୧୯୪୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଦେବ ଦାଶ**

ଆବିର୍ଭାବ: ୦୫।୦୯।୧୯୭୦
ତିରୋଧାନ: ୦୨।୦୬।୧୯୯୯

୨୪ତମ ଶ୍ରାଦ୍ଧବାର୍ଷିକ ଦିବସ ଅବସରରେ ତୁମର ଅମ୍ଳାନ ଆତ୍ମା ବିଭୁ ପାଦତଳେ ଚିରଶାନ୍ତି ଲାଭକରୁ ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା।
ହତଭାଗା: ଭାଇ, ମା, ଭାଇବୋହୂ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।

ଧ-୦୫୧୮

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ସଂକ୍ଷେପରେ

### ଛତୁ ଖାଇ ୨ ଗୁରୁତର

ବଡ଼ବିଲ,୫।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲରେ ଛତୁ ଖାଇ ଦୁଇ ଯୁବତୀ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ଉଭୟଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଯୁବତୀ ଦ୍ୱୟ ହେଲେ ବଡ଼ବିଲ ସାଧୁସିଂ ହଟିଂ ଅଞ୍ଚଳର ପ୍ରିୟା ମହାନ୍ତ ଓ ତାଙ୍କ ସାଙ୍ଗ ରାନୀ ଚାଟାର୍ଜୀ। ସୂଚନା ଅନୁଯାୟୀ, ପ୍ରିୟାଙ୍କ ବାପା ଶ୍ୟାମଲାଲ ରବିବାର ଦିନ ଘରକୁ ଛତୁ ଆଣି ରୋଷେଇ କରିଥିଲେ। ପ୍ରିୟାଙ୍କ ସହିତ ତାଙ୍କ ବାପା ଓ ବାନ୍ଧବୀ ରାନୀ ମିଶି ଛତୁ ଖାଇଥିଲେ। ଖାଇବାର କିଛି ଘଣ୍ଟା ପରେ ୩ ଜଣ ଯାକ ଅସୁସ୍ଥ ଅନୁଭବ କରିଥିଲେ। ଶ୍ୟାମଲାଲ ସାମାନ୍ୟ ଅସୁସ୍ଥ ହୋଇଥିଲା ବେଳେ ସୋମବାର ଦିନ ପ୍ରିୟା ଓ ରାନୀଙ୍କ ଅବସ୍ଥା ଗୁରୁତର ହୋଇଥିଲା। ସେମାନଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ବର୍ତ୍ତମାନ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

### ସାପ କାମୁଡ଼ାରେ ଦିବ୍ୟାଙ୍ଗ ଯୁବତୀ ମୃତ

ପାଟଣା,୫।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ଡାଳପକା ଗ୍ରାମରେ ସାପ କାମୁଡ଼ାରେ ଦିବ୍ୟାଙ୍ଗ ଯୁବତୀଙ୍କ ରବିବାର ମୃତ୍ୟୁ ହୋଇଛି। ମୃତକ ଉକ୍ତ ଗ୍ରାମର ଲଛମନ ମହାନ୍ତଙ୍କ ଝିଅ ବିମଳାବତୀ ମହାନ୍ତ(୩୮)। ଶନିବାର ରାତିରେ ବିମଳା ଘରେ ଶୋଇଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ରବିବାର ସକାଳେ ପରିବାର ଲୋକେ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟଣା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ (ନଂ.୧୮/୨୩) ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

# ଏସ୍‌ସିବିରେ ଆହତଙ୍କୁ ଭେଟିଲେ ରାଜ୍ୟପାଳ, ସ୍ୱାସ୍ଥ୍ୟମନ୍ତ୍ରୀ



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଆହତଙ୍କୁ ଭେଟି ଚିକିତ୍ସା ସମ୍ପର୍କରେ ଆଲୋଚନା କରୁଛନ୍ତି।



ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି।

କଟକ ଅଫିସ,୫।୬

ବାଲେଶ୍ୱର ଜିଲାର ବାହାନଗାଠାରେ ରେଳ ଦୁର୍ଘଟଣାରେ ଆହତ ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ବ୍ୟକ୍ତିମାନଙ୍କୁ ସୋମବାର ସନ୍ଧ୍ୟାରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଭେଟିଛନ୍ତି। ରାଜ୍ୟପାଳ ବିଭିନ୍ନ ୱାର୍ଡ ବୁଲି ଚିକିତ୍ସିତ ହେଉଥିବା ଆହତ ଯାତ୍ରୀମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏସ୍‌ସିବିର ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ଅଧ୍ୟକ୍ଷ ପ୍ରଫେସର ଡ. ପ୍ରସେନଜିତ ମହାନ୍ତି ଏବଂ ଡାକ୍ତରମାନଙ୍କ ସହିତ ରାଜ୍ୟପାଳ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟପାଳ ଡାକ୍ତରମାନଙ୍କର ଚିକିତ୍ସା ସେବାକୁ ପ୍ରଶଂସା କରିଥିଲେ। ଏହି ସମୟରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନି, ଡିସିପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ବାହାନଗା ରେଳ ଦୁର୍ଘଟଣା**

ଏହାପୂର୍ବରୁ ପୂର୍ବାହ୍ନରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏସ୍‌ସିବିରେ ପହଞ୍ଚି ରେଳ ଦୁର୍ଘଟଣା ଆହତଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ମନ୍ତ୍ରୀ ପୂଜାରୀ ପଚାରି ବୁଝିବା ସହ ସନ୍ତୋଷ ବ୍ୟକ୍ତ କରିଥିଲେ। ଏସ୍‌ସିବିରେ ଚିକିତ୍ସିତ ହେଉଥିବା କୌଣସି ବ୍ୟକ୍ତି ଅଦ୍ୟାବଧି ପ୍ରାଣ ହରାଇନାହାନ୍ତି। ମୋଟ ୧୯୨ଜଣ ଆହତ ଏସସିବିରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବାବେଳେ ୫୨ଜଣ ରୋଗୀ ସାମୟିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଏବେ ୧୪୦ଜଣ ରୋଗୀ ବିଭିନ୍ନ ୱାର୍ଡରେ ଚିକିତ୍ସିତ ହେଉଛନ୍ତି । ଏମାନଙ୍କ ମଧ୍ୟରୁ ୧୦ଜଣ ଆଇସିୟୁରେ ଥିଲେ ବି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଜିଲାପାଳ ଡ. ଚୟନୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମେଡିକାଲର ବିଭିନ୍ନ ୱାର୍ଡରେ ଚିକିତ୍ସିତ ହେଉଥିବା ଆହତଙ୍କ ନିକଟକୁ ନେଇଥିଲେ। ପରେ ଏସ୍‌ସିବି ମେଡିକାଲର ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶାଳ, ରାଜ୍ୟ ନିରାମୟ ପରାମର୍ଶଦାତା ଡ. ରଞ୍ଜନ କୁମାର ବିଶ୍ୱାଳ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଏସସିବି ମେଡିକାଲର ଅଧୀକ୍ଷକ, ଡିନ୍, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, କନିଷ୍ଠ ଡାକ୍ତର ସଂଘର ସଭାପତି ଡା. ସୁବ୍ରତ କୁମାର ସାହୁ, ଅଧିସ୍ନାତକ ସଂଘର ସଭାପତି ଓମ୍ ସ୍ୱୟଂପ୍ରକାଶ ରାଉତରାୟ, ସାଧାରଣ ସମ୍ପାଦକ ବିଭାସ କୁମାର ସାହୁ, ହାଉସିଂ ସର୍ଜନ ସଭାପତି ଡା. ସୌଭାଗ୍ୟ ସାହୁ, ନର୍ସିଂ ସମ୍ପାଦିକା ସରୋଜିନୀ ଜେନା, ହସ୍ପିଟାଲ ପରିଚାଳନା ପରାମର୍ଶଦାତା କ୍ରିଷ୍ଣା ପାତ୍ର, ମେଡିକାଲ କର୍ମଚାରୀ ସଂଘର ସମ୍ପାଦକ ପ୍ରସନ୍ନ କୁମାର ସାମଲ ବୈଠକରେ ଉପସ୍ଥିତ ଥିଲେ।

### ଏସ୍‌ସିବିରେ ବିହାର ପ୍ରତିନିଧି ମଣ୍ଡଳୀ

**କଟକ ଅଫିସ,୫।୬:** ବାହାନଗା ରେଳ ଦୁର୍ଘଟଣାରେ ଆହତ ହୋଇଥିବା ବିହାରର ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ବନ୍ଧରେ ତଦାରଖ କରିବା ପାଇଁ ରବିବାର ସମ୍ପୃକ୍ତ ରାଜ୍ୟର ଏକ ପ୍ରତିନିଧି ମଣ୍ଡଳୀ ଏସ୍‌ସିବିରେ ପହଞ୍ଚିଥିଲେ। ଏହି ପ୍ରତିନିଧିମଣ୍ଡଳୀ ଆହତ ବ୍ୟକ୍ତି ଓ ଡାକ୍ତରମାନଙ୍କ ସହ ଆଲୋଚନା କରି ସନ୍ତୋଷ ବ୍ୟକ୍ତ କରିଥିଲେ। ଉକ୍ତ ପ୍ରତିନିଧି ମଣ୍ଡଳୀରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ୟାମବିହାରୀ ମିନା, ଭାରତୀୟ ପୋଲିସ ସେବା ଅଧିକାରୀ ଡ. କୁମାର ଆଶିଷ, ବିହାର ପ୍ରଶାସନିକ ସେବା ଅଧିକାରୀ ଅବିନାଶ କୁମାର, ବିହାର ପୋଲିସ ସେବା ଅଧିକାରୀ ସାହାରିଆର ଅଖତର ପ୍ରମୁଖ ସାମିଲ ଥିଲେ।

# କୁମ୍ଭାରଶାଳରେ ବୃଦ୍ଧଙ୍କୁ ହତ୍ୟା

ମାହାଙ୍ଗା,୫।୬(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଥାନା ଲଳିତଗିରି ପଞ୍ଚାୟତ ଅନ୍ତର୍ଗତ ଜେରକନ୍ଦ ଗ୍ରାମର ଏକ କୁମ୍ଭାରଶାଳରେ ରବିବାର ରାତିରେ ଜଣେ ବୃଦ୍ଧଙ୍କ ମୁଣ୍ଡକୁ ହାଣି ନିର୍ମମ ଭାବେ ହତ୍ୟା କରାଯାଇଛି। ସେ ହେଲେ ଭଦ୍ରେଶ୍ୱର ଥାନା ପାଇକରାପୁର ପଞ୍ଚାୟତ ମାଟିପାରିଲୋ ଗ୍ରାମର ଦିବାକର ବେହେରା(୬୧)। ଏନେଇ ବଡ ପୁତ୍ର କାଳନ୍ଦୀ ବେହେରା ଥାନାରେ ଅଭିଯୋଗ କଲାପରେ ପୋଲିସ ମାମଲା (ନଂ. ୧୭୦/୨୩) ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିଛି। ମାହାଙ୍ଗା ଥାନା ଆଇଆଇସି ବିଜୟ କୁମାର ମଲିକ, କୁମୁଡା ଜୟପୁର ଫାଣ୍ଡି ଅଧିକାରୀ ଗୋପବନ୍ଧୁ ମଲିକ, ଭଦ୍ରେଶ୍ୱର ଭାରପ୍ରାପ୍ତ ଥାନା ଅଧିକାରୀ ତପନ କୁମାର ନାୟକ ଓ ସାଲେପୁର ପୋଲିସ ଉପଖଣ୍ଡ ଅଧିକାରୀ ବିମଳ ବାରିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ଘଟଣାରେ ଦିବାକରଙ୍କ ପରିବାରର ୨ ସଦସ୍ୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

କାଳନ୍ଦୀଙ୍କ ଅଭିଯୋଗ ଅନୁଯାୟୀ, ଦିବାକର ଜେରକନ୍ଦ ଗ୍ରାମର କ୍ଷେତ ମଧ୍ୟରେ ଏକ ବଗିଚାରେ କୁମ୍ଭାରଶାଳ କରି ହାଣ୍ଡି,ମାଠିଆ ଆଦି ତିଆରି କରନ୍ତି। ସେଗୁଡ଼ିକୁ ବିକ୍ରି କରି ସେ ନିଜ ପରିବାର ପ୍ରତିପୋଷଣ କରନ୍ତି। ପ୍ରତିଦିନ ପରି ସେ ରବିବାର ରାତିରେ କୁମ୍ଭାରଶାଳକୁ ଶୋଇବାକୁ ଯାଇଥିଲେ । ସୋମବାର ସକାଳେ ଜଣେ ସମ୍ପର୍କୀୟ କୁମ୍ଭାରଶାଳକୁ ଯାଇଥିବାବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦିବାକରଙ୍କ ମୃତଦେହ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ପରିବାର ପକ୍ଷରୁ ଥାନାରେ ଖବର ଦିଆଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମୃତ ଦିବାକରଙ୍କ କୌଣସି ବ୍ୟକ୍ତିଙ୍କ ସହ ପୂର୍ବ ଶତ୍ରୁତା ନ ଥିଲା । ସେ ଜଣେ ମେଳାପୀ ଲୋକ ହିସାବରେ ସମସ୍ତଙ୍କର ପ୍ରିୟ ଥିଲେ। କିଏ ଓ କାହିଁକି ତାଙ୍କୁ ହତ୍ୟା କଲା ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏସମ୍ପର୍କରେ ସାଲେପୁର ଏସ୍‌ଡିପିଓ ବିମଳ ବାରିକ କହିଛନ୍ତି, ଏନେଇ ତଦନ୍ତ ଜାରି ରହିଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

ସମ୍ବଲପୁର,୫।୬(ବ୍ୟୁରୋ)

ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ ଫାଷ୍ଟଟ୍ରାକ୍ କୋର୍ଟରେ ସୋମବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ପି.କେ. ଦାସ ଶୁଣାଣି କରି ଅଭିଯୁକ୍ତ ମହେଶ୍ୱର ଭୋଇଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହାସହ ୧୦ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ମାମଲାରେ ୨୩ ଜଣଙ୍କ ସାକ୍ଷ୍ୟ ଗ୍ରହଣ ସହ ୪୨ ଗୋଟି ଦସ୍ତାବିଜକୁ ଆଧାର କରି ଏହି ଦଣ୍ଡାଦେଶ ହୋଇଛି। ସୂଚନାଯୋଗ୍ୟ, ୨୦୧୯ ଜାନୁୟାରୀ ୧ରେ ଧମା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୀଡ଼ିତାଙ୍କ ଜେଜେମା'ଙ୍କ ଅଭିଯୋଗ କ୍ରମେ ୧୬ ବର୍ଷିୟା ନାବାଳିକା ଘରଠାରୁ କିଛି ଦୂରକୁ ଟ୍ୟୁଶନ ଯାଇଥିଲେ। ସେଠାରୁ ଫେରୁଥିବା ସମୟରେ ଛତାବର ଗ୍ରାମର ମହେଶ୍ୱର ରାସ୍ତାପାର୍ଶ୍ୱ ବୁଦାମୂଳକୁ ଟେକି ନେଇ ବଳାତ୍କାର କରିଥିଲେ। ଘଟଣା ନେଇ ନାବାଳିକା ଘରେ କହିବା ପରେ ପରିବାର ଲୋକେ ଧମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ସରକାରୀ ଓକିଲ ବସନ୍ତ ମିଶ୍ର ପୀଡ଼ିତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

# ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷଙ୍କ ସମେତ ୬ ଗିରଫ

## ନିଜ ଅପହରଣ ନାଟକ ରଚି ଫସିଲେ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୫।୬

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ ନିଖୋଜ ଘଟଣାକୁ ନେଇ ତୁମ୍ବିତୋଫାନ ଚାଲିଥିବା ବେଳେ ପୋଲିସ ସୋମବାର ସନ୍ଧ୍ୟାରେ ଏହି ରହସ୍ୟ ଉପରୁ ପରଦା ହଟାଇଛି। ଲୋକମାନଙ୍କ ସହାନୁଭୂତି ପାଇବା ପାଇଁ ଅଜିତ୍ ଏବଂ ତାଙ୍କ ସହଯୋଗୀ ଏହି ଅପହରଣ ନାଟକ ରଚି ନିଜେ ଫସିଛନ୍ତି। ଏଥିରେ ଆଉ ୩ ଜଣ ସହାୟତା କରିଛନ୍ତି। ସମସ୍ତଙ୍କୁ ଗିରଫ କରାଯାଇଥିବା ଫିରିଙ୍ଗିଆ ଥାନାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ପ୍ରକାଶ କରିଛନ୍ତି। ଗିରଫ ଯୁବକମାନେ ହେଲେ ବ୍ଲକ ଉପାଧ୍ୟକ୍ଷ ଅଜିତ୍ ସାହୁ, ରତଙ୍ଗ ସମିତି ସଭ୍ୟ ବିରଞ୍ଚି ମଳିକ, ବସନ୍ତ ମଲ୍ଲିକ, ବୌଦ୍ଧ ଜିଲାର ଅଜିତ୍ ରଣା, ତ୍ରିଲୋଚନ ଝାଙ୍କର ଓ ଯୁକ୍ତେଶ୍ୱର ରଣା। ସେମାନଙ୍କ ପାଖରୁ କାର ଓ ବାଇକ୍ ଜବତ କରାଯାଇଛି।

ଉଭୟ କଥାବାର୍ତ୍ତା ହୋଇ ଏକ ନାଟକ ରଚିଥିଲେ। ମାଓବାଦୀ ସେମାନଙ୍କୁ ଅପହରଣ କରିଥିବା ନେଇ ଗଣମାଧ୍ୟମରେ ପ୍ରଚାର ହେବା ପରେ ସେମାନଙ୍କ ପ୍ରତି ଜନସମର୍ଥନ ବଢ଼ିବ। ଫିରିଙ୍ଗିଆ ଥାନାଧିକାରୀ ତପନ କୁମାର ନାହାକ ଘଟଣାର ତଦନ୍ତ କରି ସମସ୍ତଙ୍କୁ ଧରିଥିଲେ। ସରକାରୀ କର୍ମଚାରୀଙ୍କୁ ଭୁଲ୍ ଖବର ଦେବା, ଜଣକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରବର୍ତ୍ତାଇବା, ଲୋକଙ୍କୁ ଭୟଭୀତ କରିବା ଅଭିଯୋଗରେ ସେମାନଙ୍କ ନାମରେ ନଂ.୯୦/୨୩ରେ ଏକ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ରାତିରେ ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ୍ ଜାଜେଶପାଙ୍ଗା ଗ୍ରାମକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇ ନିଖୋଜ ହୋଇଯାଇଥିଲେ। ଏ ନେଇ ବିରଞ୍ଚି ଏବଂ ବସନ୍ତ ଫିରିଙ୍ଗିଆ ଥାନାରେ ଏତଲା ଦେଇଥିଲେ।



ଗିରଫ ଅଜିତ୍‌ଙ୍କ ସହ ଅନ୍ୟ ସହଯୋଗୀ।

# ଶ୍ରୀମନ୍ଦିରରେ ପୂଜା ପାଉଛନ୍ତି ପଟିଦିଅଁ

ପୁରୀ ଅଫିସ, ୫।୬

**ଜ୍ୱରରେ ପୀଡ଼ିତ ମହାପ୍ରଭୁ**

- ଅଣସର ନୀତି ଆରମ୍ଭ
- ବାଦ୍ୟ, ସଂକୀର୍ତ୍ତନ ନିଷିଦ୍ଧ

ପବିତ୍ର ସ୍ନାନ ପୂର୍ଣ୍ଣିମାରେ ରବିବାର ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡିତ ହୋଇ ଅଣସର ଘରେ ବିଶ୍ରାମ ନେଉଛନ୍ତି ଚତୁର୍ଦ୍ଧାବିଗ୍ରହ। ସୋମବାର ଠାରୁ ମହାପ୍ରଭୁଙ୍କ ଅଣସର ଗୁପ୍ତନୀତି ଆରମ୍ଭ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବକ ଦଇତାପତିମାନେ ଅନ୍ଧାର କୋଠରି ଭିତରେ ଶ୍ରୀବିଗ୍ରହମାନଙ୍କ ଗୁପ୍ତସେବା ଆରମ୍ଭ କରିଛନ୍ତି। ଅପରପକ୍ଷରେ ଶ୍ରୀମନ୍ଦିରରେ ଦଶାବତାର ଠାକୁରଙ୍କ ସହ ପଟିଦିଅଁଙ୍କ ପୂଜା ଆରମ୍ଭ ହୋଇଛି।

ସ୍ନାନ ପୂର୍ଣ୍ଣମୀରେ ଶ୍ରୀବିଗ୍ରହମାନେ ୧୦୮ ଗରା ଜଳରେ ସ୍ନାନ କରିବା ସହ ଭକ୍ତଙ୍କୁ ହାତୀବେଶରେ ଦର୍ଶନ ଦେବା ପରେ ରବିବାର ରାତି ୧୧ଟାରେ ସାହାଣ ମେଲା ଦର୍ଶନ ବନ୍ଦ ହୋଇଥିଲା। ପରେ ମଇଲମ ହୋଇ ରାତି ୧୨ଟା ୨୫ରେ ଡୋରଲାଗି ଓ ପୁଷ୍ପାଞ୍ଜଳି ଡୋରଲାଗି ନୀତି ସମ୍ପନ୍ନ ହୋଇଥିଲା। ପରେ ରାତି ୧୨ଟା ୩୦ରେ ଶ୍ରୀବିଗ୍ରହମାନଙ୍କ ଗୋଟି ପହଣ୍ଡି ଆରମ୍ଭ ହୋଇଥିଲା। ଠାକୁରମାନେ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିଥିଲେ। ପ୍ରଥମେ ଶ୍ରୀମଦନମୋହନ ଓ ରାମକୃଷ୍ଣଙ୍କ ପହଣ୍ଡି ହୋଇଥିଲା। ପରେ କ୍ରମ ଅନୁସାରେ ଶ୍ରୀସୁଦର୍ଶନ, ବଡ଼ଠାକୁର ପ୍ରଭୁ ବଳଭଦ୍ର, ମା' ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଗୋଟି ପହଣ୍ଡିରେ ବାହୁଡ଼ା ବିଜେ କରିଥିଲେ। ସୋମବାର ଭୋର ପ୍ରାୟ ୪ଟା ୫ମିନିଟ୍‌ରେ ପହଣ୍ଡି ସରିଥିଲା। ପରେ ଶ୍ରୀମନ୍ଦିରକୁ ଶୋଧ କରାଯାଇଥିଲା। ଭୋର ପ୍ରାୟ ୪ଟା ୪୫ରେ ରାହୁରେଖା ମଇଲମ ପରେ କୋଠ ସୁଆଁସିଆମାନେ ଦଶ ଅବତାର ଟାଟି ବାନ୍ଧିବା ପାଇଁ ୫ଟାରେ ପ୍ରବେଶ କରିଥିଲେ। ଅପରପକ୍ଷରେ ଶ୍ରୀମନ୍ଦିରରୁ ଘଣ୍ଟ, ଓଲାର, ବୈଜୟନ୍ତୀ ବାଜା, କାହାଳୀ ଓ ଲେଙ୍କା ସେବାୟତ ପଟିଦିଅଁ ଆଣିବା ପାଇଁ ଚିତ୍ରକର ସେବକଙ୍କ ଘରକୁ ଯାଇଥିଲେ। ଚିତ୍ରକର ସାହିରୁ ଅନନ୍ତ ବାସୁଦେବ, ମା' ଭୁବନେଶ୍ୱରୀଙ୍କ ପଟଚିତ୍ର ଏବଂ ପଣାପ୍ରିୟା ସାହିରୁ ଅନନ୍ତ ନାରାୟଣଙ୍କ ପଟିଦିଅଁ ୬ଟା୩୦ରେ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ପରେ କୋଠ ସୁଆଁସିଆମାନେ ଟାଟି ବାନ୍ଧି ସକାଳ ୮ଟା ୩୦ରେ ବାହାରିଥିଲେ। ପଟି ଠାକୁରଙ୍କ ରୁନ୍ଧା କାର୍ଯ୍ୟ ୯ଟା ୧୫ରେ ସରିଥିଲା। ପୂର୍ବାହ୍ନ ୧୦ଟାରେ ଅବତାର ଠାକୁର ଟାଟି ନିକଟ ଖଟକୁ ବିଜେ କରିଥିଲେ। ଅନନ୍ତ ନାରାୟଣଙ୍କ ରୂପରେ ଶ୍ରୀଜଗନ୍ନାଥ, ଅନନ୍ତ ବାସୁଦେବଙ୍କ ରୂପରେ ଶ୍ରୀବଳଭଦ୍ର ଏବଂ ମା' ଭୁବନେଶ୍ୱରୀଙ୍କ ରୂପରେ ଦେବୀ ସୁଭଦ୍ରା ପଟିଦିଅଁ ଭାବେ ଅଣସର ସମୟରେ ପୂଜିତ ହେବେ। ସେହିପରି ପଟିଦିଅଁଙ୍କ ସାଥିରେ ଦୋଳଗୋବିନ୍ଦ, ଶ୍ରୀମଦନ ମୋହନ, ଶ୍ରୀରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ମାଧବ ଏବଂ ନୃସିଂହ ଆଦି ପୂଜାପାଇବେ। ଦଶ ଅବତାର ବିଜେ ପରେ ମହାସ୍ନାନ ନୀତି ବଢିଥିଲା। ପରେ ମଙ୍ଗଳଆଳତି, ମଇଲମ, ଅବକାଶ ହୋଇ ଅନ୍ୟ ନୀତି ବଢିଥିଲା। ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ପଟିଦିଅଁଙ୍କୁ ଦର୍ଶନ କରିଥିଲେ। ସେହିପରି ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନ ଅନନ୍ତ ନାରାୟଣ ଭାବରେ ପଟିରେ ସ୍ଥାନିତ ହୋଇଛନ୍ତି। ପଟିଦିଅଁଙ୍କ ନିକଟରେ ମହାପ୍ରସାଦ ଲାଗିହୋଇଛି। ଦଇତାପତିମାନେ ଜ୍ୱରାକ୍ରାନ୍ତ ମହାପ୍ରଭୁଙ୍କୁ ଗୁପ୍ତ ଉପଚାର ଓ ଗୁପ୍ତ ସେବା କରୁଛନ୍ତି। ଏହି ଅଣସର ସମୟରେ ଶ୍ରୀବିଗ୍ରହମାନେ ଶ୍ୱେତବସ୍ତ୍ର ପରିଧାନ କରିବାର ବିଧି ରହିଥିବା ବେଳେ ତୁଳସୀ ଲାଗି କରାଯାଇ ନ ଥାଏ। ମହାପ୍ରଭୁଙ୍କୁ କେବଳ ଧଳାଫୁଲ ଲାଗି କରାଯାଇଥାଏ। ଅଣସର ପିଣ୍ଡିରେ ଗୋଟିଏ ଦୀପକୁ ଛାଡିଦେଲେ ଘନ ଅନ୍ଧକାର ମଧ୍ୟରେ ଚାଲୁରହିଛି ଗୁପ୍ତ ନୀତି। ଜଗମୋହନରୁ ଅଣସର ଘର ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ କରାଯାଇଛି। ଭଜନ, କୀର୍ତ୍ତନ, ଗୀତ,ଘଣ୍ଟ ଘଣ୍ଟା, କାହାଳୀ,ବାଜା ସବୁ ମନା ରହିଛି। ଅଣସର ସମୟରେ ମହାପ୍ରଭୁଙ୍କଠାରେ ପଣା ଓ ଚକଟା ଭୋଗ ଲାଗି କରାଯାଉଥିବା ବେଳେ ପଟିଦିଅଁଙ୍କୁ ଅନ୍ନ ମହାପ୍ରସାଦ ଭୋଗ କରାଯାଉଛି।



ଶ୍ରୀମନ୍ଦିରକୁ ବିଜେ ପୂର୍ବରୁ ପଟିଦିଅଁଙ୍କୁ ଚିତ୍ରକର ସେବକଙ୍କ ଘରେ ପୂଜାର୍ଚ୍ଚନା କରାଯାଉଛି।

# କାର୍ଟୁନିଷ୍ଟ ଅଶ୍ୱିନୀ-ଅବନୀଙ୍କୁ ସ୍ୱତନ୍ତ୍ର ପୁରସ୍କାର

## ରାଷ୍ଟ୍ରୀୟ ବ୍ୟଙ୍ଗଚିତ୍ର ପ୍ରତିଯୋଗିତା




ଛତିଶଗଡ଼ଠାରେ ଆୟୋଜିତ ସର୍ବଭାରତୀୟସ୍ତରୀୟ କାର୍ଟୁନ୍ ପ୍ରତିଯୋଗିତାରେ ପୁରସ୍କୃତ ଅଶ୍ୱିନୀ-ଅବନୀଙ୍କ ବ୍ୟଙ୍ଗଚିତ୍ର।

ବଲାଙ୍ଗୀର ଅଫିସ, ୫।୬

ଛତିଶଗଡ଼ ପରିବେଶ ସଂରକ୍ଷଣ ମଣ୍ଡଳ ଏବଂ ରାୟପୁର(ଛତିଶଗଡ଼)ରୁ ପ୍ରକାଶିତ ମାସିକ କାର୍ଟୁନ୍ ପତ୍ରିକା 'କାର୍ଟୁନ୍ ୱାଚ୍'ର ମିଳିତ ଆବାହକତ୍ୱରେ ଆୟୋଜିତ ସର୍ବଭାରତୀୟସ୍ତରୀୟ କାର୍ଟୁନ୍ ପ୍ରତିଯୋଗିତାରେ ଓଡ଼ିଶାର କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଅଶ୍ୱିନୀ-ଅବନୀଙ୍କ ଏକ କାର୍ଟୁନ୍ ସ୍ୱତନ୍ତ୍ର ପୁରସ୍କାର ଲାଭ କରିଛି। ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଆୟୋଜିତ ପ୍ରତିଯୋଗିତା 'ଲାଇଫ୍ ଷ୍ଟାଇଲ ଫର୍ ଏନ୍‌ଭାଇରନ୍‌ମେଣ୍ଟ' ବିଷୟବସ୍ତୁ ଉପରେ ଆଧାରିତ ଥିଲା। ପୁରସ୍କୃତ ହୋଇଥିବା ଅଶ୍ୱିନୀ-ଅବନୀଙ୍କ ବ୍ୟଙ୍ଗଚିତ୍ରରେ ବିଶ୍ୱସ୍ତରରେ ଅମୂଲ୍ୟ ଜଳ ସମ୍ପଦର ଜୀବନଯାପନ ଶୈଳୀଜନିତ ଦୁରୁପଯୋଗ ତଥା ଏହାର କରୁଣ ଭବିଷ୍ୟତ ସମ୍ପର୍କରେ ଏକ ଶାଣିତ ବ୍ୟଙ୍ଗାତ୍ମକ ଅବଧାରଣା ପ୍ରଦାନ କରାଯାଇଛି।

ପ୍ରତିଯୋଗିତା ସମ୍ପର୍କିତ ଏକ ଭବ୍ୟ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ନିକଟ ଅତୀତରେ ପ୍ରତ୍ନତାତ୍ତ୍ୱିକ ତଥା ପର୍ଯ୍ୟଟନସ୍ଥଳୀର ସ୍ୱଚ୍ଛତା, ଏକକ ବିଶ୍ୱ ଓ ଯୁଦ୍ଧ ନୁହେଁ କେବଳ ଭ୍ରାତୃତ୍ୱ ଉପରେ ଆଧାରିତ ତିନୋଟି ଜାତୀୟ ପ୍ରତିଯୋଗିତା ତଥା ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଆୟୋଜିତ ଭିନ୍ନ ଏକ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ମଧ୍ୟ ଅଶ୍ୱିନୀ-ଅବନୀଙ୍କ କାର୍ଟୁନ୍‌ଗୁଡ଼ିକ ପୁରସ୍କୃତ ତଥା ପ୍ରଦର୍ଶିତ ହେବାର ସୌଭାଗ୍ୟ ଲାଭ କରିଥିଲା। ଏଥିସହ ଇଜିପ୍ଟର କାଇରୋଠାରେ ଅନୁଷ୍ଠିତ ସ୍ପିରିଟ୍ ଅଫ୍ ଗାନ୍ଧୀ ଏକ୍‌ଜିବିଶନ, ମୁମ୍ବାଇଠାରେ ହୋଇଥିବା ବାଲ୍ ଠାକ୍‌ରେ ଅନ୍ତର୍ଜାତୀୟ କାର୍ଟୁନ୍ ଏକ୍‌ଜିବିଶନ, ଜମ୍ମୁଠାରେ ପ୍ରଖ୍ୟାତ ସନ୍ତୁରବାଦକ ପି. ଶିବ କୁମାର ଶର୍ମାଙ୍କ ସ୍ମୃତି ପ୍ରଦର୍ଶନୀ ଏବଂ କୋଚିଠାରେ କାର୍ଟୁନ୍ ମେନ୍ ବାଦୁସା ମେମୋରିଆଲ୍ ଇଣ୍ଟରନ୍ୟାଶନାଲ୍ କେରିକେଚର୍ ଏକ୍‌ଜିବିଶନ୍‌ରେ ଏମାନଙ୍କ କୃତି ସ୍ଥାନ ପାଇଥିଲା। ତିନି ଦଶନ୍ଧିରୁ ଅଧିକ ସମୟ ଧରି ଅବିରତ ଭାବେ କାର୍ଟୁନ କରିଆସୁଥିବା ଓଡ଼ିଶାର ଏହି ଭ୍ରାତୃଦ୍ୱୟ ବ୍ୟଙ୍ଗଚିତ୍ର ଜଗତରେ ବେଶ୍ ପ୍ରତିଷ୍ଠିତ। ପୃଥିବୀର ଏକମାତ୍ର କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଭାବରେ ୨୦୧୪ ମସିହାରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇସାରିଥିବା ଅଶ୍ୱିନୀ-ଅବନୀ ଅନେକଥର ଅନ୍ତର୍ଜାତୀୟ ତଥା ଜାତୀୟସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି।

# ସ୍କୁଟିକୁ ଧକ୍କା ଦେଲା ବସ୍: ଦମ୍ପତିଙ୍କ ସମେତ ୩ ମୃତ

## ନିର୍ବନ୍ଧ ଭୋଜିରୁ ଫେରୁଥିବାବେଳେ ଦୁର୍ଘଟଣା





ପୁରୀ ଅଫିସ, ୫।୬

ପୁରୀର ଓମ୍‌କାରେଶ୍ୱର ଛକ ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦମ୍ପତିଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ଏହି ୩ଜଣ ସେମାନଙ୍କର ଜଣେ ସମ୍ପର୍କୀୟଙ୍କ ବାହାଘର ନିର୍ବନ୍ଧ ଭୋଜିରେ ଯୋଗଦେଇ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ମୃତକମାନେ ହେଉଛନ୍ତି ଗଞ୍ଜାମ ସହରର ସତ୍ୟ ନିରଞ୍ଜନ ଦାଶ (୫୫), ତାଙ୍କ ସ୍ତ୍ରୀ ଗାୟତ୍ରୀ ଦାଶ (୫୦) ଏବଂ ପୁରୀ ମଙ୍ଗଳାଘାଟ ଅଞ୍ଚଳର ରାକେଶ ନନ୍ଦ(୨୦)। ପୋଲିସ ସମ୍ପୃକ୍ତ ବସ୍ ଓ ସ୍କୁଟିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଗାୟତ୍ରୀ ତାଙ୍କ ନଣନ୍ଦଙ୍କ ପୁଅର ନିର୍ବନ୍ଧରେ ଯୋଗଦେବା ପାଇଁ ପୁରୀର ଓମ୍‌କାରେଶ୍ୱର ମନ୍ଦିରକୁ ଆସିଥିଲେ। ସେଠାରୁ ଫେରି ଗାୟତ୍ରୀ ଓମ୍‌କାରେଶ୍ୱର ଛକ ନିକଟ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ସତ୍ୟ ନିରଞ୍ଜନ ଭଣଜାଙ୍କ ସାଙ୍ଗ ରାକେଶଙ୍କ ସହ ସ୍କୁଟି (ନଂ. ଓଡି ୧୩ ଏସ୍ ୩୪୮୧)ରେ ବସିଥିଲେ। ସେମାନେ ଶଙ୍କରେଶ୍ୱର ଛକ ଗଡ଼ାଣିରୁ ଜାତୀୟ ରାଜପଥକୁ ଯିବା ପାଇଁ ଅପେକ୍ଷା କରିଥିବାବେଳେ ଷ୍ଟର୍ଲିଂ ପଟୁ ଏକ ଯାତ୍ରୀବାହୀ ବସ୍ (ନଂ. ଓଡି ୧୩ ଏସ୍ ୨୧୮୫) ଆସି ଧକ୍କା ଦେଇଥିଲା। ଫଳରେ ୩ଜଣ ଗୁରୁତର ଆହାତ ହୋଇଥିଲେ। ସ୍ଥାନୀୟ ଲୋକେ ଏବଂ ସମ୍ପର୍କୀୟମାନେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ସହ ପିସିଆର୍‌କୁ ଖବର ଦେଇଥିଲେ। ପିସିଆର୍ ଆସି ଆହତମାନଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ତେବେ ଡାକ୍ତର ସମସ୍ତ ୩ଜଣଙ୍କୁ ମୃତ ଘୋଷଣା କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଅପରପକ୍ଷରେ ଦୁର୍ଘଟଣା ଘଟାଇବା ପରେ ବସ୍ ଡ୍ରାଇଭର ବାସେଳିସାହି ଥାନାରେ ଆତ୍ମସମର୍ପଣ କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପୁରୀ ଉପଜିଲାପାଳ ଭବତାରଣ ସାହୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତକମାନଙ୍କ ସମ୍ପର୍କୀୟଙ୍କ ସହିତ ଆଲୋଚନା କରିଥିଲେ।

ଇଏ ବି ଜଣେ ନାରୀ

# ନିଶା ଦେଇଛି ପରିଚୟ



ପେସାରେ ସେ ଜଣେ ଓକିଲ। ହେଲେ ନିଶା ତାଙ୍କର ଗୋ ପାଳନ। ଆଉ ଏହା ବର୍ତ୍ତମାନ ତାଙ୍କୁ ଦେଇଛି ନୂଆ ପରିଚୟ। ସେ ହେଉଛନ୍ତି ଢେଙ୍କାନାଳ ଜିଲା ଭୁବନ ଅନ୍ତର୍ଗତ କୀର୍ତ୍ତନପୁରରେ ରହୁଥିବା ପ୍ରଜ୍ଞା ପରମିତା ସିଂସାମନ୍ତ। ସେ ବେଶ୍ ପଶୁପକ୍ଷୀ ଏବଂ ବୃକ୍ଷପ୍ରେମୀ। ତେଣୁ ୨୦୧୯ରେ ପ୍ରଥମେ ୬ଟି ଗାଈ ରଖି ନିଜ ଫାର୍ମିଂ ଆରମ୍ଭ କରିଥିଲେ। କୋଭିଡ୍ ସମୟ ଥିବାରୁ ଦୁଗ୍ଧ, ଦହି, ଛେନା ଲାଗି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆଗ୍ରହ ଦେଖି ସେ ଏହାକୁ ବୃଦ୍ଧି କରିବା ଲାଗି ମନ ବଳାଇଲେ। ପରିବାର ଏବଂ ସ୍ୱାମୀ ମନୋରଞ୍ଜନ ଦାସଙ୍କର ମଧ୍ୟ ଏଥିରେ ଥିଲା ସମର୍ଥନ। ତେଣୁ ସେ ହରିୟାଣାସ୍ଥିତ ନ୍ୟାଶନାଲ୍ ଡାଇରୀ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଡିଆର୍‌ଆଇ)ରେ ଏନେଇ ୩ଟି କୋର୍ସ କରିବା ସହ ତାଲିମ ନେଲେ। ମହାପାଟ ଏଗ୍ରୋ ନାମରେ ଆରମ୍ଭ କଲେ ଏକ ଡାଇରୀ ଫାର୍ମ, ଯେଉଁଥିରେ ବର୍ତ୍ତମାନ ରହିଛନ୍ତି ୫୭ଟି ଗାଈ। ଏଥିରୁ ଦିନକୁ ପ୍ରାୟ ୨୦୦ଶହ ଲିଟର ଦୁଗ୍ଧ ଉତ୍ପାଦନ ହେଉଛି, ଯାହାକୁ ସେ କ୍ରୀଷ୍ଣା ମିଲ୍କ ନାମରେ ଗ୍ରାହକଙ୍କ ନିକଟରେ ପହଞ୍ଚାଇଥାନ୍ତି। ଏହାଦ୍ୱାରା ଯେ ସେ କେବଳ ନିଜେ ଲାଭବାନ୍ ହେଉଛନ୍ତି ତା' ନୁହେଁ, ବରଂ ୭ ଜଣ ସହକର୍ମୀଙ୍କୁ ନିଯୁକ୍ତି ସୁଯୋଗ ଦେଇ ସେମାନଙ୍କୁ ରୋଜଗାରକ୍ଷମ କରାଇ ପାରିଛନ୍ତି। ଯେଉଁଥିପାଇଁ ବିଶ୍ୱ ପ୍ରାଣୀ ଦିବସ ୨୦୨୩ ଅବସରରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ଶ୍ରେଷ୍ଠ ଗୋପାଳିକା ଭାବେ ସେ ସମ୍ମାନିତ ହୋଇଛନ୍ତି। ନିଜ ପ୍ରତ୍ୟେକ ସଫଳତାର ଶ୍ରେୟ ସ୍ୱାମୀଙ୍କୁ ଦେଉଥିବା ପ୍ରଜ୍ଞା କୁହନ୍ତି, 'ବ୍ୟବସାୟ ଉଦ୍ଦେଶ୍ୟ ରଖି ଗୋପାଳନ ଆରମ୍ଭ କରି ନ ଥିଲୁ। ତେଣୁ କେତେ ଟଙ୍କା ଆୟ ହେଉଛି ଅଧିକ ଗୁରୁତ୍ୱ ନ ଦେଇ ଗାଈମାନେ କିପରି ସୁସ୍ଥ ରହିବେ, ଭଲ ଖାଇବେ, ସେଥିପ୍ରତି ଅଧିକ ଧ୍ୟାନ ଦେଇଥାଉ। ଗାଈ ଖାଇବା ଲାଗି ପ୍ରାୟ ଏକ ଏକର ଜାଗାରେ ଘାସଚାଷ କରିଛୁ। ସର୍ବଦା ଲୋକଙ୍କ ପାଖରେ ଭଲ କ୍ଷୀର ପହଞ୍ଚାଉଛୁ। ଯଦିଓ ଏହା ଖୁବ୍ ଚ୍ୟାଲେଞ୍ଜିଙ୍ଗ୍, ହେଲେ ସ୍ୱାମୀ ଏବଂ ପରିବାରର ସମସ୍ତଙ୍କ ସହଯୋଗରେ ଏହା ମୋ ପାଇଁ ସମ୍ଭବ ହୋଇପାରିଛି। ସତ କହିବାକୁ ଗଲେ ମୋତେ ଏହି କାର୍ଯ୍ୟ ଆତ୍ମସନ୍ତୋଷ ଦେଉଛି।' ପଠାଣୀ ସାମନ୍ତଙ୍କ ବଂଶଧର ହୋଇଥିବାରୁ ଭବିଷ୍ୟତରେ ଜ୍ୟୋତିଷଶାସ୍ତ୍ରରେ ରିସର୍ଚ୍ଚ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଗୋପାଳନ ବ୍ୟତୀତ ସେ ନିଜ ଫାର୍ମରେ ଅନେକ କୁକୁଡ଼ା ଏବଂ ବତକ ମଧ୍ୟ ପାଳନ କରିଛନ୍ତି। ସେହିପରି ପ୍ରାୟ ୧୦-୧୫ ପ୍ରଜାତିର ୫୦୦ରୁ ଊର୍ଦ୍ଧ୍ୱ ଆମ୍ବଗଛ ମଧ୍ୟ ଲଗାଇଛନ୍ତି। ତେବେ ଗୋପାଳନରେ ବ୍ରତୀ ହୋଇ ନିଜର କଠିନ ଅଧ୍ୟବସାୟ ଓ ସୁପରିଚାଳନା ଦ୍ୱାରା ସଫଳ ହୋଇପାରିଥିବା ପ୍ରଜ୍ଞା ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

– ପୌର୍ଣ୍ଣମାସୀ

## ଗୃହିଣୀଙ୍କ ପାଇଁ...

- ଆଲୁମିନିୟମ୍ ବାସନ ଯଦି ପୋଡ଼ିଯାଇଛି, ଏଥିରୁ ଦାଗ ଛଡ଼ାଇବାକୁ ହେଲେ ସେଥିରେ ଗୋଟିଏ ପିଆଜକୁ ନେଇ ତାକୁ ପାଣିରେ ପକାଇ ଭଲଭାବେ ଫୁଟିବାକୁ ଛାଡ଼ିଦିଅନ୍ତୁ। ପୁନର୍ବାର ସେହି ବାସନଟିକୁ ବାସନମଜା ସାବୁନ୍‌ରେ ଭଲଭାବେ ସଫା କରନ୍ତୁ।
- ଲେମ୍ବୁ ପ୍ଲାଷ୍ଟିକ୍ କଣ୍ଟେନରକୁ ସଫା କରିବା ସହିତ ଏଥିରୁ ବାହାରୁଥିବା ଦୁର୍ଗନ୍ଧକୁ ଦୂର କରିଥାଏ। ଲେମ୍ବୁ ଚୋପା ସାହାଯ୍ୟରେ କଣ୍ଟେନରକୁ ଭଲଭାବେ ରଗଡ଼ି ସଫା କଲେ ଦାଗ ଛାଡ଼ିଯାଏ।
- ବେକିଂ ସୋଡ଼ା ବାସନରେ ୧୦-୧୫ ମିନିଟ୍ ପାଇଁ ଭିଜାଇ ରଖିଦିଅନ୍ତୁ। ପୁଣି ସେହି ସୋଡ଼ାରେ ବାସନ ସଫା କରନ୍ତୁ। ଏହାଦ୍ୱାରା ବାସନ ଭଲଭାବେ ସଫା ହୋଇଯିବ।
- ବାସନରୁ ଦାଗ ଦୂର କରିବାକୁ ହେଲେ ଦହିର ବ୍ୟବହାର କରାଯାଇଥାଏ।




# ସଫଳ ଦାମ୍ପତ୍ୟ ଜୀବନ...




ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ନିଜର ନୂଆ ଜୀବନକୁ ନେଇ ଅନେକ ସ୍ୱପ୍ନ ଦେଖିଥାଏ ଜଣେ ନାରୀ। ଏହି ଜୀବନକୁ ସୁରୁଖୁରୁରେ ଆଗେଇ ନେବାରେ କେବଳ ନବ ବିବାହିତ ଦମ୍ପତି ନୁହନ୍ତି, ପରିବାର ସଦସ୍ୟଙ୍କର ମଧ୍ୟ ଭୂମିକା ରହିଛି। ଦାମ୍ପତ୍ୟ ଜୀବନକୁ ଖୁସିରେ ଭରି ଦେବା ସହଜ ନୁହେଁ। କାରଣ ଏଥିପାଇଁ ବେଶ୍ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼େ। ତା'ସହ ଏହାକୁ ପ୍ରଭାବିତ କରୁଥିବା ସମସ୍ୟାଗୁଡ଼ିକୁ ଜାଣି ତାହାର ସମାଧାନ କରିବା ନିହାତି ଜରୁରୀ। ଏଭଳି କେତେକ ଛୋଟ କଥା ରହିଛି, ଯାହାକୁ ଗୁରୁତ୍ୱ ଦେଲେ ଦାମ୍ପତ୍ୟ ଜୀବନକୁ ଖୁସିର ମାହୋଲ ଭିତରେ ଅତିବାହିତ କରିପାରିବେ।

**ବୁଝାମଣା:** ପତି-ପତ୍ନୀ ଭିତରେ ସବୁଠାରୁ ବଡ଼ କଥା ହେଲା ବୁଝାମଣା। ଏଥିରେ ଯଦି କିଛି ଦୋଷ ତ୍ରୁଟି ରହିଯାଏ, ତେବେ ଏହି ସମସ୍ୟା ସାରା ଜୀବନ ଛାଇ ପରି ଗୋଡ଼ାଇଥାଏ। ତେଣୁ ଦୁହିଁଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବା ନିହାତି ଜରୁରୀ। ଉଭୟ ପରସ୍ପର କଥାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି କିଛି ସମସ୍ୟା ଅଛି, ତେବେ ତାହାର ଆପୋସ ସମାଧାନ କରନ୍ତୁ।

**ଭାବନାକୁ ସମ୍ମାନ ଦେବା:** ବୈବାହିକ ଜୀବନକୁ ସରସ ସୁନ୍ଦର କରିବାକୁ ହେଲେ ସ୍ୱାମୀ-ସ୍ତ୍ରୀ ପରସ୍ପର କଥାକୁ ଆଦର କରିବା ଦରକାର। ହେଲେ କଥାଗୁଡ଼ିକ ଯୁକ୍ତିସଙ୍ଗତ ହେବା ଆବଶ୍ୟକ। ନ ହେଲେ ତାହାକୁ ନେଇ ଆଲୋଚନା, ଯୁକ୍ତିତର୍କ ବୁଢ଼ିଆଣୀ ସୂତା ପରି ଲମ୍ବି ଲମ୍ବି ଚାଲିବ। ଯଦି କିଏ କ'ଣ କହୁଛି ତେବେ ତାହାର ମହତ୍ତ୍ୱ ପ୍ରଥମେ ହୃଦୟଙ୍ଗମ କରନ୍ତୁ। ଜଣେ ଅନ୍ୟ ଜଣଙ୍କ କଥାକୁ ଆଦର, ସମ୍ମାନ ଓ ମହତ୍ତ୍ୱ ଦେବା ଆବଶ୍ୟକ। ବେଳେବେଳେ ଜଣେ ଅନ୍ୟ ଜଣଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥା'ନ୍ତି। ଯଦି ଆପଣଙ୍କ ମନରେ ଏଭଳି ଭାବନା ଅଛି, ତେବେ ତାହାକୁ ବଦଳାଇ ଦିଅନ୍ତୁ। ତେବେ ଆପଣଙ୍କ ଭିତରେ ଥିବା ସମ୍ପର୍କର ସେତୁ ଆହୁରି ମଜଭୁତ ହେବ।





**ଦାମ୍ପତ୍ୟ ଜୀବନ ଏଭଳି ଏକ ଗାଡ଼ି ଯାହାକୁ ବେଶ୍ ସୁରୁଖୁରୁରେ ଗଡ଼ାଇ ନେବାକୁ ପଡ଼ିଥାଏ। ବେଳେବେଳେ କେତେକ ଘଟଣା ପାଇଁ ଏଥିରେ ତିକ୍ତତା ଭରିଯାଏ। ତେବେ ନିଜର ଏହି ଜୀବନକୁ କିପରି ସୁଖମୟ ଏବଂ ସ୍ମରଣୀୟ କରିବେ ଏଥିନେଇ ନିମ୍ନୋକ୍ତ କଥାକୁ ଆପଣେଇ ପାରନ୍ତି...**

**କାମରେ ସାହାଯ୍ୟ କରିବା:** ଆଜିକାଲି ଅଧିକାଂଶ ଦମ୍ପତି କର୍ମଜୀବୀ। ତେଣୁ ଅଫିସ ସହ ଘର କାମ ତୁଲାଇବାକୁ ପଡ଼ିଥାଏ। ଏହି ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭଲ ବୁଝାମଣା ରହିବା ଦରକାର। ଘର କାମରେ ଯଦି ଦୁହେଁ ସହଯୋଗ କରନ୍ତି, ତେବେ ସେ ନେଇ ଟେନ୍‌ସନ ରହିବ ନାହିଁ। ତା'ସହ ଉଭୟ ଠିକ୍ ସମୟରେ ଅଫିସ ଯାଇପାରିବେ। ଏପରି କି ବୁଲାବୁଲି କରିବାକୁ ସମୟ ବାହାର କରିପାରିବେ।

**ଅଧିକ ସମୟ ବିତାନ୍ତୁ:** କର୍ମଜୀବୀ ଦମ୍ପତି ନିଜ ନିଜ କାମରେ ଏତେ ବ୍ୟସ୍ତ ରୁହନ୍ତି ଯେ ପରସ୍ପରକୁ ଆବଶ୍ୟକ ସମୟ ଦେଇପାରନ୍ତି ନାହିଁ। ଯେତେବେଳେ ସମୟ ମିଳୁଛି, ପରସ୍ପର ପାଇଁ ସମୟ ଦିଅନ୍ତୁ। କାରଣ ଏହି ଲିଜର ସମୟ ଭିତରେ ଆପଣ ପରିବାର ଏବଂ ନିଜ ସମ୍ପର୍କରେ ଆଲୋଚନା କରିପାରିବେ।

**ନିଷ୍ପତ୍ତି:** ସ୍ୱାମୀ-ସ୍ତ୍ରୀ ଯଦି କୌଣସି ବିଷୟରେ ନିଷ୍ପତ୍ତି ନେଉଛନ୍ତି, ତେବେ ତା' ପୂର୍ବରୁ କେତେକ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ। ଏହି ବିଷୟରେ ପ୍ରଥମେ ନିଜେ ଚିନ୍ତା କରନ୍ତୁ। ଯାହା ନିଷ୍ପତ୍ତି ନେଉଛନ୍ତି, ତାହା ଆପଣଙ୍କ ବୈବାହିକ ଜୀବନକୁ ପ୍ରଭାବିତ କରିବ ନାହିଁ ତ ? ଯଦି ସେଥିରେ କୌଣସି ନକାରାତ୍ମକ ଜିନିଷ ନାହିଁ, ତେବେ ତାହାକୁ ପ୍ରଥମେ ଉଭୟ ପତି-ପତ୍ନୀ ନିଜ ଭିତରେ ଶେୟାର କରନ୍ତୁ। ସେ ବିଷୟରେ ଥଣ୍ଡା ମନରେ ଆଲୋଚନା କରନ୍ତୁ। ଯଦି ସମ୍ଭବ ହୁଏ, ତେବେ ପରିବାରର ବୟସ୍କ ବ୍ୟକ୍ତିଙ୍କ ମତ ନିଅନ୍ତୁ। ଏକତରଫା ନିଷ୍ପତ୍ତି ନିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଦାମ୍ପତ୍ୟ ଜୀବନରେ ଅଯଥା ଝଡ଼ ସୃଷ୍ଟି ହୋଇପାରେ।

**ସନ୍ଦେହ:** ସନ୍ଦେହ ଏଭଳି ଏକ ଭାଇରସ୍, ଯାହା ବୈବାହିକ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଥାଏ। କାରଣ ପତି ହେଉ କି ପତ୍ନୀ କାହା ମନରେ ଯଦି କାହାକୁ ନେଇ ସନ୍ଦେହ ସୃଷ୍ଟି ହେଲା, ତେବେ ତାହାର ପରିସର ଦିନକୁ ଦିନ ବଢ଼ି ବଢ଼ି ଚାଲେ। ତେଣୁ ମନରୁ ପ୍ରଥମେ ଏଭଳି ଭାବନା ଦୂର କରନ୍ତୁ। ଯଦି କିଛି ସନ୍ଦେହ ଅଛି, ତେବେ ତାହାକୁ କିପରି ସମାଧାନ କରିବେ ସେ ନେଇ ପରସ୍ପର ଭିତରେ ଆଲୋଚନା କରନ୍ତୁ।

**ଦାୟିତ୍ୱ:** ଝିଅଟିଏ ବାହା ହୋଇ ବୋହୂ ପାଲଟିବା ପରେ ତାଙ୍କର ଦାୟିତ୍ୱ ବଢ଼ି ଯାଇଥାଏ। ତେଣୁ ଆରମ୍ଭରୁ ହିଁ ନିଜ ଦାୟିତ୍ୱ ବିଷୟରେ ଅବଗତ ହୁଅନ୍ତୁ। ଯେତେସମ୍ଭବ ଏହାକୁ ନିଜେ ତୁଲାଇବାକୁ ଚେଷ୍ଟା କରନ୍ତୁ। ଯଦି ଅନ୍ୟର ସାହାଯ୍ୟ ନେବାକୁ ଚାହୁଁଛନ୍ତି, ତେବେ ସେ ବିଷୟରେ ତାଙ୍କୁ ପ୍ରଥମେ ବୁଝାନ୍ତୁ। କାରଣ ଦାୟିତ୍ୱର ପ୍ରକୃତ ସଂଜ୍ଞା ଉଭୟ ପତି ପତ୍ନୀ ହୃଦୟଙ୍ଗମ କରିବା ଦରକାର। କେବଳ ଚାକିରି କରି ଟଙ୍କା ରୋଜଗାର କଲେ ହେବ ନାହିଁ, ନିଜର ପରିବାର ଚଳାଇବା, ପିଲାମାନଙ୍କର ଯତ୍ନ, ସେମାନଙ୍କର ପାଠପଢ଼ା ଆଦି ବିଷୟକୁ ଧ୍ୟାନ ଦେବାକୁ ପଡ଼େ। ତେଣୁ ଏ ନେଇ ପରସ୍ପର ଭିତରେ ଭଲ ଭାବରେ ଆଲୋଚନା କରନ୍ତୁ। ଯଦି ନିଜ ଦାୟିତ୍ୱକୁ ହାଲୁକା ଭାବରେ ନିଅନ୍ତି, ତେବେ ତାହା ପରବର୍ତ୍ତୀ ସମୟରେ ଆପଣଙ୍କ ପାଇଁ ଅନେକ ସମସ୍ୟାକୁ ପରୋକ୍ଷରେ ଡାକି ଆଣିଥାଏ। ଦାୟିତ୍ୱ ତୁଲାଇ ଦେବି କହିଦେଲେ ହେବ ନାହିଁ, ଏଥିଲାଗି ଯୋଜନା ପ୍ରସ୍ତୁତ କରନ୍ତୁ।

### ଏମାନେ କ'ଣ କରନ୍ତି



**ମନୋମାଳିନ୍ୟକୁ ଧରି ନ ବସି ଆଗକୁ ବଢ଼ିବା ଆବଶ୍ୟକ:** ସୁଖୀ ଦାମ୍ପତ୍ୟ ଜୀବନ କହିଲେ ସଫଳ ଦାମ୍ପତ୍ୟ ଜୀବନ। ଆମ ବିବାହକୁ ୨୫ବର୍ଷ ହୋଇଗଲାଣି। କିନ୍ତୁ କେବେ ଏମିତି ପରିସ୍ଥିତି ଆସିନି, ଯାହା ସମ୍ପର୍କ ମଧ୍ୟରେ ଫାଟ ସୃଷ୍ଟି କରିବ। ମଝିରେ ମଝିରେ ଛୋଟମୋଟ ମନୋମାଳିନ୍ୟ ହୁଏ, କିନ୍ତୁ ଏହାକୁ ଧରି ନ ବସି ଆଗକୁ ବଢ଼ି ଚାଲୁ । ଏହାଦ୍ୱାରା ଆମ ସମ୍ପର୍କ ମଜଭୁତ ହୋଇଥାଏ। ଉଭୟଙ୍କ ମଧ୍ୟରେ ଯଦି ସ୍ୱଭାବ ମେଳ ଖାଇବ, ତେବେ ସମ୍ପର୍କ ସୁନ୍ଦର ହୋଇପାରିବ। ପରସ୍ପର ପ୍ରତି ସମର୍ପଣ ଭାବନା ରହିଲେ ଦାମ୍ପତ୍ୟ ଜୀବନ ସୁରୁଖୁରୁରେ ଚାଲିବ।

*– ବିନୋଦିନୀ ବେହେରା, ନାଲ୍‌କୋନଗର, ଅନୁଗୋଳ*



**ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବା ଆବଶ୍ୟକ:** ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଲେ ସଂସାର ସୁରୁଖୁରୁରେ ଚାଲିପାରିବ। ଆମ ଭିତରେ ଯଦି କେବେ ଝଗଡ଼ା ହୁଏ, ତେବେ ଏ ସମୟରେ ଜଣେ ଚୁପ୍ ରହି ଆଉ ଜଣଙ୍କ କଥା ଶୁଣିବା ଆବଶ୍ୟକ। ଯଦି ଉଭୟ ଝଗଡ଼ା ଲାଗିବସିଲେ କଥା ବଢ଼ିବ ପଛେ କମିବ ନାହିଁ। ପୁରୁଷମାନେ ସାଧାରଣତଃ ଟେଷ୍ଟି ଟେଷ୍ଟି ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି। ଏଥିପାଇଁ ମୁଁ ତାଙ୍କ ପସନ୍ଦ ଅନୁଯାୟୀ ଖାଦ୍ୟ ପ୍ରସ୍ତୁତ କରିକି ଦେଇଥାଏ। ଏହାବ୍ୟତୀତ ଘରର କାମ ସହିତ ପିଲାଙ୍କର ଯତ୍ନ ନେବା ଦ୍ୱାରା ସ୍ୱାମୀ ଖୁସି ହୋଇଥା'ନ୍ତି।

*– ଶାରଦା ଦାଶ, ସିଡିଏ, କଟକ*

ସୌନ୍ଦର୍ଯ୍ୟ

# ତ୍ୱଚାର ପ୍ରାକୃତିକ ଉପଚାର



ଖରାଦିନରେ ଆମକୁ ଆବଶ୍ୟକତାଠାରୁ ଅଧିକ ଧ୍ୟାନ ଦେବାକୁ ପଡ଼ିଥାଏ। ପାଗ ଅନୁଯାୟୀ ନିଜ ସ୍କିନ୍‌ର ଧ୍ୟାନ ଅଧିକ ଦେବାକୁ ପଡ଼ିଥାଏ। ଏମିତିରେ ଯଦି ଆପଣ ସ୍କିନ୍ କେୟାର ନ କରୁଛନ୍ତି, ତେବେ ଆପଣଙ୍କୁ ପିମ୍ପଲ ଏବଂ ଦାଗ ଭଳି କେତେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ଘରୋଇ ଉପଚାର ମାଧ୍ୟମରେ ନିଜର ଫେସ୍ ଗ୍ଲୋ କରିପାରିବେ। ଏଥିଲାଗି ଆପଣଙ୍କୁ ମହୁ ଏବଂ ମୁଲ୍‌ତାନୀ ମାଟିର ଆବଶ୍ୟକତା ପଡ଼ିଥାଏ। ଏ ସମ୍ପର୍କରେ କେତୋଟି ଟିପ୍ସ...

**ଋତୁ ଅନୁସାରେ ନିଜ ତ୍ୱଚାର ଯତ୍ନ ନେବାକୁ ପଡ଼ିଥାଏ। ଏଭଳି କେତେକ ଘରୋଇ ଉପଚାର ରହିଛି, ଯାହା ଆପଣଙ୍କ ତ୍ୱଚାରେ ଚମକ ଆଣିପାରିବ...**



**ଫେସ୍‌ପ୍ୟାକ୍ ପ୍ରସ୍ତୁତ ପ୍ରଣାଳୀ**

**ମହୁ ଏବଂ ମୁଲ୍‌ତାନୀ ମାଟିର ଫେସ୍‌ପ୍ୟାକ୍**

ଏକ ଚାମଚ ମୁଲ୍‌ତାନୀ ମାଟିର ପାଉଡ଼ର ନିଅନ୍ତୁ। ଏହା ପରେ ଆପଣ ମୁଲ୍‌ତାନୀ ମାଟିରେ ଏକ ଚାମଚ ମହୁ, ଦୁଇ ଚାମଚ ଗୋଲାପ ଜଳ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ଏହି ମିଶ୍ରଣ ହୋଇଥିବା ପେଷ୍ଟକୁ ମୁହଁରେ ଲଗାଇବା ପରେ ଏହାକୁ କିଛି ସମୟ ଶୁଖିବାକୁ ଛାଡ଼ି ଦିଅନ୍ତୁ। ଯେତେବେଳେ ଏହି ଫେସ୍‌ପ୍ୟାକ୍ ଶୁଖିଯାଉଛି ମୁହଁକୁ ଥଣ୍ଡା ପାଣିରେ ଭଲଭାବେ ଧୋଇ ଦିଅନ୍ତୁ। ମହୁରେ ଆଣ୍ଟି ଅକ୍ସିଡେଣ୍ଟ ଏବଂ ଆଣ୍ଟି ବ୍ୟାକ୍ଟେରିଆ ଗୁଣ ଭରି ହୋଇ ରହିଛି। ଅନ୍ୟପକ୍ଷରେ ମୁଲ୍‌ତାନୀ ମାଟିରେ କ୍ୟାଲ୍‌ସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍ ଭଳି କେତେକ ମିନେରାଲ୍ସର ଭରପୂର ମାତ୍ରା ମିଳିଥାଏ। ଏହି କାରଣ ପାଇଁ ମୁଲ୍‌ତାନୀ ମାଟି ତ୍ୱଚା ପାଇଁ ଲାଭକାରୀ ହୋଇଥାଏ।

**ତ୍ୱଚାକୁ ଥଣ୍ଡା ରଖେ ମୁଲ୍‌ତାନୀ ମାଟି**

ଖରାଦିନ ସିଜିନ୍‌ରେ ମହୁ ଏବଂ ମୁଲ୍‌ତାନୀ ମାଟି ଫେସ୍‌ପ୍ୟାକ୍ ସ୍କିନ୍‌କୁ ଥଣ୍ଡା ପ୍ରଦାନ କରିଥାଏ। ଏହାକୁ ଲଗାଇବା ଦ୍ୱାରା ସ୍କିନ୍ ଟ୍ୟାନିଂ ଏବଂ ରେଡନେସ୍ ଭଳି କେତେକ ସମସ୍ୟାରୁ ଆରାମ ମିଳିଥାଏ।

**ତ୍ୱଚାରେ ଆସେ ନାଚୁରାଲ ଗ୍ଲୋ**

ମୁଲ୍‌ତାନୀ ମାଟି ସହ ମହୁ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଖରାଦିନେ ଏହାକୁ ଲଗାଇବା ଦ୍ୱାରା ତ୍ୱଚା ସଫା ଦେଖାଯାଇଥାଏ। ଏହି ଦୁଇଟି ଜିନିଷ ତ୍ୱଚା ପାଇଁ ବହୁତ ଲାଭକାରୀ ସାବ୍ୟସ୍ତ ହୋଇଥାଏ। ଏହା ସହିତ ଖରା କାରଣରୁ ସ୍କିନ୍‌ରେ ଦେଖାଯାଉଥିବା କଳାପଣକୁ ଦୂର କରିବାରେ ଏହା ସାହାଯ୍ୟ କରିଥାଏ।

**ଦାଗରୁ ମୁକ୍ତି**

ଖରାଦିନରେ ମୁହଁରେ ଚିହ୍ନ ଓ ଦାଗ ଆଦି ଦେଖାଯାଇଥାଏ। ଏହିଭଳି ସମସ୍ୟାରୁ ରକ୍ଷା ପାଇବାକୁ ହେଲେ ମହୁ ଓ ମୁଲ୍‌ତାନୀ ମାଟି ଭଲ କାମ କରିଥାଏ। ଏହି ଫେସ୍‌ପ୍ୟାକ୍‌ରେ ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ରହିଛି। ଏହାକୁ ଲଗାଇଲେ ତାହା ତ୍ୱଚାକୁ ବିଭିନ୍ନ ଦାଗ ସମସ୍ୟାଠୁ ରକ୍ଷା କରିବାରେ ସାହାଯ୍ୟ କରିବା ସହ ଚମକ ଆଣିଥାଏ।

ଖାଦ୍ୟରୁଚି

# ବ୍ରେଡ୍ ବରା

**ଆବଶ୍ୟକ ସାମଗ୍ରୀ:** କେତୋଟି ବ୍ରେଡ୍ ଖଣ୍ଡ, ଚାଉଳଗୁଣ୍ଡ, ସୁଜି, ସିଝାଆଳୁ, ଦହି, କଟା ହୋଇଥିବା ପିଆଜ, କଞ୍ଚାଲଙ୍କା, ଅଦାପେଷ୍ଟ, ଭୃସଙ୍ଗ ପତ୍ର, ଧନିଆପତ୍ର, ଜୀରା ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ତେଲ ଓ ଆବଶ୍ୟକତା ଅନୁଯାୟୀ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ବ୍ରେଡ୍ ବରା ପ୍ରସ୍ତୁତ କରିବାକୁ ହେଲେ ବ୍ରେଡ୍‌କୁ ଛୋଟଛୋଟ ଖଣ୍ଡ ଆକାରରେ କାଟି ଦିଅନ୍ତୁ। ଏହାପରେ ଏହି ବ୍ରେଡ୍ ଖଣ୍ଡକୁ ମିକ୍ସଚରରେ ଅଧା ଗ୍ରାଇଣ୍ଡ କରିଦିଅନ୍ତୁ। ଏବେ ଗ୍ରାଇଣ୍ଡ ହୋଇଥିବା ବ୍ରେଡ୍‌କୁ ଏକପାତ୍ରରେ କାଢ଼ିବା ପରେ ସେଥିରେ ଚାଉଳଗୁଣ୍ଡ ଓ ସୁଜି ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ସିଝାଆଳୁରୁ ଚୋପା ଛଡ଼ାଇ ତାକୁ ଭଲଭାବେ ଚକଟି ଦିଅନ୍ତୁ। ଚକଟା ଆଳୁକୁ ମିକ୍ସ ହୋଇଥିବା ବ୍ରେଡ୍ ଗୁଣ୍ଡରେ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ଆଉ ଗୋଟେ ପାତ୍ର ନିଅନ୍ତୁ। ସେଥିରେ ଦହି, କଟାହୋଇଥିବା ପିଆଜ ଓ କଞ୍ଚାଲଙ୍କା ପକାଇ ଭଲଭାବେ ମିଶାନ୍ତୁ। ପୁନର୍ବାର ଏଥିରେ ଅଦାପେଷ୍ଟ, କଟା ଧନିଆପତ୍ର, କଟା ହୋଇଥିବା ଭୃସଙ୍ଗ ପତ୍ର ମିଶାନ୍ତୁ। ଏବେ ହାତରେ ଅଳ୍ପ ତେଲ ଲଗାଇ ଏହି ମିଶ୍ରଣକୁ ଭଲଭାବେ ଗୋଳାଇ ଏଥିରୁ ବରା ପ୍ରସ୍ତୁତ କରନ୍ତୁ । ଏହାପରେ ଏକ କଡ଼ାଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ଏହି ବରାକୁ ଭଲଭାବେ ଡିପ୍ ଫ୍ରାଏ କରନ୍ତୁ, ଯେ ପର୍ଯ୍ୟନ୍ତ ଏହା ଗୋଲ୍ଡେନ୍ କଲର ନ ହୋଇଛି। ଏବେ ବରା ଗୋଲ୍ଡେନ୍ କଲର ହେବା ପରେ ତାକୁ କାଢ଼ି ଅନ୍ୟ ଏକ ପ୍ଲେଟ୍‌ରେ ଟମାଟୋ ସସ୍ ସହିତ ପରଷନ୍ତୁ।



# ଇତିହାସ ରଚିଲେ ହଦାଦ ମାଇଆ

ପ୍ୟାରିସ୍,୫।୬(ପି.ଟି.)


ବିଟ୍ରିଜ୍ ହଦାଦ ମାଇଆ

### ଫ୍ରେଞ୍ଚ ଓପନ ଟେନିସ
### କ୍ୱାର୍ଟରରେ ସିତ୍‌ସିପାସ୍, ଅଲକାରାଜ

କ୍ଲେ କୋର୍ଟ ଗ୍ରାଣ୍ଡସ୍ଲାମ୍ ଫ୍ରେଞ୍ଚ ଓପନରେ ଇତିହାସ ରଚିଛନ୍ତି ବ୍ରାଜିଲର ବିଟ୍ରିଜ୍ ହଦାଦ ମାଇଆ। ୧୯୬୮ ମସିହା ପରେ ଦେଶର ପ୍ରଥମ ଖେଳାଳି ଭାବରେ ସେ କୌଣସି ଗ୍ରାଣ୍ଡସ୍ଲାମ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୧୯୬୮ରେ ଶେଷ ଥର ପାଇଁ ମାରିଆ ବୁଏନୋ ୟୁଏସ୍ ଓପନ ସେମିରେ ପ୍ରବେଶ କରିଥିଲେ। ମହିଳା ସିଙ୍ଗଲ୍ସରେ ବିଟ୍ରିଜଙ୍କ ବ୍ୟତୀତ ଓନ୍ସ ଜାବେର ଓ କୋକୋ ଗଫ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ପକ୍ଷରେ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଗ୍ରୀସ୍‌ର ଷ୍ଟିଫାନୋସ୍ ସିତ୍‌ସିପାସ, ସ୍ପେନ୍‌ର କାର୍ଲୋସ ଅଲକାରାଜ ଗାର୍ଫିଆ ଓ କାସ୍ପର ରୁଡ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ବିଶ୍ୱ ମାନ୍ୟତାର ୧୪ ନମ୍ବର ସ୍ଥାନରେ ଥିବା ବିଟ୍ରିଜ୍ ସ୍ପେନ୍‌ର ସାରା ସୋରିବେସ ଟୋର୍ମୋଙ୍କୁ ୭-୬(୭-୩), ୩-୬ ଓ ୫-୭ ସେଟରେ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌ଟି ଟାଇବ୍ରେକରକୁ ଯାଇଥିବା ବେଳେ ସାରା ଏହାକୁ ଜିତି ନେଇଥିଲେ। ତେବେ ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତିବା ସହିତ ବିଟ୍ରିଜ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଇତିହାସ ରଚିଥିଲେ। କୋର୍ଟ ଫିଲିପ୍ ଚାର୍ଟରରେ ଖେଳାଯାଉଥିବା ଅନ୍ୟ ଏକ ୪ର୍ଥ ରାଉଣ୍ଡ ମ୍ୟାଚରେ ଆମେରିକାର ବର୍ନାର୍ଡା ପେରାଙ୍କୁ ୬-୩, ୬-୧ ସେଟରେ ହରାଇଛନ୍ତି ଟ୍ୟୁନିସିଆର ଓନ୍ସ ଜାବେର। ପେରାଙ୍କ ସର୍ଭରେ୧୬ରୁ ୧୫ ପଏଣ୍ଟ ସଂଗ୍ରହ କରିଥିଲେ ଜାବେର। ତେବେ ଜାବେରଙ୍କ ସର୍ଭରୁ ମଧ୍ୟ ୮ ପଏଣ୍ଟ ସଂଗ୍ରହ କରିଥିଲେ ପେରା। ଏହି ମ୍ୟାଚ୍ ପରେ ଜାବେର କହିଥିଲେ ପେରାଙ୍କ ଆକ୍ରମଣାତ୍ମକ ଖେଳ ତାଙ୍କୁ ଚାପରେ ରଖିଥିଲେ। ତେବେ ପେରା ୩୩ଟି ଅନଫୋର୍ସଡ ଏରର ବଳରେ ଜାବେର ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ଜଂଘ ଆଘାତରୁ ପ୍ରତ୍ୟାବର୍ତ୍ତନ କରୁଥିବା ଜାବେର ଦ୍ୱିତୀୟ ଆଫ୍ରିକୀୟ ମହିଳା ଭାବରେ ଫ୍ରେଞ୍ଚ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ବ୍ରାଜିଲର ବିଟ୍ରିଜ୍ ହଦାଦ ମାଇଆଙ୍କୁ ଭେଟିବେ। ଅନ୍ୟ ଏକ ମ୍ୟାଚରେ ଆମେରିକାର କୋକୋ ଗଫ୍ ୭-୫ ଓ ୬-୨ ସେଟ୍‌ରେ ଆନ୍ନା କାରୋଲିନା ସିମେଡ୍ଲୋଭାଙ୍କୁ ଭେଟିବେ।

ସେହିପରି ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଗ୍ରୀସ୍‌ର ଷ୍ଟିଫାନୋସ ସିତ୍‌ସିପାସ ୭-୫, ୬-୩ ଓ ୬-୦ ସେଟରେ ଅଷ୍ଟ୍ରିଆର ସେବାଷ୍ଟିଆନ୍ ଅଫ୍‌ନରଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୫ନମ୍ବର ସ୍ଥାନରେ ଥିବା ସିତ୍‌ସିପାସ ପରବର୍ତ୍ତୀ ମ୍ୟାଚରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା କାର୍ଲୋସ ଅଲକାରାଜ ଗାର୍ଫିଆଙ୍କୁ ଭେଟିବେ। ରବିବାର ବିଳମ୍ବିତ ରାତିରେ ଖେଳାଯାଇଥିବା ୪ର୍ଥ ରାଉଣ୍ଡ ମ୍ୟାଚରେ ଅଲକାରାଜ ବିଶ୍ୱ ମାନ୍ୟତାର ୧୭ ନମ୍ବର ଖେଳାଳି ଲରେଞ୍ଜୋ ମୁସେଟିଙ୍କୁ ୬-୩, ୬-୨ ଓ ୬-୨ ସେଟ୍‌ରେ ପରାସ୍ତ କରିଥିଲେ। ସେହିପରି ସୋମବାର ନରୱେର କାସ୍ପର ରୁଡ୍ ଚିଲିର ନିକୋଲାସ ଜାରିଙ୍କୁ ୭-୬(୭-୩) , ୭-୫ ଓ ୭-୫ ସେଟରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍ ଟାଇବ୍ରେକରରେ ଫଇସଲା ହୋଇଥିଲା।

# ଅଫ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର, ୫।୬ (ସ୍ପୋର୍ଟ୍ସ ବ୍ୟୁରୋ)

### ହିରୋ କଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ

ଜୁନ୍ ୯ ତାରିଖରୁ ଆରମ୍ଭ ହେବାକୁ ଥିବା ହିରୋ କଣ୍ଟିନେଣ୍ଟାଲ କପ୍ ପାଇଁ ସୋମବାର ଠାରୁ ଅଫଲାଇନ ଟିକେଟ ବିକ୍ରି ଆରମ୍ଭ ହୋଇଛି। ପୂର୍ବାହ୍ନ ୧୧.୦୦ଟାରୁ ଅପରାହ୍ନ ୫ଟା ଯାଏ ଟିକେଟ ବିକ୍ରି ହେଉଥିବା ବେଳେ ଅନେକ ଦର୍ଶକ କଳିଙ୍ଗ ଷ୍ଟାଡିୟମର ଗେଟ୍ ନମ୍ବର ୪-ଏରେ ଲାଇନ୍‌ରେ ଛିଡା ହୋଇ ଟିକେଟ କିଣିଥିଲେ। ପ୍ରଥମ ଦୁଇଦିନରେ କେବଳ ୯ରୁ ୧୨ ତାରିଖ ମଧ୍ୟରେ ହେବାକୁ ଥିବା ମ୍ୟାଚର ଟିକେଟ ମିଳିବ। ତେବେ ୭ ତାରିଖ ଠାରୁ ସମସ୍ତ ୪ ମ୍ୟାଚର ଟିକେଟ ଉପଲବ୍ଧ ହେବ। ନର୍ଥ ୱେଷ୍ଟ ଷ୍ଟାଣ୍ଡ ପାଇଁ ଟିକେଟର ମୂଲ୍ୟ ୧୫୦ ଟଙ୍କା ରହିଥିବା ବେଳେ ନର୍ଥ ଷ୍ଟାଣ୍ଡ, ସାଉଥ୍ ଷ୍ଟାଣ୍ଡ ଓ ଇଷ୍ଟ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୯୯ ଟଙ୍କା ରଖାଯାଇଛି।



କାଉଣ୍ଟରରୁ ଟିକେଟ କିଣୁଛନ୍ତି ଜଣେ ଖେଳପ୍ରେମୀ।

### ୨୦ ବର୍ଷରୁ କମ୍ ଫୁଟବଲ୍ ବିଶ୍ୱକପ୍

# ସେମି ଲାଇନ୍‌ଅପ୍ ଚୂଡ଼ାନ୍ତ

ବୁଏନ୍ସ ଏୟାର୍ସ, ୫।୬(ପି.ଟି.)

ଆର୍ଜେଣ୍ଟିନାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଫୁଟବଲ ବିଶ୍ୱକପର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ରବିବାର ବିଳମ୍ବିତ ରାତ୍ରିରେ ଅନୁଷ୍ଠିତ ମ୍ୟାଚକୁ ଜିତିବା ସହ ଉରୁଗୁଏ ଓ ଦକ୍ଷିଣ କୋରିଆ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ପ୍ରଥମ ଦୁଇ ଦଳ ଭାବରେ ଇସ୍ରାଏଲ ଓ ଇଟାଲୀ ସେମିରେ ପ୍ରବେଶ କରି ସାରିଛନ୍ତି। ରବିବାର ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଉରୁଗୁଏ ୨-୦ ଗୋଲରେ ଯୁକ୍ତରାଷ୍ଟ୍ର ଆମେରିକାକୁ ପରାସ୍ତ କରିଥିଲା।


ବିଜୟ ପରେ ଦକ୍ଷିଣ କୋରିଆ ଦଳ।

ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଦକ୍ଷିଣ କୋରିଆ ୧-୦ ଗୋଲରେ ନାଇଜେରିଆକୁ ପରାସ୍ତ କରିଥିଲା। ଗୁରୁବାର ଇସ୍ରାଏଲ-ଉରୁଗୁଏ ଓ ଦକ୍ଷିଣ କୋରିଆ-ଇଟାଲୀ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

ଚଳିତ ଟୁର୍ନାମେଣ୍ଟରେ ଗୋଟିଏ ବି ଗୋଲ ବରଣ କରି ନ ଥିବା ଆମେରିକା ସକାରାତ୍ମକ ଭାବରେ ଉରୁଗୁଏ ବିପକ୍ଷରେ ଅଭିଯାନ ଆରମ୍ଭ କରିଥିଲା। ଏଷ୍ଟାଡିଓ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚର ୨୧ ତମ ମିନିଟରେ ଉରୁଗୁଏ ପକ୍ଷରୁ କାଉଣ୍ଟର ଆଟାକ୍ କରାଯାଇ ପ୍ରଥମ ଗୋଲ ସ୍କୋର କରାଯାଇଥିଲା। ଆମେରିକା ଗୋଲକିପର ପୋଷ୍ଟ ବାହାରକୁ ଯାଇଥିବା ବେଳେ ଖାଲି ଗୋଲ ପୋଷ୍ଟକୁ ବଲ୍ ମାରି ଗୋଲ ସ୍କୋର କରିଥିଲେ ଆଣ୍ଡରସନ୍ ଡୁରାଟେ। ଏହା ସହିତ ଆମେରିକା ଟୁର୍ନାମେଣ୍ଟର ପ୍ରଥମ ଗୋଲ ବରଣ କରିଥିଲା। ଆମେରିକା ପକ୍ଷରୁ ଗୋଲ ଶୁଝାଇବାକୁ ପ୍ରୟାସ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ୫୬ ତମ ମିନିଟରେ ଆମେରିକାର ଜୋଶୁଆ ୱାଇଣ୍ଡରଙ୍କ ଆତ୍ମଘାତୀ ଗୋଲ ବଳରେ ଆମେରିକା ୨-୦ରେ ପଛୁଆ ରହି ଯାଇଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ୨୦୧୯ ସଂସ୍କରଣ ରନର୍ ଅପ୍ ଦକ୍ଷିଣ କୋରିଆ ସେମି ଫାଇନାଲରେ ପ୍ରବେଶ କରିଥିଲା। ନାଇଜେରିଆ ବିପକ୍ଷ ମ୍ୟାଚଟି ବେଶ ସଂଘର୍ଷପୂର୍ଣ୍ଣ ରହିଥିଲା। ମ୍ୟାଚ୍‌ଟି ନିର୍ଦ୍ଧାରିତ ସମୟରେ ଗୋଲ ଶୂନ୍ୟ ରହିଥିଲା। ଅତିରିକ୍ତ ସମୟରେ ସେଓକ୍ ହ୍ୟୁନ୍ ଚୋଇଙ୍କ ହେଡରରେ ଦକ୍ଷିଣ କୋରିଆ ମ୍ୟାଚ୍‌କୁ ଜିତି ନେଇଥିଲା।

# ସ୍ପେଶାଲ ଅଲିମ୍ପିକ୍ସକୁ ଭାରତର ୨୫୫ ଜଣିଆ ଦଳ

ନୂଆଦିଲ୍ଲୀ, ୫।୬(ପି.ଟି.)

### ଜୁନ୍ ୭ରୁ ୧୧ ପ୍ରସ୍ତୁତି କ୍ୟାମ୍ପ

ଜର୍ମାନୀର ବର୍ଲିନ୍‌ଠାରେ ଜୁନ୍ ୧୭ରୁ ୨୫ ପର୍ଯ୍ୟନ୍ତ ହେବାକୁଥିବା ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ ରେ ଭାରତର ୨୫୫ ସଦସ୍ୟ ବିଶିଷ୍ଟ ଏକ ଶକ୍ତିଶାଳୀ ଦଳ ଅଂଶଗ୍ରହଣ କରିବ। ଦଳରେ ୧୯୮ ଆଥଲେଟ ଓ ୫୭ କୋଚ୍ ରହିଛନ୍ତି। ବୌଦ୍ଧିକ ଭିନ୍ନକ୍ଷମଙ୍କ ଲାଗି ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ ହେଉଛି ସବୁଠାରୁ ବଡ଼ କ୍ରୀଡ଼ା ଇଭେଣ୍ଟ। ଏଥିରେ ୧୯୦ଟି ଦେଶର ୭୦୦୦ ଆଥଲେଟ୍ସ ଓ ୟୁନିଫାଏଡ୍ ପାର୍ଟନର ୨୬ଟି କ୍ରୀଡ଼ାରେ ଭାଗ ନେବେ। ଜୁନ ୧୨ରେ ବର୍ଲିନ ଅଭିମୁଖେ ଯାତ୍ରା କରିବା ପୂର୍ବରୁ ଭାରତୀୟ ଆଥଲେଟମାନେ ଜୁନ୍ ୭ରୁ ୧୧ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆୟୋଜିତ ଏକ ପ୍ରସ୍ତୁତି କ୍ୟାମ୍ପରେ ଭାଗ ନେବେ। ସ୍ପେଶାଲ ଅଲମ୍ପିକ୍ସ ଭାରତ ପକ୍ଷରୁ ଦଳ ପାଇଁ ଗୁରୁବାର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଏକ ସ୍ୱତନ୍ତ୍ର ସେଣ୍ଡ ଅଫ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର, ମହିଳା ଓ ଶିଶୁ କଲ୍ୟାଣ, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ସ୍ମୃତି ଇରାନୀ, ଭାରତୀୟ ଅଲିମ୍ପିକ ଆସୋସିଏଶନ ମୁଖ୍ୟ ପି.ଟି. ଉଷା, କ୍ରିକେଟର ଯୁବରାଜ ସିଂ ଓ କଣ୍ଠ ଶିଳ୍ପୀ ସୋନୁ ନିଗମ ପ୍ରମୁଖ ଏଥିରେ ଉପସ୍ଥିତ ରହିବେ।




# ଶୈଳେଶଙ୍କ ଶତକ, ଆଜାଦ୍‌ଙ୍କୁ ୬ ଉଇକେଟ

ଭୁବନେଶ୍ୱର, ୫।୬ (ସ୍ପୋର୍ଟ୍ସ ବ୍ୟୁରୋ)

### ୧୬ବର୍ଷରୁ କମ୍ ଆନ୍ତଃ ଜିଲା ଦିନିକିଆ କ୍ରିକେଟ

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ଭୁବନେଶ୍ୱର 'ଏ', ସମ୍ବଲପୁର, କୋରାପୁଟ, ନୟାଗଡ଼, ବାଲେଶ୍ୱର ଓ ଢେଙ୍କାନାଳ ସେମାନଙ୍କ ମ୍ୟାଚରେ ବିଜୟୀ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ ଗ୍ରାଉଣ୍ଡରେ ଭୁବନେଶ୍ୱର 'ଏ' ୧୩୫ ରନରେ ରାଉରକେଲାକୁ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ୪୮.୩ ଓଭରରେ ୨୩୬ ରନ କରି ଅଲଆଉଟ ହୋଇଯାଇଥିଲା। ଜୀବନ ଜେ. ୫୧, ସ୍ୱାଗତ ମିଶ୍ର ୪୯, ଏସ୍‌କେ ନକିବ୍ ସାର୍ବର ୩୧ ରନ କରିଥିଲେ। ବିପକ୍ଷ ଦଳର ଏନ୍. ପୱନ ସାଇ ୩ ଏବଂ ରେହାନ ଖାଁ ୨ ଉଇକେଟ ଅକ୍ତିଆର କରିଥିଲେ। କଟକସ୍ଥିତ ରେଭେନ୍ସା ଗ୍ରାଉଣ୍ଡ-୨ରେ ଦେବଗଡ଼ ବିପକ୍ଷରେ ସମ୍ବଲପୁର ୧୦ ଉଇକେଟରେ ବିପୁଳ ବିଜୟ ହାସଲ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦେବଗଡ଼ ଦଳ ୧୪.୪ ଓଭରରେ ମାତ୍ର ୪୫ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସ୍ୱସ୍ତିକ ସର୍ବାଧିକ ୨୪ରନ କରିଥିଲେ। ବିପକ୍ଷ ଦଳର ମହମ୍ମଦ ଏଫ୍ ଆଜାଦ ମାତ୍ର ୧୩ ରନ ବିନିମୟରେ ୬ଉଇକେଟ ଅକ୍ତିଆର କରିଥିବା ବେଳେ ଶେଖ ତନବୀର ୧୯ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ୬.୩ ଓଭରରେ ବିନାକୌଣସି ଉଇକେଟରେ ୪୯ ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ଶିବମ ସ୍ୱରୂପ ୧୬ ଓ ଶିବ ବାଲାଜୀ ୧୧ ରନ କରି ଅପରାଜିତ ରହିଥିଲେ। ସନ୍‌ସାଇନ ଗ୍ରାଉଣ୍ଡରେ କୋରାପୁଟ ୩୧୮ରନରେ ବୌଦ୍ଧକୁ ପରାସ୍ତ କରିଛି। ଏଥିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କୋରାପୁଟ ଏମ୍. ଶୈଳେଶଙ୍କ ୧୧୪ (୫୭ବଲ୍) ଓ ସୁମନ ପାଣିଗ୍ରାହୀଙ୍କ ୯୬ (୧୦୦ବଲ୍) ରନ ସହାୟତାରେ ୪୪.୩ ଓଭରରେ ୩୭୧ ରନ କରିଥିଲା। ଅନ୍ୟତମ ସଫଳ ବ୍ୟାଟର ଚିଣ୍ଟୁ କାରିଙ୍ଗି ୪୫ ରନ କରିଥିଲେ। ଓମ୍ ପ୍ରଧାନ ଓ ଅନୁରାଗ ତ୍ରିପାଠୀ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ବୌଦ୍ଧ ୮.୪ ଓଭରରେ ମାତ୍ର ୫୩ରନରେ ଅଲଆଉଟ ହୋଇଯାଇଥିଲା। କୋରାପୁଟ ଦଳର ଏସ୍. ଶାହା ୪ ଓ ଏମ୍. ଶୈଳେଶ ୩ ଉଇକେଟ ହାସଲ କରିଥିଲେ। ବିଡ଼ାନାସୀ ଗ୍ରାଉଣ୍ଡରେ କିଟ୍ ବିପକ୍ଷରେ ନୟାଗଡ଼ ୨ ଉଇକେଟରେ ବିଜୟ ଲାଭ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ୨୨.୨ ଓଭରରେ ୧୨୫ ରନ କରି ଅଲଆଉଟ ହୋଇଥିଲା। ଟପ୍ ସ୍କୋରର ହରେକୃଷ୍ଣ ୪୪ ରନ କରିଥିଲେ। ବିପକ୍ଷ ଦଳର ଶୁଭମ ସେଠୀ ୩ ଓ ଆଦିତ୍ୟ ପ୍ରଧାନ ୨ ଉଇକେଟ ନେଇଥିଲେ। ଜବାବରେ ନୟାଗଡ଼ ୨୨.୪ ଓଭରରେ ୮ଉଇକେଟ ବିନିମୟରେ ୧୨୭ ରନ କରି ମ୍ୟାଚ ଜିତି ନେଇଥିଲା। କବୀର ଜେନା ୪୯ ଓ ସୁହେଲ୍ ଆବାସ ୨୮ ରନ କରିଥିଲେ। କିଟ୍ ଦଳର ଜଗଦୀଶ ବାର୍ ୪ଟି ଏବଂ ରାଜେଶ ବିଶ୍ୱାଳ ୨ଟି ଉଇକେଟ ନେଇଥିଲେ। ସେହିପରି ନିମପୁର ଗ୍ରାଉଣ୍ଡରେ ବାଲେଶ୍ୱର ୧୪୪ ରନରେ ଭଦ୍ରକକୁ ପରାସ୍ତ କରିଛି। ଅଡ଼ଶପୁର ଗ୍ରାଉଣ୍ଡରେ ରାୟଗଡ଼ା ବିପକ୍ଷରେ ଢେଙ୍କାନାଳ ୨୭ ରନରେ ବିଜୟ ଲାଭ କରିଛି।


ମହମ୍ମଦ ଏଫ୍ ଆଜାଦ


ଏମ୍. ଶୈଳେଶ

# ମାଲେସିଆକୁ ହରାଇଲା ଭାରତ

**ଜୁନିୟର ମହିଳା ଏସିଆ କପ୍ ହକି**

**କାକାମିଘାରା, ୫।୬ (ପି.ଟି.)**

ଜୁନିୟର ମହିଳା ଏସିଆ କପ୍ ହକି ଟୁର୍ନାମେଣ୍ଟରେ ସୋମବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ମାଲେସିଆକୁ ୨–୧ ଗୋଲ୍‌ରେ ପରାସ୍ତ କରିଛି। ଖେଳର ୬ଷ୍ଠ ମିନିଟ୍‌ରେ ଦିଆନ ନାଜେରିଙ୍କ ଗୋଲ ଜରିଆରେ ମାଲେସିଆ ମ୍ୟାଚ୍‌ରେ ପ୍ରଥମେ ଅଗ୍ରଣୀ ଲାଭ କରିଥିଲା। ତେବେ ପରେ ମମ୍‌ତାଜ ଖାଁ(୧୦ମ ମିନିଟ) ଓ ଦୀପିକା(୨୬ତମ ମିନିଟ୍) ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଭାରତକୁ ବିଜୟୀ କରାଇଥିଲେ। ସୋମବାରର ଏହି ବିଜୟ ଦ୍ୱାରା ଭାରତ ପୁଲ୍ 'ଏ'ରେ ନମ୍ବର ୱାନ୍ ସ୍ଥାନ ବଜାୟ ରଖିଛି। ଟୁର୍ନାମେଣ୍ଟରେ ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ୨୨–୦ରେ ପରାସ୍ତ କରିଥିଲା। ଦଳ ଏହାର ପରବର୍ତ୍ତୀ ମ୍ୟାଚ୍ ମଙ୍ଗଳବାର କୋରିଆ ବିପକ୍ଷରେ ଖେଳିବ। ସୋମବାର ମ୍ୟାଚ୍‌ରେ ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ଦୁଇଟି ପେନାଲ୍ଟି କର୍ନର ସୁଯୋଗ ପାଇଥିଲେ ହେଁ ତାହାକୁ କାର୍ଯ୍ୟକାରୀ କରିପାରି ନ ଥିଲା। ଅନ୍ୟପକ୍ଷରେ ମାଲେସିଆ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲା। ଦଳର ପାସିଂ ମଧ୍ୟ ଖୁବ୍ ଭଲ ରହିଥିଲା। ଦଳ ପ୍ରତିଆକ୍ରମଣ କରି ସଫଳ ରହିଥିଲା। ନାଜେରି ଏକ ସହଜ ଫିଲ୍ଡ ଗୋଲ୍ ଦେଇ ମାଲେସିଆକୁ ଅପ୍ରତ୍ୟାଶିତ ଭାବେ ଅଗ୍ରଣୀ କରାଇଥିଲେ। ମାଲେସିଆର ଖୁସି କିନ୍ତୁ ଅଧିକ ସମୟ ତିଷ୍ଠି ନ ଥିଲା। ୪ ମିନିଟ୍ ପରେ ମମ୍‌ତାଜ ଏକ ପେନାଲ୍ଟି କର୍ନର ଜରିଆରେ ଗୋଲ ସ୍କୋର କରି ମ୍ୟାଚ୍‌କୁ୧–୧ ସ୍ତରକୁ ନେଇଆସିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ଆକ୍ରମଣାତ୍ମକ ଖେଳ ଜାରି ରଖି ମ୍ୟାଚ୍‌ରେ ଅଗ୍ରଣୀ ହାସଲ ଲକ୍ଷ୍ୟରେ ରହିଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷହେବାକୁ ଆଉ ମାତ୍ର ୪ ମିନିଟ ସମୟ ବାକି ରହିଥିବା ବେଳେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଦୀପିକା କୌଣସି ତ୍ରୁଟି ନ କରି ଏହାକୁ ଗୋଲ୍‌ରେ ପରିଣତ କରିଦେଇଥିଲେ। ତୃତୀୟ କ୍ୱାର୍ଟରରେ ଭାରତ ସମାନ ଢଙ୍ଗରେ ଖେଳି ମାଲେସିଆ ଡିଫେନ୍ସ ଉପରେ ଚାପ ସୃଷ୍ଟି କରିଥିଲା, ମାତ୍ର ଗୋଲ୍ ସ୍କୋର କରିପାରି ନ ଥିଲା। ଚତୁର୍ଥ କ୍ୱାର୍ଟରରେ ଭାରତ ଏହାର ରଣନୀତି ବଦଳାଇ ରକ୍ଷଣାତ୍ମକ ଖେଳି ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରିଥିଲା। ଅବଶ୍ୟ ମାଲେସିଆ ଗୋଲ୍ ଦେବାକୁ ଚେଷ୍ଟା କରିଥିଲେ ହେଁ ସଫଳ ହୋଇ ନ ଥିଲା।



ଭାରତ ଓ ମାଲେସିଆ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।




ସ୍ୱର୍ଗତ କମଳାକାନ୍ତ ବିଶୋଇଙ୍କ ସ୍ମୃତିରେ କଟକସ୍ଥିତ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମରେ ଟ୍ରିପଲ 'ସି' ଚେସ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ୧୩ବର୍ଷରୁ କମ୍ ଓପନ ବାଳିକା ଚେସ୍ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

# 'ଓଡ଼ିଶାକୁ ଭଲ ସ୍ପିନର ଦେବା ଲକ୍ଷ୍ୟ'

**ସ୍ପିନର ପ୍ରଶିକ୍ଷଣ ଶିବିର ଆରମ୍ଭ**

**କଟକ ଅଫିସ, ୫।୬**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସ୍ପିନରଙ୍କ ପାଇଁ ଅନୁଷ୍ଠିତ ୧୫ ଦିନିଆ ଶିବିର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଭେଙ୍କଟପତି ରାଜୁଙ୍କ ତତ୍ତ୍ୱାବଧାନରେ ସୋମବାର ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହୋଇଛି। ୪୬ ଜଣ ସ୍ପିନରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ଆଗାମୀଦିନରେ ସେମାନଙ୍କୁ ଓଡ଼ିଶା ପାଇଁ ପ୍ରସ୍ତୁତ କରିବା ତାଙ୍କ ଲକ୍ଷ୍ୟ ବୋଲି ରାଜୁ କହିଛନ୍ତି। ଏହି ଅବସରରେ ଓସିଏ ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ରାଜୁ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାର ସ୍ପିନ୍ ବୋଲରଙ୍କୁ ସଶକ୍ତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ପାଇଁ ସେ ଓସିଏ ସମ୍ପାଦକ ଓ ଅନ୍ୟାନ୍ୟ ସଦସ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଓସିଏ ପକ୍ଷରୁ ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମରେ ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆଙ୍କ ଦ୍ୱାରା ମନୋନୀତ ୪୬ ଜଣ ଖେଳାଳି ଏହି ୧୫ ଦିନିଆ ଶିବିରରେ ଯୋଗଦେଇଛନ୍ତି। ୧୪ରୁ ୨୧ ବର୍ଷୀୟ ଖେଳାଳିଙ୍କୁ ନେଇ ହେଉଥିବା କ୍ୟାମ୍ପରେ ଦୈନିକ ୩ଟି ସେଶନ କରାଯିବ। ୧୪ରୁ ୧୬ ବର୍ଷ ବୟସର ଖେଳାଳିଙ୍କୁ ବୋଲିଂ ଆକ୍ସନ ସହିତ ଶୃଙ୍ଖଳା ଶିଖାଇବା ଉପରେ ଗୁରୁତ୍ୱାରୋପ କରାଯିବ। ସେହିପରି ୧୭–୨୧ ବର୍ଷ ବୟସର ଖେଳାଳିଙ୍କୁ ବୋଲିଂ ଟେକ୍‌ନିକ ସହିତ ମ୍ୟାଚ୍ ଖେଳିବା ପାଇଁ ମାନସିକ ଭାବରେ ପ୍ରସ୍ତୁତ କରାଯିବ। ସମସ୍ତ ଖେଳାଳିଙ୍କ ବୋଲିଂ ଆକ୍ସନର ଭିଡିଓ ମନିଟର କରାଯିବା ସହିତ ସୁଧାର ଆଣିବାକୁ ପ୍ରୟାସ କରାଯିବ। କ୍ରିକେଟ ଖେଳରେ ସ୍ପିନରଙ୍କ ଭୂମିକା ଯଥେଷ୍ଟ ଅଧିକ ଗୁରୁତ୍ୱ ଥାଏ । ଯେ କୌଣସି ସମୟରେ ମ୍ୟାଚର ମୋଡ଼ ବଦଳାଇବାରେ ସ୍ପିନର ସ୍ୱତନ୍ତ୍ର ଭୂମିକା ଥାଏ । ସେମାନଙ୍କୁ ପ୍ରଶିକ୍ଷଣ ଦେଇ ଓଡ଼ିଶାକୁ କିଛି ଭଲ ସ୍ପିନର ଦେବା ତାଙ୍କର ଲକ୍ଷ୍ୟ ବୋଲି ଭେଙ୍କଟପତି ରାଜୁ ପ୍ରକାଶ କରିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଓସିଏର ସିଇଓ ସୁବ୍ରତ ବେହେରା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୫୪ ବର୍ଷ ବୟସ୍କ ଭେଙ୍କଟପତି ରାଜୁ ୧୯୯୦ରୁ ୨୦୦୧ ମଧ୍ୟରେ ଭାରତ ପାଇଁ ୨୮ ଟେଷ୍ଟରୁ ୯୩ ଏବଂ ୫୩ ଦିନିକିଆରୁ ୬୩ ୱିକେଟ ନେଇଛନ୍ତି ।



ଭେଙ୍କଟପତି ରାଜୁ ଏବଂ ଓସିଏର ସିଇଓ ସୁବ୍ରତ ବେହେରା।

# ସିଦ୍ଧାର୍ଥ ଚୌଧାରୀଙ୍କୁ ଶଟ୍‌ପୁଟ୍‌ରେ ସ୍ୱର୍ଣ୍ଣ

**୨୦ ବର୍ଷରୁ କମ୍ ଏସିଆନଆଥଲେଟିକ୍ସ ଚାମ୍ପିୟନଶିପ୍**



ସିଦ୍ଧାର୍ଥ ଚୌଧାରୀ।

**ଇଚିଅନ (ଦକ୍ଷିଣ କୋରିଆ), ୫।୬**

ଏଠାରେ ଚାଲିଥିବା ୨୦ ବର୍ଷରୁ କମ୍ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସିଦ୍ଧାର୍ଥ ଚୌଧାରୀ ଭାରତ ପାଇଁ ତୃତୀୟ ସ୍ୱର୍ଣ୍ଣ ପଦକ ଆଣିଦେଇଛନ୍ତି। ସୋମବାର ଅନୁଷ୍ଠିତ ଶଟ୍‌ପୁଟ ଇଭେଣ୍ଟରେ ସେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ୧୯.୫୨ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପୂର୍ବରୁ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଜୁନିୟରସ୍ତରରେ ୧୯.୧୧ ମିଟର ରହିଥିଲା। କାତାରର ଡିଜିବ୍ରିମ୍ ଆଡୋମ୍ (୧୮.୮୫ ମିଟର) ଓ ଆୟୋଜକ ଦେଶର ପାର୍କ ସିହୁନ୍ (୧୮.୭୦ ମିଟର) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଭାରତ ୬ ପଦକ ଜିତିବାରେ ସଫଳ ହୋଇଛି। ଜାପାନ (୮ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ ବ୍ରୋଞ୍ଜ) ଏବଂ ଚାଇନା (୫ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ ବ୍ରୋଞ୍ଜ) ପଛକୁ ୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ ବ୍ରୋଞ୍ଜ ସହ ଷ୍ଟାଣ୍ଡିଂରେ ଭାରତ ତୃତୀୟ ସ୍ଥାନ ଅଧିକାର କରିଛି। ଜାଭେଲିନ୍ ଥ୍ରୋୟର ଶିବମ ଲୋହାକାରେ (୭୨.୩୪ ମିଟର), ପୁରୁଷ ୩୦୦୦ ମିଟର ଷ୍ଟିପଲ ଚେଜ୍‌ର ଶାରୁକ୍ ଖାଁ (୮:୫୧.୭୪ ସେକେଣ୍ଡ) ଏବଂ ଲଙ୍ଗ ଜମ୍ପର ସସ୍ମିତା (୫.୯୬ ମିଟର) ଗୋଟିଏ ଲେଖାଏଁ ରୌପ୍ୟ ଜିତିଛନ୍ତି। ଅନ୍ୟପକ୍ଷରେ ରେଜୋନା ମଲିକ ହୀନା, ଦୀପକ ସିଂ ଓ ନବପ୍ରୀତ ସିଂଙ୍କୁ ନେଇ ଗଠିତ ୪x୪୦୦ ମିଟର ରିଲେ ଟିମ୍ (୩:୩୦.୧୨ ମିଟର) ଏବଂ ୮୦୦ ମିଟର ଧାବକ ଶକିଲ (୧:୪୯.୭୯ ସେକେଣ୍ଡ) ଗୋଟିଏ ଲେଖାଏଁ ବ୍ରୋଞ୍ଜ ଜିତିଛନ୍ତି।

# ଧନୁଷ ଶ୍ରୀକାନ୍ତଙ୍କୁ ସ୍ୱର୍ଣ୍ଣ

**ଜୁନିୟର ଶୁଟିଂ ବିଶ୍ୱକପ୍**

**ସୁଲ୍ (ଜର୍ମାନୀ), ୫।୬ (ପି.ଟି.)**

ଜର୍ମାନୀର ସୁଲ୍‌ଠାରେ ଚାଲିଥିବା ଆଇଏସଏସ୍‌ଏଫ୍ ଜୁନିୟର ଶୁଟିଂ ବିଶ୍ୱକପ୍‌ରେ ଭାରତର ଧନୁଷ ଶ୍ରୀକାନ୍ତ ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ଭାରତର ଏହା ହେଉଛି ତୃତୀୟ ସ୍ୱର୍ଣ୍ଣ ପଦକ। ୨୪ ଶଟ୍ ବିଶିଷ୍ଟ ଫାଇନାଲରେ ଧନୁଷ ୨୪୯.୪ ପଏଣ୍ଟ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱିଡେନର ପଣ୍ଟୁସ କାଲିନ ୧.୩ ପଏଣ୍ଟ ପଛରେ ରୌପ୍ୟ ଜିତିଛନ୍ତି। ଫ୍ରାନ୍ସର ରୋମେନ ଅଫ୍‌ରେର୍ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଭାରତ ଆହୁରି ମଧ୍ୟ ସ୍କିଟ ମିକ୍ସଡ ଟିମ୍ ପ୍ରତିଯୋଗିତାରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛି। ହାରମେହର ଲାଲି ଓ ସଞ୍ଜନା ସୁଦ୍ ଏକ ଶୁଟ୍–ଅଫ୍‌ରେ ଡେଭିଡ୍ ଜନସନ ଓ ଫେଲିସିଆ ରସ୍‌ଙ୍କୁ ହରାଇ ଦେଇଥିଲେ। ଭାରତ ବର୍ତ୍ତମାନ ପଦକ ତାଲିକାରେ ୩ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସହ ଆମେରିକାଠାରୁ ଆଗରେ ପ୍ରଥମ ସ୍ଥାନରେ ରହିଛି। ଆମେରିକା ଦୁଇ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜିତିଛି।



ଧନୁଷ ଶ୍ରୀକାନ୍ତ

# ଦୁଇ ସ୍ପିନର ସପକ୍ଷରେ ପାନେସର

**ଡବ୍ଲ୍ୟୁଟିସି ଫାଇନାଲ**

**ଲଣ୍ଡନ, ୫।୬ (ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଜୁନ୍ ୭ ତାରିଖରେ ଓଭାଲରେ ଖେଳାଯିବ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ। ଏହି ମ୍ୟାଚରେ ଭାରତ ଦୁଇ ସ୍ପିନରଙ୍କ ସହିତ ଖେଳିବା ଉଚିତ୍ ବୋଲି ପୂର୍ବାନୁମାନ କରିଛନ୍ତି ଇଂଲଣ୍ଡର ପୂର୍ବତନ ସ୍ପିନର ମଣ୍ଟି ପାନେସର। ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲ ପାଇଁ ଭାରତ ଉଭୟ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ଖେଳାଇବା ଉଚିତ୍। ୧୪୦ ବର୍ଷର ଟେଷ୍ଟ ଇତିହାସରେ ପ୍ରଥମ ଥର ପାଇଁ ଓଭାଲରେ ଜୁନ୍ ମାସରେ ଏକ ଟେଷ୍ଟ ମ୍ୟାଚ୍ ଖେଳାଯିବ। ପିଚ୍‌ରେ ପ୍ରଚୁର ପରିମାଣରେ ଘାସ ରହିଥିବା ବେଳେ ଏହା କିଭଳି ବ୍ୟବହାର କରିବ ସମସ୍ତଙ୍କ ମନରେ ଦ୍ୱନ୍ଦ୍ୱ ରହିଛି। ସାଧାରଣତଃ ଏଠାରେ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଟେଷ୍ଟ ମ୍ୟାଚ୍ ଖେଳାଯାଇଥାଏ। ତେବେ ଏହା ଏକମାତ୍ର ଭେନ୍ୟୁ ଯେଉଁଠାରେ ଇଂଲଣ୍ଡ ଦୁଇ ଜଣ ସ୍ପିନରଙ୍କ ସହିତ ଖେଳିବାକୁ ପସନ୍ଦ କରିଥାଏ। ଯଦି ବଲ ଟର୍ନ ହୁଏ ତେବେ ଏହି ପିଚ୍ ବ୍ୟାଟରଙ୍କ ପାଇଁ ମାରାତ୍ମକ ସାବ୍ୟସ୍ତ ହେବ। ଅଷ୍ଟ୍ରେଲିଆ ବ୍ୟାଟର ସର୍ବଦା ସ୍ପିନରଙ୍କ ସମ୍ମୁଖରେ ଖରାପ ଖେଳିଥାନ୍ତି ବିଶେଷ କରି ଭାରତୀୟ ସ୍ପିନରଙ୍କ ବିପକ୍ଷରେ ଅଷ୍ଟ୍ରେଲୀୟଙ୍କ ଟ୍ରାକ୍ ରେକର୍ଡ ଖରାପ। ଏହାକୁ ଦୃଷ୍ଟିରେ ରଖି ଭାରତ ଉଭୟ ଅଶ୍ୱିନ୍–ଜାଡେଜାଙ୍କୁ ଖେଳାଇବା ଉଚିତ୍ ବୋଲି ଇଂଲଣ୍ଡ ପକ୍ଷରୁ ୫୦ ଟେଷ୍ଟ ଖେଳିଥିବା ପାନେଶର କହିଛନ୍ତି। ସାଉଥାମ୍ପଟନରେ ଖେଳା ଯାଇଥିବା ଫାଇନାଲରେ ଭାରତ ଦୁଇ ଜଣ ସ୍ପିନର ଖେଳାଇଥିବା ବେଳେ ଏହା ବୁମେରାଙ୍ଗ ସାବ୍ୟସ୍ତ ହୋଇଥିଲା। ତେବେ ଓଭାଲରେ ଏହାର ଫାଇଦା ମିଳି ପାରିବ ବୋଲି କହିଛନ୍ତି ପାନେସର। ଏହା ସହିତ ତୃତୀୟ ପେସ୍ ବୋଲର ଭାବେ ସେ ଉମେଶ ଯାଦବଙ୍କୁ ପସନ୍ଦ କରିଛନ୍ତି। ଉମେଶଙ୍କ ନିକଟରେ ଗତି ରହିଥିବା ବେଳେ ସେ ବଲ୍‌କୁ ସୁଇଙ୍ଗ କରିବାରେ ମାହିର। ଏହା ସହିତ ଓଭାଲରେ ବଲ୍ ରିଭର୍ସ ସୁଇଙ୍ଗ ହେବାର ସମ୍ଭାବନା ଥିବାରୁ ଭାରତୀୟ ବୋଲର ଫାଇଦାରେ ରହିବେ।

ଭାରତୀୟ ଟପ୍ ଅର୍ଡର ବ୍ୟାଟର ଚେତେଶ୍ୱର ପୂଜାରା ଦଳ ପାଇଁ ଏକ୍ସ ଫ୍ୟାକ୍ଟର ସାବ୍ୟସ୍ତ ହେବେ ବୋଲି ପାନେସର ପୂର୍ବାନୁମାନ କରିଛନ୍ତି। ନିୟମିତ ଭାବରେ କାଉଣ୍ଟି କ୍ରିକେଟ ଖେଳୁଥିବା ପୂଜାରା ଇଂଲିଶ ପରିବେଶ ସହିତ ଅଭ୍ୟସ୍ତ। ଏହା ସହିତ ସସେକ୍ସ ଅଧିନାୟକ ଭାବରେ ବିଗତ ଦୁଇ ସିଜନ ଧରି ସେ ରନ୍‌ର ପାହାଡ ଛିଡା କରିଛନ୍ତି। ସେ ଅଷ୍ଟ୍ରେଲିଆ ବୋଲରଙ୍କ ସୁଇଂକୁ ସହଜରେ ଖେଳି ପାରିବେ। ଏହା ସହିତ ଉଇକେଟ କିପର ଭାବରେ ଇଶାନ କିଶନ ତାଙ୍କର ପ୍ରଥମ ପସନ୍ଦ ବୋଲି ପାନେସର କହିଛନ୍ତି।

ଅଷ୍ଟ୍ରେଲିଆ ପାଇଁ ମିଚେଲ୍ ଷ୍ଟାର୍କ ଏକ୍ସ ଫ୍ୟାକ୍ଟର ସାବ୍ୟସ୍ତ ହୋଇ ପାରନ୍ତି। ବାମହାତୀ ଷ୍ଟାର୍କଙ୍କ ସମ୍ମୁଖରେ ଭାରତୀୟ ବ୍ୟାଟରଙ୍କୁ ସତର୍କତାର ସହିତ ଖେଳିବାକୁ ପଡିବ ବୋଲି କହିଛନ୍ତି ପାନେସର। ଷ୍ଟାର୍କଙ୍କ ଗତି ଓ ଲେଟ୍ ମୁଭମେଣ୍ଟ ଭାରତୀୟ ଖେଳାଳିଙ୍କୁ ଅଡୁଆରେ ପକାଇପାରେ।



ଅକ୍ଷର ପଟେଲ




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ